# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୨୨/୨୦୧୮ (୧୬ ପୃଷ୍ଠା) | Bhubaneswar, Monday, October 22/ 2018 | ★★★★

୪୪ଶ ଭାଗ ୩୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




## ନଭେମ୍ବରରେ ଦୀପିକାଙ୍କ ବିବାହ


ଅଭିନେତ୍ରୀ ଦୀପିକା ପାଦୁକୋନ୍ ଏବଂ ରଣବୀର ସିଂ ନଭେମ୍ବର ୧୪, ୧୫ ତାରିଖରେ ବିବାହ କରିବେ ବୋଲି ରବିବାର ଘୋଷଣା କରିଛନ୍ତି।

୧୧

୧୪

## ଗେମେଚୁଙ୍କୁ ଟାଇଟଲ

ଇଥିଓପିଆର ସେହେ ଗେମେଚୁ ରେକର୍ଡ ଟାଇମିଂ ସହ ଦିଲ୍ଲୀ ହାଫ୍ ମାରାଥନ ମହିଳା ରେସ୍ ଜିତିଛନ୍ତି ।








### ସଂକ୍ଷେପରେ

## ଏସ୍‌ସିବିରେ ପ୍ରଥମ ସ୍ୱାଇନ୍ ଫ୍ଲୁ ମୃତ୍ୟୁ

**କଟକ ଅଫିସ/କଟକ ସଦର, ୨୧।୧୦(ଡି.ଏନ.ଏ.):** ଏସ୍‌ସିବି ମେଡିକାଲରେ ରବିବାର ଚଳିତବର୍ଷର ପ୍ରଥମ ସ୍ୱାଇନ ଫ୍ଲୁ ମୃତ୍ୟୁ ଘଟିଛି। ମୃତକ ହେଲେ ସୁଶାନ୍ତ କୁମାର ଜେନା(୫୨)। ତାଙ୍କ ଘର କଟକ କନ୍ଦରପୁର ଥାନା ଅଧୀନ ରଘୁନାଥପୁର ଗ୍ରାମରେ। ସେ ୪ ଦିନ ତଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରୁ ଏସ୍‌ସିବିକୁ ସ୍ଥାନାନ୍ତର ହୋଇଥିଲେ। ତାଙ୍କୁ ସ୍ୱତନ୍ତ୍ର ସ୍ୱାଇନ ଫ୍ଲୁ ୱାର୍ଡରେ ଭେଣ୍ଟିଲେଟର ମଧ୍ୟରେ ରଖାଯାଇଥିଲା। ତାଙ୍କ ସ୍ୱାବ ନମୁନାରେ ସ୍ୱାଇନ ଫ୍ଲୁ ପଜିଟିଭ ଚିହ୍ନଟ ହୋଇଥିଲା। ରବିବାର ସନ୍ଧ୍ୟା ସୁଦ୍ଧା ସ୍ୱାଇନ ଫ୍ଲୁ ୱାର୍ଡରେ ଆଉ ୨ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି।

### ଆଜିର ସମ୍ପାଦକୀୟ

ଦୋଷ ଲଦାଲଦି

## ଭାରତର ଦମ୍‌ଦାର ବିଜୟ



ଗୁଆହାଟୀରେ ରବିବାର ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ କ୍ରିକେଟ ମ୍ୟାଚରେ ଶତକ ହାସଲପରେ ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି। ଭାରତ ଏହି ମ୍ୟାଚରେ ୮ ଉଇକେଟରେ ବିଜୟୀ ହୋଇଛି।

(ରିପୋର୍ଟ ଖେଳ ପୃଷ୍ଠାରେ)

# ପୁଣି ମଣିଷ ମାରିଲା ସୁନ୍ଦରୀ

### ସାତକୋଶିଆରେ ଉତ୍ତେଜନା

- ରାଜପଥ ଅବରୋଧ ବେଳେ ଲାଠିଚାର୍ଜ
- ଉତ୍ୟକ୍ତ ଲୋକଙ୍କ ଢେଲାମାଡ଼, ପୋଲିସ ଗାଡ଼ି ପୋଡ଼ି
- ଟିୟରଗ୍ୟାସ୍ ସହ ରବର ବୁଲେଟ ମାଡ଼ ପରେ ସ୍ଥିତି ଆୟତ୍ତ
- ପଥର ବାଜି ଏସ୍‌ଡିପିଓ, ଆଇଆଇସିଙ୍କ ମୁଣ୍ଡ ଫାଟିଲା
- ୧୨ ଘଣ୍ଟା ପରେ ଉଦ୍ଧାର ହେଲେ ଅଟକ ଏସିଏଫ୍, ବନ କର୍ମଚାରୀ
- ବିଟ୍ ହାଉସ ପୋଡ଼ି, ଅଭୟାରଣ୍ୟରେ ଲଗାଇଲେ ନିଆଁ



ବନ୍ତଲା/ଛେଣ୍ଡିପଦା,୨୧।୧୦ (ଡି.ଏନ.ଏ./ସ୍ୱ.ପ୍ର.)

ସାତକୋଶିଆରେ ପୁଣି ମଣିଷ ମାରିଛି ବାନ୍ଧବଗଡ଼ର ବାଘୁଣୀ ସୁନ୍ଦରୀ। ରବିବାର ସକାଳେ ଚାଷ ପାଇଁ ଯାଇଥିବା ଅନୁଗୋଳ ଜିଲା ପମ୍ପାସର ରେଞ୍ଜ ଟାଇଁସି ଗ୍ରାମର ତ୍ରିନାଥ ସାହୁ (୬୦)ଙ୍କ ଜୀବନ ନେଇଛି ସୁନ୍ଦରୀ। ଅନ୍ୟ ଦୁଇଜଣଙ୍କୁ ଆହତ ମଧ୍ୟ କରିଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଛି। ଅପରାହ୍ନ ଯାଏ ଅପେକ୍ଷା ସତ୍ତ୍ୱେ ବନ ବିଭାଗ ଅଧିକାରୀ ନ ପହଞ୍ଚିବାରୁ ଗ୍ରାମବାସୀ ମୃତଦେହ ନେଇ ଜରପଡ଼ା ଥାନା କଞ୍ଚରା ମୁଣ୍ଡାସାହି ଠାରେ କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର ବୁଝାଶୁଝା କରିବା ପରେ ବି ଲୋକେ ରାଜପଥରୁ ହଟି ନ ଥିଲେ। ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାକୁ ଏସ୍‌ପି ସେଠାରୁ ବାହାରିବା ମାତ୍ରେ ଲୋକେ ତାଙ୍କୁ ଛାଡ଼ି ନ ଥିଲେ। ପରେ ଉତ୍ୟକ୍ତ ଲୋକେ ଢେଲାମାଡ଼ କରିବା ସହ ପୋଲିସର ୨ଟି ଗାଡ଼ି ଜାଳି ଦେଇଥିଲେ। ଉତ୍ତେଜନାକୁ ଦେଖି ପୋଲିସ ଲାଠି ଚାର୍ଜ ସହ ଟିୟରଗ୍ୟାସ ଓ ରବର ବୁଲେଟ ମାଡ଼ କରିବାରୁ ଲୋକେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଢେଲାମାଡ଼ରେ ଆଠମଲ୍ଲିକ ଏସ୍‌ଡିପିଓ ଆଲବିନିୟସ କେରେକେଟା ଓ ଅନୁଗୋଳ ଆଇଆଇସି ରମେଶ ଚନ୍ଦ୍ର ବିଶୋଇଙ୍କ ସହ ମୋଟ୍ ୩ଜଣ ଆହତ ହୋଇଛନ୍ତି। ସେହିପରି ରବର ବୁଲେଟ ଓ ଲାଠି ମାଡ଼ରେ ୧୦ରୁ ଅଧିକ ଲୋକ ମଧ୍ୟ ଆହତ ହୋଇଥିବା କୁହାଯାଉଛି। ଖବର ଲେଖାହେବା ବେଳକୁ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିଲେ ହେଁ ପୋଲିସ ରାଜପଥରେ ଗାଡ଼ି ଚଳାଚଳ ସ୍ୱାଭାବିକ କରିଛି।

ସକାଳ ପ୍ରାୟ ୬ଟା ବେଳେ ଟାଇଁସି ଗ୍ରାମର ତ୍ରିନାଥ ସାହୁ ଓ ସୁରେଶ ପ୍ରଧାନ ୟୁପି ସ୍କୁଲ ପଛପାଖ ନୂଆପଡ଼ା ରାସ୍ତା ପାଣିହତା ନିକଟକୁ ହଳ କରିବାକୁ ଯାଇଥିଲେ। ☞ପୃଷ୍ଠା-୪






■ କୁଲଗାମ୍‌ରେ ଏନ୍‌କାଉଣ୍ଟର: ୩ ଆତଙ୍କବାଦୀ ନିହତ

## ବିସ୍ଫୋରଣରେ ୭ ନାଗରିକ ମୃତ

ଶ୍ରୀନଗର,୨୧।୧୦ (ଆଇଏଏନ୍‌ଏସ୍)

ଜମ୍ମୁ-କଶ୍ମୀରର କୁଲଗାମ୍ ଜିଲାରେ ରବିବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ଯବାନ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟର କିଛି ସମୟ ପରେ ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟିବାରୁ ୭ ସାଧାରଣ ଲୋକ ପ୍ରାଣ ହରାଇଛନ୍ତି।

ଦକ୍ଷିଣ କଶ୍ମୀରର କୁଲଗାମ୍‌ସ୍ଥିତ ଲାରୁ ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସୁରକ୍ଷା ବଳକୁ ଗୋଇନ୍ଦା ସୂଚନା ମିଳିଥିଲା। ଯବାନମାନେ ରବିବାର ସକାଳେ ସମ୍ପୃକ୍ତ ଅଞ୍ଚଳକୁ ଘେରି ତଲାସି ଅଭିଯାନ ଚଳାଇଥିବାବେଳେ ଆତଙ୍କବାଦୀମାନେ ସେମାନଙ୍କୁ ଟାର୍ଗେଟ କରିଥିଲେ। ଆତଙ୍କବାଦୀଙ୍କ ଗୁଳିମାଡ଼ରେ ୨ ଯବାନ ଆହତ ହୋଇଛନ୍ତି। ☞ପୃଷ୍ଠା-୪

### ୩ ଯବାନ ଶହୀଦ

ଚାଲିଲେ ୩ ଅନୁପ୍ରବେଶକାରୀ

ଜମ୍ମୁ,୨୧।୧୦(ପି.ଟି.)

ଜମ୍ମୁ-କଶ୍ମୀରର ରାଜୌରି ଜିଲା ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ରବିବାର ସୁରକ୍ଷା ବଳ ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିଛି। ଆତଙ୍କବାଦୀମାନେ ଏଲ୍‌ଓସି ଅତିକ୍ରମ କରି ଅନୁପ୍ରବେଶ କରୁଥିବାବେଳେ ଯବାନମାନେ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ଏଥିରେ ୨ ପାକିସ୍ତାନୀ ଅନୁପ୍ରବେଶକାରୀ ନିହତ ହୋଇଛନ୍ତି। ଅନ୍ୟପକ୍ଷରେ ଗୁଳି ବିନିମୟ ବେଳେ ୩ ଭାରତୀୟ ଯବାନ ଶହୀଦ ହୋଇଛନ୍ତି। ରାଜୌରି ଜିଲା ସୁନ୍ଦରବନି ☞ପୃଷ୍ଠା-୪


**BISHANDAYAL JEWELLERS**
BIS: 916
Sriya Square, Bhubaneswar
Deals in : Gold, Diamond & Silver

| | | |
|---|---|---|
| Gold 24 CT | ₹ 32,400/- | 10gm. |
| Gold 22 CT | ₹ 31,000/- | 10gm. |
| Silver Rate | ₹ 370/- | /10gm. |
| Making Charge | ₹ 100/- onwards | / 1gm. |

Condition Apply
Lowest gold Rate & Making Charges



NECC NATIONAL EGG CO-ORDINATION COMMITTEE | 21.10.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 74 | 124 | 134 |
| CTC | 75 | 126 | 136 |
| DKL | 75 | 126 | 136 |
| BDK | 74 | 124 | 134 |
| BLS | 74 | 124 | 134 |
| ANG | 75 | 126 | 136 |

*Conditions Apply
Eggs Retail Price- 46/-Dozen
Issued in the Interest of Consumers


### ଆଜିର ମନ୍ତବ୍ୟ

"ଦେଶର ସୁରକ୍ଷା ଲାଗି ସରକାର ବଡ଼ ତଥା କଡ଼ା ପଦକ୍ଷେପ ଗ୍ରହଣ କରିବେ ।

- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

### କିଛି ତଥ୍ୟ

ଚଳିତ ବର୍ଷ ଏପ୍ରିଲ-ସେପ୍ଟେମ୍ବର ମଧ୍ୟରେ ଘରୋଇ ବଜାରକୁ ଆଲୁମିନିୟମ୍ ସ୍କ୍ରାପ୍ ଆମଦାନୀ ୨୧.୪୪% ବୃଦ୍ଧି ଘଟି ୬.୫୭ ଲକ୍ଷ ଟନ୍ ରହିଛି। ଏହା ଗତବର୍ଷ ସମାନ ସମୟରେ ୫.୪୧ ଲକ୍ଷ ଟନ୍ ରହିଥିଲା।

- ଆଲୁମିନିୟମ୍ ଆସୋସିଏଶନ ଅଫ୍ ଇଣ୍ଡିଆ




ଧରିତ୍ରୀ
DHARITRI
ସୋମବାର, ଅକ୍ଟୋବର ୨୨, ୨୦୧୮



# ଜାତୀୟ ମଞ୍ଚରେ ବିଷ୍ଣୁଙ୍କ କମାଲ

## ମ୍ୟାଜିକ ଦେଖି ଚକିତ ହେଲେ ମଲାଇକା ଆରୋରା

ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)

ପୁଣି ଜାତୀୟ ସ୍ତରର ମଞ୍ଚରେ ଓଡ଼ିଆଙ୍କ କମାଲ ଦେଖିବାକୁ ମିଳିଛି। କଲର୍ସ ଚ୍ୟାନେଲ୍‌ରେ ପ୍ରସାରିତ ଲୋକପ୍ରିୟ ରିୟଲିଟି ଶୋ’ ‘ଇଣ୍ଡିଆଜ୍ ଗଟ୍ ଟ୍ୟାଲେଣ୍ଟ’ରେ ନିଜର ପ୍ରତିଭା ବଳରେ ବିଚାରକଙ୍କୁ ଚକିତ କରିଛନ୍ତି ଓଡ଼ିଆ ଯୁବକ ବିଷ୍ଣୁ ପ୍ରସାଦ।

ଶନିବାରଠାରୁ ଆରମ୍ଭ ହୋଇଛି ‘ଇଣ୍ଡିଆଜ ଗଟ୍ ଟ୍ୟାଲେଣ୍ଟ’ର ୮ମ ସଂସ୍କରଣ। ସଙ୍ଗୀତ, ନୃତ୍ୟ, ମ୍ୟାଜିକ୍ ଆଦି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ଶୋ’ର ମୂଳ ଲକ୍ଷ୍ୟ। ତେବେ ଚଳିତ ସିଜନ୍‌ର ପ୍ରଥମ ଏପିସୋଡ୍‌ରେ କମାଲ ଦେଖାଇଛନ୍ତି ଓଡ଼ିଆ ଯୁବକ ବିଷ୍ଣୁ। ଭୁବନେଶ୍ୱରର ବିଷ୍ଣୁଙ୍କ ଚମତ୍କାର ମ୍ୟାଜିକ୍ ଦେଖି ମଲାଇକା ଆରୋରାର ଖାନ୍, କରନ ଜୋହର,



କିରନ୍ ଖେର୍ ପ୍ରମୁଖ ବିଚାରକମଣ୍ଡଳୀ ଚକିତ ହୋଇଥିଲେ। ପ୍ରଥମେ ତାସ୍ ମୁଠା, ପରେ ୨୦୦ଟଙ୍କିଆ ନୋଟ୍ ଏବଂ ମୃଦୁ ପାନୀୟକୁ ନେଇ ସେ ଦେଖାଇଥିଲେ ମ୍ୟାଜିକ୍। ମଲାଇକାଙ୍କୁ ଏହା ବେଶ୍ ଅଦ୍ଭୁତ ଲାଗିଥିଲା। ବିଷ୍ଣୁ ଗୋଟିଏ କପ୍‌ରେ କିଛି ମୃଦୁ ପାନୀୟ ଭର୍ତ୍ତି କରି ମଲାଇକାଙ୍କୁ ମୁଣ୍ଡରେ ରଖିବାକୁ କହିଥିଲେ। ତା’ପରେ କିଛି ମ୍ୟାଜିକ୍ କରି କପ୍‌ଟିକୁ ଓଲଟାଇବାକୁ କହିଥିଲେ। ଏହା କରିବାକୁ ପ୍ରଥମେ ମଲାଇକା ମନା କରିଥିଲେ। କିନ୍ତୁ ପରେ ପରୀକ୍ଷା କରିଥିଲେ। ଧୀରେ ଧୀରେ ଡରି ଡରି ସେ କପ୍‌ଟିକୁ ଓଲଟାଇଥିଲେ। ସେତେବେଳେ ଉକ୍ତ କପ୍‌ରେ ମୃଦୁ ପାନୀୟର ଏକ ବୁନ୍ଦା ମଧ୍ୟ ନ ଥିଲା। ଏହା ଦେଖିବା ପରେ ମଲାଇକା ଖୁସିରେ ଚିତ୍କାର କରିଥିଲେ ଏବଂ ତାଙ୍କୁ ଆଲିଙ୍ଗନ କରିଥିଲେ। ପରେ ବିଷ୍ଣୁଙ୍କୁ ସେମିଫାଇନାଲରେ ପ୍ରଦର୍ଶନ କରିବାର ସୁଯୋଗ ଦିଆଯାଇଛି।




ବାରିପଦାରେ ଦୁର୍ନୀତି -ଭ୍ରଷ୍ଟାଚାର ବିରୋଧୀ ଜନ ସମାବେଶ

# ଚାରା ଦୁର୍ନୀତି କଥା ଦୋହରାଇଲେ ଦାମ



ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ଓ ଯଜ୍ଞେଶ୍ୱର ବାବୁଙ୍କୁ ରାଲିରେ ସଭାସ୍ଥଳକୁ ପାଛୋଟି ନିଆଯାଉଛି।

- ଅଧା ରାସ୍ତାରୁ ଫେରିଗଲେ ବୈଜୟନ୍ତ
- ମଞ୍ଚକୁ ଚଢ଼ି ପ୍ରଶ୍ନ କରୁଥିବା ଯୁବକଙ୍କୁ ଟେକିନେଲା ପୋଲିସ

ବାରିପଦା ଅଫିସ,୨୧।୧୦

ମୟୂରଭଞ୍ଜ ଜିଲା ବାରିପଦା ସହର ଛଉ ପଡିଆଠାରେ ମୟୂରଭଞ୍ଜ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରବିବାର ଦୁର୍ନୀତି–ଭ୍ରଷ୍ଟାଚାର ବିରୋଧୀ ଜନସମାବେଶ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ, ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା, ବରିଷ୍ଠ ଖବରଦାତା ରବି ଦାସ, ପୂର୍ବତନ ରାଜ୍ୟ ସମବାୟ ସମିତି ସଭାପତି ଯଜ୍ଞେଶ୍ୱର ବାବୁ ଏଥିରେ ଯୋଗ ଦେବାର କାର୍ଯ୍ୟକ୍ରମ ଥିଲା। ଏମାନଙ୍କ ମଧ୍ୟରେ ରବି ଦାସ ଆସି ନ ଥିବା ବେଳେ ସ୍ୱାସ୍ଥ୍ୟାବସ୍ଥା ଭଲ ନ ରହିବାରୁ ବୈଜୟନ୍ତ ଅଧା ରାସ୍ତାରୁ ଫେରିଯାଇଥିଲେ। ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ଓ ପୂର୍ବତନ ରାଜ୍ୟ ସମବାୟ ସମିତି ସଭାପତି ଯଜ୍ଞେଶ୍ୱର ବାବୁ କାର୍ଯ୍ୟକ୍ରମରେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ସଭା କାର୍ଯ୍ୟ ଚାଲିଥିବା ବେଳେ ଶୈଳେନ୍ଦ୍ର ହେମ୍ବ୍ରମ ନାମକ ଯୁବକ ମଞ୍ଚ ଆଡକୁ ମାଡି ଆସି ୨ଟି ପ୍ରଶ୍ନ ପଚାରିବାକୁ ଚାହିଁଥିଲେ। ଏନେଇ ସଭାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ତାଙ୍କୁ କାବୁ କରି ନେବା ପରେ ସଭା ଚାଲିଥିଲା। ପୂର୍ବତନ ମନ୍ତ୍ରୀ ରାଉତ ତାଙ୍କ ବକ୍ତବ୍ୟରେ ମୟୂରଭଞ୍ଜ ଜିଲାରେ ହୋଇଥିବା ଚାରା ଦୁର୍ନୀତି ପ୍ରସଙ୍ଗ ଉଠାଇ ବର୍ତ୍ତମାନର ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ବାରିପଦାର ତତ୍‌କାଳୀନ ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ମିଳିମିଶି ଏହି ଜିଲାରେ ବିଭିନ୍ନ ବେଆଇନ କାର୍ଯ୍ୟ କରିବା ସହ ଖଣି ଲୁଟ କରିଥିଲେ। ମୟୂରଭଞ୍ଜର ଚାରା ଦୁର୍ନୀତି ଧରିବାରୁ ତାଙ୍କୁ ଏଥିରୁ ନିବୃତ୍ତ ରହିବାକୁ କୋଟିଏ ଟଙ୍କା ଯଚା ଯାଇଥିଲା। ମନା କରିବାରୁ ମନ୍ତ୍ରୀ ପଦ ଗଲା ବୋଲି ରାଉତ କହିଥିଲେ। ରାଉତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରି କହିଥିଲେ, ଶାହା କମିଶନଙ୍କ ରିପୋର୍ଟ ମୁତାବକ ଓଡିଶାରେ ୧ ଲକ୍ଷ କୋଟି ଟଙ୍କା ଖଣି ଦୁର୍ନୀତି ହୋଇଛି। ୫ ବର୍ଷ ହେଲା ସିବିଆଇ ତଦନ୍ତ ହୋଇପାରୁନାହିଁ। ମୟୂରଭଞ୍ଜ ଜିଲାରେ ସୁବର୍ଣ୍ଣରେଖା ପ୍ରକଳ୍ପ ୩୦ ବର୍ଷ ହେଲା ଶେଷ ହୋଇ ପାରୁନାହିଁ। ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ପାଣି ପାଉଥିଲେ ବି ମୟୂରଭଞ୍ଜ ବଞ୍ଚିତ ହୋଇଛି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶାସନ ସମୟରେ ଆଦିବାସୀଙ୍କୁ ଜଙ୍ଗଲ ଜମିରେ ଥଇଥାନ କରିବା ପାଇଁ ପଦକ୍ଷେପ ନିଆଯାଇଥିଲା। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଏଦିଗରେ କିଛି ପଦକ୍ଷେପ ନେଉ ନାହାନ୍ତି। ଫାଇଲିନ ବାତ୍ୟାରେ ବାରିପଦା ଉବୁଟୁବୁ ହୋଇଥିଲା। ଏଯାଏ ବୁଢ଼ାବଳଙ୍ଗରେ ଆଡିବନ୍ଧ ତିଆରି ହୋଇପାରିଲା ନାହିଁ। ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲାରୁ ପ୍ରତିନିଧିତ୍ୱ କରୁଥିବା ବେଳେ ସେଠାକାର ଲୋକଙ୍କୁ ୩ ଲକ୍ଷ ଘର ପ୍ରଦାନ କରିଛନ୍ତି। ବାରିପଦାବାସୀଙ୍କୁ କିଛି ଦିଆଯାଇନାହିଁ। ବରଂ ୨୦୧୪ରୁ ଆଜି ପର୍ଯ୍ୟନ୍ତ ଏହି ଜିଲାରୁ ୩୫୦ କୋଟି ଟଙ୍କା ଲୁଟ ହୋଇଛି। ୧୯ ବର୍ଷର ଶାସନ ପରେ ବି ମୁଖ୍ୟମନ୍ତ୍ରୀ ଓଡିଶାର ତହସିଲ ସଂଖ୍ୟା ଜାଣି ନାହାନ୍ତି। ୧୧୭ ଜଣ ବିଧାୟକଙ୍କ ନାମ ମଧ୍ୟ ସେ ଜାଣି ନାହାନ୍ତି। କେତେକ ଅଣ ଓଡିଆ ଅଫିସର ରାଜ୍ୟ ଶାସନ କରୁଛନ୍ତି ବୋଲି ସେ କହିଥିଲେ। ଏହି ବକ୍ତବ୍ୟ ଦେବା ଅବସରରେ ପୂର୍ବତନ ଏମ୍‌ପି ବୈଜୟନ୍ତ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ସଭାକୁ ଆସି ପାରି ନ ଥିବା ରାଉତ ସଫେଇ ଦେଇଥିଲେ।

ପୂର୍ବତନ ରାଜ୍ୟ ସମବାୟ ସମିତି ସଭାପତି ବାବୁ ବକ୍ତବ୍ୟ ରଖି ରାଜ୍ୟରେ ଦୁର୍ନୀତି ଓ ଭ୍ରଷ୍ଟାଚାରୀ ଶାସନ ଚାଲିଥିବା ଉଲ୍ଲେଖ କରିଥିଲେ। ଏହାପରେ ଅନ୍ୟ ବକ୍ତାମାନେ ଭାଷଣ ଦେଇଥିଲେ। ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନନ୍ଦ କୁମାର ମହାପାତ୍ର, ଅବନୀ କୁମାର ମହାନ୍ତି, ଶରତ ରଣା ପ୍ରମୁଖ ଉପସ୍ଥିତ ଥିଲେ। ଖଣି, ପାଣି, ଡାଲି ଓ ଚିଟଫଣ୍ଡ ଦୁର୍ନୀତି, ପିସି କାରବାର, ଗୁଣ୍ଡାରାଜ, ଭ୍ରଷ୍ଟାଚାର, ମୟୂରଭଞ୍ଜ ଜିଲାର ଚାରା ଘୋଟାଲା, ଅନୁଦାନର ବାଟମାରଣା ଓ ବେକାରି ସମସ୍ୟା ବିଷୟରେ ଅତିଥିମାନେ ଜନ ସମାବେଶରେ ବକ୍ତବ୍ୟ ରଖିବେ ବୋଲି ଆୟୋଜକ କମିଟି ପକ୍ଷରୁ ପୂର୍ବରୁ କୁହାଯାଇଥିଲା। ପୂର୍ବତନ ମନ୍ତ୍ରୀ ରାଉତ ପ୍ରସଙ୍ଗଠାରୁ ଦୂରେଇ ଯାଇ ବକ୍ତବ୍ୟରେ ନିଜ କଥା ଅଧିକ ବଖାଣିବାରୁ ଆୟୋଜକ କମିଟିର କେତେକ କର୍ମକର୍ତ୍ତା ବିରକ୍ତି ପ୍ରକାଶ କରିଥିଲେ।

## ଗ୍ୟାସ ସିଲିଣ୍ଡର ବିସ୍ଫୋରଣ, ଛାତ ଫାଟିଲା

ବଲାଙ୍ଗୀର ଅଫିସ,୨୧।୧୦

ବଲାଙ୍ଗୀର ମାଳପଡା ରାମମନ୍ଦିର ନିକଟରେ ଥିବା ହିମାଂଶୁ ପଣ୍ଡାଙ୍କ ଘରେ ଶନିବାର ରାତିରେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହୋଇଥିଲା। ଏଥିରେ ତାଙ୍କ ରୋଷେଇ ଘରର ଛାତ ଫାଟିଯିବା ସହ ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇଯାଇଛି। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଯାଞ୍ଚ କରିଛନ୍ତି। ତେବେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ସତ୍ତ୍ୱେ ଘରେ ନିଆଁ ଲାଗି ନ ଥିବା ଜଣାପଡିଛି। ଏହି ଭୟଙ୍କର ବିସ୍ଫୋରଣରୁ ବର୍ତ୍ତିଯାଇଛନ୍ତି ପଣ୍ଡାଙ୍କ ପରିବାରର ୩ଜଣ ସଦସ୍ୟ। ସେମାନେ ଘରେ ଶୋଇଥିବାବେଳେ ହଠାତ୍ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହୋଇଥିବା ସୂଚନା ଦେଇଛନ୍ତି ପଣ୍ଡା। ରାତି ପ୍ରାୟ ୧ଟା ସମୟରେ ଘରେ ଥିବା ୩ଟି ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ



ବିସ୍ଫୋରଣରେ କ୍ଷତିଗ୍ରସ୍ତ ଘର।

ଘଟି ଭୟଙ୍କର ଶବ୍ଦ ହୋଇଥିଲା । ଏଥିରେ ପଡାବାସୀ ଆତଙ୍କିତ ହୋଇପଡି ଉଠିପଡିଥିଲେ । ପରେ ପଣ୍ଡାଙ୍କ ପରିବାର ସଦସ୍ୟମାନେ ଘରୁ ବାହାରି ଆସିଥିଲେ । ତେବେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣର ଅସଲ କାରଣ ଜଣାପଡି ନ ଥିବା ଅଗ୍ନିଶମ ଅଧିକାରୀ ଶ୍ୟାମ ସୁନ୍ଦର ସିଂ ସୂଚନା ଦେଇଛନ୍ତି। ଏହା ସହିତ କ୍ଷୟକ୍ଷତି ମଧ୍ୟ ଆକଳନ କରାଯାଇ ନ ଥିବା କହିଛନ୍ତି । ଗ୍ୟାସ ଏଜେନ୍ସି ଅଧିକାରୀମାନେ ମଧ୍ୟ ବିସ୍ଫୋରଣର କାରଣ ସମ୍ପର୍କରେ ଅନୁଧ୍ୟାନ ଆରମ୍ଭ କରିଛି।



ମଧ୍ୟପ୍ରଦେଶ ଝାବୁଆ ଜିଲାରେ ଭୋଟରଙ୍କୁ ସଚେତନ କରାଇବା ପାଇଁ ମଦବୋତଲରେ ପ୍ରଚାର ଷ୍ଟିକର ଲଗାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ମତଦାନ ଅଧିକାର ସାବ୍ୟସ୍ତ କରିବା ଲାଗି ଏହି ଷ୍ଟିକରରେ ଅନୁରୋଧ କରାଯାଇଛି। ଆସନ୍ତା ନଭେମ୍ବର ୨୮ରେ ମଧ୍ୟପ୍ରଦେଶରେ ନିର୍ବାଚନ ହେବା।

## ସଂକ୍ଷେପରେ

### ଉତ୍ତର ଆଣ୍ଡାମାନରେ ଲଘୁଚାପ

ଭୁବନେଶ୍ୱର, ୨୧।୧୦(ବ୍ୟୁରୋ): ଉତ୍ତର ଆଣ୍ଡାମାନ ସାଗରର ଓ ଏହାର ପାର୍ଶ୍ୱବର୍ତ୍ତୀ ମ୍ୟାନ୍‌ମାର ଏବଂ ଥାଇଲାଣ୍ଡ ଉପରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଅଧିକ ଘନୀଭୂତ ହୋଇ ଦକ୍ଷିଣ ପଶ୍ଚିମ ଆଡ଼କୁ ମୁହାଁଇବ। ଅପରପକ୍ଷରେ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ଉପରେ ସୃଷ୍ଟି ହୋଇଥିବା ଏକ ଘୂର୍ଣ୍ଣିବଳୟ ଦକ୍ଷିଣ ପଶ୍ଚିବ ବଙ୍ଗୋପସାଗରର ଶ୍ରୀଲଙ୍କା ଏବଂ ତାମିଲନାଡୁ ଉପକୂଳରେ ରହିଛି। ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସମୁଦ୍ର କୂଳଠାରୁ ବହୁ ଦୂରରେ ଥିବାରୁ ଏହାର ଗତିବିଧି ଅନୁଧାନ କରାଯାଇ ପାରୁନି। ଦିନେ କିମ୍ବା ଦୁଇଦିନ ଭିତରେ ଏହାର ଗତିବିଧି ଜଣାପଡିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜଣାପଡିଛି। ଏହାର ପ୍ରଭାବ ଓଡ଼ିଶା ଉପରେ ପଡ଼ିବାର ସମ୍ଭାବନା କମ୍ ରହିଛି। ଏହା ଅଧିକ ଘନୀଭୂତ ହେଲେ ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶ ଉପକୂଳରେ ବର୍ଷା ହେବା ସମ୍ଭାବନା ରହିଛି। ଆଗକୁ ଲଘୁଚାପର ଗତିବିଧି ଉପରେ ସମ୍ପୂର୍ଣ୍ଣ ଅନୁଧାନ କରାଯିବା ପରେ ଓଡ଼ିଶା ଉପରେ ପ୍ରଭାବ କ'ଣ ରହିବ, ତାହା ସ୍ପଷ୍ଟ ଜଣାପଡିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ରବିବାର ସକାଳୁ ରାଜ୍ୟର ଉତ୍ତର ଉପକୂଳବର୍ତ୍ତୀ ଅଞ୍ଚଳଗୁଡିକରେ ଘନ କୁହୁଡି ପଡିଥିବା ଦେଖିବାକୁ ମିଳିଛି। ଏ ନେଇ ପାଣିପାଗ ବିଶେଷଜ୍ଞ ଆର୍. ନାୟକ କୁହନ୍ତି, ଲଘୁଚାପ ପ୍ରଭାବରେ ଉତ୍ତର ପଶ୍ଚିମ ମୌସୁମୀ ବାୟୁ ପ୍ରବାହିତ ହେବ। ଏହାର ପ୍ରଭାବରେ ପାଗରେ ପରିବର୍ତ୍ତନ ଆସିବ। ଏପରି କି ରାତିରେ ୧ରୁ ୨ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ତାପମାତ୍ରା କମିବ। ଫଳରେ ଥଣ୍ଡା ଅନୁଭୂତ ହେବ ବୋଲି ନାୟକ କହିଛନ୍ତି। ରବିବାର ସନ୍ଧ୍ୟା ସୁଦ୍ଧା ରାଜ୍ୟର ସର୍ବାଧିକ ତାପମାତ୍ରା ତାଳଚେରରେ ୩୬ ଡିଗ୍ରୀ ସେଲ୍‌ସିୟସ୍ ଥିବାବେଳେ ସର୍ବନିମ୍ନ ତାପମାତ୍ରା ଦାରିଙ୍ଗବାଡିଠାରେ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିଛି।

■ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ମହିଳା ଦଲାଲଙ୍କ ରାଜୁତି

# ବେଆଇନ ଗର୍ଭପାତ ଯୋଗୁ ମା', ଶିଶୁ ମୃତ

ବିରଜାକ୍ଷେତ୍ର,୨୧।୧୦(ଡି.ଏନ୍.ଏ)

ସରକାରୀ ଡାକ୍ତରଖାନାଗୁଡ଼ିକରେ ଡାକ୍ତରଙ୍କ ବିନା ଅନୁମତିରେ ଗର୍ଭପାତ ହୋଇପାରିବ ନାହିଁ ବୋଲି ନିୟମ ରହିଛି। ଯଦି କୌଣସି ଡାକ୍ତର କିମ୍ବା ନର୍ସ ବେଆଇନ ଭାବେ ଗର୍ଭପାତ କରାନ୍ତି, ତେବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସରକାରୀ ନିର୍ଦ୍ଦେଶ ରହିଛି। ଏହି ସବୁ ନିୟମ ସତ୍ତ୍ୱେ ଅର୍ଥ ଲାଳସାରେ ସରକାରୀ ଡାକ୍ତରଖାନାରେ ଡାକ୍ତର ଓ ନର୍ସମାନେ ଦଲାଲଙ୍କ ସହଯୋଗରେ ଗର୍ଭପାତ କରୁଥିବା ଜଣାପଡ଼ିଛି। ଆଉ ଏଭଳି ବେଆଇନ କାର୍ଯ୍ୟ ଯୋଗୁ ଜଣେ ମା' ଓ ଶିଶୁକୁ ଜୀବନ ହାରିବାକୁ ପଡ଼ିଛି। ଏପରି ଘଟଣା ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ରବିବାର ଦେଖିବାକୁ ମିଳିଛି। ଏ ନେଇ ଧର୍ମଶାଳା ଥାନାରେ ଅଭିଯୋଗ ହେବା ପରେ ପୋଲିସ ମୃତ ଯୁବତୀଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା କରୁଛି।

ପ୍ରକାଶ ଯେ, ରସୁଲପୁର ବ୍ଲକ ବ୍ରହ୍ମବରଦା କୋଠଡ଼ିହ ଗ୍ରାମର ଜନୈକା ଯୁବତୀ (୨୨)ଙ୍କର ସେହି ଗ୍ରାମର ପିଣ୍ଟୁ ଜେନା (୨୫)ଙ୍କ ସହ ପ୍ରେମ ସମ୍ପର୍କ ରହିଥିଲା। ଇତିମଧ୍ୟରେ ଯୁବତୀ ଜଣକ ଗର୍ଭବତୀ ଥିବା ପରିବାର ଲୋକେ ଜାଣିବା ପରେ ପିଣ୍ଟୁଙ୍କୁ ତୁରନ୍ତ ଗ୍ରାମରେ ପହଞ୍ଚି ଯୁବତୀଙ୍କୁ ବିବାହ କରିବାକୁ କହିଥିଲେ। ପିଣ୍ଟୁ ଗତ ୯ତାରିଖ ଗ୍ରାମରେ ପହଞ୍ଚିବା ପରେ ୧୪ତାରିଖରେ ତାଙ୍କୁ କୋର୍ଟରେ ବିବାହ କରିଥିଲେ। ମାତ୍ର ଯୁବତୀ ଗର୍ଭବତୀ ଥିବାରୁ ପିଣ୍ଟୁଙ୍କ ପରିବାର ଲୋକେ ତାଙ୍କୁ ବୋହୂ ଭାବେ ଗ୍ରହଣ କରିବାକୁ ମନା କରିବା ସହ ଗର୍ଭପାତ କଲେ ସେମାନେ ତାଙ୍କୁ ଗ୍ରହଣ କରିବେ ବୋଲି କହିଥିଲେ। ଅପରପକ୍ଷେ ପିଣ୍ଟୁ ମଧ୍ୟ ଗର୍ଭପାତ କରାଇବାକୁ ଚାପ ପକାଇଥିଲେ। ଇତ୍ୟବସରରେ ୬ମାସର ଗର୍ଭବତୀ ଥିବା ସମ୍ପୃକ୍ତା ଯୁବତୀଙ୍କ ଗର୍ଭପାତ ପାଇଁ ଗତ ୧୯ ତାରିଖରେ ପିଣ୍ଟୁ ତାଙ୍କ ସମ୍ପର୍କୀୟ ମାମୁଙ୍କ ସହଯୋଗରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ସେଠାରେ ସେମାନେ ପଣସା ନିବାସୀ ଜଣେ ମହିଳା ଦଲାଲଙ୍କ ସହ ଆଲୋଚନା କରି ଯୁବତୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରଶାସନ ଅଗୋଚରରେ ଡାକ୍ତରଖାନାର ନୂତନ ପ୍ରସୂତି ବିଭାଗ ଦ୍ୱିତୀୟ ମହଲାରେ ଯୁବତୀଙ୍କ ଗର୍ଭପାତ ପାଇଁ ଯୋଜନା କରାଯାଇଥିଲା। ଶନିବାର ରାତିରେ ମହିଳା ଦଲାଲ ଓ କାର୍ଯ୍ୟରତ ନର୍ସଙ୍କ ସହଯୋଗରେ ଯୁବତୀଙ୍କ ଗର୍ଭପାତ କରାଯିବା ବେଳେ ଶିଶୁ ଓ ମା'ର ମୃତ୍ୟୁ ହୋଇଥିଲା। ଝିଅର ମୃତ୍ୟୁ ପାଇଁ ପିଣ୍ଟୁ, ତାଙ୍କ ପରିବାରବର୍ଗ ଓ ମୁଖ୍ୟ ଚିକିତ୍ସାଳୟର ଡାକ୍ତର, ନର୍ସମାନେ ଦାୟୀ ବୋଲି ଯୁବତୀଙ୍କ ପରିବାର ଲୋକେ ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅନୁପ କୁମାର ନାଥଶର୍ମାଙ୍କୁ ପଚାରିବାରେ, ବେଆଇନ ଭାବେ ଯୁବତୀଙ୍କ ଗର୍ଭପାତ କରାଯାଇଛି। ଏଥିରେ ଯିଏ ସମ୍ପୃକ୍ତ ଥିବେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।






# ପେଟ୍ରୋଲ ଦରକୁ ଡିଜେଲ ଟପିବା ପ୍ରସଙ୍ଗ ନେଇ ରାଜନୀତି

ଭୁବନେଶ୍ୱର,୨୧।୧୦(ବ୍ୟୁରୋ)

■ କେନ୍ଦ୍ର-ରାଜ୍ୟ ଦୋଷ ଲଦାଲଦି

■ କଂଗ୍ରେସ କହିଲା ଉଭୟ ଦାୟୀ



ଧର୍ମେନ୍ଦ୍ର ପ୍ରଧାନ



ଶଶିଭୂଷଣ ବେହେରା



ସତ୍ୟ ପ୍ରକାଶ ନାୟକ

ରାଜଧାନୀ ଭୁବନେଶ୍ୱରରେ ପ୍ରଥମଥର ପାଇଁ ପେଟ୍ରୋଲଠାରୁ ଡିଜେଲ ଦର ଅଧିକ ହୋଇଛି। ଯାହାକୁ ନେଇ ସାଧାରଣ ଖାଉଟି ଏବଂ କ୍ଷୁଦ୍ର ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଡିଜେଲ ଦର ବୃଦ୍ଧି ନେଇ ରାଜ୍ୟ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ଅର୍ଥମନ୍ତ୍ରୀଙ୍କ ମନ୍ତବ୍ୟ ଉପରେ ମଧ୍ୟ ପ୍ରତିକ୍ରିୟା ରଖିଛି ରାଜ୍ୟ ଭାଜପା। ସଂଖ୍ୟାଧିକ ରାଜ୍ୟ ସରକାର ତୈଳ ଉପରେ ଭାଟ୍ ହ୍ରାସ କରିଥିଲେ ମଧ୍ୟ ଓଡ଼ିଶା ନ କରିବା କଥାକୁ ଭାଜପା କଟାକ୍ଷ କରିଛି। ଅନ୍ୟପକ୍ଷରେ ଏଭଳି ସମୟରେ କେନ୍ଦ୍ର-ରାଜ୍ୟ ପରସ୍ପର ନିଜର ସଂଘୀୟ ଦାୟିତ୍ୱ ପାଳନ ନ କରି ରାଜନୈତିକ ଆରୋପ-ପ୍ରତ୍ୟାରୋପ କରିବାକୁ ସମାଲୋଚନା କରିଛି କଂଗ୍ରେସ।

ରାଜଧାନୀରେ ପେଟ୍ରୋଲ ଦର ଲିଟର ପିଛା ବର୍ତ୍ତମାନ ୮୦.୫୭ ପଇସା ରହିଛି। ସେହିପରି ଡିଜେଲ ଲିଟର ପିଛା ୮୦.୬୯ ଟଙ୍କା ରହିଛି। ରାଜ୍ୟରେ ପ୍ରତିଦିନ ପାଖାପାଖି ୬୨ ଲକ୍ଷ ଲିଟର ଡିଜେଲ ବିଭିନ୍ନ କ୍ଷେତ୍ରରେ ବ୍ୟବହୃତ ହୋଇଥାଏ। ଖଣିଜ ପରିବହନ ଏବଂ ଯାନବାହନ ଚଳାଚଳରେ ରାଜ୍ୟରେ ଡିଜେଲ ଅଧିକ ବ୍ୟବହୃତ ହୋଇଥାଏ। ନିର୍ଦ୍ଦିଷ୍ଟ ଭାବେ ଡିଜେଲ ଦରବୃଦ୍ଧି ଅନେକ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ମୂଲ୍ୟ ବୃଦ୍ଧି କରିବ ବୋଲି ଅର୍ଥନୀତିଜ୍ଞମାନେ ଆଶଙ୍କା କରିଛନ୍ତି। ଡିଜେଲ ଦର ବୃଦ୍ଧି ସମ୍ପର୍କରେ ଗଣମାଧ୍ୟମକୁ ଅର୍ଥମନ୍ତ୍ରୀ ବେହେରା କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ଦୂରଦୃଷ୍ଟିର ଅଭାବ କାରଣରୁ ଏପରି ଦରବୃଦ୍ଧି ହେଉଛି। କେଉଁ ସମୟରେ କି ପଦକ୍ଷେପ ନେଇଥିଲେ ଦର ହ୍ରାସ ପାଇଥାନ୍ତା, ତାହା କରାଯାଇନାହିଁ। କେନ୍ଦ୍ର ସରକାର ଅକ୍ଟୋବର ୪ରେ ପେଟ୍ରୋଲ ଏବଂ ଡିଜେଲ ଉପରୁ ୨.୫୦ ଟଙ୍କା ହ୍ରାସ କରିବା ନେଇ ଘୋଷଣା କରିଥିଲା। ଏହି ସମୟରେ ବେସ୍ ପ୍ରାଇସ୍‌ରୁ ୧ ଟଙ୍କା କମ୍ କରିବା ପାଇଁ ଘୋଷଣା ମଧ୍ୟ ହୋଇଥିଲା। ହେଲେ ତାହା ଏଯାବତ୍ ଲାଗୁ ହୋଇନାହିଁ। ପୂର୍ବରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ହ୍ରାସ ପାଇଥିଲା। ସେ ସମୟରେ ତୈଳ ମନ୍ତ୍ରଣାଳୟ ଖାଉଟିଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେଇ ନ ଥିଲା। ଅଧିକ ଟିକସ ଆଦାୟ କରି ନିର୍ବାଚନ ପାଣ୍ଠି ବୃଦ୍ଧି କରିଥିଲା। ଏହିସବୁ କାରଣରୁ ଡିଜେଲ ଦର ବୃଦ୍ଧି ପାଉଛି ବୋଲି ଶଶିଭୂଷଣ କହିଛନ୍ତି।

ଅର୍ଥମନ୍ତ୍ରୀଙ୍କ ଏପରି ମନ୍ତବ୍ୟର କଡ଼ା ଜବାବ ଦେଇଛନ୍ତି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ବାଲେଶ୍ୱରରେ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି ଯେ, ଗାଲୁଆଙ୍କ ବାରବାଟୀ ଚାଷ। ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ନିଜ ମନରୁ କିଛି କହି ନ ଥାନ୍ତି। ତୃତୀୟ ମହଲାର ହାତଲେଖା କାଗଜ ଦେଖି ମନ୍ତବ୍ୟ ଦେଇଥାନ୍ତି। ଲଗାତର ୩ ଦିନ ହେବ ପେଟ୍ରୋଲ ଦର କମୁଛି। ରାଜ୍ୟ ସରକାର ଭାଟ୍ ହ୍ରାସ କରୁ ନ ଥିବାରୁ ଓଡ଼ିଶାବାସୀ ହନ୍ତସନ୍ତ ହେଉଥିବା ଧର୍ମେନ୍ଦ୍ର କହିଛନ୍ତି।

ସେହିପରି କଂଗ୍ରେସ ନେତା ସତ୍ୟପ୍ରକାଶ ନାୟକ କହିଛନ୍ତି ଯେ, ପରିବହନ ଏବଂ ବ୍ୟବସାୟରେ ଡିଜେଲ ଏକ ଅପରିହାର୍ଯ୍ୟ ଦ୍ରବ୍ୟ। ତେଣୁ ରାଜ୍ୟ ଡିଜେଲ ଉପରେ ୨୬ ପ୍ରତିଶତ ଭାଟ୍ ଲାଗୁକରି ରାଜସ୍ୱ ଆଦାୟ କରୁଛି। ହେଲେ ପଡ଼ୋଶୀ ରାଜ୍ୟ ଆନ୍ଧ୍ର ଏବଂ ପଶ୍ଚିମବଙ୍ଗରେ ଭାଟ୍ କମ୍ ହୋଇଥିବାରୁ ପରିବହନକାରୀ ସେଠାରୁ ଡିଜେଲ କ୍ରୟ କରୁଛନ୍ତି। ତେଣୁ ରାଜ୍ୟର ଅତି ଲାଭଖୋର ମନୋବୃତ୍ତି ସାଧାରଣ ଲୋକଙ୍କ ପାଇଁ ମହଙ୍ଗା ହୋଇପାରେ। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ନିଜ ଦାୟିତ୍ୱ ଠିକ୍ ଭାବେ ତୁଲାଉ ନାହାନ୍ତି। କେବଳ ରାଜ୍ୟ ଉପରେ ଦୋଷ ଦେଇ ଖସିଗଲେ ହେବ ନାହିଁ ବୋଲି ସତ୍ୟପ୍ରକାଶ କହିଛନ୍ତି।

# ବାରପାହାଡ଼କୁ ପଶିଲେ ମାଓବାଦୀ

ବରଗଡ଼ ଅଫିସ୍/ ଅମ୍ବାଭୋନା, ୨୧।୧୦(ଡି.ଏନ.ଏ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ବାରପାହାଡ ଜଙ୍ଗଲ ପରିବେଷ୍ଟିତ ମୁଣ୍ଡାବାହାଲ ଗ୍ରାମରେ ଶନିବାର ପ୍ରାୟ ୩୦ଜଣ ମାଓବାଦୀ ପ୍ରବେଶ କରିଥିବା ସୂଚନା ମିଳିଛି। ସେମାନେ ବଲାଙ୍ଗୀର-ବରଗଡ଼-ମହାସମୁନ୍ଦ ଡିଭିଜନ ମାଓବାଦୀ ସଙ୍ଗଠନର ବୋଲି ଆଲୋଚନା ହେଉଛି। ସେମାନଙ୍କ ମଧ୍ୟରେ ୩ଜଣ ମହିଳା ରହିଥିବା ଅଞ୍ଚଳବାସୀ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଶନିବାର ରାତ୍ରିରେ ସେମାନେ ଛତିଶଗଡ଼ର ସିଂଘଡ଼ା ଘାଟି ପାରି ହୋଇ ଝାଏଲ ମଧ୍ୟ ଦେଇ ଅମ୍ବାଭୋନା ବ୍ଲକର ସିହିନୀଗଡ଼ ଜଙ୍ଗଲରେ ପ୍ରବେଶ କରିଥିଲେ। ଏହାପରେ ସେମାନେ ବାରପାହାଡ଼ ଜଙ୍ଗଲ ପରିବେଷ୍ଟିତ ମୁଣ୍ଡାବାହାଲ ଗ୍ରାମକୁ ଆସିଥିଲେ। ସେମାନେ ଗ୍ରାମର କେତେକ ଦୋକାନକୁ ଯାଇ ଚାଉଳ ଆଦି ସାମଗ୍ରୀ କିଣିଥିଲେ ଏବଂ ସ୍ଥାନୀୟ ଲୋକଙ୍କୁ ନିଜ ଭୂ ସମ୍ପତ୍ତି ସୁରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ଏହା ସହିତ ଅଞ୍ଚଳର ଖଣି ସମ୍ପଦ ତଥା ପଥର ଖାଦାନ ଉପରେ ଲୋଲୁପଦୃଷ୍ଟି ପକାଇ କିଛି ଲୋକ ତାହା ଚାଲାଣ କରୁଥିବାରୁ ତାକୁ ପ୍ରତିରୋଧ କରିବା ପାଇଁ କହିଥିଲେ। ପୂର୍ବରୁ ମଧ୍ୟ ଏ ଅଞ୍ଚଳରେ ମାଓବାଦୀଙ୍କ ଗତିବିଧି ଦେଖିବାକୁ ମିଳିଥିଲା। ଗତ କିଛିବର୍ଷ ତଳେ ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଲଖନପୁରରେ ଠିକାଦାର କ୍ୟାମ୍ପ ପୋଡ଼ାଜଳା, ଫରେଷ୍ଟଗାର୍ଡ଼ଙ୍କୁ ହତ୍ୟା ଭଳି ହିଂସା ଘଟାଇଥିଲେ। ଏହାପରେ ଅଞ୍ଚଳରେ ମାଓବାଦୀଙ୍କ ଗତିବିଧି ସେଭଳି ଆଉ ଦେଖାଯାଇ ନ ଥିଲା। ତେବେ କିଛି ବର୍ଷର ନିରବତା ପରେ ପୁଣି ମାଓବାଦୀଙ୍କ ଉପସ୍ଥିତି ଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଛି।






# ବାତ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ନୂଆ ଘୋଷଣା

ଭୁବନେଶ୍ୱର, ୨୧।୧୦(ବ୍ୟୁରୋ)

■ ଗାଈ ମରିଥିଲେ ୩୦ ହଜାର, ବଳଦ ପାଇଁ ୨୫ହଜାର

■ ପାହାଡ଼ିଆ ଅଞ୍ଚଳ ଘର ନଷ୍ଟ ପାଇଁ ୧ଲକ୍ଷ, ସମତଳଅଞ୍ଚଳ ଘର ପାଇଁ ୯୫ହଜାର

ସାମୁଦ୍ରିକ ଝଡ ତିତ୍‌ଲି ଏବଂ ଏହାର ପରବର୍ତ୍ତୀ ବନ୍ୟା ଯୋଗୁ ରାଜ୍ୟର ତିନୋଟି ଜିଲା ତଥା ଗଞ୍ଜାମ, ଗଜପତି ଏବଂ ରାୟଗଡା ବିଶେଷ କ୍ଷତିଗ୍ରସ୍ତ ହୋଇଛି। ଏହିସବୁ ଅଞ୍ଚଳର ବହୁ ଘରଦ୍ୱାର ଭାଙ୍ଗିଯାଇଥିବା ବେଳେ ପଶୁ, ପକ୍ଷୀ ମୃତ୍ୟୁବରଣ କରିଛନ୍ତି। ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ଉକ୍ତ ୩ ଜିଲାରେ ବାତ୍ୟା ଏବଂ ବନ୍ୟା କାରଣରୁ ୫୭ହଜାର ଘର ନଷ୍ଟ ହୋଇଛି। ଏଭଳି ସ୍ଥିତିରେ ରାଜ୍ୟ ସରକାର କ୍ଷତିଗ୍ରସ୍ତ ପରିବାର ପାଇଁ ସରକାରୀ ସହାୟତା ଘୋଷଣା କରୁଛନ୍ତି। ସେହିକ୍ରମରେ କ୍ଷତିଗ୍ରସ୍ତ ଲୋକଙ୍କ ଘର ଓ ଗୃହପାଳିତ ପଶୁଙ୍କ ପାଇଁ ଯୁଗ୍ମ ଏସ୍‌ଆର୍‌ସି ପ୍ରଭାତ ମହାପାତ୍ର ରବିବାର ନୂତନ କ୍ଷତିପୂରଣ ରାଶି ଘୋଷଣା କରିଛନ୍ତି। ୩ ଜିଲାର ସବୁ ଅଞ୍ଚଳରେ ଏ ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ହୋଇପାରି ନାହିଁ। ଗଜପତି ଜିଲାର ବହୁ ଅଞ୍ଚଳରେ ଏଭଳି ଅସୁବିଧା ଥିବାବେଳେ ଖୁବ୍‌ଶୀଘ୍ର ସେସବୁ ସମସ୍ୟାର ସମାଧାନ କରାଯିବ ବୋଲି ମହାପାତ୍ର ସୂଚନା ଦେଇଛନ୍ତି।

ଯୁଗ୍ମ ଏସ୍‌ଆରସିଙ୍କ ଘୋଷଣା ମୁତାବକ, ବାତ୍ୟା ଏବଂ ବନ୍ୟା ଯୋଗୁ ଯେଉଁମାନଙ୍କ ଗାଈ ମୃତ୍ୟୁବରଣ କରିଛନ୍ତି ସେମାନଙ୍କୁ ୩୦ହଜାର ଟଙ୍କା ଲେଖା କ୍ଷତିପୂରଣ ମିଳିବ। ସର୍ବାଧିକ ୩ଟି ଗାଈର କ୍ଷତିପୂରଣ ସରକାର ଯୋଗାଇଦେବେ। ସେହିଭଳି ବଳଦଙ୍କ ପାଇଁ ୨୫ହଜାର ଟଙ୍କା ଲେଖା ସର୍ବାଧିକ ୩ଟି ପାଇଁ ମିଳିବ, ଛେଳି ଓ ମେଣ୍ଢା ମରିଥିଲେ ୩ହଜାର ଟଙ୍କା ଲେଖା ୩୦ଟି ପାଇଁ ମିଳିବ, ବାସନକୁସନ ଆଦି ନଷ୍ଟ ହୋଇଥିଲେ ୩୮ଶହ ଟଙ୍କା କ୍ଷତିପୂରଣ ମିଳିବ। କୁକୁଡା ମରିଥିଲେ ଗୋଟାକୁ ୫୦ଟଙ୍କା ହିସାବରେ ୧୦୦ଟି ପାଇଁ ମିଳିବ, ମାଛ ଚାଷରେ କ୍ଷତି ହୋଇଥିଲେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ହେକ୍ଟର ପିଛା ୧୨ହଜାର ୨ଶହ ଟଙ୍କା ଏବଂ ମାଛ ଯାଆଁଳ ଚାଷ ପାଇଁ ହେକ୍ଟର ପିଛା ୮ହଜାର ୨ଶହ ଟଙ୍କା ଲେଖା ମିଳିବ। ସେହିଭଳି ସମତଳ ଅଞ୍ଚଳରେ ଥିବା ଘର ଭାଙ୍ଗିଥିଲେ ୯୫ହଜାର ୧୦୦ଟଙ୍କା ମିଳିବ। ପାହାଡିଆ ଅଞ୍ଚଳରେ ଘର ଭାଙ୍ଗିଥିଲେ କ୍ଷତିଗ୍ରସ୍ତଙ୍କୁ ୧ଲକ୍ଷ ୧ହଜାର ୯ଶହ ଟଙ୍କା ଦିଆଯିବ। ଏହାସହ ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା କଚ୍ଚାଘର ପାଇଁ ୩ହଜାର ୨ଶହ ଟଙ୍କା ଏବଂ ପକ୍କାଘର ପାଇଁ ୫ହଜାର ୨ଶହ ଟଙ୍କା ମିଳିବ ବୋଲି ମହାପାତ୍ର ସୂଚନା ଦେଇଛନ୍ତି। ଅନ୍ୟପଟେ ବାତ୍ୟା ଏବଂ ବନ୍ୟା ଫଳରେ ୨.୭ଲକ୍ଷ ହେକ୍ଟର ଚାଷଜମୀରେ ସମ୍ପୂର୍ଣ୍ଣ ଫସଲ ନଷ୍ଟ ହୋଇଯାଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ଇନ୍‌ପୁଟ ସବ୍‌ସିଡି ଯୋଗାଇ ଦେବାକୁ ସରକାର ନିକଟରେ ଘୋଷଣା କରିଥିଲେ।




ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୨ ଅକ୍ଟୋବର, ୨୦୧୮



ହିମାଚଳପ୍ରଦେଶର ରାଜଧାନୀ ଶିମଲାର ନାମ ପରିବର୍ତ୍ତନ କରାଯାଇ 'ଶ୍ୟାମଳା' କରାଯିବ। ଏନେଇ ମୁଖ୍ୟମନ୍ତ୍ରୀ ଜୟରାମ୍ ଠାକୁର ସୂଚନା ଦେଇଛନ୍ତି। ୧୮୬୪ ସମୟରେ ଏହା ବ୍ରିଟିଶ୍ ସରକାରଙ୍କ ସମର କ୍ୟାପିଟାଲ ଭାବେ କାର୍ଯ୍ୟ କରୁଥିଲା। ପୂର୍ବରୁ ଏହାର ନାମ ଶ୍ୟାମଳା ଥିଲା ମାତ୍ର ପରବର୍ତ୍ତୀ ସମୟରେ ଏହାକୁ ଶିମଲା ଭାବେ ନାମିତ କରାଯାଇଥିଲା।




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ................................



ଶୁଚିସ୍ମିତା
ପରିବାରବର୍ଗ



ଡୁଗୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପୁରୀ ହିଂସା : ଗିରଫ ସଂଖ୍ୟା ୮୬ ଟପିଲା

ପୁରୀ ଅଫିସ,୨୧।୧୦ : ପୁରୀ ହିଂସା ମାମଲାରେ ବର୍ତ୍ତମାନ ସୁଦ୍ଧା ୮୬ଜଣ ଗିରଫ ହୋଇଛନ୍ତି। ଏଥିମଧ୍ୟରେ ସିଂହଦ୍ୱାର ଥାନା ପକ୍ଷରୁ ୪୫ ଓ ଟାଉନଥାନା ପୋଲିସ ୪୧ଜଣଙ୍କୁ ଗିରଫ କରିଥିବା ଏସ୍‌ପି ଡା.ସାର୍ଥକ ଷଡ଼ଙ୍ଗୀ କହିଛନ୍ତି। ୫୯ତମ ପୋଲିସ ଶହୀଦ ଦିବସ ପାଳନ ଅବସରରେ ସେ କହିଲେ, ସିସିଟିଭି ଫୁଟେଜ୍ ଯାଞ୍ଚ ଚାଲିଛି। ଏଥିରେ ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ। ଏହି ଗିରଫଦାରି ଜାରି ରହିଛି ବୋଲି ସେ କହିଥିଲେ। ପ୍ରକାଶ ଯେ, ଅକ୍ଟୋବର ୩ ପୁରୀ ବନ୍ଦ ପାଳନ ବେଳେ ହିଂସାକାଣ୍ଡ ଘଟିଥିଲା। ଆନ୍ଦୋଳନକାରୀମାନେ ସିଂହଦ୍ୱାର ଫାଣ୍ଡି, ଶ୍ରୀମନ୍ଦିର କାର୍ଯ୍ୟାଳୟ, ଶେଡ, ବ୍ୟାରିକେଡ ସହ ରାଜସ୍ୱ ମନ୍ତ୍ରୀଙ୍କ ଘର ଓ ଟାଉନ ଥାନାରେ ବ୍ୟାପକ ଭଙ୍ଗାରୁଜା କରିଥିଲେ। ଏଥିସହ ଟ୍ରାଫିକ ପୋଷ୍ଟ ଭଙ୍ଗାରୁଜା କରି ଜାଳିଦେଇଥିଲେ। ଏନେଇ ସିଂହଦ୍ୱାର ଥାନା ଏବଂ ଟାଉନ ଥାନାରେ ଏକାଧିକ ମାମଲା ରୁଜୁ ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଚନ୍ଦ୍ର ପାରିବାରିକ ଜୀବନକୁ ସରସ, ସୁନ୍ଦର କରିବା ସହ ନୂତନ ସମ୍ପର୍କ ସୃଷ୍ଟି କରିବ। ବଳବାନ୍ ମଙ୍ଗଳଙ୍କ ପ୍ରଭାବରେ ଅସମ୍ପୂର୍ଣ୍ଣ କାମ ସମ୍ପୂର୍ଣ୍ଣ ହେବ, ବିବାଦର ସମାଧାନ କରିପାରିବେ। ଅବୁଝା ବନ୍ଧୁଙ୍କୁ ବୁଝାଇ କାମରେ ଲଗାଇବା ସକାଶେ ମନେଇବାରେ ମଧ୍ୟ ସମର୍ଥ ହେବେ। ବାଣିଜ୍ୟ,ବ୍ୟବସାୟ, ସଭାସମିତି, ଯାତ୍ରା ଓ ବନ୍ଧୁମିଳନଜନିତ ସମୟ କଟାଇବେ।

**ବୃଷ** ବିଭିନ୍ନ ସମସ୍ୟାରେ ମନକୁ ଭାରାକ୍ରାନ୍ତ କରିପାରନ୍ତି। ଅବଶ୍ୟ ସାମାନ୍ୟ ବିଳମ୍ବରେ ଆଶା କରୁଥିବା ଦିଗରୁ ଧନପ୍ରାପ୍ତି ସହ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ବନ୍ଧୁ ଗହଣରେ ସାଧାରଣ କଥାକୁ କେନ୍ଦ୍ରକରି ଯୁକ୍ତିତର୍କଜନିତ ବିବାଦୀୟ ପରିସ୍ଥିତି ଉପୁଜିପାରେ।

**ମିଥୁନ** କେତୁ ପ୍ରଭାବରେ ଚେଷ୍ଟା କରୁଥିବା ଦିଗରୁ ଅର୍ଥଲାଭ ସକାଶେ ବନ୍ଧୁଙ୍କୁ ନେହୁରା ହେବାକୁ ପଡିପାରେ। ପରିବାରର ଆବଶ୍ୟକତାକୁ ନେଇ ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅଫିସ୍ କାମରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ସହକର୍ମୀଙ୍କ ସହାୟତାରେ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ** ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିଥିଲେ ମଧ୍ୟ ସମ୍ପୂର୍ଣ୍ଣ ସୁସ୍ଥତା ଆଶା କରାଯାଇ ନ ପାରେ। ଅଧିକାଂଶ ସମୟ ନୂତନ ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। ଧାତୁ ଅଳଙ୍କାର ଓ ପୋଷାକପତ୍ର କାରବାର ଦିଗରୁ ଉପକୃତ ହୋଇପାରନ୍ତି। କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ପାଇଁ ଦୂରଯାତ୍ରା କରିବାକୁ ପଡିପାରେ।

**ସିଂହ** ଆପଣଙ୍କ କଥା ଓ କାମରେ ମେଳ ନ ରହିବା କାରଣରୁ ଆପଣ ଅନ୍ୟମାନଙ୍କ ନିକଟରେ ଅବିଶ୍ୱାସର ପାତ୍ର ହୋଇପାରନ୍ତି। ପାରିବାରିକ ଆବଶ୍ୟକତାକୁ ନେଇ ବ୍ୟୟର ମାତ୍ରା କ୍ରମଶଃ ବୃଦ୍ଧି ହେତୁ ମାନସିକ ଅବସାଦ ବୃଦ୍ଧି ପାଇବ। ଏକାଧିକ କାମରେ ଅନୁପ୍ରବେଶ କାରଣରୁ କୌଣସି କାମ ଉତ୍ସାହପ୍ରଦ ହୋଇ ନ ପାରେ।

**କନ୍ୟା** ସାମାଜିକ ଜୀବନରେ ଅନ୍ୟାୟ ବିରୋଧରେ ସ୍ୱର ଉଠାଇ ସମସ୍ୟାକୁ ନିମନ୍ତ୍ରଣ କରିବେ। ପରୋକ୍ଷ ଶତ୍ରୁତା, ଋଣ ଉଠାଣ, ଯୋଗାଣ କାରବାରରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ। ଆକସ୍ମିକ ଭାବରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେବ।

**ତୁଳା** ପରିବାର ଭିତରେ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରି ସଫଳତା ହାସଲ କରିବେ। ବନ୍ଧୁମାନଙ୍କ ସହ ହସ ଖୁସି ଓ ବିଳାସ ବ୍ୟସନରେ ସମୟ ଅତିବାହିତ ହେବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ଣେ ପାଇବାର ସୂଚନା ରହିଛି। ଆଧ୍ୟାତ୍ମିକ ପ୍ରବଚନ, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଓ ନୃତ୍ୟ ସାଙ୍ଗକୁ ଧର୍ମ କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**ବିଛା** କାର୍ଯ୍ୟହାନି ସାଙ୍ଗକୁ ପରିବେଶ ଓ ପରିସ୍ଥିତିକୁ ନେଇ ସାମାନ୍ୟ ଅସ୍ଥିରତା ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ଆମନ୍ତ୍ରଣ କ୍ରମେ ଯାତ୍ରା କରିବାକୁ ପ୍ରସ୍ତୁତିପର୍ବରେ ଲାଗିପାରନ୍ତି। ପାରିବାରିକ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହୋଇପାରେ। ରାଜନୈତିକ ସ୍ଥିତି, ଅର୍ଥନୈତିକ ପ୍ରଗତି ସାଙ୍ଗକୁ ସାମାଜିକ ପ୍ରତିଷ୍ଠା ମଧ୍ୟ ବୃଦ୍ଧି ପାଇବ।

**ଧନୁ** ଶନିଙ୍କ କୁପ୍ରଭାବରେ ନିଜ ଲୋକମାନଙ୍କ ଚକ୍ଷୁଶୂଳର କାରଣ ସ୍ୱରୂପ ଶ୍ରଦ୍ଧା,ସମ୍ମାନ ଓ ଆଦରର ନ୍ୟୁନତା ଉପଲବ୍ଧି କରିବେ। କର୍ମକ୍ଷେତ୍ରରେ ଅସହଯୋଗ କାରଣଜନିତ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। କୌଣସି ବିଶ୍ୱସନୀୟ ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହେବାର ବହୁତ ସମ୍ଭାବନା ରହିଛି।

**ମକର** କର୍ମକ୍ଷେତ୍ରରେ ଉଚ୍ଚପଦାଧିକାରୀଙ୍କ ସାହାଯ୍ୟ ଲାଭକରି ମନୋବଳ କ୍ରମଶଃ ବୃଦ୍ଧି ପାଇବ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ,ପରିବହନ ଓ ଏଜେନ୍ସିପରୁ ଖୁସି ରହିବେ। ବିବାଦୀୟ ଘଟଣାରେ ବନ୍ଧୁଙ୍କ ମଧ୍ୟସ୍ଥତା ଭଲ କାମ ଦେଇପାରେ।

**କୁମ୍ଭ** ସମସ୍ୟା ରହିଥିଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଘର ସାଜସଜ୍ଜା, ନିର୍ମାଣ, ଆନୁଷ୍ଠାନିକ କାମ, ମେଳା ମହୋତ୍ସବ, ନୃତ୍ୟ ଓ ସଙ୍ଗୀତରେ ମଜ୍ଜି ରହିପାରନ୍ତି। ଆର୍ଥିକ ଦିଗଟି ଭଲ ରହିବ ଓ କୌଣସି ଜନ ହିତକର କାମରେ ତାହାକୁ ବିନିଯୋଗ କରିବା ପାଇଁ ଚିନ୍ତା କରିବେ। କୌଣସି ବନ୍ଧୁଙ୍କ ସହ ଆଜିର ଆଲୋଚନା ନିଷ୍ଫଳ ହେବନାହିଁ।

**ମୀନ** ମତାନ୍ତରଜନିତ ପାରିବାରିକ ଦିଗରୁ କେତେକ ବ୍ୟତିକ୍ରମ ସୃଷ୍ଟି ହେବାର ସମ୍ଭାବନା ରହିଛି। କେତେକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ କର୍ମକ୍ଷେତ୍ରରେ ସମାଲୋଚନା ଶୁଣିବାକୁ ପଡିବ। ଶିଳ୍ପ, ବାଣିଜ୍ୟ, ଆମଦାନୀ କାରବାର ଓ ରାଜନୀତି କ୍ଷେତ୍ରରେ ସଫଳତା ହାସଲ କରିବେ।

ଆଜି ଆଶ୍ୱିନ ଶୁକ୍ଳ ତ୍ରୟୋଦଶୀ ସୋମବାର, ଅକ୍ଟୋବର ୨୨ ତାରିଖ, ରାଶି ନକ୍ଷତ୍ର-ଦିବା ଘ୬।୫୭ମି. ଗତେ, ଉତ୍ତର ଭାଦ୍ରପଦ/ମୀନ, ଧନୁ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୭।୧୩ମି. ମଧ୍ୟେ ଘ୧।୧୪ମି. ଗତେ, ଘ୨।୫୮ମି. ମଧ୍ୟେ ଘ୪।୨୭ମି. ଗତେ, ଘ୬।୦୨ମି. ମଧ୍ୟେ ଅମୃତବେଳା। ଦିବା ଘ୮।୦୬ମି. ଗତେ ଘ୧୦।୧୯ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୭।୧୩ମି. ଗତେ ଘ୮।୩୯ମି. ମଧ୍ୟେ ରାହୁକାଳ।

## classified




**SALE**

Maruti Swift ZDI, VDI, Pajero, A-star, Automatic, Skoda Octavia, Captiva, Passat. 7381091234, 9861194627. D-64344




**SALE**

ଭୁବନେଶ୍ୱର ରଙ୍ଗବଜାର ପାଖରୁ 4 km. ଦୂରତ୍ୱରେ Gayatri College ନିକଟରେ 30' road ଥାଇ Demarcated gharabari plot ପଟ୍ଟାସହିତ 390/-ରେ ବିକ୍ରି ହେଉଅଛି। 9437114429, 9938214443. D-64342

Bhubaneswar AIIMS Hospital, DOON School 30' road gharabari possession plot. 9438763122. D-64707

Litigation free plots near Xavier University backside BDA Zone, Bhubaneswar. Sqft.-250/-, 160/-. 9337259012, 9937746907. D-64343

3000 sqft. yellowzone plot near GITA Infosys-2 roadside Bhubaneswar. 9438400633. D-64350

Morningsun Residency simplex near Hanspal-28,00,000/- (Handover within 1month) 8908015464, 9853347909. D-64349




Prabhakar construction complete finishing building 1350/- semifinished 1150/-. 9437025258, 9437484711. D-8967




Four Bedded House, 1st floor, three Toilets with garage available near ITER Square. Contact: 8328879500. D-9001

1BHK house first floor Brahmeswarpatna, Tankapani road, Bhubaneswar. 9338444341, 06742381585. D-63919




Fully refreshed/ relaxed body massage by expert therapist, Shastrinagar. 7377984773. D-64190

Rejuvenate and Ayurvedic full body massage by smart therapist. 9114402304. D-64188

Pamper yourself this Mansoon profesional massage. Contact Purple Orchid. 9776598888. D-64189

Newly open herbal full body massage with re-freshment well trained therapist. 7381239385. D-64621

Newly opening ayurvedic body massage smart therapist, Shree herbal. 7750020754. D-65117

Ayurvedic herbal body massage by smart expert therapist. 9040900385, 9778137131. D-64622

Experience full body massage with us by experts. Enquiry: 7377048581. D-65120

Physiotherapy and herbal massage by trained ladies/ gents therapist. 9938811534. D-65034

Saishree ayurvedic full body massage ladies & gents. Contact: 7438896074. D-64623

Ayurvedic full body massage ladies / gents smart experts therapist. 9114697517. D-64624

Herbal full body massage by smart/ expert therapist. Contact: 8338067247. D-65121

All type of full body massage by expert therapist. 7609005923. D-65122

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ପ୍ରଥମ ପୃଷ୍ଠାରୁ...



କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ ଅବରୋଧ।



ଅବରୋଧ ବେଳେ ଏସ୍‌ପିଙ୍କ ଗାଡ଼ିକୁ ଘେରିଛନ୍ତି ଉତ୍ତ୍ୟକ୍ତ ଲୋକେ।

## ପୁଣି ମଣିଷ...

କିଛି ସମୟ ପରେ ସୁରେଶ ଘରକୁ ଫେରି ଆସିଥିଲେ। କିନ୍ତୁ ତ୍ରିନାଥ ଘରକୁ ନ ଆସି ପାଣିହତାକୁ ଶୌଚ ପାଇଁ ଯାଇ ମାଛ ଧରୁଥିଲେ। ସେହି ସମୟରେ ସେଠାରେ ଲୁଚି ରହିଥିବା ବାଘୁଣୀ ତ୍ରିନାଥଙ୍କୁ ଆକ୍ରମଣ କରିଥିଲା। ଖବରପାଇ ଗ୍ରାମବାସୀ, ପୋଲିସ ଓ ମନିଟରିଂ ପାଇଁ ଗାଁରେ ଥିବା ବନ କର୍ମଚାରୀମାନେ ସେଠାରେ ପହଞ୍ଚି ମୃତଦେହକୁ ବାଘୁଣୀ ଖାଉଥିବା ଦେଖିଥିଲେ। ଏହି ସମୟରେ ଖବର ସଂଗ୍ରହ ପାଇଁ ଯାଇଥିବା ଜଣେ ଖବରଦାତା ଟାଇଁସି ଗ୍ରାମର ରଘୁନାଥ ସାହୁ ଓ ଦେଖଣାହାରୀ ରୁଡ଼ସିଙ୍ଗା ଗ୍ରାମର ଭଗବାନ ସାହୁଙ୍କୁ ଲୁଚି ରହିଥିବା ସୁନ୍ଦରୀ ଆକ୍ରମଣ କରିଥିଲା। ତେବେ ଉପସ୍ଥିତ ଲୋକମାନଙ୍କ ପାଟି ଓ ପୁରୁଣାକୋଟ ଆଇଆଇସି ବିଜୟ କୁମାର ହାଇବ୍ରୋଙ୍କ ୩ ରାଉଣ୍ଡ ଫାଙ୍କା ଗୁଳି ଚାଳନା ଶବ୍ଦ ଶୁଣି ବାଘୁଣୀ ଜଙ୍ଗଲ ମଧ୍ୟକୁ ପଳାଇ ଯାଇଥିଲା। ଆହତ ରଘୁନାଥ ଓ ଭଗବାନଙ୍କୁ ତୁରନ୍ତ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ତେବେ ଘଟଣାକୁ ନେଇ ପୂର୍ବରୁ ଅସନ୍ତୋଷ ଥିବା ଅଞ୍ଚଳବାସୀ ଅତିରିକ୍ତ ଏସିଏଫ୍ ଆର.କେ. ସ୍ୱାଇଁ, ପମ୍ପାସର ରେଞ୍ଜର ବ୍ରଜମୋହନ ପଟ୍ଟନାୟକ, ପୁରୁଣାକୋଟ ରେଞ୍ଜର ଗଜେନ୍ଦ୍ର ବେହେରାଙ୍କ ସହିତ ୮ଜଣଙ୍କୁ ୧୨ ଘଣ୍ଟା ଯାଏ ଗାଁ କୋଠଘରେ ଅଟକ ରଖିଥିଲେ। ଏଥିସହିତ ହିଞ୍ଚାଡୋଲି ବିଟ୍ ହାଉସ ଓ ଜଗନ୍ନାଥପୁର ନିକଟବର୍ତ୍ତୀ ରିଜର୍ଭ ଜଙ୍ଗଲରେ ନିଆଁ ଲଗାଇ ଦେଇଥିଲେ। ପମ୍ପାସର ରେଞ୍ଜ ମୁଖ୍ୟ ଗେଟ୍‌ରେ ତାଲା ପକାଇ ଦେଇଥିଲେ। ଉତ୍ତେଜନା ଖବରପାଇ ଅତିରିକ୍ତ ଏସ୍‌ପି ଯଦୁନାଥ ହାଁସଦା, ଅନୁଗୋଳ ଏସ୍‌ଡିପିଓ ହରିହର ପାଣି, ଆଠମଲ୍ଲିକ ଏସ୍‌ଡିପିଓ ଆଲବିନିୟସ କେରେକେଟା, ପୁରୁଣାକୋଟ ଆଇଆଇସି ବିଜୟ କୁମାର ହାଇବ୍ରୋ, ବନ୍ତଲା ଆଇଆଇସି ସବ୍ୟସାଚୀ ରାଉତ, ଅନୁଗୋଳ ଆଇଆଇସି ରମେଶ ଚନ୍ଦ୍ର ବିଶୋଇ, ଜରପଡ଼ା ଓ ଠାକୁରଗଡ଼ ଆଇଆଇସିଙ୍କ ସମେତ ୬ ପ୍ଲାଟୁନ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ସମୟରେ ଉତ୍ତ୍ୟକ୍ତ ଲୋକେ ଅତିରିକ୍ତ ଏସ୍‌ପିଙ୍କ ଗାଡ଼ି (ନଂ. ଓଡି୦୫ଏଲ୍-୭୩୨୨), ପମ୍ପାସର ଓ ପୁରୁଣାକୋଟ ରେଞ୍ଜରଙ୍କ ୨ଟି ଗାଡ଼ି ଭଙ୍ଗାରୁଜା କରିଥିଲେ। ଏପରି କି ବୁଝାଶୁଝା ପାଇଁ ପହଞ୍ଚିଥିବା ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କ କଥା ମଧ୍ୟ ସେମାନେ ଶୁଣି ନ ଥିଲେ। ତୁରନ୍ତ ଆର୍‌ସିସିଏଫ ଘଟଣାସ୍ଥଳକୁ ଆସିବା ସହିତ ବାଘୁଣୀକୁ ସାତକୋଶିଆରୁ ହଟାଯାଉ ଓ ମୃତକଙ୍କ ପରିବାରଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯାଉ ବୋଲି ସେମାନେ ଦାବି କରିଥିଲେ। ଅପରାହ୍ନ ୩ଟାରେ ସେମାନେ ମୃତଦେହ ଧରି ୫୫ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ।

## ବିସ୍ଫୋରଣରେ ୭ ...

ଯବାନଙ୍କ ଜବାବୀ କାର୍ଯ୍ୟାନୁଷ୍ଠାନରେ ଲଶ୍କର କମାଣ୍ଡର ଶିରାଜ୍ ମୌଲବୀଙ୍କ ସମେତ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ଉଭୟ ପଟୁ କିଛି ଘଣ୍ଟା ଧରି ଗୁଳି ବିନିମୟ ଚାଲିଥିଲା। ତେଣୁ ଏନ୍‌କାଉଣ୍ଟର ସ୍ଥଳକୁ ନ ଯିବା ପାଇଁ ପୋଲିସ ପକ୍ଷରୁ ବାରମ୍ବାର ସାଧାରଣ ଲୋକଙ୍କୁ ତାଗିଦ୍ କରାଯାଇଥିଲା। ହେଲେ ପୋଲିସର ବାରଣକୁ ଅବଜ୍ଞା କରି କେତେଜଣ ଲୋକ ସେଠାକୁ ଯାଇଥିଲେ। ଗୁଳି ବିନିମୟ ବେଳେ କେତେକ ଘରେ ନିଆଁ ଲାଗିଯାଇଥିବାରୁ ତାକୁ ଲିଭାଇବା ପାଇଁ କେତେକେ ଉଦ୍ୟମ କରିଥିଲେ। ନିକଟସ୍ଥ ଏକ ସ୍ଥାନରେ ବିସ୍ଫୋରଣ ହେବା ପରେ ସ୍ଥିତି ଅଧିକ ସଙ୍ଗିନ ହୋଇଯାଇଥିଲା। ବିସ୍ଫୋରଣରେ ଉବୈଦ୍ ଲାଓ୍ୱେ ନାମକ ଜଣେ ବିକ୍ଷୋଭକାରୀ ପ୍ରାଣ ହରାଇଥିବାବେଳେ ଅନ୍ୟ କେତେଜଣ ସାଧାରଣ ଲୋକ ଗୁରୁତର ହୋଇଥିଲେ। ଆହତମାନଙ୍କୁ କୁଲଗାମ୍ ଓ ଶ୍ରୀନଗର ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଦୁଇ ହସ୍ପିଟାଲରେ ଡାକ୍ତରମାନେ ୬ ଜଣଙ୍କୁ ମୃତ ଘୋଷଣା କରିଥିଲେ। ପ୍ରାୟ ୨୦ ଜଣ ଆହତ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି।

ଇତିମଧ୍ୟରେ ଏହି ଘଟଣାକୁ ନେଇ ଲାରୁ ଗ୍ରାମରେ ଯବାନ ଓ ଜନତା ମୁହାଁମୁହିଁ ହୋଇଛନ୍ତି। ଗୁଜବଜନିତ ବିକ୍ଷୋଭ ଓ କୌଣସି ପ୍ରକାର ଅପ୍ରୀତିକର ସ୍ଥିତିକୁ ଏଡାଇବା ପାଇଁ କୁଲଗାମ୍ ଜିଲାରେ ମୋବାଇଲ୍ ଏବଂ ଇଣ୍ଟରନେଟ୍ ସେବାକୁ ବାତିଲ କରାଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି ଏବଂ ଓମାର ଅବ୍‌ଦୁଲ୍ଲା ଏହାର ନିନ୍ଦା କରିଛନ୍ତି। କୁଲଗାମ୍ ବିଧାୟକ ତଥା ସିପିଏମ୍ ନେତା ଏମ୍.ୱାଇ. ତାରିଗାମି ଏହାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ବିଚ୍ଛିନ୍ନତାବାଦୀ ନେତାମାନେ ଏହାକୁ 'ରକ୍ତସ୍ନାନ' ବୋଲି ଅଭିହିତ କରିବା ସହ ସୋମବାର ବ୍ୟାପକ ବିକ୍ଷୋଭ ଓ ଆନ୍ଦୋଳନ ପାଇଁ ଡାକରା ଦେଇଛନ୍ତି।

## ୩ ଯବାନ ...

ସେକ୍ଟରରେ ରବିବାର ଅପରାହ୍ନ ୧ଟା ୪୫ରେସଶସ୍ତ୍ର ପାକିସ୍ତାନୀ ଆତଙ୍କବାଦୀମାନେ ଅନୁପ୍ରବେଶ ଉଦ୍ୟମ କରିଥିଲେ। ଯବାନମାନେ ଅନୁପ୍ରବେଶକାରୀଙ୍କୁ ଏଥିରୁ ନିବୃତ୍ତ ରହିବାକୁ କହିବାରୁ ସେମାନେ ଭାରତୀୟ ସେନାକୁ ଚ୍ୟାଲେଞ୍ଜ କରିଥିଲେ। ଯବାନମାନେ ଏହାର ମୁହଁତୋଡ଼ ଜବାବ ଦେଇଥିଲେ। ଉଭୟ ପଟୁ ଗୁଳିବିନିମୟ ଚାଲିଥିବାବେଳେ ୨ ଅନୁପ୍ରବେଶକାରୀ ଟଳିପଡ଼ିଥିଲେ। ଅନୁପ୍ରବେଶକାରୀଙ୍କ ଗୁଳିମାଡ଼ରେ ୩ ଯବାନ ଶହୀଦ ଓ ଜଣେ ଆହତ ହୋଇଛନ୍ତି। ଆହତ ଯବାନଙ୍କୁ ହେଲିକପ୍ଟରରେ ଉଦ୍ଧମପୁର ସେନା ହସ୍ପିଟାଲକୁ ନିଆଯାଇଛି। ଅନୁପ୍ରବେଶକାରୀଙ୍କ ମୃତଦେହ ନିକଟରୁ ୨ଟି ଏକେ-୪୭ ସମେତ କେତେକ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଅପରେଶନ ଜାରି ରହିଥିବା ଜଣେ ସେନା ଅଧିକାରୀ ସୂଚନା ଦେଇଛନ୍ତି। ନିହତ ଅନୁପ୍ରବେଶକାରୀମାନେ ପାକିସ୍ତାନର ବର୍ଡର ଆକ୍ସନ ଟିମ୍ (ବିଏଟି) ସଦସ୍ୟ ବୋଲି ଜଣାପଡ଼ିଛି। ବିଏଟି ହେଉଛି ପାକିସ୍ତାନୀ ସୈନ୍ୟ ଓ ତାଲିମପ୍ରାପ୍ତ ଆତଙ୍କବାଦୀଙ୍କୁ ନେଇ ଗଠିତ ଏକ ଘାତକ ଦଳ, ଯାହା ଏଲ୍‌ଓସିରେ ଯବାନମାନଙ୍କୁ ଟାର୍ଗେଟ କରିଥାଏ। ଅନ୍ୟପକ୍ଷରେ ରାଜସ୍ଥାନର ଶ୍ରୀଗଙ୍ଗନଗର ଜିଲା ସଂଲଗ୍ନ ଅନ୍ତର୍ଜାତୀୟ ସୀମାରେ ବିଏସ୍‌ଏଫ୍ ଯବାନଙ୍କ ଗୁଳିମାଡ଼ରେ ଅନ୍ୟ ଜଣେ ପାକିସ୍ତାନୀ ଅନୁପ୍ରବେଶକାରୀ ନିହତ ହୋଇଥିବା ଜଣାପଡ଼ିଛି।

# ସରିଲା ପୂଜା, ନିର୍ବାଚନୀମୁହାଁ ରାଜନୈତିକ ଦଳ

- ସରକାର ବିରୋଧୀ ହାୱା ନାହିଁ: ପ୍ରଶାନ୍ତ
- ଭାଜପା ହିଁ ବିକଳ୍ପ : ଲେଖାଶ୍ରୀ
- କଳାଧନ, କ୍ଷମତା ଅପବ୍ୟବହାରରେ କଂଗ୍ରେସ ପଛୁଆ: ଅମିୟ

ଭୁବନେଶ୍ୱର,୨୧।୧୦(ବ୍ୟୁରୋ)

ଶାରଦୀୟ ପୂଜା ସରିଯାଇଛି। ଦିନ କେଇଟା ପରେ ଅକ୍ଟୋବର ବିଦାୟ ନେବାକୁ ଯାଉଛି। ପୂର୍ବର ସାଧାରଣ ନିର୍ବାଚନ କାର୍ଯ୍ୟସୂଚୀକୁ ଦେଖିଲେ ଆସନ୍ତା ମାର୍ଚ୍ଚ-ଏପ୍ରିଲରେ ଭୋଟ ହେବ। ଓଡ଼ିଶାରେ ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ହେବ। ରାଜନୈତିକ ଦଳ ପାଖରେ ଆଉ ରହିଲା ୫ ମାସ ସମୟ। ଏହି ସ୍ୱଳ୍ପଅବଧି ମଧ୍ୟରେ ହିଁ ତୃଣମୂଳରେ ଦଳକୁ ଗ୍ରହଣୀୟ କରିବାକୁ ପଡିବ। ଏଥିପାଇଁ ସବୁ ରାଜନୈତିକ ଦଳ ପ୍ରସ୍ତୁତ ହେଉଥିବା ଜଣାପଡିଛି। ଶାସକ ବିଜେଡି ଅକ୍ଟୋବର ୨ରୁ ପଦଯାତ୍ରା ଆରମ୍ଭ କରିସାରିଛି। ତିତ୍‌ଲି ପ୍ରଭାବିତ ଅଞ୍ଚଳକୁ ବାଦ୍ ଦେଇ ଅନ୍ୟ ସମସ୍ତ ଅଞ୍ଚଳରେ ଏହା ଜାରି ରହିଛି। ଏହି ପଦଯାତ୍ରା ନଭେମ୍ବର ୨ ଯାଏ ଚାଲିବ ବୋଲି ପୂର୍ବରୁ କୁହାଯାଇଥିଲା। ଯେଉଁ ସ୍ଥାନଗୁଡିକରେ ପଦଯାତ୍ରା ବିଭିନ୍ନ କାରଣରୁ ପ୍ରଭାବିତ ହୋଇଛି, ସେସବୁ ଅଞ୍ଚଳରେ ନଭେମ୍ବର ୧୧ ଯାଏ ଏହା ଚାଲୁ ରହିବ ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି। ସାଧାରଣ ନିର୍ବାଚନ ନିକଟବର୍ତ୍ତୀ ହେଉଥିବାରୁ ବିଜେଡିର ଆଭିମୁଖ୍ୟ କ'ଣ ରହିବ, ସେ ନେଇ ମନ୍ତବ୍ୟ ଦେଇଛନ୍ତି ରାଜ୍ୟ ସଭା ଏମ୍‌ପି ତଥା ମୁଖପାତ୍ର ପ୍ରଶାନ୍ତ ନନ୍ଦ। ସେ କହିଛନ୍ତି ଯେ, ପଦଯାତ୍ରାରେ ପୂର୍ବବର୍ଷ ତୁଳନାରେ ଅଧିକ ଲୋକ ଯୋଡ଼ିହେଉଛନ୍ତି। ଗାଁ ଗାଁରେ ଏବଂ ସହରର ପ୍ରତି ଗଳିରେ ବିଜେଡି କର୍ମୀମାନେ ବିକାଶର ବାର୍ତ୍ତା ପହଞ୍ଚାଉଛି। ନିକଟରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ନୂଆଖାଇ ପର୍ବ ପାଳନ କରାଯାଇଥିଲା। ଏଥିରେ ସ୍ୱତଃପ୍ରବୃତ୍ତ ଭାବେ ଜନସାଧାରଣ ଯୋଡ଼ିହୋଇଥିଲେ, ଯାହା ପରବର୍ତ୍ତୀ ସମୟରେ ପଦଯାତ୍ରାକୁ ଆହୁରି ଜନାଦୃତ କରିଥିଲା ବୋଲି ପ୍ରଶାନ୍ତ କହିଛନ୍ତି। ୨୦୦୦, ୨୦୦୪, ୨୦୦୯ ଏବଂ ୨୦୧୪ରେ ବିଜେଡି ଶକ୍ତିଶାଳୀ ବିରୋଧୀ ଦଳର ସମ୍ମୁଖୀନ ହୋଇ ନ ଥିଲା। ୨୦୧୯ରେ ଭାଜପା ଏକ ଶକ୍ତିଶାଳୀ ରାଜନୈତିକ ଶତ୍ରୁଭାବେ ଉଭା ହୋଇଛି। ଏହା ବିଜେଡିକୁ ଅକଳରେ ପକାଇବ କି ବୋଲି ପ୍ରଶ୍ନର ଉତ୍ତର ରଖିଛନ୍ତି ପ୍ରଶାନ୍ତ। ସେ କହିଛନ୍ତି ଯେ, ଦୀର୍ଘ ୧୮ ବର୍ଷର ଶାସନ ପରେ ସରକାର ବିରୋଧୀ ହାୱା ଦେଖାଯାଉନାହିଁ। ବିଭିନ୍ନ ସର୍ଭେରେ ନବୀନ ବାବୁ ସର୍ବୋଚ୍ଚ ସ୍ଥାନରେ ରହିଛନ୍ତି। ତୃଣମୂଳରେ ଯେଉଁ ନେତା ଜନସାଧାରଣଙ୍କ ବିଶ୍ୱାସଭାଜନ ହେଉନାହାନ୍ତି, ସେଠାରେ କର୍ମୀଙ୍କ ମନପସନ୍ଦର ନେତୃତ୍ୱ ଦଳ ଦେବ। ବିରୋଧୀ ଶକ୍ତିଶାଳୀ ବୋଲି ପ୍ରତୀୟମାନ ହେଉଛି ହେଲେ ବାସ୍ତବରେ ସେପରି ନୁହେଁ, ଯାହା ବିଜେପୁର ଉପନିର୍ବାଚନରୁ ପ୍ରମାଣିତ ବୋଲି ପ୍ରଶାନ୍ତ କହିଛନ୍ତି।

ସେହିପରି ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ, ବିଜେଡିର ଦଳୀୟ କାର୍ଯ୍ୟକ୍ରମ ବୋଲି କିଛି ନ ଥାଏ। ତୃଣମୂଳରେ ନେତାମାନେ ଲୋକପ୍ରିୟତା ହରାଇ ଥିବାରୁ ଜିଲା ଏସ୍‌ପି, କଲେକ୍ଟରଙ୍କୁ ନେଇ ତୃତୀୟ ମହଲା କାମ ଚଳାଉଛି। ଅପରପକ୍ଷରେ ଭାଜପାର ପ୍ରତିଦିନ ରାଜନୈତିକ କାର୍ଯ୍ୟକ୍ରମ ରହୁଛି। ମହିଳା ମୋର୍ଚ୍ଚାଠାରୁ ଆରମ୍ଭ କରି କୃଷକ ମୋର୍ଚ୍ଚା ସମସ୍ତେ ରାଜରାସ୍ତାରେ। ନିକଟରେ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସମାପ୍ତ ହୋଇଛି। ଶାସକ ବିଜେଡି ବର୍ତ୍ତମାନ ଆଗରେ ଥିବା ଭଳି ଅନ୍ୟମାନଙ୍କୁ ଲାଗୁଛି। ମାତ୍ର ବାସ୍ତବରେ ତାହା ନୁହେଁ। ଭାଜପାର ଲୋକପ୍ରିୟତା ବଢୁଛି। ନିର୍ବାଚନକୁ ୫ ମାସ ସମୟ ଥିବାରୁ ଭାଜପା ହିଁ ରାଜ୍ୟରେ ବିକଳ୍ପ ଭାବେ ଉଭା ହେବ ବୋଲି ଲେଖାଶ୍ରୀ କହିଛନ୍ତି। ନଭେମ୍ବର ପହିଲାରୁ ମାସେ ବ୍ୟାପୀ ଭାଜପା ପକ୍ଷରୁ ଜାଗରଣ ଯାତ୍ରା ଆରମ୍ଭ ହେବାକୁ ଯାଉଛି। ନିକଟରେ ସାରା ରାଜ୍ୟରେ ଆୟୁଷ୍ମାନ ଯୋଜନା ଲାଗୁ ପାଇଁ ରାଜ୍ୟପାଳଙ୍କୁ ଦଳ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଅପରପକ୍ଷରେ କଂଗ୍ରେସ ଦଳର ଆଭିମୁଖ୍ୟ ସମ୍ପର୍କରେ ମନ୍ତବ୍ୟ ଦେଇ ଅମିୟ ପାଣ୍ଡବ କହିଛନ୍ତି ଯେ, କଂଗ୍ରେସ ଦଳ ପ୍ରଥମେ ହିଁ ତିତ୍‌ଲି ପ୍ରଭାବିତଙ୍କ ପାଖରେ ପହଞ୍ଚିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଳମ୍ବରେ ତୃଣମୂଳକୁ ଯାଇଥିଲେ। ଦକ୍ଷିଣ ଓଡ଼ିଶାରେ ଜୋନ୍ ଅନୁଯାୟୀ କାମ ଚାଲିଛି। ବାଲେଶ୍ୱର ପରେ ମୟୂରଭଞ୍ଜରେ ଜନଜାଗରଣ ଯାତ୍ରା ହେବ। ଏହା ୧୪୭ ବିଧାନସଭା ନିର୍ବାଚନମଣ୍ଡଳୀ ବୁଲିବ। କଂଗ୍ରେସ ଦଳର ପ୍ରଭାରୀ ଏବଂ ପର୍ଯ୍ୟବେକ୍ଷକମାନେ କର୍ମୀଙ୍କ ମନପସନ୍ଦର ବ୍ୟକ୍ତିତ୍ୱଙ୍କ ପ୍ରାର୍ଥିତ୍ୱ ଉପରେ ଗୁରୁତ୍ୱ ଦେଉଛନ୍ତି। ହେଲେ କଳାଧନ ଏବଂ କ୍ଷମତା ଅପବ୍ୟବହାରରେ କଂଗ୍ରେସ ବିଜେଡି-ଭାଜପାଠାରୁ ପଛରେ ଅଛି ବୋଲି ଅମିୟ କହିଛନ୍ତି।


## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତା ମନୋରମା ବେହେରା**

ଆବିର୍ଭାବ: ୦୨।୧୨।୧୯୫୨
ତିରୋଧାନ: ୧୨।୧୦।୨୦୧୮
ସ୍ୱାମୀ: ଇଂ.କୃଷ୍ଣଚନ୍ଦ୍ର ବେହେରା
ଧାନମଣ୍ଡଳ, ବ୍ରାହ୍ମଣ ସାଇଲୋ
ଗୋବିନ୍ଦପୁର, କଟକ

ତୁମର ସ୍ନେହ, ଶ୍ରଦ୍ଧା, ସରଳତା, ତ୍ୟାଗ, ଭଲପାଇବା, ପରୋପକାରିତା ଆମମାନଙ୍କ ପାଇଁ ଅବିସ୍ମରଣୀୟ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ ବିନମ୍ର ପ୍ରାର୍ଥନା କରୁଅଛୁ। ହତଭାଗ୍ୟ: ସ୍ୱାମୀ, ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ। ଧ-୬୨୩୦୭

### ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**✓ କୁନ୍ତଳା ବେହେରା**

ସ୍ୱାମୀ - ✓ ଇଂ.ଦୈତ୍ୟାରୀ ବେହେରା
୨୧୨୦, କଳ୍ପନା ଏରିଆ,
ସବରସାହି ଲେନ୍, ଭୁବନେଶ୍ୱର
ଆବିର୍ଭାବ : ୦୧.୧୨.୧୯୩୦
ତିରୋଧାନ : ୨୭.୧୦.୨୦୧୨

ଆଜି ଆପଣଙ୍କର ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମ୍ଳାନ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ବନ୍ଧୁ ଓ ପରିବାରବର୍ଗ

ଧ-୮୯୮୧

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



**✓ ସୁବାସ ଚନ୍ଦ୍ର ସାହୁ**

ଫେଜ୍-୨, ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ : ୧୧.୦୫.୧୯୭୧
ତିରୋଧାନ :୧୩.୧୦.୧୬ (ଆଶ୍ୱିନ-ଶୁକ୍ଳ-ତ୍ରୟୋଦଶୀ)

ଯା' ଭିତରେ ଦୁଇ ବର୍ଷ ବିତି ଗଲାଣି । ତୁମ ସ୍ନେହ, ଶ୍ରଦ୍ଧାରୁ ବଂଚିତ ହୋଇ ତୁମକୁ ଝୁରି ଝୁରି ପ୍ରତିଟି ମୁହୂର୍ତ୍ତ ଅତ୍ୟନ୍ତ ଦୁଃଖରେ କାଟୁଛି । ତେବେ ବି ତୁମ ଅମର ଆତ୍ମାର ଚିର ଶାନ୍ତି ପାଇଁ ପ୍ରଭୁଙ୍କଠାରେ ଆମ୍ଭମାନଙ୍କର ବିନମ୍ର ପ୍ରଣତି । ତୁମେ ପ୍ରୀତି ଓ ପ୍ରିନ୍‌ସେସ୍ କୁ ଅଶିର୍ବାଦ କର ସେମାନେ ଯେପରି ବଡ଼ ମଣିଷ ହୋଇ ଦୁନିଆରେ ତୁମ ନାମ ରଖିବେ।

ତୁମର ହତଭାଗିନୀ ସ୍ତ୍ରୀ-ଇଲା (ସୁଚିସ୍ମିତା)

ଧ-୮୯୮୦



ଚନ୍ଦ୍ରରୁ ପୃଥିବୀକୁ ଖସି ଥିବା ଉଲକାପିଣ୍ଡ ପଥର ୪୫୦ ଲକ୍ଷ ୩ ହଜାର ୪ ଶହ ୩୭ ଟଙ୍କାରେ ବିକ୍ରି ହୋଇଛି। ଏହାକୁ ଏନ୍‌ଡବ୍ଲୁଏ–୧୧୭୮୯ ଭାବେ ନାମିତ କରାଯାଇଥିଲା। ଏହାର ଓଜନ ୫.୫କିଗ୍ରା ବୋଲି ନିଲାମକାରୀ କହିଛନ୍ତି। ଏହା ଉତ୍ତରପଶ୍ଚିମ ଆଫ୍ରିକାର ମରୁଭୂମି ଅଞ୍ଚଳରୁ ମିଳିଥିଲା।






## ସଂକ୍ଷେପରେ

### ୨ ବାଇକ୍ ମୁହାଁମୁହିଁ ଧକ୍କା: ୨ ମୃତ, ୩ ଗୁରୁତର

ଝରିଗାଁ,୨୧।୧୦(ସ୍ୱ.ପ୍ର): ନବରଙ୍ଗପୁର ଜିଲା ଝରିଗାଁ ଥାନା ଅନ୍ତର୍ଗତ ଚିକିଲି ମେହେର ସାହି ନିକଟରେ ଶନିବାର ରାତିରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ଘଟଣା ସ୍ଥଳରେ ୨ ବାଇକ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ଝରିଗାଁ ବ୍ଲକ ଧୁମାମ୍ ଗ୍ରାମର କେଶବ ସାନ୍ତାଙ୍କ ପୁଅ ଜୟରାମ ସାନ୍ତା(୨୦) ଏବଂ ଚିକିଲି ଗ୍ରାମର ତିଲ ଜାନି(୨୭) । ଗୁରୁତର ୩ ଜଣଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଇଚ୍ଛାପୁର ପଞ୍ଚାୟତ ଧୁମାମ୍ ଗ୍ରାମର ୩ ଜଣ ଯୁବକ ଗୋଟିଏ ବାଇକରେ ବସି ଝରିଗାଁ ସଦର ମହକୁମା ଠାରେ ଆୟୋଜିତ ରାବଣ ପୋଡି ଦେଖି ନିଜ ଗାଁକୁ ଫେରୁଥିଲେ। ସେହିପରି ଅନ୍ୟ ଏକ ବାଇକରେ ଦୁଇ ଜଣ ଯୁବକ ଚିକିଲି ଗ୍ରାମରୁ ଝରିଗାଁ ଅଭିମୁଖେ ଯାଉଥିଲେ। ଚିକିଲି ମେହେର ସାହି ନିକଟରେ ଦୁଇ ବାଇକ ମଧ୍ୟରେ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ୨ ବାଇକ ଚାଳକ ଜୟରାମ ଏବଂ ତିଲଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଧୁମାମ୍ ଗ୍ରାମର ଶତ୍ରୁଘ୍ନ ସାନ୍ତା, ଅନ୍ତରାମ ସାନ୍ତା ଏବଂ ପାପଡାହାଣ୍ଡି ବ୍ଲକ ନାକଟିଗୁଡା ଗ୍ରାମର କାର୍ତ୍ତିକ ଜାନିଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

### ଅଷ୍ଟଧାତୁରେ ନିର୍ମିତ ଦୁର୍ଗା ମୂର୍ତ୍ତି ଚୋରି

ରାଜନଗର, ୨୧।୧୦ (ଡି.ଏନ୍.ଏ.): କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନରେ ଥିବା ଏକ ମନ୍ଦିରରୁ ଅଷ୍ଟଧାତୁରେ ନିର୍ମିତ ଦୁର୍ଗା ମୂର୍ତ୍ତି ଚୋରି ହୋଇଯାଇଛି। ଗତ ଦୁର୍ଗାଷ୍ଟମୀ ଦିନ କନିକା ରାଜାଙ୍କ ଦ୍ୱାରା ନିଯୁକ୍ତ ସେବାୟତମାନେ ମା'ଙ୍କ ପୂଜା କରିବାକୁ ଯାଇଥିବା ବେଳେ ସେଠାରେ ମୂର୍ତ୍ତି ନଥିବା ଦେଖିଥିଲେ। ଖବରପାଇ କନିକା ରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ ଶୁକ୍ରବାର ସେଠାରେ ପହଞ୍ଚିବା ସହ ମୂର୍ତ୍ତି ଚୋରି ସମ୍ପର୍କରେ ବନବିଭାଗ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ତେବେ ଏ ନେଇ ସୋମବାର ଥାନାରେ ଅଭିଯୋଗ କରାଯିବ ବୋଲି ରାଜା ଭଞ୍ଜଦେଓ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଅଷ୍ଟାଦଶ ଶତାବ୍ଦୀରେ କନିକା ରାଜାଙ୍କ ପକ୍ଷରୁ ଭିତରକନିକାର ପଦ୍ମ ପୋଖରୀ ନିକଟରେ ଏକ ଶିବ ମନ୍ଦିର ନିର୍ମାଣ କରାଯାଇଥିଲା। ଏଥିସହ ମନ୍ଦିର ଚତୁଃପାର୍ଶ୍ୱରେ ଅଷ୍ଟଧାତୁରେ ନିର୍ମିତ ମା'ଦୁର୍ଗାଙ୍କ ସମେତ ଅନ୍ୟ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତି ସ୍ଥାପନ କରାଯାଇଥିଲା। ସେଠାରେ ପ୍ରତିବର୍ଷ ଦୁର୍ଗାଷ୍ଟମୀ ତିଥିରେ ମା' ଦୁର୍ଗାଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥାଏ। ତେବେ ଚଳିତବର୍ଷ ରାଜ ପରିବାର ପକ୍ଷରୁ ରିଘାଗଡ଼ ବଳଦେବଜୀଉ ମନ୍ଦିର ମ୍ୟାନେଜର ସୁବାସ ଚନ୍ଦ୍ର ପାଣିଙ୍କ ନେତୃତ୍ୱରେ ସେବାୟତ ଶରତ ଦାଶ, ଶିବଶମ୍ଭୁ ତରାଇ, ଶରତ ମଲ୍ଲିକ, କମଳାକାନ୍ତ ମହାରଣା ପ୍ରମୁଖ ପୂଜା ପାଇଁ ଯାଇଥିଲେ। ମାତ୍ର ଅଷ୍ଟଧାତୁରେ ନିର୍ମିତ ଦୁର୍ଗାଙ୍କ ମୂର୍ତ୍ତି ମନ୍ଦିରରେ ନଥିବା ସେମାନେ ଦେଖିଥିଲେ। ଏ ସମ୍ପର୍କରେ ସେମାନେ ବନ ବିଭାଗ ଓ ରାଜାଙ୍କୁ ଜଣାଇଥିଲେ।

## ୫୯ତମ ରାଜ୍ୟସ୍ତରୀୟ ପୋଲିସ ଶହୀଦ ଦିବସ

# 'ସମ୍ମାନ ପ୍ରଦର୍ଶନ ପାଇଁ ନିର୍ଦ୍ଦିଷ୍ଟ ତାରିଖ ଜରୁରୀ ନୁହେଁ'

କଟକ ଅଫିସ, ୨୧।୧୦



ପୋଲିସ ଶହୀଦ ସ୍ମୃତି ଦିବସରେ ପୋଲିସ ମହାନିର୍ଦ୍ଦେଶକ ରାଜେନ୍ଦ୍ର ପ୍ରସାଦ ଶର୍ମା ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

୧୯୫୯ ଅକ୍ଟୋବର ୨୧ରେ ଚାଇନା ସୈନ୍ୟଙ୍କ ଆକ୍ରମଣରେ ଭାରତର ଲଦାଖ ଅଞ୍ଚଳରେ କାର୍ଯ୍ୟରତ ୧୦ ସିଆର୍‌ପିଏଫ୍ ଯବାନଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ସାରା ଭାରତରେ ଅକ୍ଟୋବର ୨୧କୁ ପୋଲିସ ଶହୀଦ ସ୍ମୃତି ଦିବସ ଭାବେ ପାଳନ କରାଯାଇଆସୁଛି। ହେଲେ ଶହୀଦମାନଙ୍କୁ ସମ୍ମାନ ପ୍ରଦର୍ଶନ ପାଇଁ କୌଣସି ନିର୍ଦ୍ଦିଷ୍ଟ ତାରିଖ ଜରୁରୀ ନୁହେଁ। ବର୍ଷର ଯେକୌଣସି ଦିନ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଶହୀଦଙ୍କୁ ସମ୍ମାନ ପ୍ରଦର୍ଶନ କରିପାରିବା ବୋଲି ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି।

ପୋଲିସ ମୁଖ୍ୟାଳୟରେ ରବିବାର ୫୯ତମ ରାଜ୍ୟସ୍ତରୀୟ ପୋଲିସ ଶହୀଦ ଦିବସ ପାଳନ ଅବସରରେ ଡିଜିପି ଏହା କହିବା ସହିତ ଶହୀଦମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦେଶରେ ଶାନ୍ତି ପ୍ରତିଷ୍ଠା, ସୀମା ସୁରକ୍ଷା ଏବଂ ଆଭ୍ୟନ୍ତରୀଣ ସୁରକ୍ଷା କ୍ଷେତ୍ରରେ ଅର୍ଦ୍ଧସାମରିକ ବଳ ଏବଂ ରାଜ୍ୟ ଆରକ୍ଷୀ ବଳର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ବୋଲି ଡିଜିପି କହିଥିଲେ। ଏହି ଅବସରରେ ବୀର ଶହୀଦ ଯବାନଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହିତ ତୋପ ସଲାମୀ ଦିଆଯାଇଥିଲା। ଝାରସୁଗୁଡ଼ା ପୋଲିସ ପ୍ରଶିକ୍ଷଣ କେନ୍ଦ୍ରର ଉପଦୁର୍ଗପତି ଆଶିଷ କୁମାର ଦୁବେଙ୍କ ନେତୃତ୍ୱରେ ଏକ ପରେଡ ସମାରୋହ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଦେଶରେ ବିଭିନ୍ନ ଆରକ୍ଷୀ ବିଭାଗରେ ୪୧୪ ଯବାନ ପ୍ରାଣବଳି ଦେଇଛନ୍ତି। ସେମାନଙ୍କ ମଧ୍ୟରେ ଆନ୍ଧ୍ରପ୍ରଦେଶର ୬, ଆଣ୍ଡାମାନ ନିକୋବରର ୧, ଆସାମର ୨, ବିହାରର ୧୦, ଛତିଶଗଡ଼ର ୨୫, ଦିଲ୍ଲୀର ୧୩, ଗୁଜରାଟର ୧, ହରିୟାଣାର ୨, ଜମ୍ମୁ–କଶ୍ମୀରର ୪୬, ଝାଡ଼ଖଣ୍ଡର ୭, କର୍ଣ୍ଣାଟକର ୧୫, କେରଳର ୬, ମଧ୍ୟପ୍ରଦେଶର ୮, ମହାରାଷ୍ଟ୍ରର ୩, ମଣିପୁରରୁ ୩, ମେଘାଳୟ, ରାଜସ୍ଥାନ, ସିକିମ୍‌ରୁ ଜଣେ ଲେଖାଏ, ଉତ୍ତରପ୍ରଦେଶର ୬୭, ତାମିଲନାଡୁର ୨, ତେଲେଙ୍ଗାନାର ୨, ପଶ୍ଚିମବଙ୍ଗର ୧୮, ଆସାମ ରାଇଫଲର ୮, ବିଏସ୍‌ଏଫ୍‌ର ୪୨, ସିଆଇଏସ୍‌ଏଫ୍‌ର ୯, ସିଆର୍‌ପିଏଫ୍‌ର ୨୭, ଫାୟାର ସର୍ଭିସ୍, ସିଭିଲ୍ ଡିଫେନ୍ସ ଏବଂ ହୋମ୍‌ଗାର୍ଡର ୨୦, ଆଇଟିବିପିର ୩୪, ଏନ୍‌ସିବିର ୧, ଏନ୍‌ଡିଆର୍‌ଏଫ୍‌ର ୩, ଆର୍‌ପିଏଫ୍‌ର ୨୫, ଏସ୍‌ଏସ୍‌ବିର ଜଣେ ଯବାନ ରହିଛନ୍ତି। ଓଡ଼ିଶାରୁ କନଷ୍ଟେବଲ ସଞ୍ଜୟ ମାଝି ପ୍ରାଣବଳି ଦେଇଛନ୍ତି ବୋଲି ଆଇଜି ଅସିତ କୁମାର ପାଣିଗ୍ରାହୀ କହିଥିଲେ। ଏହି ଅବସରରେ ଡିଜିପି ଓଡ଼ିଶାର ୮ ଜଣ ଶହୀଦ ପରିବାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ ଶହୀଦମାନେ ହେଲେ ସିଆର୍‌ପିଏଫ୍‌ର ମନୋଜ ଲେଙ୍କା, ଆର୍.ଏନ୍. ମହାକୁଡ଼, ଓଡ଼ିଶା ପୋଲିସର ଭୋଳା ନାୟକ, ଦଣ୍ଡପାଣି ମିଶ୍ର, ସେକ୍ ସମରୁଦ୍ଦିନ, ପାର୍ଥରଞ୍ଜନ ବେହେରା, ସୁରେଶ ଚନ୍ଦ୍ର ଧଳ, ଶିବାଶିଷ ପଣ୍ଡା। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବହୁ ପୋଲିସ ଅଧିକାରୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ପୁରୀ ସରକାରୀ ମେଡିକାଲ କଲେଜ

# ଆସନ୍ତା ଶିକ୍ଷାବର୍ଷରୁ ପାଠପଢ଼ା ନେଇ ଅନିଶ୍ଚିତତା

ପୁରୀ ଅଫିସ,୨୧।୧୦



- ଏ ପର୍ଯ୍ୟନ୍ତ ହୋଇପାରିଲାନି ହସ୍‌ପିଟାଲ ବ୍ୟବସ୍ଥା
- ଆହୁରି ୨୦ ପ୍ରତିଶତ ନିର୍ମାଣ କାର୍ଯ୍ୟ ବାକି
- ଅନୁଧ୍ୟାନ ଲାଗି ଆସିବ ସ୍ୱାସ୍ଥ୍ୟ ବିଭାଗ ଟିମ୍

ପୁରୀ ସରକାରୀ ମେଡିକାଲ କଲେଜରେ ପାଠପଢ଼ା ଆରମ୍ଭ ହେବାନେଇ ସମୟ ଗଡ଼ି ଚାଲିଛି। ନିର୍ମାଣ କାର୍ଯ୍ୟ ଏ ପର୍ଯ୍ୟନ୍ତ ଶେଷ ହୋଇ ନ ଥିବାବେଳେ ଆହୁରି ୨୦ ପ୍ରତିଶତ ବାକି ରହିଛି। ମେଡିକାଲ କଲେଜ ପାଇଁ ହସ୍‌ପିଟାଲ ବ୍ୟବସ୍ଥା ଏ ପର୍ଯ୍ୟନ୍ତ ହୋଇନାହିଁ। ମେଡିକାଲ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ପକ୍ଷରୁ ଯାଞ୍ଚ ହୋଇ ପାଠପଢା ପାଇଁ ସବୁଜ ସଙ୍କେତ ମିଳିବାକୁ ଆହୁରି ୧ ବର୍ଷ ଲାଗିବ ବୋଲି କୁହାଯାଉଛି। ଏପରିସ୍ଥିତିରେ ଏହି ସରକାରୀ ମେଡିକାଲ କଲେଜରେ ୨୦୧୯–୨୦ ଶିକ୍ଷାବର୍ଷରୁ ପାଠପଢା ନେଇ ଆଶଙ୍କା ଉପୁଜିଛି। ଅନ୍ୟପକ୍ଷରେ ନିର୍ମାଣ କାର୍ଯ୍ୟ ଅଗ୍ରଗତି ଅନୁଧ୍ୟାନ ଲାଗି ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଶୀଘ୍ର ପୁରୀ ଆସିବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି।

ପୁରୀ ସହର ଉପକଣ୍ଠ ସମଙ୍ଗମୌଜାର ବାଲିଗୁଆଳିଠାରେ ୨୫ ଏକର ପରିମିତ ଜମିରେ ମେଡିକାଲ କଲେଜ କାର୍ଯ୍ୟ କରିବ। ଏଠାରେ ୧ଶହ ଛାତ୍ରୀଛାତ୍ର ଅଧ୍ୟୟନ ପାଇଁ ବ୍ୟବସ୍ଥା ରହିବ। କୋଠା ନିର୍ମାଣ ଲାଗି ୨୦୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ୨୦୧୫ ଜୁଲାଇ ୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶିଳାନ୍ୟାସ କରିବା ପରେ ଟେଣ୍ଡର ନେଇଥିବା ଏଲ୍‌ଆଣ୍ଡଟି କମ୍ପାନୀ ନିର୍ମାଣ ଆରମ୍ଭ କରିଥିଲା। ୨୦୧୭ ମାର୍ଚ୍ଚ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷହୋଇ ୨୦୧୭–୧୮ ଶିକ୍ଷାବର୍ଷରୁ ପାଠପଢା ଆରମ୍ଭ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। କିନ୍ତୁ ପ୍ରକଳ୍ପ କାମ ଆରମ୍ଭ ବିଳମ୍ବିତ ହୋଇଥିଲା। ନିର୍ମାଣାଧୀନ ଏହି ମେଡିକାଲ କଲେଜରେ ସମୁଦାୟ ୧୪ଟି ବ୍ଲକ ରହିଛି। ସେଥିରୁ ୫ ମହଲା ବିଶିଷ୍ଟ ପ୍ରଶାସନିକ ଭବନ କୋଠା, ୬ ମହଲା ବିଶିଷ୍ଟ କଲେଜ କୋଠା ଏବଂ ୬୫୦ ସିଟ୍ ଥିବା ଅଡିଟୋରିୟମର ନିର୍ମାଣ କାର୍ଯ୍ୟ ସରିଛି। କିନ୍ତୁ ଛାତ୍ରୀନିବାସ, ଛାତ୍ରାବାସ, ଇଣ୍ଟର୍ନସିପ୍ ଛାତ୍ରୀଛାତ୍ର ହଷ୍ଟେଲ, ରେସିଡେଣ୍ଟ ଡାକ୍ତରଙ୍କ ପାଇଁ ୫ ମହଲା ବିଶିଷ୍ଟ କୋଠା ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଶବ ସଂରକ୍ଷଣ ଗୃହ ଓ ଆନିମଲ ହାଉସ କାର୍ଯ୍ୟ କାମ ସରିନାହିଁ। ବାକି କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଆହୁରି ୬ ମାସ ସମୟ ଲାଗିବ ବୋଲି କୁହାଯାଉଛି। ମେଡିକାଲ କଲେଜ ମୁଖ୍ୟ ଫାଟକ ନିକଟରେ ଥିବା ୧୧କେଭି ବିଦ୍ୟୁତ୍ ଲାଇନ ସ୍ଥାନାନ୍ତର ଲାଗି ଏଯାଏ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏତେବଡ଼ ପ୍ରକଳ୍ପର କାର୍ଯ୍ୟ ଚାଲିଥିଲେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ ନିୟମିତ ତଦାରଖ କିମ୍ବା ସମୀକ୍ଷା କରାଯାଉ ନ ଥିବା ଅଭିଯୋଗ ହେଉଛି।


ଅନ୍ୟପକ୍ଷରେ ମେଡିକାଲ କଲେଜର ନିର୍ମାଣ ଓ ଭିତ୍ତିଭୂମି କାର୍ଯ୍ୟ ନ ସାରି ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ କରିବା ସମ୍ଭାବନା ମଧ୍ୟ କ୍ଷୀଣ। କାରଣ ଛାତ୍ରୀଛାତ୍ରଙ୍କ ପାଠପଢା ଲାଗି ପ୍ରାଥମିକ ପର୍ଯ୍ୟାୟରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅପଗ୍ରେଡ୍ କରିବା ଲାଗି ରାଜ୍ୟ ସରକାର ଯୋଜନା କରିଥିଲେ। କିନ୍ତୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ଭିତ୍ତିଭୂମି ନାହିଁ କି ଏଯାଏ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସେହିଭଳି ମେଡିକାଲ କଲେଜ ଛାତ୍ରୀଛାତ୍ରଙ୍କ ଅଧ୍ୟୟନ ପାଇଁ ୨ଶହ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ନିର୍ମାଣ ହେବ। ଏହି ହସ୍‌ପିଟାଲ କେଉଁଠାରେ କରାଯିବ ତାହା ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ବାଲିଗୁଆଳିସ୍ଥିତ ନିର୍ମାଣାଧୀନ ମେଡିକାଲ କଲେଜକୁ ଲାଗି ରହିଥିବା ଏକ ଜମିରେ ହସ୍ପିଟାଲ ନିର୍ମାଣ ପ୍ରସ୍ତାବ ରହିଛି। ଉକ୍ତ ଜମିରେ ବୃକ୍ଷରୋପଣ ହୋଇଥିବାରୁ ସମସ୍ୟା ରହିଛି। ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ପୁରୁଣା ପୁରୀ ଜିଲା ଜେଲର ଜମି ରହିଛି। ଗୃହ ବିଭାଗ ନାମରେ ଥିବା ଏହି ଜମିରେ ମେଡିକାଲ କଲେଜ ପାଇଁ ହସ୍ପିଟାଲ ହେବ କି ନାହିଁ ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ତେବେ ଏ ସଂକ୍ରାନ୍ତରେ ଜିଲାପାଳ ଜ୍ୟୋତି ପ୍ରକାଶ ଦାସଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ସପ୍ତମ ବେତନ ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଅଧ୍ୟାପକ

ଭୁବନେଶ୍ୱର, ୨୧।୧୦ (ବ୍ୟୁରୋ)

ରାଜ୍ୟର ସମସ୍ତ ବର୍ଗର କର୍ମଚାରୀଙ୍କୁ ସରକାର ସପ୍ତମ ବେତନହାରରେ ଦରମା ଏବଂ ପେନ୍‌ସନ ପ୍ରଦାନ କରୁଛନ୍ତି। ହେଲେ ରାଜ୍ୟରେ ଥିବା ବିଶ୍ୱବିଦ୍ୟାଳୟ, ସରକାରୀ ଏବଂ ଅନୁଦାନପ୍ରାପ୍ତ କଲେଜରେ ୟୁଜିସି ହାରରେ ନିଯୁକ୍ତ ଥିବା ଅଧ୍ୟାପିକା ଅଧ୍ୟାପକମାନଙ୍କୁ ସରକାର ସଂଶୋଧିତ ୟୁଜିସି ହାରରେ ସପ୍ତମ ବେତନ ପ୍ରଦାନ କରୁନାହାନ୍ତି। ଏହାକୁ ତୁରନ୍ତ କ୍ୟାବିନେଟରେ ପାସ୍ କରି ସରକାର ସପ୍ତମ ବେତନ ଲାଗୁ କରିବାକୁ ଓଡ଼ିଶା ବିଶ୍ୱବିଦ୍ୟାଳୟ ଏବଂ କଲେଜ ଶିକ୍ଷକ ସଂଘ ମିଳିତ କ୍ରିୟାନୁଷ୍ଠାନ ପରିଷଦ ଚଳିତ ମାସ ୨୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ମେଲ୍ ଆଇଡି ଜରିଆରେ ଚିଠି ଲେଖି ଦାବି କରିଛନ୍ତି ବୋଲି ପରିଷଦର ସଂଯୋଜକ ଅମିୟ କୁମାର ମହାନ୍ତି କହିଛନ୍ତି।

ମହାନ୍ତି କହିଛନ୍ତି, ଏହାକୁ କ୍ୟାବିନେଟ୍‌ରେ ପାସ୍ କରିବା ପାଇଁ ଏସଂକ୍ରାନ୍ତ ଫାଇଲ୍ ମୁଖ୍ୟମନ୍ତ୍ରୀଙ୍କ ପାଖରେ ପଡି ରହିଛି। ଏହାକୁ କ୍ୟାବିନେଟ୍‌ରେ ପକାଇ ପାସ୍ କରିବାର ପ୍ରସ୍ତାବ ରହିଛି। କ୍ୟାବିନେଟରେ ପାସ୍ ହେଲା ପରେ ୟୁଜିସି ହାରରେ ଥିବା ଅଧ୍ୟାପିକା ଅଧ୍ୟାପକମାନଙ୍କୁ ସଂଶୋଧିକ ୟୁଜିସି ହାରରେ ସପ୍ତମ ବେତନ ଦରମା ମିଳିବ ବୋଲି ମହାନ୍ତି କହିଛନ୍ତି। ବିଶ୍ୱବିଦ୍ୟାଳୟ, ସରକାରୀ ଏବଂ ଅନୁଦାନପ୍ରାପ୍ତ କଲେଜରୁ ୟୁଜିସି ହାରରେ ଥିବା ଅଧ୍ୟାପିକା ଅଧ୍ୟାପକ ଅବସର ନେଇଥିଲେ ମଧ୍ୟ ସେମାନଙ୍କୁ ସଂଶୋଧିତ ହାରରେ ପେନ୍‌ସନ ମିଳୁନାହିଁ। ମୁଖ୍ୟମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ କରି ସଂଶୋଧିତ ୟୁଜିସି ହାରରେ ସପ୍ତମ ବେତନ ଲାଗୁ କରି ଦରମା ଏବଂ ପେନ୍‌ସନ ପ୍ରଦାନ କରିବାକୁ ନିଷ୍ପତ୍ତି ଗ୍ରହଣ କରନ୍ତୁ ବୋଲି ପରିଷଦ ଦାବି କରୁଥିବା ସଂଯୋଜକ ମହାନ୍ତି କହିଛନ୍ତି।




# ପଦ୍ମ ଧରିଲେ ପଦ୍ମଲୋଚନ, ଶୁଭଙ୍କର

ଖଇରା, ୨୧।୧୦(ଡି.ଏନ.ଏ.)

ଭାଜପାରେ ବିରୋଧାଭାସ ସତ୍ତ୍ୱେ କଂଗ୍ରେସର ବରିଷ୍ଠନେତା, ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ଏବଂ ଅନ୍ୟତମ ଟାଣୁଆ ନେତା ଶୁଭଙ୍କର ମହାପାତ୍ର ରବିବାର ଆନୁଷ୍ଠାନିକ ଭାବେ ଏହି ଦଳରେ ସାମିଲ ହୋଇଛନ୍ତି। ସେମାନଙ୍କ ସହ ବହୁ ଅନୁଗତ ଓ ସମର୍ଥକ କଂଗ୍ରେସ ଦଳ ଛାଡିଛନ୍ତି। ସେମାନେ କଂଗ୍ରେସକୁ ଫୁଟା ଡଙ୍ଗା କହିବା ସହ ଏହା କେତେବେଳେ ବୁଡିବ ତାହା ଉପରେ ଭରସା ନାହିଁ ବୋଲି ବାଲେଶ୍ୱର ଜିଲା ଖଇରା ବ୍ଲକର ପତିରାଜପୁର ମେଳନ ପଡିଆଠାରେ ଆୟୋଜିତ ମିଶ୍ରଣ ସଭାରେ ବକ୍ତବ୍ୟ ରଖି କହିଛନ୍ତି।

ଜିଲା ଭାଜପା ସଭାପତି ମଦନମୋହନ ଦତ୍ତ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଶ୍ରଣ ସଭାରେ କେନ୍ଦ୍ର ପେଟ୍ରୋଲିୟମ, ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା ପ୍ରମୁଖ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ନବୀନ ପଟ୍ଟନାୟକଙ୍କ ସରକାରଙ୍କୁ ଟାର୍ଗେଟ କରି ବକ୍ତବ୍ୟ ରଖିଥିଲେ। ପୂର୍ବଭାରତରେ ବିକାଶ ହେଲେ ଓଡିଶାର ବିକାଶ ହେବ। ପ୍ରଧାନମନ୍ତ୍ରୀଙ୍କ ଏହି ସ୍ଲୋଗାନକୁ ସଫଳ କରିବାକୁ ରାଜ୍ୟ ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ପଡିବ। ବର୍ତ୍ତମାନର ରାଜ୍ୟ ସରକାର ଚିଟଫଣ୍ଡ, ବ୍ରହ୍ମ ବିଭ୍ରାଟ ଭଳି ନାନା ଦୁର୍ନୀତି ଓ ଭ୍ରଷ୍ଟାଚାରରେ ବୁଡି ରହିଛନ୍ତି । ରାଜ୍ୟରେ ଖଣିଜ ସମ୍ପଦ ଭରପୂର ଥିଲେ ବି ଓଡିଆ ଯୁବକ ଦାଦନ ଖଟିବାକୁ ସୁରତ, ବମ୍ବେ ନଗରୀକୁ ଯାଉଛନ୍ତି ବୋଲି ଧର୍ମେନ୍ଦ୍ର କହିଥିଲେ। ଏହି ବକ୍ତବ୍ୟ ରଖିବା ବେଳେ ସେ କେନ୍ଦ୍ର ସରକାରଙ୍କ ଉଜ୍ଜଳା ଗ୍ୟାସ ସମେତ ବିଭିନ୍ନ ଯୋଜନା ସମ୍ପର୍କରେ ବଖାଣିଥିଲେ। ଭାଜପା ସଭାପତି ବସନ୍ତ ପଣ୍ଡା ନବୀନ ସରକାରକୁ ଭ୍ରଷ୍ଟ ସରକାର ବୋଲି ଅଭିହିତ କରି ସରକାର ହଟାଇବାକୁ ଆହ୍ୱାନ ଦେଇଥିଲେ ।

ପଦ୍ମଲୋଚନ ଓ ଶୁଭଙ୍କରଙ୍କୁ ଭାଜପାରେ ସାମିଲ କରାଯିବା ନେଇ ସିମୁଳିଆ ନିର୍ବାଚନମଣ୍ଡଳୀ ଦଳରେ ବିରୋଧ ଓ ବିଦ୍ରୋହ ସ୍ଥିତି ସୃଷ୍ଟି ହୋଇଛି। ଶନିବାର ଅନୁଷ୍ଠିତ ଏକ କର୍ମୀ



ଭାଜପାରେ ସାମିଲ ହୋଇଥିବା ପଦ୍ମଲୋଚନ ଏବଂ ଶୁଭଙ୍କରଙ୍କୁ ସ୍ୱାଗତ କରାଯାଉଛି।

### କଂଗ୍ରେସକୁ 'ଫୁଟା ଡଙ୍ଗା' ବୋଲି କହିଲେ

ସମ୍ମିଳନୀରେ ତଳସ୍ତରର କର୍ମୀ ପ୍ରତିକ୍ରିୟା ପ୍ରକାଶ କରିଥିବାରୁ ଏହା ସଭା ଆୟୋଜନକାରୀଙ୍କୁ ଚିନ୍ତାରେ ପକାଇଥିଲା। ସଭାରେ ଏହାର ଚାପା ଗୁଞ୍ଜରଣ ଛଡା ଅନ୍ୟ କିଛି ବିରୋଧ ଦେଖିବାକୁ ମିଳି ନ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଚଳଚ୍ଚିତ୍ର ଅଭିନେତା ମିହିର ଦାଶ, ରାଜ୍ୟ ଉପସଭାପତି ସମିର ମହାନ୍ତି, ପିତାମ୍ବର ଆଚାର୍ଯ୍ୟ, ପ୍ରତାପ ଷଡଙ୍ଗୀ, ଜୟନାରାୟଣ ମହାନ୍ତି, ଶୋଭନା ମହାନ୍ତି, ବିଷ୍ଣୁମୋହନ ସେଠୀ, ମନମୋହନ ସାମଲ, ମିହିର ପାଣି, ଲମ୍ବୋଦର ନାୟକ, କରୁଣାକର ମହାନ୍ତି, ରେମୁଣା ବିଧାୟକ ଗୋବିନ୍ଦ ଦାସ, କୃଷ୍ଣ ପ୍ରସାଦ ମହାପାତ୍ର ପ୍ରମୁଖ ସଭାରେ ବକ୍ତବ୍ୟ ରଖିଥିଲେ। ପଦ୍ମଲୋଚନଙ୍କ ଖାସ୍ ଅନୁଗତ ଭାବେ ପରିଚିତ କେତେକ କଂଗ୍ରେସ ନେତାଙ୍କ ସମେତ ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି ଓ କର୍ମୀ ଏହି ଅବସରରେ ଭାଜପାରେ ଯୋଗ ଦେଇଥିଲେ । ଶେଷରେ ଠାକୁର ରଞ୍ଜିତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରଭୁ ! ଆପଣଙ୍କର ଦିବ୍ୟଶାନ୍ତି– ଦିବ୍ୟମୁକ୍ତି ଓ ଦିବ୍ୟ ଐକ୍ୟ ହିଁ କେବଳ ଏ ବିଶ୍ୱର ଅନ୍ଧ ହିଂସା, ଛଳନା ଏବଂ ମିଥ୍ୟାଚାର ଉପରେ ବିଜୟ ଲାଭ କରିବ।
–ଶ୍ରୀମା

# ଦୋଷ ଲଦାଲଦି

ଭାରତ ଏଭଳି ଏକ ଦେଶ ହୋଇଗଲାଣି, ଯେଉଁଠାରେ ଅଧିକାଂଶ ନିଜ ଦୋଷ ସ୍ୱୀକାର କରିବାକୁ ରାଜି ହେଉନାହାନ୍ତି। ଦୋଷ ମୁଣ୍ଡ ଉପରେ ପଡ଼ିଲେ ତାହାକୁ ଅନ୍ୟ ଉପରକୁ କିଭଳି ଥୋଇଦେଇ ହେବ ସେ ଦିଗରେ ଲାଗିପଡ଼ନ୍ତି। ଫଳସ୍ୱରୂପ ବହୁ କ୍ଷେତ୍ରରେ ମନୁଷ୍ୟକୃତ ଦୁର୍ଘଟଣା ଧନଜୀବନ ହାନି ଘଟାଉଛି। ପଞ୍ଜାବର ଐତିହାସିକ ସହର ଅମୃତସରର ଜୋଡ଼ା ଫାଟକସ୍ଥିତ ଏକ ରେଳପଥ ନିକଟରେ ଅକ୍ଟୋବର ୧୯ ଦଶହରାରେ ରାବଣପୋଡ଼ି ଉତ୍ସବ ଚାଲିଥିଲା। ଏହି ଦୃଶ୍ୟ ଦେଖିବା ଲାଗି ହଜାର ହଜାର ଲୋକଙ୍କ ଭିଡ଼ ଜମିଥିଲା। ଏପରି କି ରେଳଟ୍ରାକ୍ ଉପରେ ଠିଆହୋଇ ପ୍ରାୟ ୫,୦୦୦ ଦର୍ଶକ ରାବଣ କୁଶପୁତ୍ତଳିକାରେ ହୋଇଥିବା ଅଗ୍ନି ସଂଯୋଗକୁ ମନଭରି ଉପଭୋଗ କରୁଥିଲେ। ଏହି ସମୟରେ ଟ୍ରେନ୍ ମାଡ଼ି ଆସିବାରୁ ୬୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୭୨ ଦେଖଣାହାରି ଆହତ ହୋଇ ଚିକିତ୍ସିତ ହେଉଛନ୍ତି ବୋଲି ସରକାରୀ ଭାବେ କୁହାଯାଉଛି। ଲୋକଙ୍କ ଉପରେ ରେଳ ମାଡ଼ିଯିବା ପରର ଘଟଣା ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ଉତ୍ତର ପ୍ରଦେଶ ଓ ବିହାରର ଦାଦନ ଶ୍ରମିକ ରହିଥିବା କୁହାଯାଉଛି।

ଏହି ଦୁର୍ଘଟଣା ପାଇଁ କିଏ ଦାୟୀ ତାହାକୁ ନେଇ ଏବେ ରାଜନୈତିକ କାଦୁଅଫିଙ୍ଗା ଆରମ୍ଭ ହୋଇଯାଇଛି। ଇତିମଧ୍ୟରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଏହାର ମାଜିଷ୍ଟ୍ରେଟ୍‌ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ମୃତକଙ୍କ ପରିବାରବର୍ଗଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଦିଆଯିବ ବୋଲି ଘୋଷଣା କରିଛନ୍ତି। କେନ୍ଦ୍ର ସରକାର ମଧ୍ୟ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ସମବେଦନା ଜଣାଇ ୨ ଲକ୍ଷ ଟଙ୍କା ଦେବାକୁ କହିଛନ୍ତି। ହେଲେ ରେଳ କର୍ତ୍ତୃପକ୍ଷ ଏଥିପାଇଁ ନିଜକୁ ଦାୟୀ କରିନାହାଁନ୍ତି। ରେଳ ବୋର୍ଡ ଅଧ୍ୟକ୍ଷ ଅଶ୍ୱିନୀ ଲୋହାନୀ କହିଛନ୍ତି ଯେ, ଏଭଳି ଏକ କାର୍ଯ୍ୟକ୍ରମ ହେବ ବୋଲି ଆୟୋଜକମାନେ ପୂର୍ବରୁ ଜଣାଇ ନ ଥିଲେ। ଅନ୍ୟପକ୍ଷରେ ଉକ୍ତ ଅଞ୍ଚଳରେ ଦୀର୍ଘ ୨୦ ବର୍ଷ ହେବ ରାମଲୀଳା ଓ ରାବଣପୋଡ଼ି ଉତ୍ସବ ପାଳନ କରାଯାଇଆସୁଛି ବୋଲି ସ୍ଥାନୀୟ ବାସିନ୍ଦା କହନ୍ତି। ତେଣୁ ସେହି ଅଞ୍ଚଳର ରେଳ ଚଳାଚଳ ଦାୟିତ୍ୱରେ ଥିବା ବିଭାଗୀୟ କର୍ମଚାରୀ ଓ ଅଧିକାରୀ ଉତ୍ସବ ବିଷୟରେ ଜାଣିବା ସ୍ୱାଭାବିକ। କିନ୍ତୁ ରେଳ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱ ଦେଇ ନ ଥିବା କୁହାଯାଇପାରେ। ସମ୍ପୃକ୍ତ ଦୁର୍ଘଟଣାରେ କୌଣସି ରେଳଯାତ୍ରୀଙ୍କ ମୃତ୍ୟୁ ଘଟି ନ ଥିଲେ ମଧ୍ୟ ରେଳପଥ କର୍ତ୍ତୃପକ୍ଷ ସଜାଗ ରହିଥିଲେ ହୁଏତ ଏପରି ଦୁଃଖଦ ଘଟଣା ଘଟି ନ ଥାଆନ୍ତା।

ଅମୃତସର ଦୁର୍ଘଟଣାରେ ପୋଲିସ ପ୍ରଶାସନର ଅପାରଗତା ଜଳ ଜଳ ଦିଶୁଛି। ସ୍ଥାନୀୟ ପୋଲିସ ଅଧିକାରୀଙ୍କ କହିବାନୁଯାୟୀ, ଉକ୍ତ କାର୍ଯ୍ୟକ୍ରମ ପାଇଁ 'ନୋ ଅବ୍‌ଜେକ୍‌ଶନ' ସାର୍ଟିଫିକେଟ ଦିଆଯାଇଥିଲା। କିନ୍ତୁ ନଗରାଞ୍ଚଳ ଓ ପ୍ରଦୂଷଣ ବିଭାଗଠାରୁ ଅନୁମତି ଆଣିବାକୁ ଆୟୋଜକମାନଙ୍କୁ କୁହାଯାଇଥିଲା ବୋଲି ପୋଲିସ କହିଛି। ଏଠାରେ ପ୍ରଶ୍ନ ଉଠୁଛି, କାର୍ଯ୍ୟକ୍ରମସ୍ଥଳ ନିକଟରେ ରେଳପଥ ଥିବା ସତ୍ତ୍ୱେ ପୋଲିସ କିଭଳି 'ନୋ ଅବ୍‌ଜେକ୍‌ଶନ' ପ୍ରମାଣପତ୍ର ଦେଇଥିଲା। ଜିଲା ପ୍ରଶାସନ ଏସବୁ ଜାଣି ନୀରବ ରହିବା ପଛରେ କେଉଁ ଉଦ୍ଦେଶ୍ୟ ରହିଛି। ପୋଲିସ ଓ ଜିଲା ପ୍ରଶାସନ ସୁରକ୍ଷା ସଂକ୍ରାନ୍ତ ବ୍ୟବସ୍ଥାକୁ ଯାଞ୍ଚ ନ କରି ସମ୍ଭବତଃ ରାଜ୍ୟ ସରକାରଙ୍କ ଚାପରେ ପଡ଼ି 'ହଁ' ମାରିଥିବା ଅନୁମାନ କରାଯାଉଛି। ଦେଖିବାକୁ ଗଲେ ସେଠାରେ ଆୟୋଜିତ ରାବଣ ଦହନ କାର୍ଯ୍ୟକ୍ରମରେ ପଞ୍ଜାବ ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ ଥିବା ନବଜୋତ୍ ସିଂ ସିଦ୍ଧୁଙ୍କ ସହଧର୍ମିଣୀ ନବଜୋତ୍ କୌର ସିଦ୍ଧୁ ମୁଖ୍ୟ ଅତିଥି ଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଦୁର୍ଘଟଣା ପରେ ସେ ସଙ୍ଗେ ସଙ୍ଗେ ସଭାସ୍ଥଳ ପରିତ୍ୟାଗ କରିଥିଲେ। ମୁଖ୍ୟ ଅତିଥିଙ୍କ ଭାଷଣ ଶୁଣିସାରିବା ପରେ ରାବଣପୋଡ଼ି ଦେଖୁଥିବା ଦର୍ଶକଙ୍କ ଉପରେ ରେଳଗାଡ଼ି ମାଡ଼ିଯିବା ବିଷୟ ଜାଣିବା ସତ୍ତ୍ୱେ କୌର ସାମାନ୍ୟ ସମବେଦନା ନ ଜଣାଇ ପଳାଇବା ଦୁଃଖ ଓ ପରିତାପର ବିଷୟ। ସେହିଭଳି ଆୟୋଜନକାରୀ ବିଧିବଦ୍ଧ ନିୟମ ପାଳନ କରିବା ସହ ଆନୁଷଙ୍ଗିକ ସୁରକ୍ଷା ବ୍ୟବସ୍ଥା କରିବାରେ ବିଫଳ ହେବାରୁ ଏତେବଡ଼ ଦୁର୍ଘଟଣା ଘଟିଗଲା।

ଦେଖଣାହାରିଙ୍କ ମଧ୍ୟରୁ ଯେଉଁମାନଙ୍କ ମୃତ୍ୟୁ ଘଟିଛି, ସେମାନଙ୍କ ପରିବାରବର୍ଗଙ୍କ ପ୍ରତି ଦେଶବାସୀଙ୍କ ସମବେଦନା ରହିଛି। କିନ୍ତୁ ବିପଦ ବିଷୟରେ ଜାଣିବା ସତ୍ତ୍ୱେ ଲୋକେ ବାରମ୍ବାର ଭୁଲ କରିବା ଯୋଗୁ ଅନେକ ସମୟରେ ପରିସ୍ଥିତି ଭୟଙ୍କର ରୂପ ଧାରଣ କରୁଛି। ଏଠାରେ ମନେପଡ଼େ ୨୦୧୩ ଅଗଷ୍ଟରେ ବିହାରର ଖଗରିଆ ଜିଲା ଧାମରା ଘାଟ ରେଳ ଷ୍ଟେଶନରେ ଘଟିଥିବା ଦୁର୍ଘଟଣା। ସେଠାକାର ରେଳ ଟ୍ରାକ୍ ଉପରେ ଶିବ ଭକ୍ତମାନେ ଚାଲି ଚାଲି ଯାଉଥିବା ବେଳେ ରାଜ୍ୟରାଣୀ ଏକ୍ସପ୍ରେସ ମାଡ଼ିଯିବା ଫଳରେ ୩୭ ଜଣଙ୍କ ପ୍ରାଣହାନି ଘଟିଥିଲା। ତେଣୁ ବିପଦପୂର୍ଣ୍ଣ ସ୍ଥାନରେ ଯେତେବେଳେ ମଣିଷ ଯାତାୟାତ କରୁଛି, ସେତେବେଳେ ପାରିପାର୍ଶ୍ୱିକ ସ୍ଥିତି ଉପରେ ଧ୍ୟାନ ଦିଆଗଲେ ଅସ୍ୱାଭାବିକ ପରିସ୍ଥିତି ଉପୁଜନ୍ତା ନାହିଁ। ତେବେ ଅମୃତସର ଦୁର୍ଘଟଣାର ବିଧିବଦ୍ଧ ତଦନ୍ତ କରାଯାଇ ଯେଉଁମାନେ ଦାୟୀ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର। ତାହା ହେଲେ ଭବିଷ୍ୟତରେ ଏଭଳି ମନୁଷ୍ୟକୃତ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରନ୍ତା।

## ଚିରନ୍ତନୀ

ସେହି ଲୋତକ ହୃଦୟ ଭରି
ନୟନୁଁ ମୋ ପଡ଼ଇ ଝରି,
ସେହି ଲୋତକେ ପ୍ଲାବଇ ମୋର ଅନ୍ତର
ସେହି ଲୋତକେ ଆସ ଗୋ ତୁମେ ସନ୍ତର।
(ବର୍ଷା ନାୟିକା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | | | | D | | | | | 1 | 0 | | 4 | | |
| | | D | 9 | | | | 3 | A | | | | | | 7 |
| | A | | 6 | E | | | | | | | 4 | | | |
| | | 7 | | A | | | 1 | D | B | 9 | | | 5 | |
| | 5 | | | | | 9 | | | | 6 | | | 0 | 8 |
| | | 0 | | | | 8 | | | | | | B | 2 | A |
| 6 | 4 | | E | | | | D | 2 | 5 | | 0 | | 7 | |
| C | 7 | A | | 8 | | | | | | | 6 | D | E | |
| | | 1 | A | 0 | | 5 | | | 4 | | | | | |
| 9 | D | | | | | | E | | | | | | | 5 |
| 2 | 3 | | | | 0 | | | | | 4 | | 7 | D | |
| 1 | | C | 8 | B | | | | | | 5 | | 3 | | |
| | | | C | 5 | 3 | | | | | D | | | 6 | |
| | | | 4 | | | 1 | A | | 9 | 2 | E | | | C |
| | B | | | | | 0 | | | 3 | | | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 7 | 0 | 3 | 1 | C | B | 5 | E | 9 | 2 | 4 | D | 6 | 8 |
| B | D | 1 | 9 | 8 | 0 | A | 4 | 2 | 3 | 6 | 7 | E | C | 5 |
| 3 | C | E | 7 | D | 6 | 9 | 8 | 0 | B | A | 5 | 4 | 1 | 2 |
| 5 | 6 | 4 | A | 2 | B | D | C | 1 | E | 8 | 0 | 9 | 7 | 3 |
| 8 | 9 | 2 | 4 | E | 5 | 6 | 7 | 3 | 1 | C | D | 0 | B | A |
| C | 0 | 3 | E | 9 | A | 1 | 2 | 7 | 6 | D | 8 | B | 5 | 4 |
| 7 | 2 | B | 1 | 5 | 4 | E | 0 | 6 | C | 9 | 3 | 8 | A | D |
| E | 5 | 9 | D | 3 | 2 | C | A | 8 | 7 | 4 | B | 1 | 0 | 6 |
| 6 | A | D | C | 0 | 8 | 4 | 3 | B | 5 | 1 | E | 2 | 9 | 7 |
| 4 | 1 | 8 | 6 | B | 7 | 5 | D | 9 | 2 | 0 | A | 3 | E | C |
| 1 | 3 | 5 | 8 | 4 | D | 7 | 9 | A | 0 | E | C | 6 | 2 | B |
| 0 | B | 6 | 5 | C | 9 | 3 | 1 | 4 | D | 7 | 2 | A | 8 | E |
| 9 | 8 | A | B | 7 | 1 | 2 | E | 5 | 4 | 3 | 6 | C | D | 0 |
| 2 | 4 | C | 0 | 6 | E | 8 | B | D | A | 5 | 1 | 7 | 3 | 9 |
| D | E | 7 | 2 | A | 3 | 0 | 6 | C | 8 | B | 9 | 5 | 4 | 1 |

ଗତକାଲିର ଉତ୍ତର

# ରାଫାଲ ବିମାନ କିଣା ବିତର୍କ



ଅରୁଣ କୁମାର ପଣ୍ଡା

ରାଫାଲ ଯୁଦ୍ଧ ବିମାନ କ୍ରୟ ନେଇ ଚାଲିଥିବା ବିବାଦ ପଛରେ ଆର୍ଥିକ କାରଣ ଅପେକ୍ଷା ରାଜନୀତି ଅଧିକ ଅଛି। କାରଣ ଦୁଇଗୁଣା ଅଧିକ ଦାମ୍ ଦେଇ ଏହି ବିମାନ ଫ୍ରାନ୍ସରୁ କ୍ରୟ କରାଯିବା ମୋଦି ସରକାରର ସବୁଠାରୁ ବଡ଼ ଦୁର୍ନୀତି ବୋଲି ଅଭିଯୋଗପର୍ବ ପ୍ରସ୍ତୁତ କରି କଂଗ୍ରେସ ଓ ତା'ର ସହଯୋଗୀ ବିରୋଧୀ ଦଳଗୁଡ଼ିକ ୨୦୧୯ ନିର୍ବାଚନ ସମୟରେ ଏହାକୁ ମୁଖ୍ୟ ଆୟୁଧ ଭାବେ ବ୍ୟବହାର କରିବା ପ୍ରାୟ ନିଶ୍ଚିତ। ଅବଶ୍ୟ ରାଫାଲ ଯୁଦ୍ଧ ବିମାନ କିଣାକୁ ନେଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସମେତ ଭାଜପାରୁ ଅରୁଣ ସୌରୀ ଓ ଯଶୱନ୍ତ ସିହ୍ନା ସରକାରଙ୍କୁ ପ୍ରଶ୍ନବାଣରେ ଜର୍ଜରିତ କରିବା ପାଇଁ ଉଦ୍ୟମ ଜାରି ରଖିଥିଲା ବେଳେ ପ୍ରଶାନ୍ତ ଭୂଷଣ ତାଙ୍କ ସହ ସ୍ୱର ମିଳାଇଛନ୍ତି। କେବଳ ସେତିକି ନୁହେଁ ମୋଦି ସରକାରର ଦୃଢ଼ ସମର୍ଥକ ଥିବା କେତେକ ସାଂସଦ ଏବଂ ଭାଜପାକୁ ସବୁପ୍ରକାର ସହଯୋଗ କରୁଥିବା କେତେକ ରାଜନେତାଙ୍କ ମନରେ ମଧ୍ୟ ସନ୍ଦେହ ବସାବାନ୍ଧିବାକୁ ବସିଲାଣି ଯେ ଏହି ବିମାନ କିଣା ପାଇଁ ହୋଇଥିବା ଡିଲ୍‌ରେ କିଛି ନା କିଛି ଭୁଲ ହୋଇଛି।

ନିର୍ବାଚନ ପାଖେଇ ଆସୁଛି ଏବଂ ରାଫାଲ କିଣା ପ୍ରସଙ୍ଗ ଅତ୍ୟନ୍ତ ପ୍ରତିଯୋଗିତାପୂର୍ଣ୍ଣ ରାଜନୈତିକ ବିବାଦରେ ପରିଣତ ହୋଇଛି। ଇତିମଧ୍ୟରେ ବିପକ୍ଷ ଦଳଗୁଡ଼ିକୁ ସୁହାଇଲା ଭଳି ଅନେକ ଲେଖା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେଲାଣି। ରାଫାଲ ନେଇ ସରକାରଙ୍କ ଉପରେ ହୋଇଥିବା ସଣ୍ଢୁଆଶି ଆକ୍ରମଣକୁ ପ୍ରତିହତ କରିବା ପାଇଁ ସରକାରୀ ମୁଖପାତ୍ରଙ୍କ ମୁହଁରେ ମଧ୍ୟ ସେଭଳି ଶାଣିତ ସ୍ୱର ପ୍ରକଟିତ ହେଉନାହିଁ। ଶାସକ ଦଳ ବିରୋଧୀ କଂଗ୍ରେସକୁ ପ୍ରଥମ ପ୍ରଶ୍ନ କରିବା ଉଚିତ ଯେ, କଂଗ୍ରେସ ସରକାର ସମୟରେ ଡିସାଲ୍ଟ ରାଫାଲ ଏବଂ ହିନ୍ଦୁସ୍ଥାନ ଏରୋନଟିକ୍‌ସ ଲିମିଟେଡ ମଧ୍ୟରେ କୌଣସି ପ୍ରକାର ଭିତିରି ବୁଝାମଣା ହୋଇଥିଲା ନା ନାହିଁ। ଏଠାରେ ସ୍ପଷ୍ଟ କରାଯାଇପାରେ ଯେ, ଡିସାଲ୍ଟ ରାଫାଲ ଏବଂ ହିନ୍ଦୁସ୍ଥାନ ଏରୋନଟିକ୍‌ସ ଲିମିଟେଡ ମଧ୍ୟରେ ଆଦୌ ସହମତି ହୋଇ ନ ଥିଲା।

ରାଫାଲଙ୍କୁ ହିନ୍ଦୁସ୍ଥାନ ଏରୋନଟିକ୍‌ସର କାର୍ଯ୍ୟକୁଶଳତା ଉପରେ ସନ୍ଦେହ ଥିଲା ଏବଂ ତାଙ୍କୁ ଲାଗୁଥିଲା ଯେ ଯେଉଁ ୧୦୮ ରାଫାଲ ବିମାନ ହିନ୍ଦୁସ୍ଥାନ ଏରୋନଟିକ୍‌ସରେ ପ୍ରସ୍ତୁତ ହେବ, ସେଗୁଡ଼ିକର ଗୁଣବତ୍ତା ସେହି ଅନୁରୂପ ହେବ ନାହିଁ, ଯେଉଁ ପ୍ରକାର ରାଫାଲ କମ୍ପାନୀ ଫ୍ରାନ୍ସରେ ନିର୍ମାଣ କରନ୍ତି। ଏହାବ୍ୟତୀତ ହିନ୍ଦୁସ୍ଥାନ ଏରୋନଟିକ୍‌ସ ଦ୍ୱାରା ନିର୍ଣ୍ଣୟ କରାଯାଇଥିବା ଶ୍ରମମୂଲ୍ୟ ସହିତ ମଧ୍ୟ ରାଫାଲ ସହମତ ହୋଇ ନ ଥିଲା। କାରଣ ଏହି ଶ୍ରମମୂଲ୍ୟ ଫ୍ରାନ୍ସ ତୁଳନାରେ ଯଥେଷ୍ଟ ଅଧିକ ଥିଲା। ବାସ୍ତବରେ ଏହି ଦୁଇ କମ୍ପାନୀ ମଧ୍ୟରେ ଯଦି ଏହି ଡିଲ୍ ହୋଇଥାନ୍ତା, ରାଫାଲ ଯୁଦ୍ଧ ବିମାନର ଦାମ୍ କମ୍ ନୁହେଁ, ବରଂ ଆହୁରି ଅଧିକ ହୋଇଥାନ୍ତା। ତେଣୁ 'ମାଇପ ନାହିଁ, ପୁଅ ନାଁ ଗୋପାଳିଆ' ନ୍ୟାୟରେ ଯେଉଁଠି ଆଦୌ ଡିଲ୍ ହୋଇନାହିଁ ସେଠାରେ ମୋଦି ସରକାର ତୁଳନାରେ କଂଗ୍ରେସ ସରକାର ନିର୍ଣ୍ଣୟ କରିଥିବା ଦାମ୍ କମ୍ ହେବାର ପ୍ରଶ୍ନ ଉଠୁଛି କେଉଁଠୁ ? ଏହା ସ୍ପଷ୍ଟ ଯେ ମନମୋହନ ସିଂହ ସରକାରଙ୍କ ସମୟରେ ଯୁଦ୍ଧ ବିମାନର ଅନ୍ତିମ ମୂଲ୍ୟ ନିର୍ଦ୍ଧାରଣ ନେଇ କୌଣସି ବୁଝାମଣା ହୋଇ ନ ଥିଲା। ତେଣୁ ସେ ସମୟ ଓ ଏ ସମୟ ମୂଲ୍ୟର ତୁଳନା ଭିତ୍ତିହୀନ।

ସଂକ୍ଷେପରେ କୁହାଯାଇପାରେ ଯେ, କଂଗ୍ରେସ ପାଖରେ ୨୩ ସେପ୍ଟେମ୍ବର ୨୦୧୬ରେ ଅଧିକୃତ ରୂପରେ ହସ୍ତାକ୍ଷର କରାଯାଇଥିବା ଡିଲ୍ ନେଇ ପାଞ୍ଚଟି ସମସ୍ୟା ରହିଛି। ୨୦୧୫ରେ ଫ୍ରାନ୍ସ ଗସ୍ତବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ୟାରିସ୍‌ରେ ଏ ସମ୍ପର୍କରେ ନିଜେ ଘୋଷଣା କରିଥିଲେ। ପ୍ରଥମ ଅଭିଯୋଗ ହେଲା, ଏହି ଡିଲ୍ ଅଧିକୃତ ପ୍ରତିରକ୍ଷା କ୍ରୟ ପ୍ରକ୍ରିୟା ଦେଇ ହୋଇନାହିଁ। ଦ୍ୱିତୀୟ ହେଲା– ମୋଦି ସରକାର ହିନ୍ଦୁସ୍ଥାନ ଏରୋନଟିକ୍‌ସ ଲିମିଟେଡର ସ୍ୱାର୍ଥକୁ ଅଣଦେଖା କରିଛନ୍ତି। ୨୦୧୨ରେ ଉପା ସରକାର ଦ୍ୱାରା ରାଫାଲ ସହିତ କରାଯାଇଥିବା ମୂଲ୍ୟ ବୁଝାମଣା ଅନୁସାରେ ହିନ୍ଦୁସ୍ଥାନ ଏରୋନଟିକ୍‌ସ ଏଥିରେ ସହନିର୍ମାତା ହୋଇଥାନ୍ତା। ତୃତୀୟ ଅଭିଯୋଗ ହେଲା– ୩୬ଟି ରାଫାଲ ଯୁଦ୍ଧ ବିମାନ ପାଇଁ ଫ୍ରାନ୍ସ ୭.୮୭ ବିଲିୟନ ୟୁରୋ ଅର୍ଥାତ୍ ୫୯ ହଜାର କୋଟି ଟଙ୍କାର ଚୁକ୍ତିରେ ସ୍ୱାକ୍ଷର କରିଥିଲା। ଚତୁର୍ଥ ଅଭିଯୋଗ ହେଲା ଯେ, ଏହି ଡିଲ୍ ବା ବିମାନ କିଣା ଚୁକ୍ତି ଭାରତୀୟ ବାୟୁସେନାର ଫାଇଦା ପାଇଁ ନୁହେଁ, ବରଂ ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଡିଫେନ୍ସ କମ୍ପାନୀକୁ ଫାଇଦା ପାଇଁ କରାଯାଇଛି।

କଂଗ୍ରେସର ଅଭିଯୋଗ ହେଲା ଯେ, ସେପ୍ଟେମ୍ବର ୨୩ରେ କ୍ରୟ ପାଇଁ ଚୁକ୍ତି ସ୍ୱାକ୍ଷର ହେବାର ମାତ୍ର ଦଶଦିନ ପରେ ଅର୍ଥାତ୍ ୨୦୧୬ ଅକ୍ଟୋବର ୩ରେ ରିଲାଏନ୍ସ ଡିଫେନ୍ସ କମ୍ପାନୀ କେନ୍ଦ୍ର ସରକାରଙ୍କ ବିନା ଅନୁମତିରେ ରାଫାଲ ଯୁଦ୍ଧ ବିମାନ ନିର୍ମାତା ଡିସାଲଟ ସହ ଚୁକ୍ତିପତ୍ର ସ୍ୱାକ୍ଷର କରିଥିଲା। ଏବେ ମୋଦି ସରକାରଙ୍କ ଉପରେ ଏହି ଯୁଦ୍ଧବିମାନ କିଣାକୁ ନେଇ ବିରୋଧୀ ଦଳ ଗୁଡ଼ିକର ମିଳିତ ଆକ୍ରମଣ ପରେ ଉଭୟ କମ୍ପାନୀ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି ଯେ ଏହି ବିମାନ କିଣାରେ କେନ୍ଦ୍ର ସରକାରର କୌଣସି ହାତ ନାହିଁ। ଏହି ଯୁଦ୍ଧ ବିମାନ କିଣା ବୁଝାମଣା ଦୁଇ ଘରୋଇ କମ୍ପାନୀ ମଧ୍ୟରେ ହୋଇଛି। ତେଣୁ ଏଥିରେ ରାଜନୈତିକ ସଂପୃକ୍ତି ଅବାନ୍ତର।

ରାଫାଲ କ୍ରୟକୁ ନେଇ ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ଫ୍ରାଂସ୍ୱା ଓଲାନ୍ଦ ଚାଞ୍ଚଲ୍ୟ ସୃଷ୍ଟି କଲାଭଳି ତଥ୍ୟ ସାମ୍ନାକୁ ଆଣିଛନ୍ତି। ରାଫାଲ ମାନୁଫାକ୍ଚରିଙ୍ଗ ସହିତ ଅନିଲ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ ଡିଫେନ୍‌ସକୁ ସାମିଲ କରିବା ପାଇଁ ଭାରତ ସରକାର ଫ୍ରାନ୍ସକୁ କହିଥିଲେ। ଓଲାନ୍ଦଙ୍କ ଏହି ବକ୍ତବ୍ୟ ବିରୋଧୀ ଦଳଗୁଡ଼ିକ ପାଇଁ ନିଆଁରେ ଘିଅ ପକାଇବା ଭଳି କାମ କରିଛି। ପରନ୍ତୁ ଭାଜପା ଫ୍ରାନ୍ସର ପୂର୍ବ ରାଷ୍ଟ୍ରପତିଙ୍କ ବକ୍ତବ୍ୟକୁ ଉଦ୍ଦେଶ୍ୟପ୍ରଣୋଦିତ ବୋଲି କହିଛି।

ଅନାସ୍ଥା ପ୍ରସ୍ତାବ ଆଲୋଚନା ବେଳେ ପ୍ରଥମେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ରାଫାଲ ଦୁର୍ନୀତି ପ୍ରସଙ୍ଗ ଉଠାଇ ସରକାର ତଥ୍ୟ ଲୁଚାଉଛନ୍ତି ବୋଲି ଅଭିଯୋଗ କରିଥିଲେ। ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରମଣ ମୋଦିଙ୍କୁ ବଞ୍ଚାଇବାକୁ ମିଛ କହୁଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ଅନିଲ ଅମ୍ବାନୀ କମ୍ପାନୀ ଯୁଦ୍ଧ ବିମାନ ନିର୍ମାଣରେ ସମ୍ପୂର୍ଣ୍ଣ ଅନଭିଜ୍ଞ ବୋଲି କଂଗ୍ରେସ ଅଭିଯୋଗ କରିଥିଲା ବେଳେ ଅନିଲଙ୍କୁ ଫାଇଦା ଦେବା ପାଇଁ ଫ୍ରାନ୍ସ କମ୍ପାନୀ ସହିତ ମିଳିତ ରାଜିନାମା ହୋଇଛି ଏବଂ ସରକାରୀ ଉଦ୍ୟୋଗ ହିନ୍ଦୁସ୍ଥାନ ଏରୋନଟିକ୍‌ସକୁ କ୍ଷତିରେ ରହିବାକୁ ଦିଆଯାଇଛି। ୨୦୧୧ର ରିପୋର୍ଟ ଅନୁସାରେ ରାଫାଲ କମ୍ପାନୀ ପ୍ରତି ଯୁଦ୍ଧ ବିମାନର ମୂଲ୍ୟ ୭୪୦ କୋଟି ଟଙ୍କା ଆକଳନ କରିଥିବା ବେଳେ କଂଗ୍ରେସ କହୁଛି, ଆମେ ଏହାକୁ ୬୨୬.୧କୋଟି ଟଙ୍କାରେ କ୍ରୟ କରିବା ପାଇଁ ଚୁକ୍ତି କରିଥିଲୁ।

୨୦୧୬ରେ ଫ୍ରାନ୍ସ ସରକାରଙ୍କ ସହିତ ରାଫାଲ ଯୁଦ୍ଧ ବିମାନ ପାଇଁ ଚୁକ୍ତିନାମା ସ୍ୱାକ୍ଷର ହେବା ତଥ୍ୟକୁ ପ୍ରତିରକ୍ଷା ଗୁରୁତ୍ୱ ଦୃଷ୍ଟିରୁ ଗୋପନୀୟ ରଖାଯାଇଛି ବୋଲି ମୋଦି ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ କହୁଥିବା ବେଳେ ଏହି ଡିଲ୍‌ରେ ଭାରତ ପାଖାପାଖି ୪୦ ହଜାର କୋଟି ଟଙ୍କା କ୍ଷତି ସହିବ ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଫ୍ରାନ୍ସ ସରକାରଙ୍କ ପ୍ରତିରକ୍ଷା ପ୍ରବକ୍ତା କହିଛନ୍ତି ଯେ, ୨୦୦୮ରେ ଯୁଦ୍ଧ ବିମାନ କିଣା ନେଇ ଭାରତ ସହ ସିକ୍ୟୁରିଟି ଏଗ୍ରିମେଣ୍ଟ ହୋଇଥିଲା। ସେହି ଅନୁସାରେ ଏହି ତଥ୍ୟକୁ ସାର୍ବଜନିକ କରାଯିବାର ନ ଥିଲା। ଭାରତୀୟ ବାୟୁସେନା ମୁଖ୍ୟ ଏ ସମ୍ପର୍କରେ ସ୍ପଷ୍ଟୀକରଣ ଦେଇ ସରକାରଙ୍କୁ ସମର୍ଥନ କରିଛନ୍ତି।

ସେହିଭଳି ୧୯୮୭ରେ ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବାବେଳେ ବୋଫର୍ସ ତୋପ କିଣାନେଇ ଦେଶରେ ତୁମ୍ବିତୋଫାନ ହୋଇଥିଲା। ସେତେବେଳେ ଭାରତ ଓ ସୁଇଡେନ୍ ସରକାର ମଧ୍ୟରେ ହୋଇଥିବା ଚୁକ୍ତି ସମ୍ପର୍କିତ ତଥ୍ୟକୁ ଗୁପ୍ତ ରଖାଯାଇଥିଲା। ଏହି ପ୍ରସଙ୍ଗକୁ ନେଇ ୧୯୮୯ ଲୋକ ସଭା ନିର୍ବାଚନରେ କଂଗ୍ରେସ ପରାଜିତ ହୋଇଥିଲା। ୨୦୧୯ ନିର୍ବାଚନରେ ରାଫାଲ ପ୍ରସଙ୍ଗ କି ପ୍ରଭାବ ପକାଉଛି ତାହା ଦେଖିବାକୁ ବାକି ରହିଲା।

୧୩୪୮/୪–ସି, ସେକ୍ଟର–୬, ସିଡିଏ,କଟକ,
ମୋ– ୯୪୩୭୨୭୦୬୦୫

# ପାଇଖାନା ବିପଦ ଓ ତା'ର ପ୍ରତିକାର

ଡା. ଜଗନ୍ନାଥ ମିଶ୍ର

ଆଜିକାଲି ଖବରକାଗଜ ଦେଖିଲେ ବହୁ ସମୟରେ ନଜରକୁ ଆସୁଛି ଶ୍ରମିକମାନେ ନୂଆ କିମ୍ବା ପୁରୁଣା ପାଇଖାନା କାମ କଲାବେଳେ ଅଜ୍ଞତାବଶତଃ ଏକାଧିକ ଲୋକଙ୍କର ମୃତ୍ୟୁ ହେଉଛି। ଏହାର କାରଣ ବିଷାକ୍ତ ଜନ୍ତୁ ନୁହେଁ ବରଂ ବିଷାକ୍ତ ବାଷ୍ପ।

ପାଇଖାନା ଟାଙ୍କି ପ୍ରାୟ ସମତଳ ଅଞ୍ଚଳର ନିମ୍ନଭାଗରେ କରାଯାଏ। ଆଜିକାଲି ସ୍ୱଚ୍ଛ ଭାରତ ବା ସ୍ୱଚ୍ଛ ଓଡ଼ିଶା ପାଇଁ ସରକାର ଆର୍ଥିକ ସୁବିଧା ସହିତ ପାଇଖାନା ନିର୍ମାଣ ପାଇଁ ପ୍ରୋତ୍ସାହନ ଦେଉଛନ୍ତି। ତେଣୁ ବହୁତ ଲୋକ ଆଗ୍ରହୀ ହୋଇ ପାଇଖାନା କରୁଛନ୍ତି ଓ ଆସ୍ତେ ଆସ୍ତେ କରିବେ ମଧ୍ୟ ଭବିଷ୍ୟତରେ। ସାଧାରଣତଃ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ୦.୪ ପ୍ରତିଶତ ଥାଏ। ଅଙ୍ଗାରକାମ୍ଳ ଓ ମିଥେନ ସାଧାରଣତଃ ଅନ୍ୟ ବାଷ୍ପଠାରୁ ଅଧିକ ଓଜନିଆ। ତେଣୁ ଏଗୁଡିକ ନିମ୍ନସ୍ତରରେ ରହେ। ନିମ୍ନସ୍ତରରେ ଥିବାରୁ ବାୟୁ ଚଳାଚଳ ମଧ୍ୟ କମ୍ ଥାଏ ବା ଆଦୌ ନ ଥାଏ। ତେଣୁ ତଳସ୍ତରରେ ଥିବା ବିଷାକ୍ତ ବାଷ୍ପ ସେହି ସ୍ଥାନରେ ରହେ ଓ ଘନୀଭୂତ ହୋଇଯାଏ। ତା' ବ୍ୟତୀତ ପଚା ଡାଳପତ୍ର ବା ଅନ୍ୟ ଜିନିଷ ଥିଲେ, ବିଭିନ୍ନ ପ୍ରକ୍ରିୟା ଦ୍ୱାରା ସେଥିରୁ ମଧ୍ୟ ମିଥେନ୍ ଆଦି ବାଷ୍ପ ଉତ୍ପନ୍ନ ହୁଏ ଓ ଓଜନଦାର ହୋଇଥିଲେ ତାହା ପାଖରେ ରହେ ସ୍ତରୀଭୂତ ହୋଇ। ଯଦି ପାଇଖାନାର ନୂଆ ଛାତ ହୋଇଥାଏ, ସିମେଣ୍ଟ, ବାଲି ଓ ଲୁହାଛଡରୁ (ଛାତରେ ପାଣି ଦେବା ପରେ) ପାଣି ନିର୍ଗତ ହୋଇ ଟାଙ୍କିରେ ପଡି ବିଭିନ୍ନ ପ୍ରକ୍ରିୟା ଦ୍ୱାରା ବିଷାକ୍ତ ବାଷ୍ପ ଉତ୍ପନ୍ନ ହୁଏ।

ଟାଙ୍କି ପାଖରେ ବା କଡରେ ଯଦି ଗଛଲତା ପ୍ରଭୃତି ଥାଏ ସେଥିରୁ ମଧ୍ୟ ଅଙ୍ଗାରକାମ୍ଳ ନିର୍ଗତ (ରାତିରେ ଗଛଲତା ଅଙ୍ଗାରକାମ୍ଳ ଛାଡନ୍ତି) ହୋଇ ନିମ୍ନ ସ୍ଥାନରେ ଜମା ହୁଏ। ପୁରୁଣା କୂଅରେ ମଧ୍ୟ ଏହି ପ୍ରକ୍ରିୟା ପରିଲକ୍ଷିତ ହୁଏ। କାର୍ବୋନେଟ ଥିବା ଜିନିଷ ମଧ୍ୟରୁ ରାସାୟନିକ ପ୍ରକ୍ରିୟା ଯୋଗୁ ଅଙ୍ଗାରକାମ୍ଳ ଉତ୍ପନ୍ନ ହୁଏ। ସେହିଭଳି ଫସଫିନ ଏକ ବିଷାକ୍ତ ବାଷ୍ପ। କ୍ୟାଲସିୟମ୍ ଫସ୍‌ଫେଟରେ ପାଣି ମିଶିଲେ ବା ଲୁହା ବାଲିର ସଂସ୍ପର୍ଶରେ ପାଣି ଲାଗିଲେ ଏହାର ଉତ୍ପତ୍ତି ହୁଏ। ଏହାର ଗନ୍ଧ ପଚା ମାଛ ଭଳି। ଆଗରୁ ଲୁହା, ବାଲି ମିଶ୍ରଣର ଧାତୁ ଇସ୍ପାତ ତିଆରି ପାଇଁ ଜାହାଜରେ ଯାଉଥିଲା। ସେଥିରେ ଅଦରକାରୀ ଜିନିଷ ହିସାବରେ କ୍ୟାଲସିୟମ ଫସ୍‌ଫାଇଡ ଥାଏ। ତାହା ଜଳ କିମ୍ବା ଜଳକଣା ସଂସ୍ପର୍ଶରେ ଆସି ଫସ୍‌ପିନ ବାଷ୍ପ ଉତ୍ପନ୍ନ କରୁଥିଲା ଓ ଦୁର୍ଘଟଣାର କାରଣ ହେଉଥିଲା।

ଏହିସବୁ ବାଷ୍ପ (ଅଙ୍ଗାରକାମ୍ଳ, ଫସ୍‌ପିନ ଓ ମିଥେନ ପ୍ରଭୃତି) ପାଣିରେ ଦ୍ରବୀଭୂତ ହୁଅନ୍ତି ନାହିଁ ଓ ନିମ୍ନଭାଗରେ ସ୍ତରୀଭୂତ ହୋଇ ରହନ୍ତି। ପାଇଖାନା ଟାଙ୍କି ଭିତରେ ଏହି ବହଳ ସ୍ତରରେ କାମ କଲାବେଳେ ବିଷାକ୍ତ ବାଷ୍ପ ମଣିଷର ପ୍ରଶ୍ୱାସରେ ଯାଇ ତଣ୍ଟି ଚିପିଲାଭଳି ଶ୍ୱାସରୁଦ୍ଧ ଅବସ୍ଥା ସୃଷ୍ଟି ହୁଏ। ବେଶି ଛାଟିପିଟି ହେଲେ ଏହା ଶୀଘ୍ର ରକ୍ତରେ ମିଶି ଶରୀରର ପ୍ରତ୍ୟେକ ପ୍ରକ୍ରିୟାକୁ ବ୍ୟାହତ କରେ ଓ ସ୍ମୃତିଶକ୍ତି ଲୋପକରି କ'ଣ କରିବାକୁ ହେବ ମଣିଷ ଭୁଲିଯାଏ। ପିଲା ଓ ବୃଦ୍ଧାବସ୍ଥାରେ ଏହାର କ୍ରିୟାଶୀଳତା ବେଶି। ସ୍ୱାସ୍ଥ୍ୟଗତ ସମସ୍ୟା, ଖାଲିପେଟ, ନିଶାସେବନ ଅବସ୍ଥା ମଧ୍ୟ ଏହି ପ୍ରକ୍ରିୟାକୁ ପ୍ରଭାବିତ କରେ।

ସାଧାରଣତଃ ନିମ୍ନସ୍ତରର ଆର୍ଦ୍ରତା ଓ ଅନ୍ୟାନ୍ୟ ବାଷ୍ପ ଯୋଗୁ ବିଭିନ୍ନ ପ୍ରକାର ଗନ୍ଧର ସୁରାକ ମିଳେନାହିଁ। ତେଣୁ ପ୍ରଥମେ ଗୋଟିଏ ଲଣ୍ଠନ ଜଳାଇ ଭିତରକୁ ଦଉଡି ସାହାଯ୍ୟରେ ଛାଡିବା ଉଚିତ। ସେଠାରେ ବହୁତ ଅଙ୍ଗାରକାମ୍ଳ ଥିଲେ ଏହା ଲିଭିଯିବ। ଥରେ ଚେଷ୍ଟାରେ ହୃଦ୍‌ବୋଧ ନ ହେଲେ ଆଉଥରେ ଜୋରରେ ଲଣ୍ଠନ ଜଳାଇ ପରୀକ୍ଷା କରିବ। ଯଦି ଲିଭିଯାଏ, ଅଙ୍ଗାରକାମ୍ଳର ପ୍ରାବଲ୍ୟ ଅଛି ବୋଲି ବୁଝିବାକୁ ହେବ। ଯଦି ମିଥେନ ବାଷ୍ପ ଥିବ, ତେବେ ଲଣ୍ଠନ ଜୋରରେ ଜଳିବ। ଏପରିକି ଲଣ୍ଠନ କାଚ ଫାଟିଯାଇପାରେ। ଖଣି ଭିତରେ ଏପରି ଦୁର୍ଘଟଣାର ଉଦାହରଣ ବହୁତ ଅଛି, ଯେହେତୁ ମିଥେନ ବାଷ୍ପ ଦହନୀୟ। ଧଳା ଚୂନପାଣି (ଉପରସ୍ତରର ଚୂନ ପାଣି) ଗୋଟେ ପାତ୍ରରେ ରଶି ସାହାଯ୍ୟରେ ଭିତରକୁ ଛାଡ଼ନ୍ତୁ। ସେଠାରେ ଅଙ୍ଗାରକାମ୍ଳ ଥିଲେ ଏହା କ୍ଷୀର ଭଳି ଧଳା ହୋଇଯିବ କିଛି ସମୟ ପରେ। ଏ ଦୁଇଟି ସହଜ ପରୀକ୍ଷା। ଅନ୍ୟ ପରୀକ୍ଷା ସବୁ ଅଛି ଯାହା ସମସ୍ତଙ୍କ ପାଇଁ ବୋଧଗମ୍ୟ ନୁହେଁ। ଅଙ୍ଗାରକାମ୍ଳ ବାଷ୍ପ ଜାଣିବାକୁ ଯଦି ସନ୍ଦେହ ଥାଏ ତେବେ ଆଜିକାଲି ଛୋଟ ଅମ୍ଳଜାନ ବୋତଲ ଓ ମାସ୍କ ମିଳିଲାଣି। ନାକ ଦ୍ୱାରା ମାସ୍କରେ ଅମ୍ଳଜାନ ନେଇ ଭିତରକୁ ଯିବା ନିରାପଦ ହେବ।

ଲୋକଙ୍କ ପାଇଁ ଓ ସ୍ୱାସ୍ଥ୍ୟ ଲାଗି ପାଇଖାନା ଅପରିହାର୍ଯ୍ୟ। ସରକାରୀ ପ୍ରୋତ୍ସାହନ ଯୋଗୁ ଏହାର ବହୁଳ ପ୍ରସାର ହେବ ଆସ୍ତେ ଆସ୍ତେ। ତେଣୁ ସରକାରୀ ଓ ବେସରକାରୀ ସ୍ତରରେ ଶ୍ରମିକ ତଥା ଘରମାଲିକଙ୍କୁ ସମ୍ଭାବ୍ୟ ବିପଦ ବିଷୟରେ ସଚେତନ କରିବା ଜରୁରୀ।

ଭିଆଇଏମ୍–୭୭୮, ଶୈଳଶ୍ରୀବିହାର,
ଭୁବନେଶ୍ୱର, ମୋ–୦୬୭୪ ୨୭୪୩୮୦୪

## ଏଇ ଭାରତରେ

ଅନ୍ୟର ଅନ୍ତର୍ବେଦନା ବା ଯନ୍ତ୍ରଣା ଅନୁଭବ କରିବାକୁ ହେଲେ ଅନୁରୂପ କଷ୍ଟ ଆପେ ଭୋଗିବାକୁ ପଡିବ। କିନ୍ତୁ ଏପରି ବ୍ୟକ୍ତି ଦୁନିଆରେ ବିରଳ। ସେପରି ଏକ ବିରଳ ବ୍ୟକ୍ତିତ୍ୱର ଅଧିକାରୀ ହେଉଛନ୍ତି ମହାରାଷ୍ଟ୍ର ରାଜ୍ୟ ନାନ୍ଦେଦ୍ ଜିଲାର ବାସିନ୍ଦା ଡାକ୍ତର ନୀତିନ ଯୋଶୀ। ସେ ବୃତ୍ତିରେ ଜଣେ ଡାକ୍ତର ହେଲେ ବି ରୋଗୀଙ୍କ ପ୍ରତି ତାଙ୍କର ସମ୍ବେଦନଶୀଳ ହୃଦୟଟିଏ ଅଛି। ରୋଗୀର ଯନ୍ତ୍ରଣା ଉପଲବ୍‌ଧି କରିବା ପାଇଁ ସେ ନିଜେ ନିଜର ଏଣ୍ଡୋସ୍କୋପି କରାଇଛନ୍ତି। ଭାରତରେ ଏହା ପ୍ରଥମ ଘଟଣା। ମେଡିକାଲ୍ ଇତିହାସରେ ସେ ଏକ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ଡାକ୍ତର ନିତିନ୍ ଏ ପର୍ଯ୍ୟନ୍ତ ୭ହଜାର ରୋଗୀଙ୍କଠାରେ ଏଣ୍ଡୋସ୍କୋପି କରାଇସାରିଲେଣି। ଏଥିପାଇଁ କେତେକ ରୋଗୀଙ୍କୁ ଆଂଶିକ ନିଶ୍ଚେତକ ଦିଆଯାଉଥିବା ବେଳେ ଆଉ କେତେକଙ୍କୁ ଆଦୌ ଏହା ଦିଆ ନ ଯାଇ ଏଣ୍ଡୋସ୍କୋପି କରାଯାଏ। କେତେକ କ୍ଷେତ୍ରରେ ରୋଗୀ ଏଣ୍ଡୋସ୍କୋପି ସମୟରେ ଯନ୍ତ୍ରଣା ଅନୁଭବ କରିଥାଆନ୍ତି। ଏଣ୍ଡୋସ୍କୋପି ଦ୍ୱାରା ଶରୀର ଆଭ୍ୟନ୍ତରୀଣ ସ୍ଥିତି ପରୀକ୍ଷା କରାଯାଏ। କିନ୍ତୁ ଏଥିପାଇଁ ଜଣେ ରୋଗୀ କି ପ୍ରକାର କଷ୍ଟ ଅନୁଭବ କରେ ତାହା ଜାଣିବା ପାଇଁ ଏହି ମାନବବାଦୀ ଡାକ୍ତର ଜଣକ ନିଜର ଏଣ୍ଡୋସ୍କୋପି କରାଇଛନ୍ତି। କାରଣ ରୋଗୀର ଯନ୍ତ୍ରଣା ଅନୁଭବ କରିପାରୁଥିବା ଜଣେ ଡାକ୍ତର ଭଲ ବ୍ୟକ୍ତି ପଦବାଚ୍ୟ ବୋଲି ସେ ଭାବନ୍ତି। ନିଜଠାରେ ଯଥାର୍ଥ ଭାବରେ ଏଣ୍ଡୋସ୍କୋପି ପରୀକ୍ଷା କରିବା ଦ୍ୱାରା ଜଣେ ଡାକ୍ତର ରୋଗୀଠାରେ ଏହାର ଉପଯୁକ୍ତ ପ୍ରୟୋଗ କରିପାରିବ ବୋଲି ସେ ପ୍ରକାଶ କରିଛନ୍ତି। ନୀତିନ ଯୋଶୀଙ୍କ ପରି ସବୁ ଡାକ୍ତର ରୋଗୀଙ୍କ ପ୍ରତି ସମ୍ବେଦନଶୀଳ ହୋଇପାରିଲେ ରୋଗ ଯନ୍ତ୍ରଣା ଅନେକାଂଶରେ ଦୂର ହୋଇପାରନ୍ତା।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଅକ୍ଟୋବର ୧୯୯୩

- ରୁଷିଆର ରାଷ୍ଟ୍ରପତି ବୋରିସ ୟେଲଟସିନ ଦେଶର କମ୍ୟୁନିଷ୍ଟ ପାର୍ଟି ସମେତ କେତେକ ବିରୋଧୀ ଦଳ ଉପରୁ ନିଷେଧାଦେଶ ପ୍ରତ୍ୟାହାର କରିନେଇଛନ୍ତି।
- ବାଂଲାଦେଶରେ ଏକ ନୌକା ଦୁର୍ଘଟଣାରେ ୧୭ ଜଣଙ୍କର ମୃତ୍ୟୁ।

## ସାପ୍ତାହିକ ପଞ୍ଜିକା

ଅକ୍ଟୋବର ୧୪– ମାତା ବୈଷ୍ଣୋଦେବୀଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥଯାତ୍ରୀମାନଙ୍କୁ ଏଣିକି ମାଗଣାରେ ପାଞ୍ଚଲକ୍ଷ ଟଙ୍କାର ବୀମା ଦିଆଯିବା ନେଇ ମଞ୍ଜୁରୀ ମିଳିଛି।

୧୫– ବିମାନ ଭଳି ଭାରତୀୟ ଟ୍ରେନ୍‌ଗୁଡ଼ିକରେ ମଧ୍ୟ ବ୍ଲାକ୍‌ବକ୍ସ ଲାଗିବ ବୋଲି ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

୧୬– ଆଲ୍ଲାହାବାଦର ନାମ ପରିବର୍ତ୍ତନ କରାଯାଇ ପ୍ରୟାଗରାଜ ରଖାଗଲା।

୧୭– ମିଲ୍‌କମ୍ୟାନ୍ ଉପନ୍ୟାସ ପାଇଁ ଆୟର୍ଲାଣ୍ଡ ଲେଖିକା ଆନ୍ନା ବର୍ନସ ପାଇବେ ଚଳିତବର୍ଷର ମର୍ଯ୍ୟାଦାଜନକ ମ୍ୟାନ୍ ବୁକର ପୁରସ୍କାର।

## ଆମ ସମସ୍ୟା

### ଚାକିରି ନିୟମିତ କରାଯାଉ

ମହାଶୟ,

ରାଜ୍ୟ ଓଟିଡିସିରେ ଆମେ ୨୫ ଜଣ କର୍ମଚାରୀ ବିଗତ ୨୪ ବର୍ଷ ଧରି କାର୍ଯ୍ୟ କରିଆସୁଥିଲେ ମଧ୍ୟ ଆମ ଚାକିରି ଅଦ୍ୟାବଧି ନିୟମିତ କରାଯାଇନାହିଁ। ଫଳରେ ସ୍ୱଳ୍ପ ଦରମାରେ ପରିବାର ପ୍ରତିପୋଷଣ କରିବା କଷ୍ଟସାଧ ହୋଇପଡୁଛି। କାର୍ଯ୍ୟ କରିବାର ପ୍ରତିବଦ୍ଧତା ଥାଇ ମଧ୍ୟ ଦାରିଦ୍ର୍ୟର ତାଡ଼ନାରେ ଅବହେଳିତ ଅବସ୍ଥାରେ ପଡିରହିଛୁ। ଓଟିଡିସି କର୍ମଚାରୀ ସଂଘ ବିଗତ ଦିନରେ ମ୍ୟାନେଜମେଣ୍ଟର ହାତବାରିସି ସାଜି ଆମ୍ଭମାନଙ୍କ ପ୍ରତି ଅବହେଳା କରିଆସିଛନ୍ତି। ବଡ଼ ଅଫିସରମାନେ ନିଜ ପଦବୀ ଓ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ତୃତୀୟ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପ୍ରତି ନିଷ୍ଠୁର ମନୋଭାବ ପୋଷଣ କରିଆସିଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ଏ ଦିଗରେ ଦୃଷ୍ଟିଦେଇ ୨୪ ବର୍ଷ ହେଲା ସ୍ୱଳ୍ପ ଦରମାରେ କାର୍ଯ୍ୟ କରିଆସୁଥିବା ଓଟିଡିସିର ୨୫ଜଣ କର୍ମଚାରୀଙ୍କ ଚାକିରିକୁ ନିୟମିତ କରାଇବାକୁ ଅନୁରୋଧ କରୁଛୁ।

ଓଟିଡିସିର ଅସ୍ଥାୟୀ କର୍ମଚାରୀବୃନ୍ଦ, ଭୁବନେଶ୍ୱର

### କଣ୍ଡକ୍ଟରଙ୍କ ଦୌରାତ୍ମ୍ୟ

କଟକ ଓ ଭୁବନେଶ୍ୱର ମଧ୍ୟରେ ଚାଲୁଥିବା ବସ୍‌ଗୁଡ଼ିକରେ କଣ୍ଡକ୍ଟରମାନଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢିଚାଲିଛି। କଟକରୁ ଭୁବନେଶ୍ୱରର ଦୂରତା ୨୬ କିମି ହୋଇଥିବା ବେଳେ ସାଧାରଣ ବସ୍‌ରେ ସରକାରୀ ଧାର୍ଯ୍ୟ ବସ୍ ଭଡା ୧ କିମିକୁ ୭୦ ପଇସା ହିସାବରେ ୧୮ ଟଙ୍କା ହେବା କଥା। ମାତ୍ର କଣ୍ଡକ୍ଟରମାନେ ଜୋର କରି ୨୫ ଟଙ୍କା ଆଦାୟ କରୁଛନ୍ତି। ବସ୍‌ଭଡ଼ା ୬୨ ପଇସା ଥିଲାବେଳେ ବି ୧୫/୧୬ ଟଙ୍କା ବଦଳରେ ୨୦ ଟଙ୍କା ଆଦାୟ କରୁଥିଲେ। କଟକରୁ ଭୁବନେଶ୍ୱର ନିୟମିତ ଯିବାଆସିବା କରୁଥିବା ଯାତ୍ରୀଙ୍କୁ ଏପ୍ରକାର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡେନାହିଁ। କାରଣ ସେମାନେ ହାତମୁଠା ବନ୍ଦ କରି ଯାହା ଭଡ଼ା ଦିଅନ୍ତି, କଣ୍ଡକ୍ଟର ଆଗ୍ରହରେ ରଖିଥାନ୍ତି। ଏପ୍ରକାର ଦୁର୍ଭାଗ୍ୟ ଆସିଥାଏ କେବଳ ଦୂରରୁ ଯାଉଥିବା ଯାତ୍ରୀମାନଙ୍କର। କେବଳ ସେତିକି ନୁହେଁ, ବାଦାମବାଡିରୁ ଆସୁଥିବା ବସ୍ ଲିଙ୍କ୍‌ରୋଡ ଛାଡିବା ବେଳକୁ ପ୍ରାୟ ୪୦/୫୦ ମିନିଟ୍ ସମୟ ଲାଗିଥାଏ। ଆମ ସରକାରଙ୍କ ପରିବହନ ବିଭାଗରେ କିଛି ନୀତିନିୟମ ଅଛି ନା ନାହିଁ?

ନିରଞ୍ଜନ ସାହୁ, ସାହୁପଡ଼ା, ବରୀ, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

UTI Mutual Fund
Haq, ek behtar zindagi ka.

10 YEARS

# ୟୁଟିଆଇ ସ୍ୱତନ୍ତ୍ର

ନିବେଶକ ଶିକ୍ଷଣ ହେତୁ ଏକ ପଦକ୍ଷେପ | ସମର୍ଥନ ଧରିତ୍ରୀ

## ରିସ୍କର ବିବିଧକରଣ କାହିଁକି ମହତ୍ତ୍ୱ ରଖିଥାଏ

ଉଦ୍ୟୋଗୀମାନଙ୍କ ପାଇଁ ହିସାବକିତାବ ତାଙ୍କ ଜୀବନରେ ଏକ ଅବିଚ୍ଛେଦ୍ୟ ଅଙ୍ଗରେ ପରିଣତ ହୋଇଯାଏ। ଯଦି ଆପଣ ଜଣେ ଉଦ୍ୟୋଗୀ, ତେବେ ଆପଣଙ୍କ ଅର୍ଥ ପାଇଁ ଏହା କେତେ ଜରୁରୀ ତାହା ଆପଣ ଜାଣିଥିବେ। ଆୟ ଓ ବ୍ୟୟ ଉପରେ ଆପଣ ସର୍ବଦା ଛଞ୍ଚାଣ ଭଳି ଆଖିରେ ନଜର ରଖିଥାନ୍ତି। ଆପଣ ନିଜ ବ୍ୟବସାୟକୁ କିଛି ନା କିଛି ଦେବା ଜାରି ରଖନ୍ତି ଯାହା ଆପଣଙ୍କ ସମ୍ମୁଖରେ ବଢ଼ିବାକୁ ଲାଗିଥାଏ। ପ୍ରକୃତପକ୍ଷେ, ଆପଣଙ୍କ ମଧ୍ୟରୁ ଅନେକ, ସବୁକିଛି ଦେଇଦେଇଥାନ୍ତି। ରିସ୍କ ବିବିଧକରଣ, ଅର୍ଥାତ୍ ରିସ୍କକୁ ଅନେକ ଆସେଟ୍ କ୍ଲାସ୍‌ରେ ବ୍ୟାପ୍ତ କରିବାର ପ୍ରକ୍ରିୟାକୁ ଆପଣ ଏତେ ଗୁରୁତ୍ୱ ଦେଇ ନ ଥାନ୍ତି।
କିନ୍ତୁ, ଏହା ବିଜ୍ଞତାର ପରିଚାୟକ ନୁହେଁ । ଅନ୍ୟାନ୍ୟ ବ୍ୟକ୍ତିବିଶେଷଙ୍କଠାରୁ ଅଧିକ ନ ହେଲେ ମଧ୍ୟ ଏକ ସୁ-ବିବିଧକୃତ ନିବେଶ ପୋର୍ଟଫୋଲିଓ ଉଦ୍ୟୋଗୀମାନଙ୍କ ପାଇଁ ମଧ୍ୟ ସମାନ ଗୁରୁତ୍ୱ ବହନ କରିଥାଏ।



### ବିବିଧକରଣ ସହିତ ଆପଣ କ'ଣ ହାସଲ କରିପାରିବେ

#### ପୁଞ୍ଜି ସୁରକ୍ଷା

ଜଣେ ବ୍ୟବସାୟ ପରିଚାଳନାକାରୀ ଭାବେ, 'ବ୍ୟାଙ୍କରେ-ନଗଦ-ଟଙ୍କା'ର ମହତ୍ତ୍ୱକୁ ଆପଣ ଅନ୍ୟମାନଙ୍କଠାରୁ ଅଧିକ ଭଲଭାବେ ଜାଣିଥାନ୍ତି। ଆବଶ୍ୟକତା ସମୟରେ ପାଖରେ ଟଙ୍କା ରହିବା କାର୍ଯ୍ୟକାରୀ ପୁଞ୍ଜିର ଚାପକୁ ପ୍ରଶମିତ କରିବାରେ ସର୍ବାଧିକ ସହାୟକ ହୋଇଥାଏ । ହଁ, ଆପଣ ନିଜ ବ୍ୟବସାୟରେ ସବୁକିଛି ନିବେଶ କରିଦେଇଛନ୍ତି। କିନ୍ତୁ ନିଜ ଆୟର ଏକ ଅଂଶକୁ ଅଲଗା କରି ରଖିବା ପାଇଁ ସର୍ବଦା ନିଜକୁ ପ୍ରବର୍ତ୍ତାଇବା ଉଚିତ୍। ଦୀର୍ଘ ସମୟ ଧରି ଛୋଟ ଛୋଟ ପରିମାଣର ଅର୍ଥରାଶି ଏକ ସଞ୍ଚୟ ପାଣ୍ଠି ଗଢ଼ିବାରେ ସହାୟକ ହୋଇଥାଏ ।

**ପେସାଦାର ଟିପ୍ସ:** ନିଜର ବ୍ୟବସାୟ ଓ ବ୍ୟକ୍ତିଗତ ପୋର୍ଟଫୋଲିଓକୁ ଅଲଗା ରଖନ୍ତୁ।

#### ଧନ ଏକତ୍ରୀକରଣ

ଆପଣଙ୍କ ଭାଗ୍ୟ କେବଳ ଆପଣଙ୍କ କମ୍ପାନୀର ଭବିଷ୍ୟତ ମୂଲ୍ୟାୟନ ହେବା ଉଚିତ୍ ନୁହେଁ, ଆପଣ ପ୍ରକୃତରେ ନିଜର ଲାଭଗୁଡ଼ିକୁ ନିବେଶ କରି ଅଧିକ ଧନ ସୃଷ୍ଟି କରିବା ଉଚିତ୍। ନିଜ ଧନ ଏକତ୍ରୀକରଣ ପାଇଁ ବ୍ୟବସାୟ ପରିଚାଳନା ସମୟରେ ଆପଣଙ୍କୁ କେବଳ ବ୍ୟବସାୟର ଲାଭ ଉପରେ ଭରସା କରିବା ଉଚିତ୍ ନୁହେଁ। ନିଜ ବ୍ୟବସାୟରେ ଥିବା ଆପଣଙ୍କ ନିବେଶଗୁଡ଼ିକ ନଗଦୀକରଣ ନ କରିବା ପର୍ଯ୍ୟନ୍ତ କେବଳ କାଳ୍ପନିକ ବା ଆନୁମାନିକ ହୋଇଥାଏ । ନିଜର କର୍ମଜୀବନରେ, ଆପଣଙ୍କୁ ବିଭିନ୍ନ ପ୍ରକାରର ଆସେଟ୍ କ୍ଲାସ୍ ଯେପରି ଡେବ୍ଟ, ଇକ୍ୱିଟି ଏବଂ କ୍ୟାଶ୍‌ରେ ବିବିଧକୃତ ହୋଇଥିବା ଏକ ପୋର୍ଟଫୋଲିଓ ବଜାୟ ରଖିବା ଆବଶ୍ୟକ। ଏପରି ଏକ ସୁ-ପ୍ରସ୍ତୁତ ପୋର୍ଟଫୋଲିଓ ବିଭିନ୍ନ ବଜାର ଚକ୍ର ଆପଣଙ୍କ ପାଇଁ ସହାୟକ ହେବ।

**ପେସାଦାର ଟିପ୍ସ:** ଲକ୍ଷ୍ୟ ଧାର୍ଯ୍ୟ କରନ୍ତୁ ଏବଂ ସେହି ନିର୍ଦ୍ଦିଷ୍ଟ ଲକ୍ଷ୍ୟଗୁଡ଼ିକ ପାଇଁ ସିଷ୍ଟେମାଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍ଆଇପି) ସ୍ଥାପନ କରନ୍ତୁ । ଆପଣ ଯେପରି ସେହି ଟଙ୍କାକୁ ନ ଛୁଅଁନ୍ତି ତାକୁ ଏହା ସୁନିଶ୍ଚିତ କରିବ।


#### ଜୀବନର ଲକ୍ଷ୍ୟ ପାଇଁ ଟିକସ ସଞ୍ଚୟ

ଟିକସ ସଞ୍ଚୟର ଅର୍ଥ ଆପଣଙ୍କ ହାତରେ ଅଧିକ ଟଙ୍କା। ହେଲେ, ଆପଣ ଯଦି ନିଜକୁ ନିବେଶରେ ନ ରଖନ୍ତି ତେବେ ଏହା କୌଣସି ପ୍ରୟୋଜନରେ ଆସିବ ନାହିଁ । ଇକ୍ୱିଟି-ଲିଙ୍କ୍‌ଡ ସେଭିଂସ୍ ସ୍କିମ୍ ବା ଅଧିକ ଲୋକପ୍ରିୟ ଭାବେ ଇଏଲ୍ଏସ୍ଏସ୍ ଭାବେ ପରିଚିତ ଟିକସ-ସଞ୍ଚୟକାରୀ ସାଧନଗୁଡ଼ିକ ହେଉଛି ଏପରି ଆର୍ଥିକ ସାଧନ ଯାହା ସର୍ବନିମ୍ନ ୩ ବର୍ଷର ଲକ୍-ଇନ୍ ଅବଧି ସହିତ ଆସିଥାଏ । ସେଗୁଡ଼ିକ ଆପଣଙ୍କୁ ବାର୍ଷିକ ₹୧.୫ ଲକ୍ଷ ପର୍ଯ୍ୟନ୍ତ ଟିକସ ଛାଡ଼ ଯୋଗାଇବା ଏବଂ ପୁଞ୍ଜି ବୃଦ୍ଧିର ଦୋହରା ଲାଭ ପ୍ରଦାନ କରିଥାନ୍ତି, କାରଣ ସେଗୁଡ଼ିକ ହେଉଛନ୍ତି ମୂଳତଃ ଇକ୍ୱିଟି-ଅଭିମୁଖୀ ପାଣ୍ଠି। ଆପଣ ନିଜର ଦୀର୍ଘମିଆଦୀ ଲକ୍ଷ୍ୟକୁ ବ୍ୟବହାର କରିପାରିବେ ଓ ଏକ ଇଏଲ୍ଏସ୍ଏସ୍ ସ୍କିମ୍‌କୁ ସେହି ଉଦ୍ଦେଶ୍ୟ ପାଇଁ ନିୟୋଜିତ କରିପାରିବେ। ଏହା ସୁନିଶ୍ଚିତ କରିବ ଯେ ଆପଣ ନିଜକୁ ନିବେଶ କରି ରଖିବେ ଏବଂ ପ୍ରତିବଦ୍ଧ ରହିବେ।

**ପେସାଦାର ଟିପ୍ସ:** ଦୀର୍ଘମିଆଦୀ ଆର୍ଥିକ ଲକ୍ଷ୍ୟଗୁଡ଼ିକୁ ହାସଲ କରିବା ପାଇଁ ଇଏଲ୍ଏସ୍ଏସ୍ ସ୍କିମ୍‌ଗୁଡ଼ିକରେ ତିନିବର୍ଷରୁ ଅଧିକ ସମୟ ପାଇଁ ନିଜକୁ ନିବେଶ କରି ରଖନ୍ତୁ । ନିଜର ଏସ୍ଆଇପିଗୁଡ଼ିକୁ ବନ୍ଦ କରନ୍ତୁ ନାହିଁ ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

## ସ୍ୱତନ୍ତ୍ର କୁମାର ବୁଝାନ୍ତି: ପଶ୍ଚାତ୍‌ଦୃଷ୍ଟି ପକ୍ଷପାତିତା



ଠିକ୍ ଜୀବନ ଭଳି, ବଜାରଗୁଡ଼ିକ ମଧ୍ୟ ଅନିଶ୍ଚିତ ହୋଇଥାଏ। ଯଦି ଆପଣ ଏକ ଅନୁକୂଳ ବଜାରକୁ ବାଟ କଢ଼ାଇଥିବା ଅତୀତର ଘଟଣାବଳୀ କିମ୍ବା ଅତୀତରେ ଆପଣଙ୍କୁ ସୁହାଇଥିବା ନିବେଶ ରଣନୀତିକୁ ଭିତ୍ତି କରି, ନିଜର ଭବିଷ୍ୟତ ନିବେଶ ରଣନୀତିର ଫଳାଫଳକୁ ଜାଣିଛନ୍ତି ବୋଲି ବିଶ୍ୱାସ କରୁଥାନ୍ତି, ତେବେ ଆପଣଙ୍କୁ ଝଟ୍‌କା ଲାଗିପାରେ।



**ଆର୍ଥିକ ମାମଲାରେ ପଶ୍ଚାତ୍‌ଦୃଷ୍ଟି ପକ୍ଷପାତିତାର ପ୍ରମୁଖ ଲକ୍ଷଣଗୁଡ଼ିକ ହେଲା:**
- ଏକ ନିବେଶ ନିଷ୍ପତ୍ତିକୁ ନେଇ ଅତ୍ୟଧିକ ଆତ୍ମବିଶ୍ୱାସୀ ରହିବା
- ଅତୀତର ଘଟଣାବଳୀକୁ ଆଧାର କରି ଏକ ପ୍ରତ୍ୟାଶିତ ଫଳାଫଳକୁ ଆଶା କରିବା
- ଆପଣଙ୍କ ନିବେଶ ସମ୍ପର୍କିତ ବିଶ୍ୱାସ ସତ ବୋଲି ପ୍ରମାଣିତ କରିବା ପାଇଁ ସଙ୍କେତ ଓ ତଥ୍ୟଗୁଡ଼ିକୁ ସନ୍ଧାନ କରିବା

(ଉଦାହରଣସ୍ୱରୂପ, ଆପଣ ଠିକ୍ ଆପଣଙ୍କ ସମ୍ମୁଖରେ ଥିବା ବିପଦ ସଙ୍କେତଗୁଡ଼ିକୁ ଅଣଦେଖା କରିପାରନ୍ତି କାରଣ ଆପଣଙ୍କ ମନ କେବଳ ସକାରାତ୍ମକ କଥାଗୁଡ଼ିକୁ ଦେଖିବାରେ ଲାଗିଥାଏ।)

**ପଶ୍ଚାତ୍‌ଦୃଷ୍ଟି ପକ୍ଷପାତିତାକୁ ଏଡ଼ାଇବାରେ କରଣୀୟ ଓ ବର୍ଜନୀୟ**

- ✓ ନିଜ ନିବେଶ ନିଷ୍ପତ୍ତିଗୁଡ଼ିକୁ ଯଥାର୍ଥ ଭାବେ ମୂଲ୍ୟାୟନ କରନ୍ତୁ। ନିଜ ନିବେଶ ନିଷ୍ପତ୍ତିଗୁଡ଼ିକୁ ପରୀକ୍ଷା କରନ୍ତୁ ଓ ଅତୀତର ତ୍ରୁଟିରୁ ଶିଖନ୍ତୁ।
- ✓ କ୍ଷତିର ସମ୍ଭାବନାକୁ ନ୍ୟୂନତମ କରିବା ପାଇଁ ନିଜ ପୋର୍ଟଫୋଲିଓକୁ ବିବିଧକୃତ କରନ୍ତୁ ବା ରିସ୍କକୁ ବିଭିନ୍ନ ପୋର୍ଟଫୋଲିଓରେ ବାଣ୍ଟିଦିଅନ୍ତୁ
- ✓ କୌଣସି ନିବେଶ ନିଷ୍ପତ୍ତି ନେବା ପୂର୍ବରୁ ସବୁକିଛି ନୂଆକରି ଆରମ୍ଭ କରନ୍ତୁ ଓ ଭଲଭାବେ ଗବେଷଣା କରନ୍ତୁ।
- ✗ ଗବେଷଣା ସମୟରେ ଆପଣ ଜାଣିଥିବା ସଙ୍କେତଗୁଡ଼ିକୁ ଖୋଜିବାର ଚେଷ୍ଟା କରନ୍ତୁ ନାହିଁ।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ




## ବିଶେଷଜ୍ଞ କୁହନ୍ତି

**ଜଣେ ପାଠକ ଆମକୁ ପଚାରିଛନ୍ତି: ଉଦ୍ୟୋଗୀମାନେ କେଉଁ ଆର୍ଥିକ / ଟଙ୍କାପଇସା ସମ୍ବନ୍ଧୀୟ ତ୍ରୁଟିଗୁଡ଼ିକୁ ଏଡ଼ାଇବା ଉଚିତ୍?**

### ବିଶେଷଜ୍ଞ ଉତ୍ତର ଦେଇଛନ୍ତି



ଜୀବରାମ ପଟେଲ
ଆର୍ଥିକ ପରାମର୍ଶଦାତା

ନିବେଶକମାନେ ଉଚ୍ଚ ସ୍ତରରର ଶୃଙ୍ଖଳା ସହିତ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ଉଚିତ। ଅତୀତର ରିଟର୍ନକୁ ଦେଖିବା ଓ ଭବିଷ୍ୟତର ରିଟର୍ନ ମଧ୍ୟ ସମାନ ରହିବ ବୋଲି ଭାବିନେବାର ତ୍ରୁଟି ନ କରିବା ଉଚିତ୍ । ଆପଣଙ୍କୁ ସଫଳତା ଦୋହରାଇବାର ଝୁଙ୍କକୁ ଏଡ଼ାଇବା ତଥା ଉପଯୁକ୍ତ ଆସେସ୍ ଆଲୋକେଶନ୍ ମାଧ୍ୟମରେ ରିସ୍କକୁ ପ୍ରଶମିତ କରିବା ଉଚିତ୍। ଉଦୀୟମାନ ଉଦ୍ୟୋଗୀମାନେ ସେମାନଙ୍କ ବ୍ୟବସାୟିକ ବିଚାରର ବୈଷୟିକ, ବିପଣନ, ମୂଲ୍ୟାୟନ ଓ ପାଣ୍ଠି ସଂଗ୍ରହ ଦିଗ ଉପରେ ଯେତିକି ଧ୍ୟାନ ଦେଇଥାନ୍ତି ତାହାର ଅଧା ଧ୍ୟାନ ଯଦି ଆର୍ଥିକ ଦିଗ ଉପରେ ଦିଅନ୍ତି ତେବେ ବ୍ୟବସାୟ ବର୍ତ୍ତିରହିବା ଓ ସଫଳ ହେବାର ସମ୍ଭାବନା ଅଧିକ ହେବ। ଯେକୌଣସି ସମ୍ଭାବ୍ୟ ଘଟଣାର ମୁକାବିଲା ପାଇଁ କିଛି ପରିମାଣର ଅର୍ଥରାଶିକୁ ପାର୍କ କରି ରଖିବା ବିଜ୍ଞତାର ପରିଚୟ। ଯଦି କୌଣସି ଆକସ୍ମିକ ଜରୁରିକାଳୀନ ପରିସ୍ଥିତି ଉପୁଜିଲେ ମାସକୁ-ମାସ କମ୍ପାନୀର ପରିଚାଳନା କରିବା କଷ୍ଟକର ହୋଇଯିବ।

## ଗୁରୁ କୁହନ୍ତି

**ଜଣେ ପାଠକ ଆମକୁ ପଚାରିଛନ୍ତି: ଉଦ୍ୟୋଗୀମାନଙ୍କ ପାଇଁ ଆର୍ଥିକ ଯୋଜନା ଗୁରୁତ୍ୱପୂର୍ଣ୍ଣ କାହିଁକି?**



ଟି.ଈଶ୍ୱର
ଆର୍ଥିକ ପରାମର୍ଶଦାତା

ଜଣେ ଉଦ୍ୟୋଗୀ ଭାବେ ଆପଣଙ୍କର ଯୁକ୍ତିସଙ୍ଗତ ଆର୍ଥିକ ଲକ୍ଷ୍ୟ ରହିବା ଆବଶ୍ୟକ। ଅର୍ଥରାଶିର ପରିମାଣ ଏବଂ ସେହି ଲକ୍ଷ୍ୟଗୁଡ଼ିକୁ ହାସଲ କରିବାର ସମୟସୀମା ଉପରେ ଆପଣଙ୍କ ନିବେଶର ପସନ୍ଦ ନିର୍ଭର କରିବ। ଜଣେ ନିବେଶକ ଭାବେ, ନିଜର ଆର୍ଥିକ ସୁଦୃଢ଼ତା ଶକ୍ତିକୁ ଗଢ଼ିବା ପାଇଁ ଆପଣଙ୍କୁ ଅନ୍ୟ କାହାର ନିଷ୍ପତ୍ତି ଉପରେ ଭରସା କରିବା ଉଚିତ୍ ନୁହେଁ । ଏହା ଆପଣଙ୍କ ଉଦ୍ୟୋଗ, ତେଣୁ ତାହାର ମାଲିକ ନିଜେ ହୁଅନ୍ତୁ। ନିଜର ରିସ୍କ ନେବାର ସାମର୍ଥ୍ୟକୁ ଗ୍ରହଣ କରନ୍ତୁ ଏବଂ ନିଜ ପସନ୍ଦ ସମ୍ପର୍କରେ ସଚେତନ ହୁଅନ୍ତୁ । ନିବେଶ ବିକଳ୍ପଗୁଡ଼ିକ ସମ୍ପର୍କରେ ନିଜର ଜ୍ଞାନ ବୃଦ୍ଧି କରିବା ଗୁରୁତ୍ୱପୂର୍ଣ୍ଣ । ଆବିଷ୍କାର କରିବା, ପରୀକ୍ଷା କରିବା ଓ ନିବେଶ କରିବାରେ ସଙ୍କୋଚ କରନ୍ତୁ ନାହିଁ । ଏକ ଉଦ୍ୟୋଗର ପରିଚାଳନାରେ ଆର୍ଥିକ ଯୋଜନା ହେଉଛି ଏକ ପ୍ରମୁଖ ଦିଗ, ଏହା ବୁଝିନେବା ଜରୁରୀ। ବ୍ୟବସାୟ ଯୋଜନା ସହିତ ଆର୍ଥିକ ଯୋଜନା ପ୍ରସ୍ତୁତ କରିବା ପ୍ରକୃତରେ ସଫଳତା ହାସଲ କରିବାର ସାଧ ଉପାୟ।

**କ୍ୟୁଆର୍ କୋଡ୍ ଡାଉନ୍‌ଲୋଡ୍ ଓ ସ୍କାନ୍ କରିବାର ପଦ୍ଧତି:**
୧) ନିଜ ଫୋନ୍‌ରେ କ୍ୟୁଆର୍ କୋଡ୍ ଆପ୍ ଡାଉନ୍‌ଲୋଡ୍ କରନ୍ତୁ ।
୨) ଆପ୍‌କୁ ଖୋଲନ୍ତୁ ଓ କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ ।
୩) ଆପଣଙ୍କ ସ୍ମାର୍ଟଫୋନ୍ କୋଡ୍‌କୁ ପଢ଼ିବ ଓ ଆପଣଙ୍କୁ ଗନ୍ତବ୍ୟସ୍ଥଳୀରେ ପହଞ୍ଚାଇବ ।

ଏମ୍ଏଫ୍ ଉଦ୍ୟୋଗୀଙ୍କୁ ଉପଯୁକ୍ତ ଆର୍ଥିକ ଯୋଜନା ତିଆରି କରିବାରେ ସହାୟକ ହୋଇଥାଏ ବୋଲି ଆପଣ ଜାଣିଥିଲେ କି? କିପରି? ଏହା ଜାଣିବା ପାଇଁ ଏହି କ୍ୟୁଆର୍ କୋଡ୍‌କୁ ସ୍କାନ୍ କରନ୍ତୁ...

ମ୍ୟୁଚୁଆଲ୍ ଫଣ୍ଡଗୁଡ଼ିକୁ ନେଇ ମନରେ କିଛି ପ୍ରଶ୍ନ ରହିଛି କି? ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ ଓ ତାହାକୁ ଆମ ନିକଟକୁ ପଠାନ୍ତୁ।

ଆପଣଙ୍କ ସହରରେ ଆୟୋଜିତ ହେଉଥିବା କୌଣସି କାର୍ଯ୍ୟକ୍ରମ ନିମନ୍ତେ ପଞ୍ଜୀକୃତ ହେବା ଲାଗି ଏହି କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ ।

**ଏହାପରେ କ'ଣ ?** ମ୍ୟୁଚୁଆଲ୍ ଫଣ୍ଡ ଆପଣଙ୍କ ଟଙ୍କାକୁ ଆପଣଙ୍କ ପାଇଁ କଠିନ ପରିଶ୍ରମ କରାଇବାରେ ସହାୟତା କରିପାରିବ ଏବଂ ଆପଣଙ୍କ ଉଦ୍ୟୋଗର ସଫଳତାର ଭାଗୀଦାର ହୋଇପାରିବ।

## ମ୍ୟୁଚୁଆଲ ଫଣ୍ଡଗୁଡ଼ିକ ଆପଣଙ୍କ ସଫଳତାର ଭାଗୀଦାର ହୋଇପାରିବ

ଏକ ଆର୍ଥିକ ଉତ୍ପାଦ ଭାବେ ମ୍ୟୁଚୁଆଲ୍ ଫଣ୍ଡ (ଏମ୍ଏଫ୍) ଗୁଡ଼ିକ ପ୍ରାକୃତିକ ବିବିଧତା ପ୍ରଦାନ କରିଥାଏ କାରଣ ସେଗୁଡ଼ିକ ଷ୍ଟକ୍, ବଣ୍ଡ ଏବଂ ଅନ୍ୟାନ୍ୟ ବଜାର ସାଧନରେ ନିବେଶ କରିଥାନ୍ତି। ସମାନ ଆସେଟ୍ କ୍ଲାସ୍ ମଧ୍ୟରେ ଥିବା ସତ୍ତ୍ୱେ, ଆପଣ ବିବିଧକରଣର ଲାଭ ଉପଭୋଗ କରିପାରିବେ। ଉଦାହରଣସ୍ୱରୂପ, ଏକ ବିବିଧକୃତ ଇକ୍ୱିଟି ଫଣ୍ଡ, ଏହାର ନିବେଶ ଅଧ୍ୟାଦେଶ ଅନୁଯାୟୀ ବିଭିନ୍ନ କ୍ଷେତ୍ର ତଥା ମାର୍କେଟ୍ କ୍ୟାପିଟାଲାଇଜେଶନ୍, ଯେପରିକି ଲାର୍ଜ କ୍ୟାପ୍, ମିଡ୍ ଓ ସ୍ମଲ୍ କ୍ୟାପ୍‌ରେ ନିବେଶ କରିଥାଏ।




### ସିଡ୍ କ୍ୟାପିଟାଲ ଗଢ଼ିବା

ଯଦି ଆପଣ ଜଣେ ଉଦ୍ୟୋଗୀ ହେବାକୁ ଚାହୁଁଥାନ୍ତି, ତେବେ ଆପଣ ଏକ ଷ୍ଟାର୍ଟଅପ୍ କ୍ୟାପିଟାଲ ବା ମୂଳଧନ ସୃଷ୍ଟି କରିବା ପାଇଁ ମ୍ୟୁଚୁଆଲ୍ ଫଣ୍ଡକୁ ସାଧନ ଭାବେ ବ୍ୟବହାର କରିପାରିବେ। ନିଜ ଉଦ୍ୟୋଗର ଶୁଭାରମ୍ଭ କରିବା ପୂର୍ବରୁ ୩-୫ ବର୍ଷର ସମୟ ସୀମା ସହିତ ସନ୍ତୁଳିତ ପାଣ୍ଠିରେ ନିବେଶ କରିବା କଥା ଚିନ୍ତା କରନ୍ତୁ । ଏହି ଫଣ୍ଡଗୁଡ଼ିକ ଇକ୍ୱିଟି ଓ ଡେବ୍ଟ ଇନ୍‌ଷ୍ଟ୍ରୁମେଣ୍ଟରେ ମିଳିତ ଭାବେ ନିବେଶ କରିଥାଏ । ଡେବ୍ଟ କମ୍ପୋନେଣ୍ଟ (ବଣ୍ଡ ସମ୍ବଳିତ) ଆପଣଙ୍କ ମୂଳଧନକୁ ସୁରକ୍ଷା ଯୋଗାଉଥିବାବେଳେ, ଇକ୍ୱିଟି ଅଭିବୃଦ୍ଧିର ସୁଯୋଗ ଯୋଗାଇଥାଏ ।

### ସାହାରା ଯୋଗାଇବା ପାଇଁ ପାଣ୍ଠି

ଜଣେ ଉଦ୍ୟୋଗୀ ଭାବେ, ଆପଣଙ୍କ ପ୍ରାଥମିକ ଚିନ୍ତା ହେଉଛି ଲିକ୍ୱିଡିଟି ଏବଂ ଜରୁରିକାଳୀନ ପରିସ୍ଥିତିରେ ସାହାରା ଦେବା ପାଇଁ ସମ୍ବଳ। ନିଜ ଟଙ୍କା ପ୍ରତି ସବୁ ସମୟରେ ପହଞ୍ଚିବାର ସୁବିଧା ରଖିବା ପାଇଁ, ଏପରି ଏକ ଲିକ୍ୱିଡ୍ ଫଣ୍ଡକୁ ବିଚାରକୁ ନିଅନ୍ତୁ ଯାହା ସଞ୍ଚୟ ଖାତାରୁ ଅଧିକ ଭଲ ରିଟର୍ନ ଦେବା ସହ ସବୁ ସମୟରେ ଆପଣଙ୍କ ଟଙ୍କା ପ୍ରତି ପହଞ୍ଚକୁ ସୁନିଶ୍ଚିତ କରିଥାଏ। ଏହାଛଡ଼ା, ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଆପଣଙ୍କୁ ନିବେଶ କରିଥିବା ସମ୍ପୂର୍ଣ୍ଣ ଅର୍ଥରାଶିକୁ ମୁକୁଳାଇବା ଆବଶ୍ୟକ ନୁହେଁ। ଆପଣ ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ପୂରଣ କରିବା ପାଇଁ ନିବେଶକୁ ଆଂଶିକ ଭାବେ ମୁକୁଳାଇପାରନ୍ତି।

### ଥରକରେ ଗୋଟିଏ ନିବେଶ ପଦକ୍ଷେପ

ଜଣେ ଉଦ୍ୟୋଗୀ ଭାବେ, ଆପଣ ଅର୍ଥରାଶିକୁ ଏକକାଳୀନ ନିବେଶ କରିବା ପାଇଁ ବାଧ୍ୟ ନୁହନ୍ତି। ଆପଣଙ୍କ ବ୍ୟବସାୟ ସୋପାନରୁ ସୋପାନକୁ ବୃଦ୍ଧି କରିବା ସହିତ, ଆପଣ ଥରକରେ ଗୋଟିଏ ନିବେଶ ପଦକ୍ଷେପ ନିଅନ୍ତୁ। ଆପଣଙ୍କ ବ୍ୟବସାୟର ଭବିଷ୍ୟତ ପାଇଁ ପାଣ୍ଠିଗୁଡ଼ିକ ସହିତ ସିଷ୍ଟେମାଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍‌ସ (ଏସ୍ଆଇପି)ରେ ନିବେଶ କରିବା କଥା ବିଚାର କରନ୍ତୁ । ଏସ୍ଆଇପି ମାଧ୍ୟମରେ ନିବେଶ ଆପଣଙ୍କଠାରେ ଶୃଙ୍ଖଳା ଏବଂ ନିୟମିତ ସଞ୍ଚୟର ଅଭ୍ୟାସ ସୃଷ୍ଟି କରିଥାଏ। ବ୍ୟବସାୟର ସଫଳତା ପାଇଁ ଶୃଙ୍ଖଳିତ ନିବେଶ ଅଭ୍ୟାସ ହେଉଛି ଏକ ପ୍ରାକ୍-ଆବଶ୍ୟକତା।

*ଏହି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବେ ୟୁଟିଆଇ ସ୍ୱତନ୍ତ୍ର ପାଇଁ ପ୍ରସ୍ତୁତ କରାଯାଇଛି । ଅଧିକ ସୂଚନା ପାଇଁ http://www.utiswatantra.com ପରିଦର୍ଶନ କରନ୍ତୁ

ଅଧିକ ବିବରଣୀ ପାଇଁ, ଆମକୁ ଟୁଇଟର୍ @utimutualfund ରେ ଫଲୋ କରନ୍ତୁ, ପ୍ରଶ୍ନ କିମ୍ବା ମତାମତ ଇମେଲ୍ କରନ୍ତୁ: info@beswatantra.com ରେ ■ ଦୟାକରି ବିଷୟ ଧାଡ଼ିରେ 'Swatantra in Dharitri' ଲେଖନ୍ତୁ ।
■ ଏପରି ଅଧିକ ଆର୍ଥିକ ଉପଦେଶ ପାଇଁ ଆମ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: http://www.utiswatantra.com

f LIVE
ଏହି ଦୀପାବଳିରେ, ନିଜର ଅର୍ଥକୁ ମଧ୍ୟ ପାଳନ କରିବାକୁ ଦିଅନ୍ତୁ। ମ୍ୟୁଚୁଆଲ୍ ଫଣ୍ଡ ସମ୍ପର୍କିତ ଭ୍ରାନ୍ତଧାରଣାର ଅନ୍ଧକାରରୁ ବାହାରିବା ପାଇଁ ୨୪ ଅକ୍ଟୋବର, ୨୦୧୮ ଅପରାହ୍ନ ୫.୦୦ ଘଟିକା ପରଠାରୁ ୟୁଟିଆଇ ସ୍ୱତନ୍ତ୍ରକୁ ଟ୍ୟୁନ୍ କରନ୍ତୁ ।

**ପରବର୍ତ୍ତୀ ସଂସ୍କରଣରେ:** ଆଲୋକର ପର୍ବ ପାଖେଇ ଆସୁଛି। ଏହି ଦୀପାବଳିରେ, ମ୍ୟୁଚୁଆଲ୍ ଫଣ୍ଡ ସମ୍ପର୍କିତ ଭ୍ରାନ୍ତଧାରଣାଗୁଡ଼ିକୁ ଦୂର କରି ତଥା ନିଜର ବୋନସ୍‌କୁ ସ୍ମାର୍ଟ ଉପାୟରେ ଉପଯୋଗ କରି ନିଜ ଆର୍ଥିକ ଜୀବନକୁ ଆଲୋକିତ କରନ୍ତୁ ।

ମ୍ୟୁଚୁଆଲ ଫଣ୍ଡ ନିବେଶ ବଜାରର ରିସ୍କ ଉପରେ ନିର୍ଭର କରିଥାଏ, ସ୍କିମ୍ ସମ୍ପର୍କିତ ସମସ୍ତ କାଗଜପତ୍ରକୁ ଯତ୍ନର ସହିତ ପଢ଼ନ୍ତୁ ।

MUTUALFUNDS Sahi Hai




ଭାରତର ପ୍ରଥମ ବିଭିଧିକୃତ ଇକ୍ୱିଟୀ ଫଣ୍ଡ
ଆରମ୍ଭରେ ନିବେଶ ହୋଇଥିବା ₹10 ଲକ୍ଷ@ ଆଜି ₹7.9 କୋଟିରୁ ଅଧିକ!
ବର୍ଷ ପରେ ବର୍ଷ ଲାଭାଂଶ। ମୋଟ ₹3000 କୋଟିର ଲାଭାଂଶ ଦେୟ^~
5.5 ଲକ୍ଷରୁ ଅଧିକ ନିବେଶକ!

ୟୁଟିଆଇ ମାଷ୍ଟରଶେୟର୍ ୟୁନିଟ୍ ସ୍କିମ୍ ଏକ ଓପନ୍ ଏଣ୍ଡେଡ୍ ଇକ୍ୱିଟୀ ସ୍କିମ୍ ଯାହା ମୁଖ୍ୟ ରୂପେ ବଡ଼ କ୍ୟାପ୍ ଷ୍ଟକ୍‌ରେ ନିବେଶ କରେ । ~ବିଗତ କାର୍ଯ୍ୟନିଷ୍ପାଦନ ଭବିଷ୍ୟତରେ ଅପରିବର୍ତ୍ତିତ ରହିପାରେ ବା ନରହିପାରେ । ଲାଭାଂଶ ଦେୟ ପରେ, ଯୋଜନାର ଲାଭାଂଶ ବିକଳ୍ପର ଏନ୍ଏଭି, ପରିଶୋଧ ଏବଂ ବିଧିବଦ୍ଧ ଦେୟତା (ଯଦି ଲାଗୁ ଅଟେ) ସୀମା ପର୍ଯ୍ୟନ୍ତ କମ୍ ହୋଇଯିବ । ଲାଭାଂଶର ବିତରଣ ଟ୍ରଷ୍ଟୀର ଅନୁମୋଦନ ଓ ବିତରଣ ଯୋଗ୍ୟ ଅଧିଶେଷର ଉପଲବ୍ଧତା ଅଧୀନ ଅଟେ । ପ୍ରଚଳିତ କର ନିୟମ ଅଧୀନ। $ମ୍ୟୁଚୁଆଲ୍ ଫଣ୍ଡ ଉପରୋକ୍ତ କଥନରେ ଉଲ୍ଲିଖିତ ଶେୟରର ଅନୁମୋଦନ କରେ ନାହିଁ ଏବଂ କୌଣସି ବି ସମୟରେ ଏହାର ଏଏମ୍‌ସିର ସୁଦୃଢ଼ତା ବା ଏହାକୁ କିଣିବା ଓ ବିକିବା ପାଇଁ ସୁପାରିଶ କରିନଥାଏ । କମ୍ପାନୀ ନାମ କେବଳ ସନ୍ଦର୍ଭ ପାଇଁ ଦିଆଯାଇଛି। ଏହି ସମସ୍ତ କମ୍ପାନୀ ବା କୌଣସି ଏକ କମ୍ପାନୀରେ ଏହି ସ୍କିମ୍ ଦ୍ୱାରା ନିବେଶ କରାଯାଇପାରେ ବା କରାଯାଇ ନ ପାରେ ମଧ୍ୟ । #ଏହା ଆପଣଙ୍କ ମ୍ୟୁଚୁଆଲ୍ ଫଣ୍ଡ ନିବେଶର ନିର୍ଦ୍ଧାରିତ ରାଶି ବା ଲାଭାଂଶ ରାଶିର ପୂରା ଭାଗ ବା ଏକ ନିର୍ଦ୍ଧାରିତ ଅଂଶ ଦାନ କରିବାର ଏକ ସୁବିଧା ଅଟେ । ^2003 ରୁ 30 ସେପ୍ଟେମ୍ବର 2018 ପର୍ଯ୍ୟନ୍ତ ଦିଆଯାଇଛି । @ଆରମ୍ଭ ତାରିଖ 15 ଅକ୍ଟୋବର 1986 । !30 ସେପ୍ଟେମ୍ବର 2018 ସୁଦ୍ଧା । *କେବଳ ଗ୍ରୋଥ୍ ବିକଳ୍ପରେ ₹100 ଏସ୍ଆଇପି ଉପଲବ୍ଧ ଅଟେ ।

**ମ୍ୟୁଚୁଆଲ୍ ଫଣ୍ଡ ନିବେଶ ବଜାର ଆପଦ ଅଧୀନ ଅଟେ, ସମସ୍ତ ସ୍କିମ୍ ସମ୍ବନ୍ଧିତ ଦସ୍ତାବିଜ୍‌କୁ ଧ୍ୟାନ ସହକାରେ ପଢ଼ନ୍ତୁ।**

## ୟୁଟିଆଇ ମାଷ୍ଟରଶେୟର୍ ୟୁନିଟ୍ ସ୍କିମ

ୟୁଟିଆଇ ମାଷ୍ଟରଶେୟର୍ ୟୁନିଟ୍ ସ୍କିମ୍, ଭାରତର ପ୍ରଥମ ବିଭିଧିକୃତ ଇକ୍ୱିଟୀ ଫଣ୍ଡରେ ନିବେଶ କରନ୍ତୁ ଯେଉଁଥିରେ ଉତ୍କୃଷ୍ଟ ଲାଭ ପାଇଁ କ୍ଷମତା ରହିଛି।
- ଲାର୍ସେନ୍ ଏଣ୍ଡ ଟର୍ବୋ ଲିଃ, ଆଇଟିସି, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଇନ୍‌ଫୋସିସ୍, ଏସିଆନ୍ ପେଣ୍ଟ୍ସ, ଟାଟା ମୋଟର୍ସ ଓ ମାରୁତି ସୁଜୁକି ପରି ବୃହତ୍ତର କମ୍ପାନୀରେ ନିବେଶ କରନ୍ତୁ$
- CanServe# ସୁବିଧାର ଲାଭ ଉଠାନ୍ତୁ - କ୍ୟାନ୍‌ସରରେ ପୀଡ଼ିତ ପିଲାଙ୍କ ଉପଚାରରେ ଯୋଗଦାନ ଦେଇ ତାଙ୍କୁ ଜୀବନର ସବୁଠାରୁ ଉତ୍ତମ ଉପହାର ଦିଅନ୍ତୁ ।

ଆପଣଙ୍କ ମ୍ୟୁଚୁଆଲ୍ ଫଣ୍ଡ ବିତରକଙ୍କ ସହିତ ସମ୍ପର୍କ କରନ୍ତୁ ବା **8655019940** ରେ ମିସ୍‌ଡ କଲ୍ ଦିଅନ୍ତୁ।

**SMS "UTIMS" to 5676756 | www.utimf.com**

| 30 ସେପ୍ଟେମ୍ବର 2018 ସୁଦ୍ଧା ଫଣ୍ଡର ଫଳାଫଳ ବନାମ ବେଞ୍ଚମାର୍କ | | | | ₹10,000 ର ବୃଦ୍ଧି | | |
|---|---|---|---|---|---|---|
| ଅବଧି | ଏନ୍ଏଭି (%) | ଏସ୍ଏଣ୍ଡପି ବିଏସ୍ଇ 100 (%) | ଏସ୍ଏଣ୍ଡପି ବିଏସ୍ଇ ସେନସେକ୍ସ (%) | ଏନ୍ଏଭି (₹) | ଏସ୍ଏଣ୍ଡପି ବିଏସ୍ଇ 100 (₹) | ଏସ୍ଏଣ୍ଡପି ବିଏସ୍ଇ ସେନସେକ୍ସ (₹) |
| 1 ବର୍ଷ | 8.94 | 10.94 | 17.13 | 10,894 | 11,094 | 11,713 |
| 3 ବର୍ଷ | 9.70 | 12.81 | 12.93 | 13,205 | 14,361 | 14,407 |
| 5 ବର୍ଷ | 15.88 | 15.81 | 14.88 | 20,903 | 20,840 | 20,016 |
| ଆରମ୍ଭରୁ (ସିଏଜିଆର)* | 14.67 | 14.29 | 15.07 | 796,457 | 715,105 | 888,951 |

#ସ୍କିମ୍‌ର ସିଏଜିଆର୍‌ରେ ଉଚିତ ଅଧିକାର ଛାଡ଼ର ମୂଲ୍ୟ ସହିତ ପ୍ରାରମ୍ଭିକ ବିନିଯୋଗ, ଏହି ଆଧାରରେ କି ବୃଦ୍ଧି ବିକଳ୍ପ ଉପଲବ୍ଧ ନଥିଲା ପର୍ଯ୍ୟନ୍ତ ଏବଂ ତାହାପରେ ବୃଦ୍ଧି ବିକଳ୍ପ ଅନ୍ତର୍ଗତ ଏନ୍ଏଭିକୁ ବିଚାରକୁ ନେଇ ଏନ୍ଏଭି ସମସ୍ତ ଲାଭାଂଶ ତାତ୍କ୍ଷଣିକ ଏକ୍ସ-ଡିଭାଇଡେଣ୍ଡ ଏନ୍ଏଭିରେ ପୁନଃ ବିନିଯୋଗ ହୋଇଥିଲା । ଏନ୍ଏଭି, ବୃଦ୍ଧି ବିକଳ୍ପ ଉପଲବ୍ଧ ନହୋଇଥିଲା ପର୍ଯ୍ୟନ୍ତ ଏବଂ ତାହାପରେ ବୃଦ୍ଧି ବିକଳ୍ପ ଅନ୍ତର୍ଗତ ଏନ୍ଏଭିକୁ ବିଚାରକୁ ନେଇ। ଭିନ୍ନ ଭିନ୍ନ ଯୋଜନା ପାଇଁ ଭିନ୍ନ ଭିନ୍ନ ବ୍ୟୟ ସଂରଚନା ରହିଛି । ନିୟମିତ ଯୋଜନାର ଫଳାଫଳ ସୂଚନା ଏଠାରେ ଦିଆଯାଇଛି । ବର୍ତ୍ତମାନର ଫଣ୍ଡ ମ୍ୟାନେଜର ଡିସେମ୍ବର-2006 ଠାରୁ ସ୍କିମ୍ ପରିଚାଳନା କରୁଛନ୍ତି । 01-01-1990 ରୁ ଏସ୍ଏଣ୍ଡପି ବିଏସ୍ଇ 100 । ପୂର୍ବାବଧି ସେନ୍‌ସେକ୍ସ ରିଟର୍ନ୍ସ । ସମ୍ମିଶ୍ରିତ ବାର୍ଷିକୀକୃତ ବୃଦ୍ଧି ହାର । *ବେଞ୍ଚମାର୍କ ଏସ୍ଏଣ୍ଡପି ବିଏସ୍ଇ 100 ର ପ୍ରଦର୍ଶନ ବେଞ୍ଚମାର୍କ ଇଣ୍ଡେକ୍ସର ସମୁଦାୟ ରିଟର୍ନ ଇଣ୍ଡେକ୍ସ ପ୍ରକାରକୁ ବ୍ୟବହାର କରି ଗଣନା କରାଯାଇଛି ।

ଫଣ୍ଡ ମ୍ୟାନେଜର ଶ୍ରୀମତୀ ସ୍ୱାତୀ କୁଲକର୍ଣ୍ଣୀଙ୍କ ଦ୍ୱାରା ପରିଚାଳିତ ଅନ୍ୟ ସ୍କିମ୍ ଗୁଡ଼ିକର ଫଳାଫଳ ବିବରଣୀ ନିମ୍ନପ୍ରକାର:


30 ସେପ୍ଟେମ୍ବର 2018 ସୁଦ୍ଧା ଫଣ୍ଡ ପ୍ରଦର୍ଶନ ବନାମ ବେଞ୍ଚମାର୍କ (ସିଏଜିଆର)

| ଅବଧି | 1 ବର୍ଷ | | 3 ବର୍ଷ | | 5 ବର୍ଷ | | ଯେବେ ଠାରୁ ଫଣ୍ଡ ମ୍ୟାନେଜର ଏହି ଫଣ୍ଡକୁ ପରିଚାଳନା କରୁଛନ୍ତି |
|---|---|---|---|---|---|---|---|
| | ସ୍କିମ୍ ରିଟର୍ନ (%) | ବେଞ୍ଚମାର୍କ ରିଟର୍ନ (%) | ସ୍କିମ୍ ରିଟର୍ନ (%) | ବେଞ୍ଚମାର୍କ ରିଟର୍ନ (%) | ସ୍କିମ୍ ରିଟର୍ନ (%) | ବେଞ୍ଚମାର୍କ ରିଟର୍ନ (%) | |
| ୟୁଟିଆଇ ଏମ୍ଏନ୍‌ସି ଫଣ୍ଡ | 9.14 | 4.41 | 8.55 | 13.78 | 21.41 | 20.20 | June.2004 |
| ୟୁଟିଆଇ ଡିଭାଇଡେଣ୍ଡ ୟିଲ୍ଡ ଫଣ୍ଡ | 10.46 | 12.77 | 11.46 | 15.88 | 15.38 | 15.06 | Dec.2005 |

*ସମ୍ମିଶ୍ରିତ ବାର୍ଷିକୀକୃତ ବୃଦ୍ଧି ଦର । ୟୁଟିଆଇ ଏମ୍ଏନ୍‌ସି ଫଣ୍ଡ ପାଇଁ ବେଞ୍ଚମାର୍କ ନିଫ୍ଟି ଏମ୍ଏନ୍‌ସି ଅଟେ । ୟୁଟିଆଇ ଡିଭାଇଡେଣ୍ଡ ୟେଲ୍ଡ ଫଣ୍ଡ ପାଇଁ ବେଞ୍ଚମାର୍କ ନିଫ୍ଟି ଡିଭାଇଡେଣ୍ଡ ଅପର୍ଚୁନେଟିଜ୍ 50 ଅଟେ । ଶ୍ରୀମତୀ ସ୍ୱାତୀ କୁଲକର୍ଣ୍ଣୀ ୟୁଟିଆଇ ମ୍ୟୁଚୁଆଲ୍ ଫଣ୍ଡର ୩ଟି ଓପନ୍-ଏଣ୍ଡେଡ୍ ଡୋମେଷ୍ଟିକ୍ ସ୍କିମ୍ ପରିଚାଳନା କରୁଛନ୍ତି । ଭିନ୍ନ ଭିନ୍ନ ଯୋଜନା ପାଇଁ ଭିନ୍ନ ଭିନ୍ନ ବ୍ୟୟ ସଂରଚନା ରହିଛି । ଏଠାରେ ନିୟମିତ ଯୋଜନାର ଫଳାଫଳ ସୂଚନା ଦିଆଯାଇଛି ।

**ୟୁଟିଆଇ ମାଷ୍ଟରଶେୟର୍ ୟୁନିଟ୍ ସ୍କିମ୍‌ରେ**
ଏହି ଉତ୍ପାଦ ସେହି ନିବେଶକଙ୍କ ପାଇଁ ଉପଯୁକ୍ତ ଅଟେ ଯେଉଁମାନେ ନିମ୍ନଲିଖିତ ପାଇଁ ଇଚ୍ଛୁକ ଅଟନ୍ତି:**
- ଦୀର୍ଘକାଳୀନ ପୁଞ୍ଜି ବୃଦ୍ଧି
- ମୁଖ୍ୟତଃ ଲାର୍ଜ କ୍ୟାପ୍ କମ୍ପାନୀର ଇକ୍ୱିଟୀ ଇନ୍‌ଷ୍ଟ୍ରୁମେଣ୍ଟ୍ସରେ ନିବେଶ କରେ

**ଉକ୍ତ ଉତ୍ପାଦ ତାଙ୍କ ପାଇଁ ଉଚିତ୍ ଅଟେ ବା ନାହିଁ ଏହା ଜାଣିବା ପାଇଁ ନିବେଶକଙ୍କୁ, ସେମାନଙ୍କ ବିତ୍ତୀୟ ପରାମର୍ଶଦାତାଙ୍କ ସହିତ ଅବଶ୍ୟ ପରାମର୍ଶ କରିବା ଉଚିତ ।



Scan this QR code to start investing in UTI Mastershare Unit Scheme

## ସଂକ୍ଷେପରେ

### ଦୁଇ ବଖରା ଜଳିଗଲା

ବାଲିକୁଦା,୨୧।୧୦(ସ୍ୱ.ପ୍ର.): ବାଲିକୁଦା ତହସିଲ ଅଧୀନ ଥାଇଲୋ ପଞ୍ଚାୟତ ସନ୍ତୋ ଗ୍ରାମରେ ରବିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ରଶ୍ମିତା ସାସମଲଙ୍କ ଦୁଇ ବଖରା ଜଳି ଯାଇଛି। ବିଦ୍ୟୁତ୍ ଶଟ୍ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଚର୍ଚ୍ଚା ହେଉଛି। ବାଲିକୁଦା ଅଗ୍ନିଶମ କେନ୍ଦ୍ର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବାବେଳକୁ ସବୁ କିଛି ଜଳି ପାଉଁଶ ହୋଇ ସାରିଥିଲା। ଘରର ସମସ୍ତ ଆସବାବପତ୍ର ସହ ଧାନ ଚାଉଳ ଆଦି ପୋଡି ପାଉଁଶ ହୋଇଯାଇଛି।

### ପାରାଦୀପ ବସ୍ ମାଲିକ ସଂଘ ନୂତନ କର୍ମକର୍ତ୍ତା

ପାରାଦୀପ,୨୧।୧୦(ସ୍ୱ.ପ୍ର.): ପାରାଦୀପ ବସ୍ ମାଲିକ ସଂଘର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଛି। ଏହି ଅବସରରେ ରବିବାର ସ୍ଥାନୀୟ ପାନ୍ଥନିବାସଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ପ୍ରକ୍ରିୟାରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଓ ଶ୍ରମିକ ନେତା ଅନନ୍ତ ଦାସ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବ ସଂଘ ସଭାପତି ଚୌଧୁରୀ ପ୍ରଭାତ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ରଶ୍ମିରଞ୍ଜନ ପରିଡ଼ା, ଉପସଭାପତି ନିର୍ମଳ କୁମାର ଜେନା, ସମ୍ପାଦକ ପରେଶ କୁମାର ନନ୍ଦୀ, ଯୁଗ୍ମ ସମ୍ପାଦକ ଅବଦୁଲ ଆବିଦ ଖାନ, ସହସମ୍ପାଦକ ମଦନମୋହନ ସାହୁ ଓ କୋଷାଧକ୍ଷ ଭାବେ ସତ୍ୟରଞ୍ଜନ ଦାସ ମନୋନିତ ହୋଇଛନ୍ତି। ପରେ ସଂଘର ସଦସ୍ୟମାନେ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରିଥିଲେ।

### ବାଇକ୍ ମୁହାଁମୁହିଁ, ୩ ଆହତ

ବାଲିକୁଦା,୨୧।୧୦(ସ୍ୱ.ପ୍ର.): ବାଲିକୁଦା- ଏରସମା ରାସ୍ତାର ବୋରିକିନା ହାଇସ୍କୁଲଠାରେ ରବିବାର ସନ୍ଧ୍ୟା ୬ଟାରେ ୨ଟି ବାଇକ୍ ମୁହାଁମୁହିଁ ହେବା ଫଳରେ ୩ ଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ବାହାର ଅଞ୍ଚଳର ଜଣେ ଫେରି ବ୍ୟବସାୟୀ ବ୍ୟବସାୟ ସାରି ବାଇକ୍ ଯୋଗେ ବାଲିକୁଦା ଆଡେ ନିଜ ଭଡାଘରକୁ ଫେରୁଥିଲେ। ବିପରିତ ପଟୁ ବୋରିକିନା ପଞ୍ଚାୟତ ବାରିମୂଳ ଗାଁର ବଳରାମ ସାହୁ ଓ ଦରଡାର ସମୀର ମୁଦୁଲି ଯାଉଥିବାବେଳେ ଫେରି ବ୍ୟବସାୟୀଙ୍କ ସହ ଧକ୍କା ହୋଇଥିଲେ। ଏଥିରେ ବଳରାମଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାବେଳେ ସମୀର ମଧ ଆହତ ହୋଇଛନ୍ତି। ବ୍ୟବସାୟୀଙ୍କ ଗୋଡ଼ ଭାଙ୍ଗି ଯାଇଥିବା ସୂଚନା ମିଳିଛି। ବଳରାମଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

# କମୁଛି ଚିଲିକା ମାଛ, କଙ୍କଡ଼ା ଉତ୍ପାଦନ

ଖୋର୍ଦ୍ଧା ଅଫିସ,୨୧।୧୦

**ତିରୁଣା କୃଷି ସମବାୟ ସମିତି**
- ଅନ୍ତର୍ଜାତୀୟ ବଜାରକୁ ରପ୍ତାନି ବଢ଼ାଉଛି ଦର
- ସ୍ଥାନୀୟ ଖାଉଟିଙ୍କ ଚାହିଦା ମେଣ୍ଟାଉଛି ଆନ୍ଧ୍ର ମାଛ
- ମତ୍ସ୍ୟଜୀବୀ ମାଛଧରା ଛାଡ଼ି ଯାଉଛନ୍ତି ଦାଦନ

ଚିଲିକାରେ ମାଛ, ଚିଙ୍ଗୁଡି ଓ କଙ୍କଡା ଉତ୍ପାଦନ କମିବାରେ ଲାଗିଛି। ସରୁଜାଲ ପକାଇ ସବୁବେଳେ ମାଛ ଯାଆଁଳ ଧରିବା ଓ ସମୁଦ୍ରରୁ ଆସୁଥିବା ମାଛ ଚିଲିକାକୁ ନ ଆସି ମୁହାଣ ନିକଟରେ ଅଟକି ରହିଯାଉଛନ୍ତି। ଅନ୍ୟପକ୍ଷେ ଅନ୍ତର୍ଜାତୀୟ ବଜାରକୁ ରପ୍ତାନି ଯୋଗୁ ମାଛ, କଙ୍କଡାର ଦର ବଢ଼ି ଚାଲିଛି। ଯଦ୍ୱାରା ଚିଲିକା ମାଛ, ଚିଙ୍ଗୁଡି, କଙ୍କଡା ସ୍ଥାନୀୟ ଲୋକ କିଣିବା ସମ୍ଭବ ହେଉନାହିଁ। ଏଣୁ ସ୍ଥାନୀୟ ଲୋକ ଚିଲିକା ପାଖରେ ଥାଇ ଆନ୍ଧ୍ର ମାଛରେ ନିଜର ଚାହିଦା ମେଣ୍ଟାଉଛନ୍ତି। ମତ୍ସ୍ୟଜୀବୀମାନେ ମାଛଧରା ଛାଡି ଦାଦନ ଖଟିବାକୁ ପଳାଇ ଯାଉଛନ୍ତି। କିନ୍ତୁ ସରକାରଙ୍କର ମତ୍ସ୍ୟ ବିଭାଗ ଉତ୍ପାଦନ ବଢୁଥିବା ତଥ୍ୟ ପ୍ରକାଶ କରୁଥିବାବେଳେ ବାସ୍ତବ ସ୍ଥିତି ଅଲଗା। ସତ କ'ଣ ତା'ର ସମୀକ୍ଷା କରାଯାଉନି କି ମାଛ ଉତ୍ପାଦନ କମିବାର କାରଣ ଖୋଜା ଯାଉ ନ ଥିବାରୁ ସମସ୍ୟାର ସମାଧାନ ହେଉନି।

ସମୟ ଥିଲା ଚିଲିକାକୂଳିଆ ଲୋକେ ତରକାରି ଭାବେ ପନିପରିବାକୁ ଅଣଦେଖା କରି ମାଛ ଓ କଙ୍କଡାକୁ ସ୍ୱଳ୍ପଦରରେ କିଣି ଗୁଜୁରାଣ ମେଣ୍ଟାଉଥିଲେ। ବର୍ତ୍ତମାନ ସମୟ ବଦଳି ଯାଇଛି। ପନିପରିବାର ଦର ଯେଉଁ ହାରରେ ବଢ଼ିଛି ତା' ଠାରୁ ବହୁଗୁଣା ଦାମରେ ଚିଲିକା ମାଛ ଓ କଙ୍କଡା ଦର ବଢ଼ିଛି। ସ୍ଥାନୀୟ ବଜାରରେ କିଗ୍ରା ପ୍ରତି କୁଣ୍ଡଳ ମାଛ ୩୦୦ଟଙ୍କା, ପାତୁଆ ୧୫୦ଟଙ୍କା, ଛୋଟ ପାନୁ ଚିଙ୍ଗୁଡି ୧୭୦ରୁ ୨୦୦ ଟଙ୍କା, ବୋରଗ ମାଛ ୧୫୦ ଟଙ୍କା, ଖଇଙ୍ଗା ମାଛ ୩୦୦ ଟଙ୍କା, ସାଳ ମାଛ ୨୫୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ବଡ କଙ୍କଡା ୧୨୦୦ ଟଙ୍କା, ଛୋଟ କଙ୍କଡା ୫୦୦ଟଙ୍କା ଏବଂ ବାଗଦା ଚିଙ୍ଗୁଡି ଦରରେ ସମାନତା ରହୁନି। ପ୍ରତିଦିନ ଭିନ୍ନ ଭିନ୍ନ ଦର ରହୁଛି। ସାଧାରଣ ଲୋକ ଏହି ଦରରେ କିଣି ଖାଇବା ସମ୍ଭବ ହେଉନାହିଁ। ସ୍ଥାନୀୟ ବଜାରରେ ଆନ୍ଧ୍ର ମାଛ ୧୨୦ରୁ ୧୬୦ ଟଙ୍କାରେ ମିଳୁଛି। ଯାହାଦ୍ୱାରା ଚିଲିକାର ମାଛ ସ୍ଥାନ ଆନ୍ଧ୍ର ମାଛ ନେଲାଣି। କିନ୍ତୁ ବିବାହ, ବ୍ରତ ଓ ଭୋଜିଭାତରେ ଚିଙ୍ଗୁଡିର ଚାହିଦା ଏ ଯାବତ ରହିଛି। ଛୋଟ ଚିଙ୍ଗୁଡି ୧୫୦ରୁ ୨୦୦ ଟଙ୍କା ମଧରେ କିଣି କାମ ଚଳାଇ ନେଉଛନ୍ତି। ଏ ନେଇ ବଉଳାବନ୍ଧର ମାଛ ବିକାଳି ସାଗର ଘଡେଇ କୁହନ୍ତି, ଆଗରୁ ଚିଲିକାରେ ମାଛ ଉତ୍ପାଦନ ବହୁତ ହେଉଥିଲା। ସ୍ଥାନୀୟ ଲୋକଙ୍କ ଚାହିଦା ମାଛ, କଙ୍କଡା ମେଣ୍ଟାଉ ଥିଲା। ବଳକା ମାଛ, କଙ୍କଡା ହଜାର ହଜାର ପେଟି ଟ୍ରେନ ବଗିରେ ଖଲ୍ଲିକୋଟ, ରମ୍ଭା, ବାଲୁଗାଁ, ଗଙ୍ଗାଧରପୁର, କୁହୁଡି, କାଲୁପଡା, ଭୁଷଣ୍ଡପୁର ରେଳ ଷ୍ଟେଶନରୁ କଲିକତା ବଜାରକୁ ଯାଉଥିଲା। ଏବେ ଚିଲିକା ମୁହାଣ ଦେଇ ସମୁଦ୍ର ମାଛ ଆସୁନାହାନ୍ତି। ମୁହାଣରେ ସରୁ ଜାଲ ପକାଇ ଯାଆଁଳ ମାଛ ଧରିବା ଯୋଗୁ ଉତ୍ପାଦନ କମିବାରେ ଲାଗିଥିବା ଅନ୍ୟତମ କାରଣ। ତେବେ କେହି ମାଛ ଉତ୍ପାଦନର କାରଣ ଜାଣିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। କାଗଜାତରେ ସବୁ କିଛି ଠିକ୍‌ଠାକ ଚାଲିଥିବାରୁ ମତ୍ସ୍ୟଜୀବୀ ଦାଦନାଭିମୁଖୀ ହେବା ବ୍ୟତୀତ ଅନ୍ୟ ଉପାୟ ନାହିଁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟଙ୍କାକୁ ସେଉଳ (ଷୋଅଳ) ଅଣା,
ଯାର କଥା ତାକୁ ଜଣା ।**

କାହା ଅନ୍ତର କଥା କେହି ବୁଝିପାରିବା କଷ୍ଟକର। କାହା ମନରେ କ'ଣ ଅଛି ତାକୁ କେହି ସହଜରେ ଜାଣିପାରି ନ ଥାନ୍ତି। ଏପରିସ୍ଥଳେ ମୁହଁରେ ଯିଏ ଯାହା ପ୍ରକାଶ କରେ ତାକୁ ନିଜ ବିଚାର ଓ ବୁଦ୍ଧି ବଳରେ ସତ କିମ୍ବା ମିଛ ବୋଲି ଧାରଣା କରିବା ଉଚିତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଟାଙ୍ଗର ମୁଣ୍ଡରେ ତେଲ
ସାରୁ ବିକି ଘରେ ଦେଲ ।**

ଭଲ ଘର ଭଲ ବର ଦେଖି ପ୍ରତ୍ୟେକ ପିତାମାତା ନିଜ ଝିଅର ବିବାହ କରାଇଥାନ୍ତି। ଭବିଷ୍ୟତରେ ଯେପରି କିଛି ଅସୁବିଧା ନ ଘଟିବ ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦେଇଥାନ୍ତି। ପରନ୍ତୁ ବାସ୍ତବତାରେ ଏଥିରେ କିଛି ବ୍ୟତିକ୍ରମ ଘଟିଲେ ବିଚାରୀ ଝିଅ ଅନେକ ଦୁଃଖକଷ୍ଟ ପାଇଥାଏ। ଏପରିସ୍ଥଳେ ଗରିବ ଘରେ ବିବାହ ହୋଇଥିବା ଝିଅ ନିଜ ଭାଗ୍ୟକୁ ନିନ୍ଦିବା ସହ ମନ ଊଣା କରି ବସୁଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଭୂତତ୍ତ୍ୱ ବିଭାଗ ଆଲୁମ୍ନି ଆସୋସିଏଶନ ବାର୍ଷିକୋତ୍ସବ

ତିର୍ତ୍ତୋଲ,୨୧।୧୦(ଡି.ଏନ.ଏ.): ତିର୍ତ୍ତୋଲସ୍ଥିତ ଆଦିକବି ସାରଳାଦାସ ମହାବିଦ୍ୟାଳୟ ଭୂତତ୍ତ୍ୱ ବିଭାଗ ଆଲୁମିନି ଆସୋସିଏଶନର ଦ୍ୱିତୀୟ ବାର୍ଷିକୋତ୍ସବ ରବିବାର ମହାବିଦ୍ୟାଳୟ ପରିସର ବିଜ୍ଞାନ ଗ୍ୟାଲେରୀରେ ଅନୁଷ୍ଠିତ ହୋଇଛି। ଆସୋସିଏଶନର ସଭାପତି ତୃପ୍ତିରଞ୍ଜନ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟ ଭୂତତ୍ତ୍ୱ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରେମପ୍ରକାଶ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୂତତ୍ତ୍ୱ ବିଜ୍ଞାନରେ ସମସ୍ତ ପ୍ରକାର ବିଜ୍ଞାନ ଓ ଗଣିତ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏଥିସହିତ ଛାତ୍ରୀଛାତ୍ର କଠିନ ପରିଶ୍ରମ, ଦୃଢ ଇଛାଶକ୍ତି ଓ ସକରାତ୍ମକ ଚିନ୍ତାଧାରା ନେଇ



ଉତ୍ସବରେ ଉପସ୍ଥିତ ଅତିଥି।

ଯେ କୌଣସି ଭଲ କାର୍ଯ୍ୟ କଲେ ସେଥିରେ ସଫଳ ହୋଇ ପାରିବେ ବୋଲି କହିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଭାଗ୍ୟଧର ରାଉତ, ପୂର୍ବତନ ଅଧ୍ୟକ୍ଷ ରାଧାକାନ୍ତ ସାହୁ, ଶିବେନ ମିତ୍ର, ଭୂତତ୍ତ୍ୱ ବିଭାଗ ମୁଖ୍ୟ ମଦନ ମୋହନ ମହନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ପବିତ୍ର କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦିକା ନିଳୀମା ଦାସ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଆସୋସିଏଶନ ଉପସଭାପତି ବିଶ୍ୱକେତନ ଲେଙ୍କା, ଯୁଗଜ୍ୟୋତି ମହାନ୍ତି, ଅଭିରାମ ଦାସ, ବିମଳ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ୧୯୮୧ ବ୍ୟାଚ୍‌ର ବନ୍ଧୁ ମିଳନ

ବାଲିକୁଦା,୨୧।୧୦(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ବାହାରଣା ପଞ୍ଚାୟତଠାରେ ଥିବା ଜନତା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ୧୯୮୧ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିକ୍ଷକ ବଂଶୀଧର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ପୂର୍ବତନ ଶିକ୍ଷକ କୃଷ୍ଣଚନ୍ଦ୍ର ବାରିକ, ରାଜକିଶୋର ପୃଷ୍ଟି, ରାଜକିଶୋର ମହାନ୍ତି, ଧ୍ରୁବ ଚରଣ ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ କୈଳାସ ବିଶ୍ୱାଳ, ଦେବେନ୍ଦ୍ରନାଥ ରଥ, ମନୁ ଚରଣ ନାୟକ, ଲକ୍ଷ୍ମୀଧର ସାହୁ, ଶିକ୍ଷୟିତ୍ରୀ ସବିତା ପରିଡା, ନୃସିଂହ ପରିଡା, କର୍ମଚାରୀ ପ୍ରମୋଦ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ସ୍କୁଲ ଜୀବନର ଅନୁଭୂତି ରୋମନ୍ଥନରେ ସାମିଲ ହୋଇଥିଲେ। ଦିବଂଗତ ଶିକ୍ଷକ ବାସୁଦେବ ସାହାଣୀ, ଶଶି ଭୂଷଣ ବିଶ୍ୱାଳ, କାଳନ୍ଦୀ ପ୍ରଧାନ, ବୈକୁଣ୍ଠ ନାଥ ଜେନା ଓ ଦିବଂଗତ ଛାତ୍ର ବନ୍ଧୁ ମାନସୀ ବରାଳ, ରାଧାକାନ୍ତ ପାଣି ଓ ନିକୁ କିଶୋର ପାଣିଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ବୀଣାକର ସ୍ୱାଇଁ, ଗଗନ ପରିଡା, କୈଳାସ ରାଉତ, ନାରାୟଣ ଖୁଣ୍ଟିଆ, ପ୍ରହଲ୍ଲାଦ ନାୟକ, ଶିବ ଚରଣ ରାଉତ, ଶିବ ପ୍ରସାଦ ଜେନା, ଜ୍ୟୋସ୍ନାରାଣି ସ୍ୱାଇଁ, କ୍ରେମଲିନ ମହାନ୍ତି, ଗୀତାଞ୍ଜଳି ପୃଷ୍ଟି ପ୍ରମୁଖ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶାରଦା ଏକାଡେମୀରେ ଶରତ ମିଳନ

ତିର୍ତ୍ତୋଲ, ୨୧।୧୦(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ କନକପୁରସ୍ଥିତ ଝଙ୍କଡ଼ ବିଶ୍ରାମାଗାର ପରିସରରେ ଶାରଦା ଏକାଡେମୀ କନକପୁର-୧୯୮୧ ବ୍ୟାଚର ପ୍ରାକ୍ତନ ବିଦ୍ୟାର୍ଥୀ କଲ୍ୟାଣ ପରିଷଦ ତରଫରୁ 'ଶରତ ମିଳନ' ଉତ୍ସବ ଅନୁଷ୍ଠିତ ହୋଇଛି। ପରିଷଦର ସଭାପତି ରୋଟାରିଆନ ଭକ୍ତରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ଚିତ୍ତରଞ୍ଜନ ମହାନ୍ତି, ନିଗମାନନ୍ଦ ଜେନା, ଆଡଭୋକେଟ ବିଭୂତି ଭୂଷଣ ପଣ୍ଡା, ପ୍ରିୟବ୍ରତ ମହାନ୍ତି, ପ୍ରସନ୍ନ କୁମାର ସାହୁ, ଭୂତତ୍ତ୍ୱବିତ ପ୍ରଭାତ ଭୋଇ, ଭୈରବ ଚନ୍ଦ୍ର ବ୍ରହ୍ମା, ଏସବିଆଇ ଡିଜିଏମ ପ୍ରଶାନ୍ତ କୁମାର ଦାସ, ସମରେନ୍ଦ୍ର ସାହୁ, ଅକ୍ଷୟ ତାରେଣିଆ, ବିଷ୍ଣୁଚରଣ ସ୍ୱାଇଁ, ସୁଶୀଲ କୁମାର କୁଅଁର, ସରସ୍ୱତୀ ନନ୍ଦ, ଯଶୋବନ୍ତୀ ପଣ୍ଡା, ଜୟଶ୍ରୀ ମହାନ୍ତି, ଝରାଶ୍ରୀ ମହାନ୍ତି, ପୁଷ୍ପଶ୍ରୀ ସାହୁ, ଶଶୀରେଖା ଦାସ, କୁନ୍ତଳା ଦାଶ, ଶକୁନ୍ତଳା ଦାସ, ଅଞ୍ଜଳି ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଆଗାମୀ ଡିସେମ୍ବର ମାସରେ ପୁରୀ ଠାରେ ଆୟୋଜିତ ହେବାକୁ ଥିବା ଦ୍ୱିତୀୟ ବନ୍ଧୁ ମିଳନ ଉତ୍ସବ, ସ୍ମରଣିକା 'ସ୍ମୃତି ସୌରଭ'ର ଦ୍ୱିତୀୟ ସଂସ୍କରଣ ପ୍ରକାଶ ଓ ଅନ୍ୟାନ୍ୟ କଲ୍ୟାଣମୂଳକ କାର୍ଯ୍ୟକ୍ରମର ରୂପରେଖ ସ୍ଥିର କରାଯାଇଥିଲା। ସମ୍ପାଦକ ସମରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କେରଳ ବନ୍ୟା ପ୍ରପୀଡିତଙ୍କ ପାଇଁ ସାହାଯ୍ୟ ଓ ମୋ ସ୍କୁଲ ଅଭିଯାନ ମାଧ୍ୟମରେ ବିଦ୍ୟାଳୟର ଉନ୍ନତି ବିଷୟରେ ଆଲୋଚନା ହୋଇଥିଲା।

## ବନଦୁର୍ଗା ନାଟ୍ୟ ପରିଷଦର ନାଟକ ଉତ୍ସବ

ବାଲିଆ, ୨୧।୧୦

ଶାରଦୀୟ ଦୁର୍ଗାପୂଜା ଅବସରରେ ବନଦୁର୍ଗା ନାଟ୍ୟ ପରିଷଦ ପକ୍ଷରୁ ମାଣିତ୍ରୀଠାରେ ୨ଦିନ ଧରି ଚାଲିଥିବା ନାଟକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିଷଦ ପକ୍ଷରୁ ପ୍ରତିବର୍ଷ କରାଯାଉଥିବା ଏହି କାର୍ଯ୍ୟକ୍ରମ ଯୋଗୁ ଅଞ୍ଚଳରେ ଭାଇଚାରା ବଜାୟ ରହିଛି ବୋଲି କହିଥିଲେ। ପରିଷଦ ସଭାପତି ବିଶ୍ୱରଞ୍ଜନ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ବିଜୟ କୁମାର ରାଉତ, କୋଷାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଜେନା, ଭାଜପା ହାଜିପୁର ମଣ୍ଡଳ ସଭାପତି ଶିଶିର କୁମାର ମହାନ୍ତି, ସାଧାରଣ ସମ୍ପାଦକ ବିଭୁପ୍ରସାଦ ଦାଶ, ଯୁବ ନେତା ଶୁଭ୍ରଜିତ ରାଉତରାୟ, ପ୍ରବୀର ସାହୁ, ପ୍ରଦୀପ୍ତ ରାଉତ, ବିକ୍ରମ ରାଉତ, ଅନ୍ନଦାପ୍ରସାଦ ରାଉତରାୟ, ମନୋଜ ରାଉତ, ନିହାର ରଞ୍ଜନ ରାଉତରାୟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ମୁଖ୍ୟ ଅତିଥି ଦାସଙ୍କୁ ଅଲାଣ୍ଡୋ ଛକଠାରୁ ଏକ ଶୋଭାଯାତ୍ରାରେ ପାଛୋଟି ନିଆଯାଇଥିଲା।

## ଘରୋଇ ସ୍କୁଲ ଓ ଶିକ୍ଷକ ସଂଘ ବୈଠକ

ବାଲିକୁଦା,୨୧।୧୦(ସ୍ୱ.ପ୍ର.): ବାଲିକୁଦା ବ୍ଲକ ସେଣ୍ଟ ଜାଭିୟର ସ୍କୁଲ ପରିସରରେ ଓଡିଶା ଘରୋଇ ସ୍କୁଲ ଓ ଶିକ୍ଷକ ସଂଘ(ଓପ୍‌ଷ୍ଟା)ର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଶିକ୍ଷାବିତ୍ ବଂଶୀଧର କୁଅଁର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଓପ୍‌ଷ୍ଟାର ମୁଖ୍ୟ ଉପଦେଷ୍ଟା ଗୋଲକ ବିହାରୀ ଦଳାଇ, ମୁଖ୍ୟବକ୍ତା ଭାବେ ସଂଘର ଜିଲ୍ଲା ସଭାପତି ଉମାକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇ ବେସରକାରୀ ସ୍କୁଲଗୁଡିକର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ମୁଖ୍ୟତଃ ୧୩ ଟି ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସମସ୍ୟା ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅବଗତ କରି ସହଯୋଗ ନିମନ୍ତେ ପ୍ରସ୍ତାବ ଗୃହିତ ହୋଇଥିଲା। ଏନ୍‌ଓସି ପ୍ରଦାନରେ କୋହଳ କରିବା, ସ୍କୁଲର ଆବଶ୍ୟକ ଜମି ଲିଜ୍ ସୂତ୍ରରେ ପ୍ରଦାନ କରିବା, ଶୌଚାଳୟ ନିର୍ମାଣ ସାଙ୍ଗକୁ ଶୁଦ୍ଧ ପାନୀୟଜଳ ବ୍ୟବସ୍ଥା କରିବା, ଘରୋଇ ସ୍କୁଲ ଛାତ୍ରୀଛାତ୍ରଙ୍କୁ ସରକାରୀ ଯୋଜନାରେ ସାମିଲ କରିବା, ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦେବା, ସରକାରୀ ସ୍କୁଲରେ ମଧ୍ୟାହ୍ନ ଭୋଜନ ଓ ପୋଷାକ ବାବଦ ଖର୍ଚ୍ଚ ହେଉଥିବା ଅର୍ଥ ମୁଣ୍ଡପିଛା ହାରରେ ବେସରକାରୀ ସ୍କୁଲ ଛାତ୍ରୀଛାତ୍ରଙ୍କ ବ୍ୟାଙ୍କ୍ ଆକାଉଣ୍ଟରେ ଜମା କରିବା, ମାଗଣା କମ୍ପ୍ୟୁଟର ଯୋଗାଇଦେବା, ସବୁ ଛାତ୍ରୀଛାତ୍ରଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଜନା ଅନ୍ତର୍ଭୁକ୍ତ କରିବା, ପଠାଣୀ ସାମନ୍ତ ଗଣିତ ମେଧା ବୃଦ୍ଧି ପରୀକ୍ଷାରୁ ଛାତ୍ରୀଛାତ୍ରଙ୍କୁ ବଞ୍ଚିତ ନ କରିବା ଆଦି ବିଭିନ୍ନ ଦାବି ଉପରେ ଆଲୋଚନା ହୋଇଥିଲା। ବାଲିକୁଦା ସେଣ୍ଟ ଜାଭିୟର୍ସ ସ୍କୁଲର ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକକୁ ପ୍ରଶାନ୍ତ କୁମାର ପରିଡା, ମାନସ ରଞ୍ଜନ ମହାନ୍ତି, ସୁବାସ ନାୟକ, ସୁଚିତ୍ରା ପଟ୍ଟନାୟକ, କନକ ପ୍ରସାଦ ବାରିକ, ବିରୁପାକ୍ଷ ଦାସ, ଜ୍ୟୋତିର୍ମୟୀ ଭୂୟାଁ, ମୀନାକ୍ଷୀ ନାୟକ, ଇତିଶ୍ରୀ ନାୟକ, ସସ୍ମିତା ବେହେରା, ସୁଦର୍ଶନ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

## ୧୯୯୩ ବ୍ୟାଚ୍‌ର ବନ୍ଧୁମିଳନ

କୁଜଙ୍ଗ, ୨୧।୧୦(ସ୍ୱ.ପ୍ର.)

କୁଜଙ୍ଗ ବ୍ଲକ୍ ପଙ୍କପାଳ ହାଇସ୍କୁଲ ୧୯୯୩ ବ୍ୟାଚ୍‌ର ଏକ ବନ୍ଧୁ ମିଳନ ଓ ଗୁରୁ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି। ଶିବ ପାତ୍ର ଓ ବିପିନ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ହୋଇଥିବା ଏହି ଉତ୍ସବକୁ ତତ୍କାଳୀନ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ମହାନ୍ତି ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଗଣିତ ଶିକ୍ଷକ କୁଳମଣି ସାହୁ, ମୁରାରୀ ମିଶ୍ର, ବାନାମ୍ବର ଶତପଥୀ, ଚୌଧୁରୀ ବିଜୟ ଚନ୍ଦ୍ର ମିଶ୍ର, ଗୋବିନ୍ଦ ଚନ୍ଦ୍ର ସାହୁ, କର୍ମଚାରୀ ଭୋଳାନାଥ ନାୟକ ପ୍ରମୁଖ ହଜିଲା ଦିନର ସ୍ମୃତି ସାଉଁଟିବା ସହ ଆଶୀର୍ବଚନ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଦିବଂଗତ ଶିକ୍ଷକ ଧିରେନ୍ଦ୍ର ନାଥ ମିଶ୍ର, ରଘୁନାଥ ମିଶ୍ର, ଚନ୍ଦ୍ରମଣି ଲେଙ୍କା, ହାଡିବନ୍ଧୁ ନନ୍ଦ ଓ କର୍ମଚାରୀ ମାଗୁଣି ପଣ୍ଡିତଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ଅଶୋକ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ବ୍ୟାଚ୍‌ର ଲକ୍ଷ୍ମୀପ୍ରିୟା ମିଶ୍ର ଓ ପବିତ୍ର ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିପିନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସୁଶିଲ ମିଶ୍ର, ସସ୍ମିତା ମଲ୍ଲ, ପ୍ରଶାନ୍ତ ରାଉତ, ସରୋଜ ସିଂହ ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Get Instant Cash against Gold, Sell Your Gold at 100% Market Value
GOLD CASH LTD (an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678
8337956019

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ
(Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ ।
1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
73106-12716
89794-48754

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଟେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

ନିଜ ବ୍ୟବସାୟରେ ଅଭିବୃଦ୍ଧି ଆଣନ୍ତୁ
ITCT EDUCATION
ସହିତ
ଭାରତର ସର୍ବବୃହତ୍ ନେଟ୍‌ୱର୍କ
ନିଜ ବ୍ୟବସାୟରେ ଅତିରିକ୍ତ ଲାଭ ଉପାର୍ଜନ କରନ୍ତୁ। ଆଇଟିସିଟି ଲର୍ନିଂ ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଏକ ଫ୍ରାଞ୍ଚାଇଜି ପାର୍ଟନର ହୁଅନ୍ତୁ।
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ (ଭାରତ ସରକାର)
ଅଧିକ ସୂଚନା ପାଇଁ
0712-2223456 / 09422123456
www.itctedu.in

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି?
କାହିଁକି ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଳେଶ, କିଆ କରାଇା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ)
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଚି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହ୍‌ମାନ୍ ଖାନ ବଙ୍ଗାଳୀ
7065430524
9599270336

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ। ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଉତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ
ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଟେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

!! LOAN LOAN LOAN !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9717895136
9871773265
Add : - 41/14, Sec-1 Pushp Vihar, Delhi

ଋଣ
ନବରାତ୍ରି ଉତ୍ସବ
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଶ୍ରୀ ଜଗନ୍ନାଥ ଫାଇନାନ୍ସ
ମାର୍କଶିଟ୍, ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି ଋଣ ଇତ୍ୟାଦି 24 ଘଣ୍ଟାରେ
1,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
1% ସୁଧ 55% ରିହାତି + 25% ସବ୍‌ସିଡି
ମାତା ଓ ଭଉଣୀଙ୍କୁ ବିଶେଷ ରିହାତି
7895183349
9927051692
Add : - 41/14, Sec-1 Pushp Vihar, Delhi

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ବେକ କାଟି ଆତ୍ମହତ୍ୟା ଉଦ୍ୟମ

**ପାରାଦୀପ,୨୧।୧୦(ସ୍ୱ.ପ୍ର.):** ପାରାଦୀପ ଲକ୍ ଥାନା ଅନ୍ତର୍ଗତ ପିକ୍ଳଲ ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ ଅଶାନ୍ତିରୁ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିବାକୁ ଯାଇ ଏକ ଛୁରୀରେ ନିଜ ବେକ କାଟି ଦେଇଛନ୍ତି। ସେ ହେଲେ ବସନ୍ତ କୁମାର ନାୟକ(୬୫)। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବିଜୁ ମେମୋରିଆଲ ହସ୍ପିଟାଲ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, ବସନ୍ତ ପ୍ରଥମ ସ୍ତ୍ରୀଙ୍କ ଦେହାନ୍ତ ପରେ ୨ୟ ବିବାହ କରିଥିଲେ। ପ୍ରଥମ ସ୍ତ୍ରୀଙ୍କ ୨ ପୁଅ ଓ ୨ୟ ସ୍ତ୍ରୀଙ୍କ ଗୋଟିଏ ପୁଅ ମଧ୍ୟରେ ଦୀର୍ଘଦିନ ଧରି ମନାନ୍ତର ଲାଗି ରହିଥିଲା। ଏଥିପାଇଁ ବସନ୍ତ ଭାରକ୍ରାନ୍ତ ହୋଇ ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିଲେ। ପୋଲିସ ତଦନ୍ତ ଜାରି ରଖିଛି।

### ଟ୍ରକ୍ ଦୁର୍ଘଟଣା, ଜଣେ ଗୁରୁତର

**ପାରଦୀପ,୨୧।୧୦(ସ୍ୱ.ପ୍ର.):** ପାରାଦୀପ ଥାନା ଅନ୍ତର୍ଗତ ଅଠରବାଙ୍କୀ ଓଭରବ୍ରିଜରେ ରବିବାର ମଧ୍ୟାହ୍ନରେ ଏକ ଦୁର୍ଘଟଣା ଘଟିଛି। ଗୋଟିଏ ଟ୍ରକ ଭାରସାମ୍ୟ ହରାଇ ରାସ୍ତା ମଝିରେ ଥିବା କଙ୍କ୍ରିଟ୍ ବ୍ୟାରିକେଡ୍ ଭାଙ୍ଗି ଅପରପାର୍ଶ୍ୱରେ ଯାଉଥିବା ଅନ୍ୟ ଏକ ଟ୍ରକ ସହ ଧକ୍କା ହୋଇଛି। ଦୁର୍ଘଟଣାଗ୍ରସ୍ତ ଟ୍ରକର ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ବାଲିକୁଦା ଥାନା ନହରଣା ଅଞ୍ଚଳର ପ୍ରୀତିରାଜ ମହାନ୍ତି। ଟ୍ରକ୍ କ୍ୟାବିନ୍ ଭିତରେ ସେ ଚାପି ହୋଇ ରହିଥିଲେ। ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଓ ସ୍ଥାନୀୟ ପୋଲିସ ପହଞ୍ଚି ଟ୍ରକ କ୍ୟାବିନକୁ ଗ୍ୟାସ କଟର ଯୋଗେ କାଟି ତାଙ୍କୁ ଉଦ୍ଧାର କରିଛନ୍ତି। ତାଙ୍କ ଅଣ୍ଟାଠାରୁ ଗୋଡ଼ ପର୍ଯ୍ୟନ୍ତ ଚାପି ହୋଇଯାଇଛି। ଗୁରୁତର ଅବସ୍ଥାରେ ପ୍ରଥମେ ବିଜୁ ମେମୋରିଆଲ ହସ୍ପିଟାଲ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଯୋଗୁ ଅଠରବାଙ୍କୀରେ ୨ ଘଣ୍ଟା ଧରି ରାସ୍ତା ଜାମ ହୋଇଥିଲା। ଟ୍ରକ ଦୁଇଟି ଜଗନ୍ନାଥ ମାଲିକ ସଂଘର ବୋଲି ଜଣାପଡିଛି। ଦୁର୍ଘଟଣା ଘଟାଇଥିବା ଟ୍ରକ ଚାଳକ ଫେରାର ଥିବା ବେଳେ ପୋଲିସ ଗାଡିକୁ ଜବତ କରିଛି।

# ସ୍ଥାୟୀ ସମ୍ପାଦକ ନିଯୁକ୍ତି ହେଉନି

**ତିରୁଣା କୃଷି ସମବାୟ ସମିତି**
- ପ୍ୟାନେଲ ହୋଇ ରହିଛି ଆବେଦନକାରୀଙ୍କ ନାମ
- ନାମ ପଞ୍ଜୀକରଣ କରିପାରୁନାହାନ୍ତି ଚାଷୀ

**ନାଉଗାଁ, ୨୧।୧୦(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ତିରୁଣା କୃଷି ସମବାୟ ସମିତିରେ ଦୀର୍ଘଦିନ ହେବ ସମସ୍ୟା ଲାଗିରହିଛି। ଫଳରେ ଚାଷୀମାନେ ମଣ୍ଡିରେ ଧାନ ଦେବା ପାଇଁ ନାମ ପଞ୍ଜୀକରଣଠାରୁ ଆରମ୍ଭ କରି ଅନ୍ୟାନ୍ୟ କାର୍ଯ୍ୟ ନିମନ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମବାୟ ସମିତିରେ ସ୍ଥାୟୀ ସମ୍ପାଦକ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ୨୦୧୪ରେ ପରିଚାଳନା କମିଟି ଦ୍ୱାରା ସ୍ଥାୟୀ ସମ୍ପାଦକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ନିୟମାନୁଯାୟୀ ଏହି ସମବାୟ ସମିତି ଅଧୀନ ତିରୁଣା, ଡାବର ଓ ଜାମୁଗାଁ ପଞ୍ଚାୟତର ନନ୍ଦିଗ୍ରାମ, ଚକୁଳିପଡାର ୧୯ ଜଣ ଆବେଦନ କରିଥିଲେ। ଏଆରସିଏସ କାର୍ଯ୍ୟାଳୟ ଜଗତ୍ସିଂହପୁରରେ ୧୨ ସେପ୍ଟେମ୍ବର ୨୦୧୮ରେ ଆବେଦନକାରୀଙ୍କ ପ୍ରମାଣପତ୍ର ଯାଞ୍ଚ କରାଯାଇ ପ୍ୟାନେଲ ଗଠନ କରାଯାଇଥିଲା। ପ୍ୟାନେଲରେ କ୍ରମିକ ନଂ. ୧ରେ ରଞ୍ଜନ କୁମାର ବେହେରା, ୨ରେ ସୁଚିତ୍ରା ସ୍ୱାଇଁ, ୩ରେ ସୁବାସ ଦାସ, ୪ରେ ଚୌଧୁରୀ ନିହାର ରଞ୍ଜନ ଦାସ, ୫ରେ ବାସନ୍ତୀଲତା ଜେନା, ୬ରେ ବିଭୁତି ଭୂଷଣ ପରିଡା ପ୍ରମୁଖଙ୍କୁ ତାଲିକାଭୁକ୍ତ କରାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରୁ କାହାକୁ ନିଯୁକ୍ତି ଦିଆଯାଇନାହିଁ। ରଞ୍ଜନ କୁମାର ବେହେରା ପ୍ରଥମ ସ୍ଥାନରେ ଥିବାବେଳେ ତାଙ୍କୁ ବାଦ୍‌ଦେଇ ଅନ୍ୟ ଜଣଙ୍କୁ ନିଯୁକ୍ତି ଦେବାକୁ ଯୋଜନା ଚାଲିଛି। ଏଥିପାଇଁ ଜାଣିଶୁଣି ଅସ୍ଥାୟୀ ସମ୍ପାଦକଙ୍କୁ ନିଯୁକ୍ତି ଦିଆଯାଉଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ସମବାୟ ସମିତି ତାଲା ପଡିବା ଯୋଗୁ ଚାଷୀମାନେ ଖରିଫ ଋଣରୁ ବଞ୍ଚିତ ହେବା ସହ ମଣ୍ଡିରେ ଧାନ ଦେବା ପାଇଁ ନାମ ପଞ୍ଜୀକରଣ କରିପାରୁନାହାନ୍ତି। ମଣ୍ଡିରେ ଧାନ ଦେବାକୁ ହେଲେ ନାଉଗାଁ ସମବାୟ ସମିତି ଆସି ନାମ ପଞ୍ଜୀକରଣ କରିବାକୁ କୁହାଯାଇଛି। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ନାଉଗାଁ ସମବାୟ ସମିତି ୭ କିମି ଦୂର ହୋଇଥିବାରୁ ଚାଷୀ ଏତେ ଦୂର ଯିବାକୁ ରାଜି ହେଉନାହାନ୍ତି। ଆଗାମୀ ସପ୍ତାହ ମଧ୍ୟରେ ଯଦି ସ୍ଥାୟୀ ସମ୍ପାଦକ ନିଯୁକ୍ତି କରା ନ ଯାଏ ତେବେ ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ମେ ମାସରେ ଏହି ସମବାୟ ସମିତି ଚାଷୀଙ୍କଠାରୁ ଧାନ କ୍ରୟ କରିବା ସମୟରେ ଅର୍ଥ ତୋସରପାତ ଓ ଅଣପଞ୍ଜୀକୃତ ଚାଷୀଙ୍କଠାରୁ ଧଶନ କ୍ରୟ କରାଯାଇଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଜିଲା ପ୍ରଶାସନ ଏହାର ତଦନ୍ତ କରିବା ପରେ ସମିତିର ସମ୍ପାଦକ ମାଧବାନନ୍ଦ ନାୟକ ଓ ହିସାବ ରକ୍ଷକ ଜୟନ୍ତ କୁମାର ଲେଙ୍କାଙ୍କୁ ସମବାୟ ସମିତି ଇନ୍ସପେକ୍ଟର ନିବେଦିତା ସାମଲ କାର୍ଯ୍ୟରୁ ବହିଷ୍କୃତ କରିଥିଲେ। ସେହିଦିନଠାରୁ କେହି ସମ୍ପାଦକ ନ ଥିଲେ। ନାଉଗାଁ ସମବାୟ ସମିତି ସମ୍ପାଦକ ଜ୍ୟୋତିପ୍ରକାଶ ଲେଙ୍କାଙ୍କୁ ଅସ୍ଥାୟୀ ଭାବେ ତିରୁଣା ସମବାୟ ସମିତିକୁ ପଠାଯାଇଥିଲା। କିନ୍ତୁ ଗତ ସେପ୍ଟେମ୍ବର ୨୬ରେ ବହିଷ୍କୃତ ହୋଇଥିବା ପୂର୍ବତନ ହିସାବ ରକ୍ଷକ ଓ ବର୍ତ୍ତମାନର ପିଅନ ସୋବନୀ ମଲ୍ଲିକଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେବା ଫଳରେ ଉଭୟ ପକ୍ଷ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେବେଠାରୁ ପିଅନ ସୋବନୀ ମଲ୍ଲିକ ଛୁଟିରେ ଅଛନ୍ତି। ଦାୟିତ୍ୱରେ ଥିବା ସମ୍ପାଦକ ଲେଙ୍କା ବିବାଦ ସମାଧାନ ନ ହେବା ପର୍ଯ୍ୟନ୍ତ ସୋସାଇଟିକୁ ଯିବେନାହିଁ ବୋଲି କହିଛନ୍ତି। ଏ ସମ୍ପର୍କରେ ପରିଚାଳନା କମିଟି ସଭାପତି କମଳାକାନ୍ତ ପରିଡାଙ୍କୁ ପଚାରିବାରେ ସେ କହିଲେ ଯେ ପରିଚାଳନା କମିଟି ତରଫରୁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ଆବେଦନକାରୀଙ୍କ ଆବେଦନପତ୍ର ଯାଞ୍ଚ କରାଯାଇ ପ୍ୟାନେଲ ଗଠନ ହୋଇଛି। କିନ୍ତୁ ଏ ପର୍ଯ୍ୟନ୍ତ ଏଆରସିଏସ କାର୍ଯ୍ୟାଳୟରୁ ପ୍ୟାନଲ ତାଲିକା ପ୍ରଦାନ କରାଯାଇ ନ ଥିବାରୁ ସ୍ଥାୟୀ ସମ୍ପାଦକ ନିଯୁକ୍ତି ହୋଇପାରୁନାହିଁ। ଅନ୍ୟପକ୍ଷରେ ଏଆରସିଏସ ରଞ୍ଜନ କୁମାର ମିଶ୍ର କହିଛନ୍ତି ଯେ ସ୍ଥାୟୀ ସମ୍ପାଦକ ନିଯୁକ୍ତି କରିବା ଦାୟିତ୍ୱ ପରିଚାଳନା କମିଟିର। ପ୍ୟାନେଲ ସରିବା ପରେ ପରିଚାଳନା କମିଟି କାହିଁକି ନିଯୁକ୍ତି ଦେଉନାହିଁ, ତାହା କମିଟି ଜାଣିଥିବ ବୋଲି ସେ କହିଛନ୍ତି।



ବିରିଡିରେ ମା' ଦୁର୍ଗାଙ୍କ ମୂର୍ତ୍ତିକୁ ଭସାଣି ଶୋଭାଯାତ୍ରାରେ ନିଆଯାଉଛି।

## ସରିଲା ଭସାଣି ଉତ୍ସବ

**ବିରିଡି/ନାଉଗାଁ,୨୧।୧୦ (ଡି.ଏନ.ଏ./ସ୍ୱ.ପ୍ର.)**

ବିରିଡ଼ି ବ୍ଲକ ଅଞ୍ଚଳରେ ମା'ଦୁର୍ଗାଙ୍କ ପୂଜା ଓ ଭସାଣି ଉତ୍ସବ ସମ୍ପନ୍ନ ହୋଇଛି। ରବିବାର ଏହି ବ୍ଲକର ହାଜିପୁର ବଜାରରେ ଭସାଣି ଶୋଭାଯାତ୍ରା ହୋଇଥିଲା। ଏଥିରେ ଆଖପାଖ ଅଞ୍ଚଳର ୯ ପୂଜା ମଣ୍ଡପରୁ ଶିବପାର୍ବତୀଙ୍କ ସହ ଅନ୍ୟ ମେଢ ସାମିଲ ହୋଇଥିଲେ। ବିଶେଷକରି ଦଣ୍ଡାସାହି, ଗୌଡସାହି, ଚାନ୍ଦପୁର ଭୋଇସାହି, ବଗୁଲାଛକ, ହାଜିପୁର ପାତ୍ର ସାହି, ହାଜିପୁର ଜେନା ସାହି ଓ ହାଜିପୁର ଭୋଇସାହିର ୨ଟି ମେଢ ଏହି ଭସାଣି ଶୋଭାଯାତ୍ରାରେ ଯାଇ ମାଛଗାଁ କେନାଲରେ ବିସର୍ଜନ ହୋଇଥିଲା। ସେହିପରି ନାଉଗାଁ ବଜାରରେ ସାର୍ବଜନୀନ ଦୁର୍ଗା ପୂଜା କମିଟି ଦ୍ୱାରା ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ନାଉଗାଁ ବଜାରରୁ ମା'ଙ୍କ ମୃଣ୍ମୟ ମୂର୍ତ୍ତିକୁ ଶୋଭାଯାତ୍ରାରେ ନିଆଯାଇଥିଲା। ଘଣ୍ଟ, ଘଣ୍ଟା, ଶଙ୍ଖ ଧ୍ୱନୀରେ ମାଙ୍କୁ ଗୋବରୀ ନଦୀର ମଣିକର୍ଣ୍ଣିକା ଘାଟରେ ବିସର୍ଜନ କରାଯାଇଥିଲା। ସାର୍ବଜନୀନ ଦୁର୍ଗାପୂଜା କମିଟିର ସମସ୍ତ କର୍ମକର୍ତ୍ତା, ବଜାର କମିଟି କର୍ମକର୍ତ୍ତାମାନେ ଭସାଣି ଉତ୍ସବରେ ଉପସ୍ଥିତ ଥିଲେ।



## ସତ୍ୟସାଇ ବାଳବିକାଶ ଜିଲାସ୍ତରୀୟ ପ୍ରତିଯୋଗିତା

**କୁଜଙ୍ଗ,୨୧।୧୦(ସ୍ୱ.ପ୍ର.)**

ଜଗତ୍ସିଂହପୁର ଜିଲାର ପଙ୍କପାଳଠାରେ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ବାଳବିକାଶ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜିଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ କୁନିକୁନି ଛାତ୍ରୀଛାତ୍ରଙ୍କ ମଧ୍ୟରେ ମୁରୁଜ, ପ୍ରବନ୍ଧ, କୁଇଜ୍, ଭକ୍ତି ସଙ୍ଗୀତ, ଶ୍ଳୋକ ଆବୃତ୍ତି ଆଦି ପ୍ରତିଯୋଗିତା ହୋଇଥିଲା। ଏଥିସହ ଏକ ପ୍ରଯୁକ୍ତି ବିଦ୍ୟା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ସଭାପତି ବିପିନ ବିହାରୀ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ପ୍ରଯୁକ୍ତି ଶିକ୍ଷା ବିଭାଗ ରାଜ୍ୟ ମୁଖ୍ୟ ପ୍ରମୋଦ ବେହେରା ଓ ପୁଷ୍ପମିତ୍ରା ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ସହ ବିଭିନ୍ନ ପ୍ରତିଯୋଗିତାର ମୂଲ୍ୟାୟନ କରିଥିଲେ। ଜିଲାର ୬ଟି ସମିତିର ଶତାଧିକ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ବସନ୍ତ ନାୟକ, ଦାଶରଥି ପୃଷ୍ଟି, ବସନ୍ତ ଲେଙ୍କା, ଜଗନ୍ନାଥ ମହାନ୍ତି, ଦାମୋଦର ସ୍ୱାଇଁ, ଜୟନ୍ତୀ ସ୍ୱାଇଁ, ସୁଚିତ୍ରା ମହାନ୍ତି ଓ ଲିଲିମା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାଲିକୁଦାରେ ଯାଦବ ସଭା

**ବାଲିକୁଦା,୨୧।୧୦(ସ୍ୱ.ପ୍ର.)**

ବାଲିକୁଦା ବଜାରସ୍ଥିତ ମା' ଥାନପତିଙ୍କ ମନ୍ଦିର ପ୍ରାଙ୍ଗଣରେ ଶ୍ରୀ ଶ୍ରୀ ଅନନ୍ତ ଗୋପାଳ ଆଞ୍ଚଳିକ ଯାଦବ ସଂଘ ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଛି। ଅଞ୍ଚଳର ୨୨ ଗୋଠକୁ ନେଇ ଏହି ସଭା କରାଯାଇଥିଲା। ଏଥିରେ ବ୍ରହ୍ମାନନ୍ଦ ଦାସ ସଭାପତିତ୍ୱ କରିଥିଲେ। ସମ୍ପାଦକ ପ୍ରଫୁଲ ବେହେରା ବିବରଣୀ ପାଠ କରିଥିଲେ। ପ୍ରଭାତ କୁମାର ଦାସ ସଂଘର କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା ପାଇଁ ପରାମର୍ଶ ଦେଇଥିଲେ। ସଂଘର ପାଣ୍ଠି ବୃଦ୍ଧି ଓ ଆର୍ଥିକ ଅଭିବୃଦ୍ଧି ପାଇଁ ସଦସ୍ୟମାନେ ସ୍ୱେଚ୍ଛାକୃତ ଭାବେ ଅର୍ଥ ପ୍ରଦାନ କରିଥିଲେ। ଶୁକଦେବ ଦାସ, ଦାମୋଦର ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ସଭା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୈଳାସ ଚନ୍ଦ୍ର ଦାସ, ଗୁନା ଦାସ, ରମେଶ ଦାସ, ନିରଞ୍ଜନ ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ଶୁକଦେବ ପ୍ରଧାନ, ଶରତ ପ୍ରଧାନ, ଗଜେନ୍ଦ୍ର ଦାସ, ଉମେଶ ଦାସ ପ୍ରମୁଖ ଯୋଗଦେଇ ସଂଘୀୟ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ବିଭିନ୍ନ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି କୁହାଯାଇଥିଲା।

### ପୂଜାମଣ୍ଡପ ବୁଲି ଦେଖିଲେ ରଞ୍ଜୀବ



**ରାହାମା,୨୧।୧୦(ଡି.ଏନ୍.ଏ.):** ପବିତ୍ର ଦୁର୍ଗାପୂଜା ଅବସରରେ ରାଜ୍ୟସଭା ଏମ୍‌ପି ରଞ୍ଜୀବ ବିଶ୍ୱାଳ ରାହାମା ହାଟ ବଜାର ଠାରେ ଦୁର୍ଗାପୂଜା ମଣ୍ଡପରେ ମା'ଙ୍କ ଦର୍ଶନ କରିଛନ୍ତି। ତାଙ୍କ ସହ ବଜାର କମିଟି ସଭାପତି ଜଟାଧାରୀ ଦାସ, ସାଧାରଣ ସମ୍ପାଦକ ସୁନାକର ବେହେରା, ପୂର୍ବତନ ପାରାଦୀପ ନଗର କଂଗ୍ରେସ ସଭାପତି ରଞ୍ଜନ କୁମାର ଦାସ, ପୂର୍ବତନ ଏମ୍‌ପି ବିଭୁ ପ୍ରସାଦ ତରାଇ, ସନ୍ତୋଷ କୁମାର ଦାସ, ଗଙ୍ଗାଧର ଜେନା, ପାରାଦୀପ ମୁନିସିପାଲଟିର କର୍ପୋରେଟର ମନୋଜ ବେହେରା, ନବୀନ ଦାସ, ଅନ୍ତର୍ଯ୍ୟାମୀ ପରିଡା, ପ୍ରଦୀପ୍ତ କୁମାର ବେଉରା ପ୍ରମୁଖ ପୂଜା ମଣ୍ଡପ ବୁଲି ଦେଖିଥିଲେ। କଟକ-ପାରାଦୀପ ରାସ୍ତାର ପ୍ରମୁଖ ବ୍ୟବସାୟସ୍ଥଳ ରାହାମା ହାଟ ବଜାରରେ ପ୍ରତ୍ୟହ ବହୁ ଲୋକ ଚଳପ୍ରଚଳ କରିଥାନ୍ତି। ଦୀର୍ଘଦିନ ଧରି ସର୍ବସାଧାରଣଙ୍କ ପାଇଁ ଶୌଚାଳୟଟିଏ ନଥିବାରୁ ସଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସ୍ଥାନୀୟ ଲୋକଙ୍କ ଅନୁରୋଧ କ୍ରମେ ଶୌଚାଳୟ ନିର୍ମାଣ ପାଇଁ ବିଶ୍ୱାଳ ନିଜ ହାତପାଣ୍ଠିରୁ ୪ଲକ୍ଷ ୯୫ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।


## ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ



ପାଠଚକ୍ର ସମ୍ମିଳନୀରେ ଉପସ୍ଥିତ ଅତିଥି।

**ନାଉଗାଁ,୨୧।୧୦(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ମୁଣ୍ଡାଳସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ରବିବାର ଜିଲାସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନିରେ ବିଭିନ୍ନ ପାଠଚକ୍ର ଓ ମାତୃ ସଙ୍ଗଠନର ଅପାଭାଇମାନେ ଯୋଗ ଦେଇଥିଲେ। ବାବାଜୀ ମହାରାଜ ରାମକୃଷ୍ଣ ଦାସଙ୍କ ରଚିତ ମନୁଷ୍ୟର କର୍ତ୍ତବ୍ୟ ଉପରେ ଦଳଗତ ଆଲୋଚନା କରାଯାଇଥିଲା। ସଦସ୍ୟମାନଙ୍କୁ ୭ ଟି ଦଳରେ ବିଭକ୍ତ କରାଯାଇଥିଲା। ଏହି ଦଳର ନେତୃତ୍ୱ ସବିତା, ଅନି, କୁସୁମ, ଜ୍ୟୋସ୍ନା, ସୁରମା ଓ ମାତୃ ଭବନରୁ ଆସିଥିବା ଆଭା ଅପା ନେତୃତ୍ୱ ନେଇଥିଲେ। ପୁରୁଷ ବିଭାଗରେ ରଘୁ ଓ ସୁରେନ୍ଦ୍ର ଭାଇ ନେତୃତ୍ୱ ନେଇଥିଲେ। ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡାର ଉର୍ମିଳା ରାଉତ ଯୋଗଦେଇ ଭବିଷ୍ୟତରେ ଦିବ୍ୟ ଯୁଗ ସ୍ଥାପନରେ ନାରୀର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଶ୍ରୀରାମ ଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ପ୍ରଫେସର ଶ୍ୟାମା କାନୁନଗୋ ଓ ପ୍ରଫେସର ବିଜୟିନୀ ମହାପାତ୍ର ଯୋଗଦେଇ ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ ଉପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଗାମୀ ଦିନରେ ଶ୍ରୀଅରବିନ୍ଦ ସ୍ୱାସ୍ଥ୍ୟ ସଙ୍ଗଠନ ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ ଦେବା ସହିତ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟକାର୍ଡ ପୂରଣ କରି ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ନିଷ୍ପତ୍ତି ହୋଇଥିଲା। ମହିଳାମାନଙ୍କ ଚେତନାର ବିକାଶରେ ଶ୍ରୀମା ଶ୍ରୀଅରବିନ୍ଦଙ୍କର ନୂତନ ଦିବ୍ୟ ଯୁଗ ସମ୍ଭବ ବୋଲି ବକ୍ତାମାନେ କହିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷା କେନ୍ଦ୍ରର ଅଧ୍ୟକ୍ଷ ଅଜୟ କୁମାର ବେହେରା, ପରିଚାଳନା ଟ୍ରଷ୍ଟି ପ୍ରଦୋଷ କୁମାର ମହାନ୍ତି, ଜିଲା ସଙ୍ଗଠକ ଧ୍ରୁବ ଚରଣ ସାହୁ, ନାଉଗାଁ ବ୍ଲକ ସଂଗଠକ ଅଭୟ କୁମାର ସ୍ୱାଇଁ, ରବୀନ୍ଦ୍ର କୁମାର ରାଉତ, ଦେବଦତ୍ତ ସାହୁ, ଜୟସ୍ମିତ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।




# କଂଗ୍ରେସର ପ୍ରୋଜେକ୍ଟ ଶକ୍ତି ଶୁଭାରମ୍ଭ

**କୁଜଙ୍ଗ,୨୧।୧୦(ସ୍ୱ.ପ୍ର.)**

ପାରାଦୀପ ନିର୍ବାଚନମଣ୍ଡଳୀର କୁଜଙ୍ଗ ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ରବିବାର ଦଳ ପକ୍ଷରୁ ପ୍ରୋଜେକ୍ଟ ଶକ୍ତି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। କଂଗେସର ଏହି ସାମାଜିକ ଗଣମାଧମ ସମ୍ମିଳନୀରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସୋସିଆଲ ମିଡିଆ ସେଲ ଅଧ୍ୟକ୍ଷ ଅଭିଷେକ ମହାନନ୍ଦ ଯୋଗଦେଇ ଦଳର ପ୍ରଚାର ପ୍ରସାରରେ ସୋସିଆଲ ମିଡିଆର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପିସିସି ସମ୍ପାଦକ ଅରିନ୍ଦମ ସର୍ଖେଲ(ବାପି) ଉପସ୍ଥିତ ରହି ଦଳୀୟ ସାମାଜିକ ଗଣମାଧମ ସଂଯୋଜକମାନଙ୍କୁ ପ୍ରେରଣା ଯୋଗାଇଥିଲେ। ପାରାଦୀପ ନିର୍ବାଚନମଣ୍ଡଳୀର ୩୦୦ରୁ ଉର୍ଦ୍ଧ୍ୱ ସଂଯୋଜକ ଏଥିରେ ଯୋଗ ଦେଇଥିଲେ। ରାହୁଲ ଗାନ୍ଧୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ପ୍ରୋଜେକ୍ଟ ଶକ୍ତି କାର୍ଯ୍ୟକ୍ରମ ଜରିଆରେ ପାରାଦୀପ ନିର୍ବାଚନମଣ୍ଡଳୀର ସମସ୍ତ ଭୋଟରଙ୍କ ପାଖରେ ପହଞ୍ଚିବାକୁ ସଂଯୋଜକମାନଙ୍କୁ ସର୍ଖେଲ ଆହ୍ୱାନ ଦେଇଥିଲେ। ଏହାଦ୍ୱାରା ଆଗାମୀ ଦିନରେ ଦଳ ଅଧିକ ମଜ୍‌ଭୁତ ହୋଇପାରିବ ବୋଲି ସେ କହିଥିଲେ। ସମ୍ମିଳନୀରେ କୁଜଙ୍ଗ ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ଦାସ, ଆବାହକ ଏ.ଏନ୍.ଡି. ଯାଦବ, ପିସିସି ସଭ୍ୟ ଅଶ୍ୱିନୀ ସ୍ୱାଇଁ, ସମିର ବିଶ୍ୱାଳ, ସ୍ମୃତି ରଞ୍ଜନ ମନ୍ତ୍ରୀ, ବୀରେନ କୁମାର ଦଳାଇ, ପାରାଦୀପ ନିର୍ବାଚନମଣ୍ଡଳୀ ସୋସିଆଲ ମିଡଆ ଅଧ୍ୟକ୍ଷ ଦୀପ୍ତିଭାନୁ ପାଣି, ତିର୍ତ୍ତୋଲ ବ୍ଲକ ଯୁବ କଂଗ୍ରେସ ସଭାପତି ବେଦଦ୍ୟୁତ ପୃଷ୍ଟି, ଚିତ୍ତରଞ୍ଜନ ସାହୁ, ମନୋଜ କୁମାର ବେହେରା, ସୁକାନ୍ତ କୁମାର ବିଶ୍ୱାଳ, ଗୌରାଙ୍ଗ ବେହେରା, ଲକ୍ଷ୍ମୀକାନ୍ତ ସ୍ୱାଇଁ, ଅବିନାଶ ମଲ୍ଲିକ, ଶଶାଙ୍କ ଶେଖର ମହାପାତ୍ର, ବିଶ୍ୱଜିତ ପ୍ରଧାନ, ନିରଞ୍ଜନ ନାୟକ, ଅଜିତ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ସୋସିଆଲ ମିଡିଆର କାର୍ଯ୍ୟ କାରିତା ଓ ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ।




କଂଗ୍ରେସର ସୋସିଆଲ ମିଡ଼ିଆ କନ୍‌ଫରେନ୍ସରେ ଉପସ୍ଥିତ ନେତା ଓ କର୍ମୀ।

## ସଂକ୍ଷେପରେ

### କ୍ଷତ୍ରୀୟ ସମାଜ ପକ୍ଷରୁ ଖଣ୍ଡାପୂଜା



**ମାର୍ଶାଘାଇ, ୨୧।୧୦(ଡିଏନ୍ଏ):** ଦଶହରା ଅବସରରେ କୁସୁନୁପୁର ,ବୀରଭଦ୍ର ପୁର ଓ ବଡପାଲଡିଆ ଆଦି ୩ ଗୋଟି ଗ୍ରାମର ଖଣ୍ଡାୟତ ସମାଜ ତରଫରୁ ସ୍ଥାନୀୟ ଆଖଣ୍ଡଳମଣି ମନ୍ଦିର ପରିସରରେ ପାରମ୍ପାରିକ ରୀତିରେ ଖଡ୍ଗ ପୂଜନ ଅନୁଷ୍ଠିତ ହୋଇଥିଲା । ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ । ୩ ଗୋଟି ଗ୍ରାମର ଖଣ୍ଡାୟତ ସମାଜର ମୁରବୀ ରତ୍ନାକର ସାହୁ ,ପର୍ଶୁରାମ ନାୟକ ,ଗଗନ ବିହାରୀ ନାୟକ,ରଞ୍ଜନ କୁମାର ନାୟକ ,ପ୍ରଶାନ୍ତ କୁମାର ନାୟକ ଓ ସୁଶାନ୍ତ କୁମାର ନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

### ଗ୍ରାମ୍ୟ ରାସ୍ତାକୁ ସଫା କଲେ ସ୍ୱେଚ୍ଛାସେବୀ

**ପାଟକୁରା,୨୧।୧୦(ଡି.ଏନ୍.ଏ.):** ଗରଦପୁର ବ୍ଲକ ପଦ୍ମପୁର ପଞ୍ଚାୟତରେ ବିଚଣା ଗ୍ରାମ ରାସ୍ତାକୁ ରବିବାର ଗ୍ରାମର ସ୍ୱେଚ୍ଛାସେବୀମାନେ ସଫା କରିଛନ୍ତି। ବିଚଣା ଗ୍ରାମର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଶାନ୍ତିମୈତ୍ରୀ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସଂଗଠନର ସମ୍ପାଦକ ଭଗବାନ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସଫେଇ କାର୍ଯ୍ୟ ହେଉଛି। ଏଥିରେ ୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସାମିଲ ହୋଇଛନ୍ତି। ଅନୁଷ୍ଠାନ ତରଫରୁ ପ୍ରତ୍ୟେକ ସ୍ୱେଚ୍ଛାସେବୀଙ୍କୁ ଫାମିଲି କିଟ୍ ପ୍ରଦାନ କରାଯିବ ବୋଲି ଜେନା ସୂଚନା ଦେଇଛନ୍ତି। ସେହିପରି ଶନିବାର ବେଡାରୀ ପଞ୍ଚାୟତ ଅନ୍ତର୍ଗତ ବେଡାରୀ ଗ୍ରାମର ମୁଖ୍ୟ ରାସ୍ତାକୁ ସଫେଇ କରାଯାଇଥିଲା। ଏଥିରେ ୩୮ ଜଣ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲା। ଦିଲ୍ଲୀର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଞ୍ଜ ଏବଂ ବିଚଣା ଗ୍ରାମର ଶାନ୍ତିମୈତ୍ରୀ ସଂଗଠନର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲ ।।

### ଜରିମୂଳରେ ରାବଣପୋଡି ଉତ୍ସବ

**ରାଜନଗର,୨୧।୧୦(ଡି.ଏନ.ଏ.):** ରାଜନଗର ଅଞ୍ଚଳର ଅନ୍ୟତମ ଶକ୍ତିପୀଠ ବାରଗାଁ ଜରିମୂଳଠାରେ ମା'ଦୁର୍ଗାଙ୍କ ପାର୍ବଣ ଉତ୍ସବ ପାରମ୍ପାରିକ ରୀତିନୀତି ଅନୁଯାୟୀ ପାଳିତ ହୋଇଯାଇଛି। ପୂଜା କମିଟି ତରଫରୁ ବିଜୟା ଦଶମୀ ଦିନ ସନ୍ଧ୍ୟାରେ ଆୟୋଜିତ ରାବଣ ପୋଡି ଉତ୍ସବରେ ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଅସତ୍ୟ ଉପରେ ସତ୍ୟର ଜୟ, ଅଧର୍ମ ଉପରେ ଧର୍ମର ଜୟ ଯୁଗେ ଯୁଗେ ରହି ଆସିଛି ବୋଲି କହିଥିଲେ। ସମିତି ସଭ୍ୟ ଚିତ୍ତ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଜିଲା ପରିଷଦ ସଭ୍ୟା ସବିତା ସେଠୀ, ବାସୁଦେବ ମିଶ୍ର, ମୋହନ ଚନ୍ଦ୍ର ଦାସ, ଗଦାଧର ରାଉତ, କାହ୍ନୁଚରଣ ଚଣ୍ଡ ଅତିଥି ଭାବେ ଯୋଗ ଦେଇଥିଲେ। ରାବଣ ପୋଡି ଉତ୍ସବ ଦେଖିବା ପାଇଁ ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

### ଅବସରପ୍ରାପ୍ତ ବରିଷ୍ଠ ଅଧ୍ୟାପକଙ୍କ ଦେହାନ୍ତ

**ପଟ୍ଟାମୁଣ୍ଡାଇ,୨୧।୧୦(ସ୍ୱ.ପ୍ର.)-** ପଟ୍ଟାମୁଣ୍ଡାଇ କଲେଜ ଇତିହାସ ବିଭାଗର ଅବସରପ୍ରାପ୍ତ ମୁଖ୍ୟ ପ୍ରାଧ୍ୟାପକ ପୀତବାସ ମହାନ୍ତି(୯୧)ଙ୍କ ଇତିମଧ୍ୟରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ଘଟିଛି। ସ୍ୱର୍ଗତ ମହାନ୍ତି ପ୍ରଥମେ ଏମ୍ଏନ୍ ହାଇସ୍କୁଲରେ ଶିକ୍ଷକତା କରି ଚାକିରୀ ଜୀବନ ଆରମ୍ଭ କରିଥିଲେ। ପରେ ୧୯୭୦ରେ ପଟ୍ଟାମୁଣ୍ଡାଇ କଲେଜ ପ୍ରତିଷ୍ଠା ସମୟରେ ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ଭାବେ ନିଯୁକ୍ତି ପାଇଥିଲେ। ସେ ଜଣେ ନିଷ୍ଠାପର ଓ ଛାତ୍ରବତ୍ସଳ ଅଧ୍ୟାପକ ଭାବେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଖବରପାଇ ଅନିରୁଦ୍ଧ ରାଉଳ, ରମେଶ ବେହେରା, ହରେକୃଷ୍ଣ ଦାସ, କଣ୍ଠୁରୀ ସ୍ୱାଇଁ, ବ୍ରଜ କିଶୋର ପଣ୍ଡା, କୁଞ୍ଜ ବିହାରୀ ପରିଡା ଓ ଦୁର୍ଯ୍ୟୋଧନ ପରିଡା ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଆସିଲା ଗଜଲକ୍ଷ୍ମୀ ପୂଜା, ଗାଁକୁ ଫେରୁଛନ୍ତି ଶ୍ରମିକ

## ■ ଜିଲାରେ ମିଳୁନାହିଁ କାମ, ମିଳୁନି ମୌଳିକ ସୁବିଧା

**କେନ୍ଦ୍ରାପଡା ଅଫିସ, ୨୧।୧୦**

କେନ୍ଦ୍ରାପଡାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି । ବିଭିନ୍ନ ପୂଜାମଣ୍ଡପରେ ମା'ଙ୍କ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ଉତ୍ସବରେ ମୌଜ ମଜଲିସ୍ କରିବା ପାଇଁ ପାଇଁ ଜିଲା ବାହାରେ ଶ୍ରମିକ ଭାବେ କାମ କରୁଥିବା ଯୁବତୀଯୁବକମାନେ ଘରମୁହାଁ ହେଲେଣି । ସେମାନେ ପୂଜାରେ ସାମିଲ ହୋଇ ଭସାଣୀ ପରେ ପୁନର୍ବାର କର୍ମକ୍ଷେତ୍ରକୁ ଫେରିଯିବା ପାଇଁ ଯୋଜନା କରିଛନ୍ତି। ସେହିପରି ବହୁ ଆଶାୟୀ ଯୁବତୀଯୁବକ ଏହି ଅବସରରେ କାମ ଅନ୍ୱେଷଣରେ ବାହାରକୁ ଯିବାଲାଗି ମନସ୍ଥ କରିଛନ୍ତି। ଆଳି ବ୍ଲକର ଗୋବିନ୍ଦପୁର ଗ୍ରାମର ଦେବେନ୍ଦ୍ର ଜେନାଙ୍କ ପୁଅ ମହେଶ୍ୱର ୫ ବର୍ଷ ହେବ ତାମିଲନାଡୁ ରାଜ୍ୟରେ ଏକ ପ୍ଲାଇଉଡ୍ ଫ୍ୟାକ୍ଟ୍ରିରେ କାର୍ଯ୍ୟ କରୁଛନ୍ତି। ସେ କହିଛନ୍ତି ଯେ, କେନ୍ଦ୍ରାପଡାରେ ନିଜର ଅବା ପରିବାରର ଆର୍ଥିକ ବିକାଶ କରିବା ସମ୍ଭବ ହେଉ ନ ଥିବାରୁ ଏଠାକାର ଯୁବଗୋଷ୍ଠୀ ଜିଲା ତଥା ଦେଶ ବାହାରକୁ ଯିବା ପାଇଁ ବାଧ୍ୟ ହେଉଛନ୍ତି । ସେହିପରି ଜିଲାରେ ମୌଳିକ ସୁବିଧା ଯଥା, ଶିକ୍ଷା, ପାନୀୟଜଳ, ବିଦ୍ୟୁତ, ରାସ୍ତାଘାଟ ଓ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ। ସେଥିଯୋଗୁ ଏଠାକାର ଯୁବଗୋଷ୍ଠୀ ଜିଲା ବାହାରକୁ ଯାଇ କାମ କରୁଛନ୍ତି। ବହୁ ସମୟରେ ବାହାର ରାଜ୍ୟ ତଥା ଦେଶରେ ସେମାନେ ଶାରୀରିକ ଓ ମାନସିକ ଯନ୍ତ୍ରଣାର ଶିକାର ହେଉଥିବା ବେଳେ ଅର୍ଥପାଇଁ ଅନ୍ୟ ଉପାୟ ନ ପାଇ ଏସବୁ ସହିବାକୁ ବାଧ୍ୟ ହେଉଛନ୍ତି। ଏଥିଯୋଗୁ ବହୁ ସମୟରେ ବାହାରେ କାମ କରୁଥିବା ଶ୍ରମିକଙ୍କ ମୃତ୍ୟୁ ଘଟୁଛି ବୋଲି ସେ କହିଛନ୍ତି। ଜିଲାର ବିକାଶରେ ରାଜନେତା, ପ୍ରଶାସକ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ସମନ୍ୱୟର ଅଭାବ ରହିଛି ବୋଲି ସେ ପ୍ରକାଶ କରିଛନ୍ତି। ୨୦୧୧ ଜନଗଣନା ଅନୁଯାୟୀ, ଜିଲାର ୧୪ ଲକ୍ଷରୁ ଉର୍ଦ୍ଧ୍ୱ ବସବାସ କରୁଛନ୍ତି। ସେଥିରୁ ୪ଲକ୍ଷ ୬୬ ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ଶ୍ରେଣୀର । ଜିଲାରେ ଏତେ ସଂଖ୍ୟକ ଶ୍ରମିକ ଥିଲେ ମଧ୍ୟ ମାତ୍ର ହାତଗଣତି କେତେଜଣ ଲୋକଙ୍କୁ ଏମଜିଏନ୍ଆରଇଜିଏସ୍(ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା)ରେ ୧୦୦ ଦିନର କାର୍ଯ୍ୟ ମିଳୁଛି । ଏକ ବେସରକାରୀ ସ୍ୱେଚ୍ଛାସେବୀ ସଂସ୍ଥା ୨୦୧୩ରେ ଜିଲାର ରାଜକନିକା ବ୍ଲକରେ କରିଥିବା ସର୍ଭେ ଅନୁସାରେ, ବ୍ଲକ ଅଧୀନସ୍ଥ ୧୭ ପଞ୍ଚାୟତର ୧୫,୬୯୧ ପରିବାରରୁ ୫୨ ପ୍ରତିଶତ ପୁରୁଷ କର୍ମ ନିଯୁକ୍ତି ପାଇଁ ଜିଲା ଛାଡି ବାହାରକୁ ଯାଉଛନ୍ତି। ସେହିପରି ଜିଲାରେ କୌଣସି ବଡ ଶିଳ୍ପ ନ ଥିବା ବେଳେ ମଧ୍ୟମ ଓ କ୍ଷୁଦ୍ର ଶିଳ୍ପର ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ୨୦୧୧- ୧୨ ଆର୍ଥିକ ବର୍ଷରେ ମଧ୍ୟମ ଓ କ୍ଷୁଦ୍ର ଶିଳ୍ପ ସଂଖ୍ୟା ୧୧୬ ଥିବାବେଳେ ଚଳିତ ବର୍ଷ ଏହା ହ୍ରାସ ପାଇ ୧୦୫ରେ ପହଞ୍ଚିଛି । କୃଷି ଏଠାକାର ମୁଖ୍ୟ ଜୀବିକା ହୋଇଥିବା ବେଳେ ଶୀତଳଭଣ୍ଡାର ଅଭାବ ଓ ବିକ୍ରି ପାଇଁ ମଣ୍ଡି ନଥିବାରୁ ବହୁ ସମୟରେ ଉତ୍ପାଦିତ ଫସଲ ନଷ୍ଟ ହୋଇଯାଉଛି। ଚାଷୀ ଋଣ କରି ଫସଲ ପାଇଁ ଟଙ୍କା ବିନିଯୋଗ କରିବା ପରେ ପ୍ରତ୍ୟେକ ବର୍ଷ ପ୍ରାକୃତିକ ବିପର୍ଯ୍ୟୟର ଶୀକାର ହେଉଥିବାରୁ ମୂଳ ଟଙ୍କା ଉଠିପାରୁ ନାହିଁ। ଏଥିଯୋଗୁ ଜିଲାର ଯୁବବର୍ଗ ବାହାରକୁ ଯିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି ବୋଲି ସହରର ସେକ୍ ମୁସ୍ତାକ୍ କହିଛନ୍ତି । ଏକ ବେସରକାରୀ ହିସାବ ଅନୁଯାୟୀ, ଜିଲାର ୨ ଲକ୍ଷରୁ ଅଧିକ ଲୋକ ବାହାରେ କର୍ମ ଅନ୍ୱେଷଣ କରୁଛନ୍ତି । ୨୦୧୧ ଜନଗଣନା ତଥ୍ୟ ଅନୁଯାୟୀ, ଜିଲାର ୮୮ ପ୍ରତିଶତ ଅଧିବାସୀଙ୍କୁ ୬ ମାସରୁ ଅଧିକ କର୍ମନିଯୁକ୍ତି ମିଳିପାରିନାହିଁ । ଏସମ୍ପର୍କରେ ଜିଲା ସହକାରୀ ଶ୍ରମ ଅଧିକାରୀ ଏସଏନ ଆଚାର୍ଯ୍ୟ କୁହନ୍ତିଯେ, ଆମ ଜିଲାର ବହୁ ଶ୍ରମିକ ବାହାରେ କାର୍ଯ୍ୟ କରନ୍ତି । ଶ୍ରମ ବିଭାଗର ନିୟମ ଅନୁଯାୟୀ ଏହି କାର୍ଯ୍ୟରତ ଶ୍ରମିକମାନଙ୍କୁ ନାମ ପଞ୍ଜିକରଣ କରିବା ଲାଗି କୁହାଯାଇଥିବା ବେଳେ ସେମାନେ ଏହାକୁ ଆବଶ୍ୟକ ମନେ କରନ୍ତି ନାହିଁ। କେବଳ ଅସୁବିଧାରେ ପଡିଲେ ସରକାରଙ୍କ ସହଯୋଗ ଲୋଡିଥାନ୍ତି। ମାତ୍ର ସେମାନଙ୍କ ନାମ ବିଭାଗର ପଞ୍ଜିକରଣ ତାଲିକାରେ ନ ଥିବାରୁ ଏହି ଶ୍ରମିକଙ୍କୁ ଉଦ୍ଧାର କରିବାରେ ସମସ୍ୟା ସୃଷ୍ଟି ହୋଇଥାଏ। ସେ ଦର୍ଶାଇଛନ୍ତ ଯେ, ୨୦୧୨ରେ ଏସମ୍ପର୍କିତ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସ୍ଥାନୀୟ ସରପଞ୍ଚଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରାଯାଇ ଜିଲା ବାହାରେ କାମ କରୁଥିବା ଶ୍ରମିକଙ୍କ ତଥ୍ୟ ଶ୍ରମ ବିଭାଗକୁ ଦେବାକୁ କୁହାଯାଇଥିଲା। ମାତ୍ର ବହୁ ଶ୍ରମିକ ଏଥିରେ ନାମ ପଞ୍ଜିକରଣ କରିନାହାନ୍ତି। ବାହାରେ କାମ କରୁଥିବା ଶ୍ରମିକମାନେ ଶ୍ରମ ବିଭାଗର ଅନୁମତି ପତ୍ର ସାଙ୍ଗରେ ନେଇ କାର୍ଯ୍ୟ କରିବାକୁ ଗଲେ ସେମାନଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ବିଭାଗ ପାଖରୁ ମିଳିପାରିବ ବୋଲି ଜିଲା ସହଶ୍ରମ ଅଧିକାରୀ ଆଚାର୍ଯ୍ୟ କହିଛନ୍ତି । ଫଳରେ ସମସ୍ୟାରେ ଥିବା ଶ୍ରମିକମାନଙ୍କୁ ଆବଶ୍ୟକ ଅନୁସାରେ ସହାୟତା କରାଯାଇପାରିବ।

# ରାଜକନିକାରେ କଂଗ୍ରେସର କର୍ମୀ ସମ୍ମିଳନୀ



ସମାବେଶରେ କଂଗ୍ରେସ କର୍ମୀ ଓ ଅନ୍ୟମାନେ।

**ରାଜକନିକା,୨୧।୧୦(ଡି.ଏନ୍.ଏ.)**

ରାଜକନିକା ବ୍ଲକରେ କଂଗ୍ରେସ କର୍ମୀ ସମ୍ମିଳନୀ ତେନ୍ତୁଳିକୋଳି ଯଜ୍ଞପଡିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଖବରଦାତା ତଥା କଂଗ୍ରେସ ମିଡିଆ ସେଲ ଅଧ୍ୟକ୍ଷ ସତ୍ୟପ୍ରକାଶ ନାୟକ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭିନ୍ନ ଜନକଲ୍ୟାଣ ଯୋଜନାରେ ମା, ମାଟି ଓ ସ୍ୱାଭିମାନକୁ ଜଳାଞ୍ଜଳି ଦିଆଯାଇଛି ବୋଲି ସେ କହିଥିଲେ। ସମ୍ମିଳନୀରେ ପୂର୍ବକନିକା ଜୋନ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କର୍ମୀ ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ଚିନ୍ମୟ ବେହୁରା, ଉପସଭାପତି ପ୍ରଫୁଲ୍ଲ ଦାସ, ବିଧାୟକ ଦେବେନ୍ଦ୍ର ନାଥ ଶର୍ମା, ୨୭ ନଂ ଜୋନ ସଭାପତି ଅଜୟ ଦାସ, ୨୮ ନଂ ଜୋନ ସଭାପତି ବିଦ୍ୟାଧର ବରଜ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ବାବୁରାମ ଜେନା, ପର୍ଶୁରାମ ରାଉତରାୟ, ବରିଷ୍ଠନେତା ବିକ୍ରମ ଦାସ, ସରପଞ୍ଚ କୈଳାସ ତରାଇ, ପଙ୍କଜ ଦାସ, ଅବଦୁଲପୁର ସରପଞ୍ଚ ମଞ୍ଜୁଲତା ଜେନା ପ୍ରମୁଖ ଯୋଗଦେଇଥିଲେ । ସମ୍ମିଳନୀ ପୂର୍ବରୁ ସ୍ଥାନୀୟ ଚନ୍ଦନପୋଖରୀ ଛକରୁ ଏକ ମୋଟରସାଇକେଲ ରାଲି ଆୟୋଜନ କରାଯାଇ ବିଧାୟକ ଏବଂ ଅନ୍ୟ ଅତିଥିମାନଙ୍କୁ ସଭାସ୍ଥଳକୁ ପାଛୋଟି ନିଆଯାଇଥିଲା।

## ■୫୯ତମ ଶହୀଦ ସ୍ମୃତିଦିବସ

# ପୋଲିସବାହିନୀ ବିପଦକୁ ସାହସର ସହ ମୁକାବିଲା କରୁଛି



ଜଜାଙ୍ଗସ୍ଥ ଏସ୍ପି କାର୍ଯ୍ୟାଳୟରେ ଶହୀଦ ପୋଲିସଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

**କେନ୍ଦ୍ରାପଡା ଅଫିସ, ୨୧।୧୦**

କେନ୍ଦ୍ରାପଡା ବ୍ଲକ ଜଜାଙ୍ଗସ୍ଥିତ ରିଜର୍ଭପୋଲିସ ପରେଡ୍ ପଡିଆରେ ରବିବାର ଜିଲା ପୋଲିସ ପକ୍ଷରୁ ୫୯ତମ ଶହୀଦ ସ୍ମୃତିଦିବସ ପାଳିତ ହୋଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ପ୍ୟାରେଡରେ ଏସପି ନୀତିଶେଖର ଓ ଅନ୍ୟ ପୋଲିସ ପଦାଧିକାରୀ ଯୋଗଦେଇ ଶହୀଦଙ୍କୁ ସମ୍ମାନ ପ୍ରଦର୍ଶନ କରିଥିଲେ । ୧୯୫୯ ମସିହା ଅକ୍ଟୋବର ୨୧ରେ ଚୀନ ସୈନିକ ଭାରତ ସୀମା ଉଲ୍ଲଘନ କରୁଥିଲେ । ଏହି ସମୟରେ ସିଆରପିଏଫର ୧୦ ଜଣ ଯବାନ ପ୍ରତିବନ୍ଧକ ସୃଷ୍ଟି କରି ପ୍ରାଣବଳି ଦେଇଥିଲେ । ଏହି ଦିନକୁ ମନେ ପକାଇବା ପାଇଁ ୧୯୬୦ରୁ ଶହୀଦ ସ୍ମୃତି ଦିବସ ପାଳନ କରାଯାଉଛି ବୋଲି ଏସପି ନୀତିଶେଖର ବକ୍ତବ୍ୟରେ ସୂଚନା ଦେଇଥିଲେ । ଏଥିସହ ଗତବର୍ଷ ଶହୀଦ ହୋଇଥିବା ୪୧୪ ଜଣ ଯବାନଙ୍କ ନାମକୁ ପଢ଼ିଥିଲେ । ସେ କହିଥିଲେ, ପୋଲିସବାହିନୀ ପ୍ରତ୍ୟେକ ବିପଦକୁ ସାହସର ସହିତ ମୁକାବିଲା କରୁଛି ଓ ଏହି ଧାରା ଆଗକୁ ମଧ୍ୟ ବଜାୟ ରହିବ । ପରେ ସେ ଶହିଦ ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ୨ ପ୍ଲାଟୁନ ପୋଲିସ ଫୋର୍ସ ପରେଡ କରିଥିଲେ । ଏହି ଅବସରରେ ଶହୀଦମାନଙ୍କୁ ସମ୍ମାନ ପ୍ରଦର୍ଶନ ନିମନ୍ତେ ୫ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ସମୟରେ ପୋଲିସ ବାହିନୀର ପତାକା ଅର୍ଦ୍ଧନମିତ ହୋଇଥିଲା । ଏଥିରେ ଏଏସପି ଅରୁଣ କୁମାର ଜେନା, କେନ୍ଦ୍ରାପଡା ଏସଡିପିଓ ରାଜୀବଲୋଚନ ପଣ୍ଡା, ଡିଏସପି ଜୟନ୍ତ କୁମାର ମହାପାତ୍ର, ଡିଏସପି ରଞ୍ଜନ କୁମାର ଦେ, ଡିଏସପି ଦିଲ ରଞ୍ଜନ ପଟ୍ଟନାୟକ, ସଦର ଥାନା ଅଧିକାରୀ କାବୁଲି ବାରିକ, ଟାଉନ ଥାନା ଅଧିକାରୀ ତପନ କୁମାର ନାୟକ ଓ ହେଡକ୍ୱାଟର ଇନ୍ସପେକ୍ଟର ଅଞ୍ଜଳୀ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଅମର ଶହୀଦ ପୀଠରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ

**ଡେରାବିଶ,୨୧।୧୦ (ସ୍ୱ.ପ୍ର.)**

ଭାରତ ସରକାରଙ୍କ କ୍ରୀଡା ମନ୍ତ୍ରଣାଳୟ ଅନୁମୋଦିତ ନେହେରୁ ଯୁବକେନ୍ଦ୍ର ଓ ଅମରାବତୀ ଆଇଡିଆଲ୍ ୟୁଥ୍ କ୍ଲବର ମିଳିତ ସହଯୋଗରେ ଡେରାବିଶ ବ୍ଲକ ଅଧୀନ କୁରୁଜଙ୍ଗା ପଞ୍ଚାୟତ ଆମ୍ବୁରାଠାରେ ଶୁକ୍ରବାର ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଜଗଦାନନ୍ଦ ଜେନା, ସାମାଜିକ କର୍ମୀ ଅଭିମନ୍ୟୁ ରାଉତ ଯୋଗଦେଇ ବର୍ତ୍ତମାନ ଶିକ୍ଷା କ୍ଷେତ୍ରରେ ଲାଗି ରହିଥିବା ଅବ୍ୟବସ୍ଥା ବିଷୟରେ ଆଲୋକପାତ କରିଥଲେ। ଏଥିସହିତ ପ୍ରାଚୀନ ଗୁରୁକୁଳ ପରମ୍ପରା ସହ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ବିଷୟରେ ତୁଳନାତ୍ମକ ଆଲୋଚନା କରାଯାଇଥିଲା। ଅମରାବତୀ ଯୁବକ ସଂଘ ସଭାପତି ଦେବେନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ନେହେରୁ ଯୁବକେନ୍ଦ୍ର କେନ୍ଦ୍ରାପଡା ଶାଖା ସଂଯୋଜକ ଲକ୍ଷ୍ମୀକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦିବ୍ୟଜ୍ୟୋତି ଜେନା, ତ୍ରିଲୋଚନ ବେହେରା, ଚାମିଲି ଓଝା, ଅନିଲ କୁମାର ମିଶ୍ର, ହିମାଂଶୁ ସାହୁ, ଗଙ୍ଗାଧର ପୃଷ୍ଟି, ମାନସ କୁମାର ପୃଷ୍ଟି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଶରତ କୁମାର ଦେବ ହାଇସ୍କୁଲରେ ଗୁରୁପୂଜନ ଉତ୍ସବ



ଉତ୍ସବରେ ଉପସ୍ଥିତ ଅତିଥି।

**ଆଳି, ୨୧।୧୦ (ଡି.ଏନ୍.ଏ.)**

ଆଳି ଅଞ୍ଚଳର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଶରତ କୁମାର ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଗୁରୁପୂଜନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ନୃସିଂହ ଚରଣ ନନ୍ଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଳି ରାଜା ବ୍ରଜକେଶରୀ ଦେବ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି କହିଥିଲେ ଯେ, ଯେଉଁ ଛାତ୍ରୀଛାତ୍ରମାନେ ଶିକ୍ଷକମାନଙ୍କ ମାର୍ଗଦର୍ଶନକୁ ଠିକ୍ ଭାବେ ଗ୍ରହଣ କରିଥାନ୍ତି, ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇଥାଏ। ଭାରତ ବର୍ଷର ଶିକ୍ଷା ବ୍ୟବସ୍ଥା ଏତେ ସୁଦୃଢ ଯେ ଏଠାରୁ ଶିକ୍ଷାପ୍ରାପ୍ତ ଯୁବଗୋଷ୍ଠୀ ସାରା ବିଶ୍ୱରେ ପ୍ରତିଷ୍ଠା ବିସ୍ତାର କରିପାରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ଶ୍ରୀଧର ପାତ୍ର, ରଙ୍ଗାଧର ପରିଡା ଓ ବିଦ୍ୟାଳୟର ପ୍ରତିଷ୍ଠା ସମୟର ଶିକ୍ଷକ ଭାସ୍କରଚନ୍ଦ୍ର ମିଶ୍ର, ବି.ଏମ୍. ସେନାପତି, ବିଜୟ କୁମାର ବୋଇତି, ଶରତ କୁମାର ସାହୁ, ନିରଞ୍ଜନ ଦାଶ, ଧିରେଶ ବେହେରା, ଶିବପ୍ରସାଦ ସାହୁ, ରତିକାନ୍ତ ପାତ୍ର ପ୍ରମୁଖଙ୍କୁ ମୁଖ୍ୟ ଅତିଥି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧିତ ଶିକ୍ଷକ ମାନେ ସେମାନଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ, ବିଦ୍ୟାଳୟର ଉନ୍ନତିରେ ସମସ୍ତଙ୍କର ସହଭାଗିତା ରହିବା ଦରକାର ଏବଂ ଏଥିରେ ପୁରାତନ ଛାତ୍ରମାନଙ୍କ ମୁଖ୍ୟ ଭୂମିକାର ଆବଶ୍ୟକତା ଦେଖାଦେଇଛି। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ବାରିକ, ପ୍ରମୋଦ କୁମାର ପାତ୍ର, ଶିକ୍ଷା କର୍ମଚାରୀ ଗୋବିନ୍ଦ ଚନ୍ଦ୍ର ରାୟ ଓ ଧ୍ରୁବଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ସୁରଥ କୁମାର ରାଉତଙ୍କ ଉଦ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସମସ୍ତେ ପ୍ରଶଂସା କରିଥିଲେ। ଶେଷରେ ବିଜୟାନନ୍ଦ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ନିକଟସ୍ଥ ମା'ସିଦ୍ଧମହାକାଳୀଙ୍କ ମନ୍ଦିର ପରିସରରେ ଭଜନ ଶିଳ୍ପୀ ଶ୍ରୀଚରଣ ମହାନ୍ତି ଏବଂ ସହ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ଭଜନ ସମାରୋହର ଆୟୋଜନ କରାଯାଇଥିଲା।

# ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ କମିଟି ସଦସ୍ୟ ଓ ଅନ୍ୟମାନେ।

**ଡେରାବିଶ, ୨୧।୧୦ (ସ୍ୱ.ପ୍ର.)**

ଚାନ୍ଦୋଳ ଗଜଲକ୍ଷ୍ମୀ ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂଜା କମିଟି ସଭାପତି ନିଶାମଣି ବେହେରା ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷ ଶାନ୍ତି ଶୃଙ୍ଖଳାର ସହ ପୂଜା କାର୍ଯ୍ୟ ଶେଷ କରିବା ପାଇଁ ଶାନ୍ତି କମିଟି ଗଠନ କରାଯାଇଥିଲା। ବଜାର କମିଟି ମୁଖ୍ୟ ଉପଦେଷ୍ଟା ପଞ୍ଚାନନ ଶତପଥୀଙ୍କୁ କମିଟି ସଭାପତି ଓ ସମ୍ପାଦକ ଭାବେ ରତ୍ନାକର ନାୟକଙ୍କୁ ଚୟନ କରାଯାଇଥିଲା। ଏଥିସହ କମିଟି ସଦସ୍ୟ ଭାବେ ବଜାର କମିଟି କର୍ମକର୍ତ୍ତା, ସମସ୍ତ ପୂଜା କମିଟିର ସଭାପତି, ଚାନ୍ଦୋଳ ସମିତିସଭ୍ୟ ମଧୁସୂଦନ ଘଡ଼େଇ, ମୁକୁନ୍ଦପୁର ସରପଞ୍ଚ ଯୋଗାନନ୍ଦ ମହାନ୍ତି, ଦାନପୁର ସରପଞ୍ଚ ବିଭୁଦେନ୍ଦୁ ପଣ୍ଡା, କଳିଙ୍ଗ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷ ମନୋଜ କୁମାର ପ୍ରଧାନ ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ବଜାର ମଧ୍ୟସ୍ଥଳୀରେ ସୂଚନା କେନ୍ଦ୍ର ଗଠନ, ବିଦ୍ୟୁତ୍ ସରବରାହ ନିରନ୍ତର ନିମନ୍ତେ ଏନ୍ଜେନ୍ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା, ସ୍ୱାସ୍ଥ୍ୟ ଶିବିର, ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଉପସ୍ଥିତ ରହିବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ସର୍ବୋପରି ଆଇନଶୃଙ୍ଖଳା ପରିସ୍ଥିତି, ଟ୍ରାଫିକ୍ ନିୟନ୍ତ୍ରଣ, ଡାକବାଜି ଯନ୍ତ୍ର ଓ ବାଜାବାଣ ବ୍ୟବହାର ସମ୍ପର୍କରେ ଚାନ୍ଦୋଳ ଫାଣ୍ଡି ଅଧିକାରୀ ରଣେନ୍ଦ୍ର କୁମାର ସାମଲ ଉପସ୍ଥିତ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ। ପୂଜା କମିଟି ସଦସ୍ୟ ଦେବରାଜ ମହାପାତ୍ର, ପ୍ରଦୀପ କୁମାର ମହାନ୍ତି, ଅଗଣି କୁମାର ସେଣ, ପର୍ଶୁରାମ ମଲ୍ଲ, ଦିଲ୍ଲୀପ ତ୍ରିପାଠୀ, ସୁଧୀର କୁମାର ନାୟକ, ଜ୍ଞାନରଞ୍ଜନ ନାୟକ ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ■ମଦନପୁର ମହାବୀର ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ

# ଶିକ୍ଷାର ବିକାଶ ହେଲେ ଦେଶର ବିକାଶ ସମ୍ଭବ

**ପଟ୍ଟାମୁଣ୍ଡାଇ,୨୧।୧୦(ସ୍ୱ.ପ୍ର.)**

ଗୁଣାତ୍ମକ ଶିକ୍ଷାର ବିକାଶ ହେଲେ ଦେଶ ଓ ଜାତିର ବିକାଶ ସମ୍ଭବ ହେବ । ଶିକ୍ଷାର ଅଭାବ ଯୋଗୁ ଆମେ ଉନ୍ନତ ହୋଇ ପାରିନାହୁଁ। ଯେଉଁ ଦେଶ ବିଭିନ୍ନ କ୍ଷେତ୍ରରେ ଯେତେ ଉନ୍ନତ ସେ ଦେଶର ନାଗରିକ ସେତେ ଶିକ୍ଷିତ ବୋଲି ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ମଦନପୁର ମହାବୀର ଉଚ୍ଚ ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ରବିବାର ଅନୁଷ୍ଠିତ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡିଶା ବିଧାନସଭାର ବିରୋଧୀ ଦଳ ନେତା ନରସିଂହ ମିଶ୍ର ମତ ପ୍ରକାଶ କରିଛନ୍ତି ।

ପୁରାତନ ଛାତ୍ର ତଥା ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ କମିଟିର ଉପ ସଭାପତି ସର୍ବେଶ୍ୱର ମହାନ୍ତି ସମାରୋହରେ ସଭାପତିତ୍ୱ କରିଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡ. ରାମଚନ୍ଦ୍ର ବେହେରା ଚିନ୍ତା ଚେତନା ଓ ମାନବିକତାର କଥା କହିଥିଲେ । ସମ୍ମାନିତ ବକ୍ତା ଭାବେ ସ୍ତମ୍ଭକାର ଶ୍ରୀରାମ ଦାଶ ଶିକ୍ଷାର ମାନଦଣ୍ଡ ସଂପର୍କରେ ମତ ରଖିଥିଲେ । ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବର ଅଭ୍ୟର୍ଥନା କମିଟି ସଭାପତି ସ୍ଥାନୀୟ ବିଧାୟକ ଅଂଶୁମାନ ମହାନ୍ତି ଯୋଗଦେଇ ୧୯୬୬ ମସିହାରେ ସ୍ଥାପିତ ଶିକ୍ଷାନୁଷ୍ଠାନର ଅଭାବ ଅସୁବିଧା ଉପରେ ବକ୍ତବ୍ୟ ରଖି ବିରୋଧୀ ଦଳ ନେତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପ୍ରଧାନ ଶିକ୍ଷକ ରତ୍ନାକର ନାୟକ ସଂପାଦକୀୟ ବିବରଣୀ ପାଠ କରିଥିଲେ । ପୁରାତନ ଛାତ୍ର ସରୋଜ କାନ୍ତ ମଲ୍ଲିକ ଅତିଥି ପରିଚୟ ଦେଇଥିଲେ । ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟି ସମ୍ପାଦକ କଥାକାର ପ୍ରଦୀପ ନାୟକ ସଭା ପରିଚାଳନା କରିଥିଲେ । ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ପୁରାତନ ଛାତ୍ର ତଥା କେନ୍ଦୁଝର ଜିଲା ଉପଜିଲାପାଳ ସୋମନାଥ ପ୍ରଧାନ ଓ ଘଟଗାଁ ବିଡିଓ ତ୍ରିଲୋଚନ ମହାନ୍ତି, ଶିଳ୍ପଦ୍ୟୋଗୀ କ୍ଷୀରୋଦ କୁମାର ଜେନା, ଉଚ୍ଚ ବିଦ୍ୟାଳୟର ପ୍ରଥମ ପ୍ରଧାନ ଶିକ୍ଷକ ପଦ୍ମଲୋଚନ ଗିରିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବେଷ୍ଟ ଟେନ୍ଥ ପାଇଥିବା ପୁରାତନ ଛାତ୍ର ମନୋରଞ୍ଜନ ମହାନ୍ତି, ସୁଶାନ୍ତ କୁମାର ପାତ୍ର, ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ୮ଟି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ପୁରାତନ ଛାତ୍ର ପ୍ରଣବ ପ୍ରକାଶ ନାୟକ ଧନ୍ୟବାଦ ଦେଇଥିଲେ । ପୂର୍ବାହ୍ନ ଅଧିବେଶନରେ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା କମିଟିର ବରିଷ୍ଠ ସଦସ୍ୟ ଅର୍ଜ୍ଜୁନ ଚରଣ ସିଂହ ସୁବର୍ଣ୍ଣ ଜୟନ୍ତୀ ସମାରୋହକୁ ଉଦ୍ଘାଟନ କରିଥିଲେ । ସକାଳ ଅଧିବେଶରେ ପୂର୍ବତନ ଶିକ୍ଷକ ଓ ପୁରାତନ ଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସୋମବାର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବ ।





ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଅତିଥିମାନେ।



"୨୦୧୯ରେ ଭାଜପାକୁ କ୍ଷମତାରୁ ଦୂରେଇ ରଖିବା ପାଇଁ ପ୍ରସ୍ତାବିତ ମହାମେଣ୍ଟର ସବୁ ସହଯୋଗୀ ଦଳକୁ ତ୍ୟାଗ କରିବାକୁ ପଡ଼ିବ। କାରଣ କଂଗ୍ରେସ ନିଜସ୍ୱ ବଳରେ କ୍ଷମତାସୀନ ହୋଇପାରିବ ନାହିଁ।

-ସଲମାନ୍ ଖୁର୍ସିଦ, ବରିଷ୍ଠ କଂଗ୍ରେସ ନେତା

## ସଂକ୍ଷେପରେ

### ତାଇୱାନରେ ଟ୍ରେନ୍ ଦୁର୍ଘଟଣା: ୨୨ ମୃତ



**ତାଇପେଇ,୨୧।୧୦(ପି.ଟି.):** ତାଇୱାନ୍‌ର ଦକ୍ଷିଣ-ପଶ୍ଚିମ ଉପକୂଳବର୍ତ୍ତୀ ଅଞ୍ଚଳ ଅଭିମୁଖେ ଯାତ୍ରା କରୁଥିବା ଏକ ଏକ୍ସପ୍ରେସ୍ ଟ୍ରେନ୍ ରବିବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିଯୋଗୁ ୨୨ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୧୨୦ ଜଣ ଆହତ ହୋଇଛନ୍ତି। ପ୍ୟୁମା ଏକ୍ସପ୍ରେସ୍‌ରେ ୩୦୦ରୁ ଅଧିକ ଯାତ୍ରୀ ଥିଲେ। ତାଇତୁଙ୍ଗ୍ ସିଟି ଆଡ଼କୁ ଯାତ୍ରା କରିବାବେଳେ ଅପରାହ୍ଣ ୪ଟା ୫୦ରେ ଡୁଙ୍ଗ୍‌ଶାନ୍ ନିକଟରେ ଟ୍ରେନ୍‌ଟି ଲାଇନଚ୍ୟୁତ ହୋଇଥିଲା। ଶତାଧିକ ଆହତ ହୋଇଥିଲେ। ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ୨୨ ଜଣ ହୃଦ୍‌ଘାତ ଯୋଗୁ ପ୍ରାଣ ହରାଇଥିଲେ। ଅନ୍ୟ ଆହତମାନଙ୍କ ଚିକିତ୍ସା ଚାଲିଛି।

### ୟାମିନଙ୍କ ପରାଜୟ ସୁପ୍ରିମକୋର୍ଟରେ କାଏମ



**କଲମ୍ବୋ,୨୧।୧୦(ପି.ଟି.):** ମାଳଦ୍ୱୀପରେ ରାଷ୍ଟ୍ରପତି ନିର୍ବାଚନକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଥମୁନାହିଁ। ବିଦାୟୀ ରାଷ୍ଟ୍ରପତି ଅବ୍‌ଦୁଲ୍ଲା ୟାମିନ ନିଜ ବୃହତ୍ ପରାଜୟକୁ ସହଜେ ହଜମ କରିପାରୁ ନାହାନ୍ତି। ଭୋଟବେଳେ ନିର୍ବାଚନ କମିଶନ ହେରଫେର କରିଥିବା ଅଭିଯୋଗ ଆଣି ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନିର୍ବାଚନ ଫଳାଫଳ ଉପରେ ରହିତାଦେଶ ଜାରି କରିବାକୁ ସେ ଆବେଦନରେ ଦର୍ଶାଇଛନ୍ତି। ରବିବାର ଅଦାଲତ ଏହି ପିଟିଶନର ଶୁଣାଣି କରି ୟାମିନଙ୍କୁ ନିରାଶ କରିଛନ୍ତି। ନିର୍ବାଚନ ଫଳାଫଳ କାଏମ ରହିବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ପାଞ୍ଚ ଜଣିଆ ଖଣ୍ଡପୀଠ ଏହି ରାୟ ଦେବା ପରେ ୟାମିନଙ୍କୁ ଶକ୍ତ ଝଟକା ଲାଗିଛି। ପ୍ରକାଶ ଯେ, ସେପ୍ଟେମ୍ବର ୨୩ ନିର୍ବାଚନରେ ଇବ୍ରାହିମ୍ ମହମ୍ମଦ ସୋଲି ବିପୁଳ ବିଜୟ ଲାଭ କରିଥିଲେ। କିନ୍ତୁ ପରାଜୟ ସ୍ୱୀକାର କରିବାକୁ ନାରାଜ ଥିଲେ ୟାମିନ। ଅନ୍ତର୍ଜାତୀୟ ସ୍ତରରେ ଚାପ ପଡ଼ିବାରୁ ସେ ହାର୍ ମାନିଥିଲେ। କିନ୍ତୁ ପରେ ସେ ସୁପ୍ରିମକୋର୍ଟରେ ନିର୍ବାଚନ କମିଶନଙ୍କ ଫଳାଫଳ ଘୋଷଣାକୁ ଚ୍ୟାଲେଞ୍ଜ କରିଥିଲେ।

### ଯୁଦ୍ଧର ୫୬ ବର୍ଷ ପରେ ମିଳିଲା କ୍ଷତିପୂରଣ

**ବୋମଡିଲା,୨୧।୧୦(ପି.ଟି.):** ଭାରତ-ଚାଇନା ଯୁଦ୍ଧର ୫୬ ବର୍ଷ ପରେ ଅରୁଣାଚଳ ପ୍ରଦେଶର ଦକ୍ଷିଣ କାମେଙ୍ଗ ଜିଲାର ଗ୍ରାମବାସୀଙ୍କୁ ମିଳିଛି ୩୮ କୋଟି ଟଙ୍କାର କ୍ଷତିପୂରଣ। ଶୁକ୍ରବାର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ କିରେନ୍ ରିଜିଜୁ ଏବଂ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ଗ୍ରାମବାସୀଙ୍କୁ ୩୭.୭୩ କୋଟି ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଉକ୍ତ ଭୂମି ଏକ ଗୋଷ୍ଠୀଗତ ସମ୍ପତ୍ତି ହୋଇଥିବାରୁ କ୍ଷତିପୂରଣ ରାଶିକୁ ଗାଁ ଲୋକଙ୍କ ମଧ୍ୟରେ ନିଜ ନିଜ ଭାଗ ଅନୁଯାୟୀ ବାଣ୍ଟି ଦିଆଯିବ। ଚାଇନା ସହ ଯୁଦ୍ଧ ସମୟରେ ଭାରତୀୟ ସେନା ସ୍ଥାନୀୟ ଗ୍ରାମବାସୀଙ୍କ ଜମି ଅଧିଗ୍ରହଣ କରି ସେଠାରେ କ୍ୟାମ୍ପ, ବଙ୍କର ଏବଂ ବାରାକ୍ ନିର୍ମାଣ କରିଥିଲା।

### [ଇତିହାସର ଆଇନାରେ]

### ଅକ୍ଟୋବର ୨୨ର ପ୍ରମୁଖ ଘଟଣା

୧୮୭୭ ଅକ୍ଟୋବର ୨୨ରେ ସ୍କଟଲାଣ୍ଡର ବ୍ଲାନଣ୍ଟେରି କୋଇଲା ଖଣିରେ ଦୁର୍ଘଟଣା ଘଟିଥିଲା। ଏଥିରେ ୨୦୭ ଜଣ ଖାଦାନ କର୍ମଚାରୀ ନିହତ ହୋଇଥିଲେ। ମୃତକଙ୍କ ମଧ୍ୟରେ ୧୧ ବର୍ଷର ଜଣେ ବାଳକ ରହିଥିଲେ।

୨୦୦୮ ଅକ୍ଟୋବର ୨୨ରେ ଭାରତ ପ୍ରଥମ ଥର ପାଇଁ ମାନବବିହୀନ ଲୁନାର୍ ମିଶନ୍ ଚନ୍ଦ୍ରାୟନ-୧ ଆରମ୍ଭ କରିଥିଲା। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଏହାର ଶୁଭାରମ୍ଭ କରିଥିଲା।

# ସିବିଆଇ କରିଡରରେ ଲଢ଼େଇ

- ସ୍ପେଶାଲ ଡାଇରେକ୍ଟର ରାକେଶ ଅସ୍ଥାନାଙ୍କ ନାଁରେ ଏଫ୍‌ଆଇଆର୍
- ମାମଲା ରଫାଦଫା ପାଇଁ ୨ କୋଟି ଲାଞ୍ଚ ନେଇଥିବା ଅଭିଯୋଗ

**ନୂଆଦିଲ୍ଲୀ,୨୧।୧୦**

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କରିଡରରେ ଅହମିକାର ଲଢ଼େଇକୁ ନେଇ କୁହୁଳୁଥିବା ଧୂଆଁରୁ ଶେଷରେ ନିଆଁ ଉଠିଛି। ତଦନ୍ତକାରୀ ସଂସ୍ଥାର ୨ ନମ୍ବର କୁହାଯାଉଥିବା ସ୍ପେଶାଲ ଡାଇରେକ୍ଟର ରାକେଶ ଅସ୍ଥାନାଙ୍କ ନାଁରେ ଖୋଦ୍ ସିବିଆଇ ଦାଏର କରିଛି ଲାଞ୍ଚ ମାମଲା। ମାଂସ ବ୍ୟବସାୟୀ ମୋଇନ୍ କୁରେଶୀ ଜଡ଼ିତ ଥିବା ଏକ ମାମଲାକୁ ରଫାଦଫା କରିବା ପାଇଁ ୨ କୋଟି ଟଙ୍କା ଲାଞ୍ଚ ନେଇଥିବା ଅଭିଯୋଗରେ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କୁହାଯାଉଛି। ହେଲେ ରାକେଶ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କେନ୍ଦ୍ର ସରକାରଙ୍କ ନିକଟକୁ ଏକ ପତ୍ର ଲେଖି ଏହାକୁ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ବୋଲି ଅଭିହିତ କରିଛନ୍ତି।

ସିବିଆଇକୁ ଦେଶର ସର୍ବାଧିକ ଭରସାଯୋଗ୍ୟ ତଦନ୍ତକାରୀ ସଂସ୍ଥା ବୋଲି କୁହାଯାଏ। ବରିଷ୍ଠ ଆଇପିଏସ୍ ଅଧିକାରୀ ଆଲୋକ ବର୍ମା ଏହାର ନିର୍ଦ୍ଦେଶକ ଥିବାବେଳେ ରାକେଶ ଅସ୍ଥାନା ହେଉଛନ୍ତି ସ୍ୱତନ୍ତ୍ର ନିର୍ଦ୍ଦେଶକ। ଅର୍ଥାତ୍ ଆଲୋକଙ୍କ ପରେ ସିବିଆଇର ଦ୍ୱିତୀୟ ପ୍ରଭାବଶାଳୀ ଅଧିକାରୀ ହେଉଛନ୍ତି ରାକେଶ। ହାଇଦ୍ରାବାଦର ମାଂସ ବ୍ୟବସାୟୀ ସତୀଶ ସାନାଙ୍କ ଅଭିଯୋଗ ଆଧାରରେ ରାକେଶଙ୍କ ବିରୋଧରେ ଏହି ଲାଞ୍ଚ ମାମଲା ଦାଏର ହୋଇଛି। ମୋଇନ୍ କୁରେଶୀ ସମ୍ପୃକ୍ତ ଥିବା ଏକ ମନିଲଣ୍ଡରିଂ ମାମଲାର ତଦନ୍ତ ୨୦୧୭ ଅଗଷ୍ଟରେ ରାକେଶଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) କରୁଛି। ଉକ୍ତ ମାମଲାର ତଦନ୍ତକୁ ପ୍ରଭାବିତ କରିବା ଲାଗି ରାକେଶଙ୍କୁ ୨ କୋଟି ଟଙ୍କା ଦିଆଯାଇଥିବା ସତୀଶ ନିଜ ବୟାନରେ କହିଛନ୍ତି। ୨୦୧୭ ଡିସେମ୍ବରରୁ ୧୦ ମାସ ଭିତରେ ଏହି ଟଙ୍କା ଦିଆଯାଇଛି। ତେଣୁ ସିବିଆଇ ରାକେଶଙ୍କ ବିରୋଧରେ ମାମଲା ରୁଜୁ କରୁ ବୋଲି ସତୀଶ ଦାବି କରିଥିଲେ। ମିଳିଥିବା ସୂଚନାନୁସାରେ, ଦୁବାଇରେ ରହୁଥିବା ମନୋଜ କୁମାର ନାମକ ଜଣେ ମଧ୍ୟସ୍ଥ କୁରେଶୀଙ୍କ ପକ୍ଷରୁ ଉକ୍ତ ଟଙ୍କା ରାକେଶଙ୍କୁ ଦେଇଥିଲେ। ନିକଟରେ ଗିରଫ ହୋଇଥିବା ମନୋଜ ଲାଞ୍ଚ ଅର୍ଥ ଦେଇଥିବା ନେଇ ଜଣେ ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ମଧ୍ୟ ସ୍ୱୀକାର କରିଥିଲେ। କୁରେଶୀଙ୍କୁ ଗତବର୍ଷ ଅଗଷ୍ଟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଥିଲା। ତାଙ୍କ ବିରୋଧରେ ଥିବା ମନିଲଣ୍ଡରିଂ ମାମଲାର ତଦନ୍ତ ଉଭୟ ସିବିଆଇ ଏବଂ ଇଡି ମିଳିତ ଭାବେ କରୁଛନ୍ତି। ଅକ୍ଟୋବର ୧୫ରେ ଦାଏର ସିବିଆଇ ଏଫ୍‌ଆଇଆର୍‌ରେ ରାକେଶଙ୍କ ସହ ଭାରତର ବାହ୍ୟ ଗୋଇନ୍ଦା ସଂସ୍ଥା ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍‌ସ (ର)ର ସ୍ୱତନ୍ତ୍ର ନିର୍ଦ୍ଦେଶକ ସାମନ୍ତ କୁମାର ଗୋଏଲଙ୍କ ନାମ ମଧ୍ୟ ରହିଛି। କିନ୍ତୁ ସାମନ୍ତଙ୍କୁ ଏଥିରେ ଅଭିଯୁକ୍ତ ଦର୍ଶାଯାଇ ନାହିଁ। ଏହି ଟଙ୍କା ନେଣଦେଣ ପ୍ରକ୍ରିୟାରେ ସାମନ୍ତ ସହାୟତା କରିଥିବା ନେଇ ମଧ୍ୟ ମନୋଜ ପ୍ରଘଟ କରିଥିଲେ।



ରାକେଶ ଅସ୍ଥାନା



ଆଲୋକ ବର୍ମା

ସିବିଆଇ ଏହି ସମଗ୍ର ଘଟଣାକ୍ରମକୁ ନେଇ ଟେଲିଫୋନ୍ ବାର୍ତ୍ତାଳାପ, ହ୍ୱାଟ୍ସଆପ୍ ମେସେଜ୍, ମନି ଟ୍ରାଏଲ୍ ଏବଂ ଏକ ଷ୍ଟେଟ୍‌ମେଣ୍ଟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଦାଖଲ କରିଥିବା କୁହାଯାଉଛି।

ସଦ୍ୟ କାର୍ଯ୍ୟାନୁଷ୍ଠାନ ପରେ ସିବିଆଇର ଦୁଇ ହାଇପ୍ରୋଫାଇଲ ଅଧିକାରୀ ଆଲୋକ ଓ ରାକେଶଙ୍କ ମଧ୍ୟରେ ବିବାଦ ଆଗକୁ ଅଧିକ ଘନୀଭୂତ ହେବ ବୋଲି କୁହାଯାଉଛି। ପୂର୍ବତନ ରେଳମନ୍ତ୍ରୀ ଲାଲୁପ୍ରସାଦ ଯାଦବ ସମ୍ପୃକ୍ତ ଥିବା ଆର୍‌ସିଟିସି ଦୁର୍ନୀତି ମାମଲାରେ ଆଲୋକ ହସ୍ତକ୍ଷେପ କରୁଥିବା ନେଇ ପୂର୍ବରୁ ରାକେଶ ଅଭିଯୋଗ କରିଥିଲେ। ଏହାକୁ ସିବିଆଇ ନିର୍ଦ୍ଦେଶକ ଖଣ୍ଡନ କରି ଓଲଟା ରାକେଶଙ୍କ ବିରୋଧରେ ଏକାଧିକ ଅଭିଯୋଗ ଆଣିଥିଲେ। ଏପରି କି ସେ ୧୯୮୪ ବ୍ୟାଚ୍ ଗୁଜରାଟ କ୍ୟାଡର୍‌ର ଆଇପିଏସ୍ ଅଧିକାରୀ ରାକେଶଙ୍କ ସିବିଆଇ ସ୍ପେଶାଲ ଡାଇରେକ୍ଟର ଭାବେ ପଦୋନ୍ନତିକୁ ମଧ୍ୟ ବନ୍ଦ କରିବାକୁ ଉଦ୍ୟମ କରିଥିଲେ।

■ ରାବଣ ପୋଡ଼ି ଉତ୍ସବବେଳେ ଟ୍ରେନ ଦୁର୍ଘଟଣା: ତେଜୁଛି ବିବାଦ

# ଅଶାନ୍ତ ଅମୃତସରରେ ହିଂସା



- ପୋଲିସ, ଖବରଦାତାଙ୍କୁ ଟେକାମାଡ଼: ଅନେକେ ଆହତ
- ସିଦ୍ଧୁଙ୍କ ଇସ୍ତଫା ଦାବିରେ ଅଡ଼ିବସିଲେ ବିକ୍ଷୋଭକାରୀ
- ଜାରି ରହିଛି ଦୋଷ ଲଦାଲଦି

**ଅମୃତସର,୨୧।୧୦(ପି.ଟି.)**

ପଞ୍ଜାବର ଅମୃତସରରେ ରାବଣ ପୋଡ଼ି ଉତ୍ସବ ଦେଖୁଥିବାବେଳେ ଏକ୍ସପ୍ରେସ୍ ଟ୍ରେନ୍ ମାଡ଼ିଯାଇ ୬୧ ଜଣ ପ୍ରାଣ ହରାଇବା ପରେ ଚାରିଆଡ଼େ ଖେଳିଯାଇଛି ଶୋକର ଛାୟା। ସ୍ଥାନୀୟ ପ୍ରଶାସନ ଏବଂ ରେଲୱେ କର୍ତ୍ତୃପକ୍ଷ ନିଜ ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ଉଦ୍ୟମ ଚଳାଇବା ସହ ଅପରକୁ ଦାୟୀ କରୁଛନ୍ତି। ଏହି ଘଟଣାକୁ ନେଇ ରାଜ୍ୟର କଂଗ୍ରେସ ସରକାର ଏବଂ କେନ୍ଦ୍ର ମଧ୍ୟ ପରସ୍ପରକୁ ଦାୟୀ କରୁଛନ୍ତି। ଗୋଟିଏ ପଟେ ଏଭଳି କାଦୁଅଫିଙ୍ଗା ଲାଗିରହିଥିବାବେଳେ ଅନ୍ୟପଟେ ଅମୃତସରର ବିଭିନ୍ନ ସ୍ଥାନରେ ରବିବାର ବିକ୍ଷୋଭ ପ୍ରଦର୍ଶନ ହୋଇଛି। ଅନେକ ଜାଗାରେ ଏହା ହିଂସା ରୂପ ଧାରଣ କରିଛି। ପୋଲିସ ଓ ଉତ୍ତ୍ୟକ୍ତ ଜନତା ହାତାହାତି ହୋଇଯିବାରୁ ପରିସ୍ଥିତି ଭୟଙ୍କର ହୋଇଛି। ବିକ୍ଷୋଭକାରୀଙ୍କ ଟେକାମାଡ଼ରେ ଅନେକ ପୋଲିସ କର୍ମଚାରୀ ଓ ଖବରଦାତା ମଧ୍ୟ ଆହତ ହୋଇଛନ୍ତି। ଯୋଡ଼ା ଫାଟକସ୍ଥିତ ରେଳ ଟ୍ରାକ୍ ଉପରେ ଅନେକ ଲୋକ ଧାରଣାରେ ବସିଥିଲେ। ପଞ୍ଜାବର ଅତିରିକ୍ତ ପୋଲିସ ଡିଜି ଇକ୍‌ବାଲ ପ୍ରୀତି ସିଂ ସହୋତା ଘଟଣାର ତଦନ୍ତ କରିବେ। ଶୁକ୍ରବାର ସନ୍ଧ୍ୟାରେ ଏତେବଡ଼ ଦୁର୍ଘଟଣା ଘଟି ଏତେସଂଖ୍ୟକ ଜୀବନ ଯାଇଥିବାରୁ ଅନେକ ପରିବାର ଉଜୁଡ଼ିଯାଇଛି। ଏଭଳି ହୃଦୟବିଦାରକ ଘଟଣା ପାଇଁ ଉଭୟ ରାଜ୍ୟ ସରକାର ଏବଂ ରେଲୱେକୁ ଦାୟୀ କରୁଛନ୍ତି ସ୍ଥାନୀୟ ଲୋକେ। ରାସ୍ତାକୁ ଓହ୍ଲାଇ ପ୍ରତିବାଦର ସ୍ୱର ଉଠାଇବା ସହ ପଞ୍ଜାବ ମନ୍ତ୍ରୀ ନବଜୋତ ସିଂ ସିଦ୍ଧୁଙ୍କ ଇସ୍ତଫା ଦାବିରେ ସେମାନେ ଅଡ଼ିବସିଛନ୍ତି। ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ବିରୋଧରେ ସେମାନେ ନାରାବାଜି କରିଥିଲେ। ବିକ୍ଷୋଭକାରୀଙ୍କୁ ହଟାଇବା ସହ ରେଳ ଟ୍ରାକ୍ ଫାଙ୍କା କରିବା ଲାଗି ପଞ୍ଜାବ ପୋଲିସ କମାଣ୍ଡୋଙ୍କ ସମେତ ଅନ୍ୟ ସୁରକ୍ଷାକର୍ମୀଙ୍କୁ ମୁତୟନ କରିଥିଲା। ଯୋଡା ଫାଟକ ଅଞ୍ଚଳରେ ର୍‍ୟାପିଡ୍ ଆକ୍ସନ ଫୋର୍ସ ମଧ୍ୟ ମୁତୟନ ହୋଇଥିଲେ। କିନ୍ତୁ ପୋଲିସର କଟକଣାକୁ ବିକ୍ଷୋଭକାରୀ ଖାତିର କଲେ ନାହିଁ। ଫଳରେ ଉଭୟ ପକ୍ଷ ମଧ୍ୟରେ ସଂଘର୍ଷ ଘଟିଥିଲା।

ତେବେ ଅମୃତସରରେ ଘଟିଥିବା ଏହି ହୃଦୟବିଦାରକ ଘଟଣା ପାଇଁ ଦାୟୀ ନ ଥିବା ଦର୍ଶାଇ ସମସ୍ତ ପକ୍ଷ ସଫେଇ ଦେଉଛନ୍ତି। ଏହି ଘଟଣା ପାଇଁ କୌଣସି ତ୍ରୁଟି ନ ଥିବାରୁ ତଦନ୍ତ କରିବାର ପ୍ରଶ୍ନ ଉଠୁନାହିଁ ବୋଲି ରେଲୱେ ବିଭାଗ କହିଛି। ଏହାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି। ରେଲୱେ ପକ୍ଷରୁ ତଦନ୍ତକୁ କାହିଁକି ଏଡ଼ାଇଦିଆଯାଉଛି ବୋଲି କଂଗ୍ରେସ ମୁଖପାତ୍ର ଅଭିଷେକ ମନୁ ସିଙ୍ଘଭୀ କହିଛନ୍ତି। ସେହିପରି ନବଜୋତ ସିଂ ସିଦ୍ଧୁ ରେଲୱେ ବିଭାଗ ଉପରେ ବର୍ଷିଛନ୍ତି।

# ସାବରିମାଳାରେ ଆଉ ୬ ମହିଳାଙ୍କ ପ୍ରବେଶକୁ ବିରୋଧ

**ପମ୍ପା,୨୧।୧୦(ପି.ଟି.):** ପ୍ରସିଦ୍ଧ ସାବରିମାଳା ମନ୍ଦିରରେ ସବୁ ବୟସର ମହିଳାମାନେ ପ୍ରବେଶ କରିପାରିବେ ବୋଲି ସୁପ୍ରିମକୋର୍ଟ ରାୟ ଦେବା ସତ୍ତ୍ୱେ ବିବାଦ ଥମୁ ନାହିଁ। ମାସିକ ପୂଜା ଲାଗି ପାଞ୍ଚଦିନ ହେଲା ମନ୍ଦିର ଖୋଲାଯାଇଥିଲେ ସୁଦ୍ଧା ଭଗବାନ ଆୟାପ୍ପାଙ୍କ ଦର୍ଶନ ଲାଗି ମହିଳାଙ୍କୁ ଅନୁମତି ଦେଉ ନାହାନ୍ତି ପୁରୁଷ ଶ୍ରଦ୍ଧାଳୁ। ହାଇଡ୍ରାମା ଭିତରେ ରବିବାର ଆଉ ୬ ମହିଳା ଏହି ମନ୍ଦିରକୁ ଯାଇଥିଲେ। ତେଲୁଗୁ ଭାଷାଭାଷୀ ଏହି ମହିଳାମାନେ ମନ୍ଦିର ପରିସରରେ ପାଦ ଦେବା ମାତ୍ରେ ବିରୋଧକାରୀମାନେ ଆୟାପ୍ପାଙ୍କ ମନ୍ତ୍ର ଉଚ୍ଚାରଣ କରି ଅଟକାଇଥିଲେ। ସେମାନଙ୍କୁ ଭିତରକୁ ଯିବା ଲାଗି ଅନୁମତି ଦେଲେ ନାହିଁ। ୧୦ରୁ ୫୦ ବର୍ଷ ପର୍ଯ୍ୟନ୍ତ ମହିଳାମାନେ 'ନାସ୍ତିକ ବ୍ରହ୍ମଚାରୀ' ଆୟାପ୍ପାଙ୍କ ଦର୍ଶନ କରିବା ମହାପାପ ବୋଲି ଏମାନଙ୍କ ଧାରଣା ରହିଛି।



## ଫୁରସତ

# ଚାଇନାର ସର୍ବବୃହତ୍ ଜଳାବତରଣକାରୀ ବିମାନ



**ବେଜିଂ:** ଚାଇନା ପ୍ରଥମ କରି ସ୍ୱଦେଶୀ ଜ୍ଞାନକୌଶଳରେ ବିଶ୍ୱର ସର୍ବବୃହତ୍ ଜଳାବତରଣକାରୀ ବିମାନ ନିର୍ମାଣ କରିଛି। ଏହାକୁ ଶନିବାର ଜଳଭାଗରେ ଅବତରଣ କରାଯିବା ସହିତ ଏଠାରୁ ମଧ୍ୟ ଉଡାଣ କରାଯାଇଥିଲା। ଏହାର ନାମ ରଖାଯାଇଛି 'ଏୟାରକ୍ରାଫ୍ଟ ଏଜି ୬୦୦'। ରାଷ୍ଟ୍ରାୟତ୍ତ ବିମାନ ନିର୍ମାଣକାରୀ ସଂସ୍ଥା ଆଭିଏଶନ୍ ଇଣ୍ଡଷ୍ଟ୍ରି କର୍ପୋରେଶନ୍ ଅଫ୍ ଚାଇନା ଦ୍ୱାରା ଏହା ନିର୍ମାଣ କରାଯାଇଛି। ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ଏଥିପାଇଁ ଅଭିନନ୍ଦନ ଜଣାଇଛନ୍ତି। ସେ ଏକ ବାର୍ତ୍ତାରେ କହିଛନ୍ତି, ଚାଇନାର ବିମାନ ଶିଳ୍ପ ଦ୍ୱାରା ସ୍ୱଦେଶରେ ନିର୍ମିତ ଏହି ଜଳାବତରଣକାରୀ ବିମାନ ଦେଶର ବିକାଶ ଦିଗରେ ଆଉ ଏକ ସଫଳତା।

# ୧୨ବର୍ଷରେ ଦୁର୍ଘଟଣା ନେଇଛି ୩୯ ଲକ୍ଷ ଜୀବନ


## ଏନ୍‌ସିଆରବି ରିପୋର୍ଟ



**ନୂଆଦିଲ୍ଲୀ:** ଭାରତରେ ବିଗତ ୧୨ବର୍ଷ ମଧ୍ୟରେ ଦୁର୍ଘଟଣା ଯୋଗୁ ୩୯ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିବା ନ୍ୟାଶନାଲ୍ କ୍ରାଇମ୍ ରେକର୍ଡ ବ୍ୟୁରୋ(ଏନ୍‌ସିଆରବି) ରିପୋର୍ଟରୁ ସୂଚନା ମିଳିଛି। ଅଧିକାଂଶ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ପାରିଥାଆନ୍ତା ବୋଲି ଏଥିରେ କୁହାଯାଇଛି। ନିବାରଣ ଯୋଗ୍ୟ ମୃତ୍ୟୁଘଟଣାକୁ ଅସ୍ୱାଭାବିକ ଦୁର୍ଘଟଣା ବୋଲି କୁହାଯାଇଛି। ଭାରତରେ ୨୦୦୪ରୁ ୨୦୧୫ ମଧ୍ୟରେ ବିଭିନ୍ନ ଦୁର୍ଘଟଣାରେ ୩୯ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ କେବଳ ରେଳଟ୍ରାକ୍ ଏବଂ ରେଳକ୍ରସିଂରେ ୨୬,୦୦୦ ଲୋକଙ୍କ ମୃତ୍ୟୁ ହୋଇଛି। ଏଥିନେଇ ଦୈନିକ ହାରାହାରି ୬ଜଣଙ୍କ ମୃତ୍ୟୁ ଘଟୁଛି।

ବିଶେଷକରି ସଡ଼କ ଦୁର୍ଘଟଣାରେ ଏହି ସମୟ ମଧ୍ୟରେ ୧୫ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଛି। କେବଳ ୨୦୧୫ରେ ସଡକ ଦୁର୍ଘଟଣାରେ ପାଖାପାଖି ୧.୫ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଏହା ୨୦୦୪ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟାର ୬୪%ରୁ ଅଧିକ।

ତ୍ରୁଟିପୂର୍ଣ୍ଣ ଯାନବାହନ ନିୟନ୍ତ୍ରଣ ବ୍ୟବସ୍ଥା, କୋହଳ ନୀତିନିୟମ ଏବଂ ସଚେତନତାର ଅଭାବକୁ ଅଧିକାଂଶ ଦୁର୍ଘଟଣା ପାଇଁ ଦାୟୀ କରାଯାଇଛି। କେତେକ ସ୍ଥାନର ପାଣିପାଗ ଏବଂ ଭୌଗୋଳିକ ପରିସ୍ଥିତି ମଧ୍ୟ 'ଦୁର୍ଘଟଣାସ୍ଥଳରେ ହିଁ ମୃତ୍ୟୁ' ପାଇଁ ଦାୟୀ। ଭାରତର ଦୈନିକ ୫୬ଜଣ ପଥଚାରୀ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ବିସ୍ଫୋରଣ, ଘର ଭୁଶୁଡ଼ିବା, କାରଖାନାରେ ଦୁର୍ଘଟଣା ଓ ଅଗ୍ନିକାଣ୍ଡ, ନିର୍ମାଣସ୍ଥଳ ଦୁର୍ଘଟଣା ଯୋଗୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଉଛି। ପାଣିରେ ବୁଡ଼ିଯାଇ ୩ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଛି। ଡଙ୍ଗାବୁଡ଼ି ଯୋଗୁ ୮,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ କେତେକ ଲୋକ ଜଳାଶୟରେ ବୁଡ଼ି ପ୍ରାଣ ହରାଇଛନ୍ତି।



ରବିବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ଶୁଖିଲା ରହିବ। **ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମୁଖ୍ୟତଃ ପରିଷ୍କାର ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୨ | ୨୦.୦ |
| ଚାନ୍ଦବାଲି | ୩୨.୨ | ୨୪.୦ |
| କଟକ | ୩୩.୨ | ୨୨.୪ |
| ପାରାଦ୍ୱୀପ | ୩୩.୪ | ୨୫.୩ |
| ଭୁବନେଶ୍ୱର | ୩୪.୦ | ୨୩.୧ |
| ଗୋପାଳପୁର | ୩୪.୮ | ୨୪.୩ |
| ପୁରୀ | ୩୪.୦ | ୨୬.୪ |
| ଅନୁଗୋଳ | ୩୪.୧ | ୧୯.୬ |
| ବାରିପଦା | ୩୧.୮ | ୨୦.୦ |
| ଝାରସୁଗୁଡ଼ା | ୩୫.୫ | ୧୯.୫ |
| କେନ୍ଦୁଝର | ୩୧.୪ | ୧୮.୨ |
| ସମ୍ବଲପୁର | ୩୪.୯ | ୨୧.୬ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୪.୬ | ୨୧.୬ |
| ତାଳଚେର | ୩୬.୦ | ୧୯.୭ |
| ଭବାନୀପାଟଣା | ୩୨.୦ | ୨୧.୦ |
| ବଲାଙ୍ଗୀର | ୩୪.୦ | ୨୨.୨ |
| କୋରାପୁଟ | ୩୧.୦ | ୧୬.୪ |
| ଫୁଲବାଣୀ | ୩୨.୦ | ୧୬.୫ |
| ଟିଟିଲାଗଡ଼ | --- | ୨୦.୦ |
| ମାଲକାନଗିରି | ୩୪.୮ | --- |
| ସୋନପୁର | ୩୪.୮ | ୨୦.୪ |
| ଦାରିଙ୍ଗିବାଡ଼ି | --- | ୧୫.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ନଭେମ୍ବରରେ ପଡ଼ିବ ହାତଗଣ୍ଠି

**ମୁମ୍ବାଇ:** ଖୁବ୍‌ଶୀଘ୍ର ଅଭିନେତ୍ରୀ ଦୀପିକା ପାଦୁକୋନ୍ ଏବଂ ରଣବୀର ସିଂଙ୍କ ହାତଗଣ୍ଠି ପଡ଼ିବ। ନଭେମ୍ବରରେ ଦୁହେଁ ବିବାହ କରିବାକୁ ଯାଉଥିବା ରବିବାର ଘୋଷଣା କରିଛନ୍ତି। ଉଭୟେ ନିଜର ସୋସିଆଲ୍ ମିଡିଆ ଆକାଉଣ୍ଟରେ ଏ ବିଷୟ ଶେୟାର କରିଛନ୍ତି। ଦୁହିଙ୍କ ପରିବାରଙ୍କ ଆଶୀର୍ବାଦ କ୍ରମେ ନଭେମ୍ବର ୧୪ ଓ ୧୫ରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଥିବା ସେମାନେ ପ୍ରକାଶ କରିଛନ୍ତି।

'ବର୍ଷ ବର୍ଷ ଧରି ଆପଣମାନେ ଆମକୁ ସ୍ନେହ ଶ୍ରଦ୍ଧା ଜଣାଇ ଆସିଛନ୍ତି। ଆମେ ପ୍ରେମ, ଅନୁରକ୍ତ, ବନ୍ଧୁତା ଏବଂ ଏକତ୍ରର ଯାତ୍ରାରେ ଆପଣଙ୍କ ଆଶୀର୍ବାଦ କାମନା କରୁଛୁ। ସେଥିପାଇଁ ଆମ ଉଭୟଙ୍କ ପକ୍ଷରୁ ଅଶେଷ ସ୍ନେହ' ବୋଲି ସୋସିଆଲ୍ ମିଡିଆରେ ପୋଷ୍ଟ କରିଛନ୍ତି। ଦୀପିକାଙ୍କୁ ୩୨ବର୍ଷ ହୋଇଥିବା ବେଳେ ରଣବୀରଙ୍କୁ ୩୩। ପାରମ୍ପରିକ ନିମନ୍ତ୍ରଣ କାର୍ଡ ଉଭୟ ହିନ୍ଦୀ ଏବଂ ଇଂଲିଶ ଭାଷାରେ ଛପାଯାଇଛି। ତେବେ ଏହି ବିବାହ କେଉଁଠାରେ ହେବ ତାହା ସେମାନେ ଜଣାଇନାହାନ୍ତି। ଚଳିତ ବର୍ଷ ପ୍ରାରମ୍ଭରୁ ଉଭୟଙ୍କ ବିବାହ ନେଇ ପ୍ରଶଂସକ ମହଲରେ ଖୁବ୍ ଚର୍ଚ୍ଚା ହେଉଥିଲା। ତେବେ ବିବାହ ତାରିଖ ଘୋଷଣା ପରେ ଏ ସମ୍ପର୍କିତ କଳ୍ପନା ଜଳ୍ପନାର ଅବସାନ ଘଟିଛି। ଦୀପିକା ଏବଂ ରଣବୀର ଏକାଠି ପ୍ରଥମେ ସଞ୍ଜୟ ଲୀଳା ଭଂସାଲିଙ୍କ 'ରାମ-ଲୀଲା'ରେ କାମ କରିଥିଲେ। ସେମାନେ ମଧ୍ୟ ଭଂସାଲିଙ୍କ 'ବାଜିରାଓ ମସ୍ତାନି' ଏବଂ 'ପଦ୍ମାବତ୍' (ଚଳିତ ବର୍ଷର ପ୍ରଥମ ବ୍ଲକ୍‌ବଷ୍ଟର) ରେ ଅଭିନୟ କରି ଖୁବ୍ ଚର୍ଚ୍ଚିତ ହୋଇଛନ୍ତି।



ଦୀପିକା-ରଣବୀର

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



# ବିବର୍ତ୍ତନର ଅନୁକରଣ

## ନୋବେଲ ପୁରସ୍କାର -୨୦୧୮ (ରସାୟନ ବିଜ୍ଞାନ)


ପ୍ର. ରମେଶ ଚନ୍ଦ୍ର ପରିଡ଼ା



ଫ୍ରାନ୍‌ସେସ୍ ଏଚ୍. ଆର୍‌ନୋଲ୍ଡ



ଜର୍ଜ ପି. ସ୍ମିଥ୍



ସାର୍ ଗ୍ରେଗୋରି ପି. ଉଇଣ୍ଟର

"ଗୋଟିଏ ଜୀବଜାତିଠାରେ ଜୈବିକ ପରିବର୍ତ୍ତନ ହେତୁ ନୂତନ ଜୀବଜାତିର ସୃଷ୍ଟି ସମ୍ଭବ ହୋଇଥାଏ। ଏହି ପରିବର୍ତ୍ତନ ମୁଖ୍ୟତଃ ଜିନୀୟ ଧ୍ରୁବୀକରଣ ଫଳରେ ଘଟୁଥିବାର ଏବେ ସଚରାଚର ବିଶ୍ୱାସ କରାଯାଉଛି। ତେବେ, ତାହା ଘଟୁଥିଲା ପ୍ରାକୃତିକ ରୂପେ। ଏହି ଚିନ୍ତାଧାରାକୁ ଆଧାରକରି ବିଜ୍ଞାନାଗାରରେ ତାହାର ଅନୁକରଣ କରିବା ଏବଂ ତାହାକୁ ମାନବ ଜାତିର କଲ୍ୟାଣରେ ଲଗାଇବାର ପଥ ଉନ୍ମୁକ୍ତକରିବା ହେତୁ ଚଳିତ ୨୦୧୮ ମସିହାରେ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଛନ୍ତି ତିନିଜଣ କୃତବିଦ୍ୟ ରସାୟନ ବିଜ୍ଞାନୀ- ଆମେରିକାର ଫ୍ରାନ୍‌ସେସ୍ ଏଚ୍. ଆର୍‌ନୋଲ୍ଡ ଓ ଜର୍ଜ ପି. ସ୍ମିଥ୍ ଏବଂ ଇଂଲଣ୍ଡର ସାର୍ ଗ୍ରେଗୋରି ପି. ଉଇଣ୍ଟର।"

ଧରାପୃଷ୍ଠରେ ଜୀବଜଗତର ସୃଷ୍ଟି ଓ ବିକାଶ ମୂଳରେ ବିବର୍ତ୍ତନ ପ୍ରକ୍ରିୟା ହିଁ ପ୍ରମୁଖ ଭୂମିକା ଗ୍ରହଣ କରିଥିବାର ସ୍ୱୀକାର କରାଯାଏ। ଅନ୍ୟତମ ସର୍ବକାଳୀନ ଶ୍ରେଷ୍ଠ ବୈଜ୍ଞାନିକ ଚାର୍ଲସ୍ ଡାର୍‌ଉଇନ୍ ତାଙ୍କର ସୁପ୍ରସିଦ୍ଧ ପୁସ୍ତକ 'ଅରିଜିନ୍ ଅଫ୍ ସ୍ପେସିଜ୍'ରେ ଏହି ମତବାଦର ସବିଶେଷ ବର୍ଣ୍ଣନା ମାଧ୍ୟମରେ ଜୀବବିଜ୍ଞାନକୁ ଏକ ଅଭିନବ ଦିଶା ପ୍ରଦାନ କରିଥିଲେ। ତହିଁରେ ସେ ସୂଚିତ କରିଥିଲେ ଯେ ଗୋଟିଏ ଜୀବଜାତିଠାରେ ଜୈବିକ ପରିବର୍ତ୍ତନ ହେତୁ ନୂତନ ଜୀବଜାତିର ସୃଷ୍ଟି ସମ୍ଭବ ହୋଇଥାଏ। ଏହି ପରିବର୍ତ୍ତନ ମୁଖ୍ୟତଃ ଜିନୀୟ ଧ୍ରୁବୀକରଣ ଫଳରେ ଘଟୁଥିବାର ଏବେ ସଚରାଚର ବିଶ୍ୱାସ କରାଯାଉଛି। ତେବେ, ତାହା ଘଟୁଥିଲା ପ୍ରାକୃତିକ ରୂପେ। ଏହି ଚିନ୍ତାଧାରାକୁ ଆଧାରକରି ବିଜ୍ଞାନାଗାରରେ ତାହାର ଅନୁକରଣ କରିବା ଏବଂ ତାହାକୁ ମାନବ ଜାତିର କଲ୍ୟାଣରେ ଲଗାଇବାର ପଥ ଉନ୍ମୁକ୍ତ କରିବା ହେତୁ ଚଳିତ ୨୦୧୮ ମସିହାରେ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଛନ୍ତି ତିନିଜଣ କୃତବିଦ୍ୟ ରସାୟନ ବିଜ୍ଞାନୀ ଆମେରିକାର କାଲିଫର୍ନିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଫ୍ରାନ୍‌ସେସ୍ ଏଚ୍. ଆର୍‌ନୋଲ୍ଡ, ସେହି ଦେଶର ୟୁନିଭର୍ସିଟି ଅଫ୍ ମିଶୋରିର ଜର୍ଜ ପି. ସ୍ମିଥ୍ ଏବଂ ଇଂଲଣ୍ଡର ଏମ୍ଆର୍‌ସି ଲ୍ୟାବ୍ ଅଫ୍ ମଲିକ୍ୟୁଲାର ବାଇଓଲୋଜିର ସାର୍ ଗ୍ରେଗୋରି ପି. ଉଇଣ୍ଟର। ଏଠାରେ ଉଲ୍ଲେଖଯୋଗ୍ୟ ଯେ ନୋବେଲ ପୁରସ୍କାର ଇତିହାସରେ ରସାୟନ ବିଜ୍ଞାନରେ ଏହା ପ୍ରାପ୍ତ ହୋଇଥିବା ମହିଳାମାନଙ୍କ ମଧ୍ୟରେ ଆର୍‌ନୋଲ୍ଡ ହେଲେ ପଞ୍ଚମ। ତାଙ୍କ ଅବଦାନର ଗୁରୁତ୍ୱ ବିଚାରକୁ ନେଇ ତାଙ୍କୁ ଏହାର ଅର୍ଥରାଶିର ଅର୍ଦ୍ଧେକ ଅର୍ଥାତ୍ ପ୍ରାୟ ୧ନିୟୁତ ଡଲାର ପ୍ରଦାନ କରାଯିବ। ଅବଶିଷ୍ଟକୁ ଅନ୍ୟ ଦୁହିଁଙ୍କ ମଧ୍ୟରେ ସମାନଭାବେ ଆବଣ୍ଟନ କରାଯିବ।

ଏହି ବୈଜ୍ଞାନିକମାନଙ୍କ ନୋବେଲ ବିଜୟୀ ଅବଦାନକୁ ଦୁଇଭାଗରେ ବିଭକ୍ତ କରାଯାଇପାରେ। ପ୍ରଥମ ଭାଗଟିକୁ ବିବର୍ତ୍ତନର ଅନୁକରଣ ବା ନିର୍ଦ୍ଦେଶିତ ବିବର୍ତ୍ତନ ଏବଂ ଦ୍ୱିତୀୟ ଭାଗଟିକୁ ଲକ୍ଷ୍ୟସ୍ଥଳ ଭେଦ ବୋଲି କୁହାଯାଉଛି। ଆର୍‌ନୋଲ୍ଡଙ୍କ ନିର୍ଦ୍ଦେଶିତ ବିବର୍ତ୍ତନ ଗବେଷଣାର ଚାରୋଟି ପାବଚ୍ଛ ଥିଲା। ତହିଁରୁ ପ୍ରଥମଟିରେ ସେ କିଛି ଏଞ୍ଜାଇମ୍ ସୃଷ୍ଟିକାରୀ ଜିନୀୟ ପଦାର୍ଥ ଡିଏନ୍ଏରେ ଅନିୟମିତ ଧ୍ରୁବୀକରଣ ପ୍ରବର୍ତ୍ତନ କଲେ। ତତ୍ପରେ ସେହି ଜିନ୍‌ଗୁଡ଼ିକୁ ବୀଜାଣୁମାନଙ୍କ ଦେହରେ ଭର୍ତ୍ତି କରିବାରୁ ସେଗୁଡ଼ିକ ନୂତନ ଏଞ୍ଜାଇମ୍ ସୃଷ୍ଟି କରିବାକୁ ଲାଗିଲେ। ତୃତୀୟ ସ୍ତରରେ ଏହି ଏଞ୍ଜାଇମ୍‌ଗୁଡ଼ିକୁ ପରୀକ୍ଷା କରାଗଲା। ତହିଁରୁ ଯେଉଁଗୁଡ଼ିକ ଆର୍‌ନୋଲ୍ଡ ଚାହୁଁଥିବା ରାସାୟନିକ ପ୍ରତିକ୍ରିୟାକୁ ତ୍ୱରିତ କରିବାରେ ସବୁଠାରୁ ଦକ୍ଷ, ସେ ତାହାକୁ ବାଛିଲେ। ଶେଷରେ ଏହି ପ୍ରକ୍ରିୟାର ବାରମ୍ବାର ପୁନରାବୃତ୍ତି କରିଚାଲିଲେ ସର୍ବଶ୍ରେଷ୍ଠ ଫଳାଫଳ ଦେଉଥିବା ଏଞ୍ଜାଇମ୍ ପ୍ରାପ୍ତ ହେବା ପର୍ଯ୍ୟନ୍ତ।

ବିବର୍ତ୍ତନ ଅନେକ ଜଟିଳ ରାସାୟନିକ ସମସ୍ୟାର ସମାଧାନ କରିଥାଏ। ଉଦାହରଣ ସ୍ୱରୂପ, ମେରୁ ଅଞ୍ଚଳର ଅତ୍ୟନ୍ତ ନିମ୍ନତାପ ବିଶିଷ୍ଟ ଶୀତଳ ସମୁଦ୍ର ମଧ୍ୟରେ ମାଛମାନଙ୍କ ସନ୍ତରଣ କଥା ବିଚାରକୁ ନିଆଯାଇପାରେ। ସେମାନେ ଏହା କରିପାରନ୍ତି, କାରଣ ବିବର୍ତ୍ତନ ହେତୁ ତାଙ୍କଠାରେ ରକ୍ତ ଆଦି ତରଳ ଘନୀଭୂତ ହେବାର ପ୍ରତିରୋଧ କଲାଭଳି ଏକପ୍ରକାର ପ୍ରୋଟିନ୍‌ର ବିକାଶ ଘଟିଛି। ଆର୍‌ନୋଲ୍ଡ ତାଙ୍କ ଗବେଷଣାରେ ଏହି ଅବବୋଧକୁ ବ୍ୟବହାରରେ ଲଗାଇ ଉନ୍ନତମାନର ଏଞ୍ଜାଇମ୍‌ମାନ ସୃଷ୍ଟି କରିପାରିଲେ। ସାଧାରଣତଃ ଏହି ଜୈବ ରସାୟନିକଗୁଡ଼ିକ ହଜମ ପ୍ରକ୍ରିୟା, ରକ୍ତ ଜମାଟ ବାନ୍ଧିବା ପ୍ରକ୍ରିୟା ଆଦି ବିବିଧ ଜୈବ ରାସାୟନିକ କ୍ରିୟାପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାନ୍ତି। ଏଞ୍ଜାଇମ୍ ଅଧିକ ଫଳପ୍ରଦ ହେଲେ ପ୍ରକ୍ରିୟା ଅଧିକ ଦ୍ରୁତ ହୋଇଥାଏ। ଆର୍‌ନୋଲ୍ଡଙ୍କ ଏଞ୍ଜାଇମ୍‌ଗୁଡ଼ିକର କେବଳ ଆମ ଶରୀରର କ୍ରିୟାପ୍ରକ୍ରିୟା ନୁହେଁ ବିବିଧ ଶିଳ୍ପରେ ନିୟୋଜିତ କ୍ରିୟାପ୍ରକ୍ରିୟାରେ ମଧ୍ୟ ଦ୍ରବକ ରୂପେ କାର୍ଯ୍ୟ କରିବାର ଅବକାଶ ରହିଛି। ଅତଏବ ଏହା ଉଭୟ ସ୍ୱାସ୍ଥ୍ୟ ଏବଂ ଶିଳ୍ପକ୍ଷେତ୍ରରେ ବ୍ୟବହୃତ ହୋଇପାରିବ।

ନୋବେଲ ପୁରସ୍କାରର ଦ୍ୱିତୀୟାର୍ଦ୍ଧଟି ହାସଲ କରିଥିବା ଗବେଷଣାରେ ସ୍ମିଥ୍ ଓ ଉଇଣ୍ଟର ଏହି ପଦ୍ଧତିକୁ ଉଚ୍ଚମାନର ସକ୍ରିୟ ପ୍ରୋଟିନ୍ ଓ ପ୍ରତିପିଣ୍ଡମାନ ପ୍ରସ୍ତୁତ କରିବାରେ ନିୟୋଜିତ କରିଥିଲେ। ପ୍ରତିପିଣ୍ଡମାନେ ହେଲେ ଆମ ଶରୀରର ଜାଗ୍ରତ ପ୍ରହରୀ। ତନ୍ମଧ୍ୟରୁ ବୀଜାଣୁ ବା ଭୂତାଣୁ ଆଦି ପ୍ରତିଜିନ୍ କୁହାଯାଉଥିବା ରୋଗ ସୃଷ୍ଟିକାରୀ ବାହ୍ୟପଦାର୍ଥ ପ୍ରବେଶକଲେ ସେଗୁଡ଼ିକ ଲକ୍ଷ୍ୟଭେଦକାରୀ କ୍ଷେପଣାସ୍ତ୍ର ଭଳି ତାହାଙ୍କୁ ଚିହ୍ନଟ କରନ୍ତି ଏବଂ ସେଥିସହିତ ଯୋଡ଼ିହୋଇଯିବା ସଙ୍ଗେ ସଙ୍ଗେ ଅନୁପ୍ରବେଶକାରୀଙ୍କୁ ଧ୍ୱଂସକରିଦେବା ପାଇଁ ଆକ୍ରମଣାତ୍ମକ ରୋଗ ପ୍ରତିରୋଧକ ଜୀବକୋଷମାନଙ୍କୁ ସୂଚନା ପ୍ରେରଣ କରନ୍ତି। ଅନୁପ୍ରବେଶକାରୀ ପ୍ରତିଜିନ୍ ସହିତ ପ୍ରତିପିଣ୍ଡମାନେ ଯେତେ ଦୃଢ଼ଭାବେ ବାନ୍ଧିହୋଇ ପଡ଼ନ୍ତି, ରୋଗମୁକ୍ତ କ୍ରିୟା ସେତେ ଫଳପ୍ରଦ ହୁଏ। ପ୍ରତିପିଣ୍ଡଗୁଡ଼ିକ ଶକ୍ତିଶାଳୀ ହେଲେ ଏହି କାର୍ଯ୍ୟ ସହଜରେ ସମ୍ପାଦିତ ହୋଇପାରେ। ଆର୍‌ନୋଲ୍ଡଙ୍କ ପ୍ରଦର୍ଶିତ ମାର୍ଗ ଅନୁସରଣକରି ସ୍ମିଥ୍ ବୀଜାଣୁଙ୍କୁ ସଂକ୍ରମିତ କରିପାରୁଥିବା ଭୂତାଣୁ ବ୍ୟବହାରକରି ଏକ ନୂଆ ପ୍ରକାର ପ୍ରୋଟିନ୍ ପ୍ରସ୍ତୁତ କରିବାକୁ ସମର୍ଥ ହୋଇଥିଲେ। ତତ୍ପରେ ଉଇଣ୍ଟର ତାହାକୁ ପ୍ରୟୋଗକରି ପ୍ରସ୍ତୁତ କଲେ ନୂତନ ତଥା ଦକ୍ଷ ପ୍ରତିପିଣ୍ଡ।

ଅତଏବ ଚଳିତବର୍ଷ (୨୦୧୮) ରସାୟନ ବିଜ୍ଞାନରେ ନୋବେଲ ବିଜୟୀତ୍ରୟ ବିବର୍ତ୍ତନର ଶକ୍ତିକୁ ବିନିଯୋଗକରି ଯେଉଁ ନୂତନ ଏଞ୍ଜାଇମ୍, ପ୍ରତିପିଣ୍ଡ ଆଦି ପ୍ରୋଟିନ୍‌ଯୁକ୍ତ ଜୈବ ପଦାର୍ଥମାନ ପ୍ରସ୍ତୁତ କରିବା ପାଇଁ ମାର୍ଗଦର୍ଶନ ଦେଲେ ମାନବ କଲ୍ୟାଣରେ ତାହାର ପ୍ରୟୋଗ କ୍ଷେତ୍ର ଅତ୍ୟନ୍ତ ପ୍ରଶସ୍ତ। ଏବେ ଏଗୁଡ଼ିକୁ ପରିବେଶ ସହାୟକ ଡିଟରଜେଣ୍ଟସ୍‌ଠାରୁ ଆରମ୍ଭକରି ଜୈବ ଇନ୍ଧନ ତଥା କର୍କଟ ରୋଗ ସମେତ ବିବିଧ ରୋଗରେ ବ୍ୟବହୃତ ଔଷଧ ପ୍ରସ୍ତୁତି ପର୍ଯ୍ୟନ୍ତ ଅନେକ ଦିଗରେ ନିୟୋଜିତ କରାଯାଇପାରୁଛି। ଉଦାହରଣ ସ୍ୱରୂପ, ଆଣ୍ଠୁଗଣ୍ଠି ବାତ ତଥା ଅନ୍ୟାନ୍ୟ ଅଟୋ-ଇମ୍ୟୁନ୍ ରୋଗର ସର୍ବଶ୍ରେଷ୍ଠ ଔଷଧ ରୂପେ ପରିଗଣିତ ପ୍ରତିପିଣ୍ଡ ହୁମିରା କଥା ବିଚାରକୁ ନିଆଯାଇପାରେ। କ୍ରମେ ରସାୟନ ଏବଂ ଔଷଧ ଶିଳ୍ପରେ ଏ ପଦ୍ଧତିଗୁଡ଼ିକର ଉପଯୋଗ ବଢ଼ିବାରେ ଲାଗିଛି। ଏଣୁ ଭବିଷ୍ୟତରେ ଏହାର କଲ୍ୟାଣକାରୀ ସାମର୍ଥ୍ୟ ଅତି ବ୍ୟାପକ ହେବ ବୋଲି ଆଶା କରାଯାଏ।

-ଉଷା ନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ : ୯୯୩୭୯୮୫୭୬୭


# ବ୍ୟାକ୍ଟେରିଆକୁ ପ୍ରତିରୋଧ କରିବ ଲାଳ



ପାଟି ଭିତରେ ଥିବା ଲାଳ ଅନେକ ସମୟରେ ଆମ ଶରୀର ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହି ତାଲିକାରେ ଆଉ ଏକ କଥାକୁ ସାମିଲ କରାଯାଇଛି। ଶରୀର ଭିତରେ ବ୍ୟାକ୍ଟେରିଆ ପ୍ରଭାବକୁ ରୋକିବାରେ ଉକ୍ତ ଲାଳ ଅନେକାଂଶରେ ସଫଳ ହୋଇଥାଏ। ଆମେ ଭଲ ଭାବରେ କୁଳି କରିବା ଦ୍ୱାରା ପାଟି ଭିତରେ ଥିବା ଅପରିଷ୍କାର ତତ୍ତ୍ୱ ବାହାରକୁ ଚାଲିଆସେ। ହେଲେ ପରବର୍ତ୍ତୀ ସମୟ ପାଟି ଭିତରେ ସୃଷ୍ଟି ହେଉଥିବା ଲାଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ। ପାଟି ଭିତରେ ଯଦି ବ୍ୟାକ୍ଟେରିଆ ଥାଆନ୍ତି ତେବେ ସେମାନଙ୍କ ବଂଶ ବୃଦ୍ଧି କରିବାକୁ ଲାଳ ଦେଇ ନ ଥାଏ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ନିକଟରେ ବୋଷ୍ଟନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏଭଳି ବିଷୟକୁ ନେଇ ଗବେଷଣା କରିଥିଲେ।

# ସୁସ୍ଥ ରହିବ ହୃତ୍‌ପିଣ୍ଡ

**ଆଜିକାଲି ହୃଦ୍‌ରୋଗ ଏକ ସାଧାରଣ ସମସ୍ୟା ପାଲଟି ଗଲାଣି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ହୃତପିଣ୍ଡ (ହାର୍ଟ)କୁ ସୁସ୍ଥ ତଥା ନୀରୋଗ ରଖିବା ପାଇଁ ନିମ୍ନୋକ୍ତ ଟିପ୍ସ ଆପଣେଇ ପାରନ୍ତି...**



- ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ପାଇଁ ପ୍ରଥମେ ନିଜ ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ।
- ଫାଷ୍ଟଫୁଡ୍, ଜଙ୍କଜାତୀୟ ଖାଦ୍ୟ, ନିଶାଦ୍ରବ୍ୟ ସେବନଠାରୁ ନିଜକୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ। କାରଣ ଏହାର ଖରାପ ପ୍ରଭାବ ସିଧାସଳଖ ହାର୍ଟ ଉପରେ ପଡିଥାଏ।
- ହୃତ୍‌ପିଣ୍ଡକୁ ସୁସ୍ଥ ତଥା ନୀରୋଗ ରଖିବା ପାଇଁ ନିଜର ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତୁ।
- ରକ୍ତ ପ୍ରବାହରେ ବାଧା ସୃଷ୍ଟି କରୁଥିବା ଖାଦ୍ୟ ଖାଆନ୍ତୁ ନାହିଁ। କାରଣ ରକ୍ତ ସଞ୍ଚାଳନରେ ସମସ୍ୟା ଦେଖାଦେଲେ ତାହାଦ୍ୱାରା ହୃତ୍‌ପିଣ୍ଡ ପ୍ରଭାବିତ ହୋଇଥାଏ ଏବଂ ହାର୍ଟ ଆଟାକ ଆଶଙ୍କା ଅଧିକ ଥାଏ।
- ନିଜକୁ ଫିଟ୍ ଆଣ୍ଡ ଫାଇନ୍ ରଖିବା ପାଇଁ ପ୍ରତିଦିନ କିଛି ସମୟ ଯୋଗ କରନ୍ତୁ। ଏହାର ସୁପ୍ରଭାବ ହୃତ୍‌ପିଣ୍ଡ ଉପରେ ପଡିଥାଏ।
- କୌଣସି ଶାରୀରିକ ସମସ୍ୟାକୁ ହାଲକା ଭାବରେ ନିଅନ୍ତୁ ନାହିଁ।

# ସ୍ୱାସ୍ଥ୍ୟ ସୂଚନା

- ଏକା ଥରେ ଗୁଡାଏ ଖାଦ୍ୟ ନ ଖାଇ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଅଳ୍ପ ଅଳ୍ପ ଖାଆନ୍ତୁ।
- ଯଦି ଆପଣଙ୍କର ଗ୍ୟାଷ୍ଟ୍ରିକଜନିତ ସମସ୍ୟା ରହିଛି ତେବେ ଖାଦ୍ୟପେୟ ପ୍ରତି ନଜର ଦିଅନ୍ତୁ। ଠିକ ସମୟରେ ଖାଦ୍ୟ ଖାଇବା ସହ ପ୍ରଚୁର ପାଣି ପିଅନ୍ତୁ।
- କେତେକ ବ୍ୟାୟାମ କଲେ ଖାଦ୍ୟପେୟ ପ୍ରତି ଦୃଷ୍ଟି ଦେବାକୁ ପଡେ। ତେଣୁ ଏ ବିଷୟରେ ଏକ୍ସରସାଇଜ ଏକ୍ସପର୍ଟଙ୍କ ନିକଟରୁ ବିଶଦ ଭାବରେ ବୁଝିନିଅନ୍ତୁ।
- କେତେକ ରାତ୍ରିର ବିଳମ୍ବିତ ପ୍ରହରରେ ଶୋଇଥାଆନ୍ତି। ଏଭଳି ଅଭ୍ୟାସ ପରିହାର କରନ୍ତୁ। କାରଣ ଏହା କେତେ ରୋଗକୁ ପରୋକ୍ଷରେ ନିୟନ୍ତ୍ରଣ କରିଥାଏ।
- ଯଦି ଅଧିକାଂଶ ସମୟ ଗୋଟିଏ ସ୍ଥାନରେ ବସି କାମ କରୁଛନ୍ତି ତେବେ ମଝିରେ ମଝିରେ ଚେୟାରରୁ ଉଠି କିଛି ସମୟ ବୁଲାବୁଲି କରନ୍ତୁ। ଏହାଦ୍ୱାରା ମାଂସପେଶୀ ପ୍ରଭାବିତ ହୋଇ ନ ଥାଏ।



- କୌଣସି ରୋଗର ପ୍ରାରମ୍ଭିକ ଲକ୍ଷଣ ସମ୍ପର୍କରେ ଅବଗତ ରହନ୍ତୁ। ଏଭଳି କିଛି ଅନୁଭବ ହେଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ।
- ଅଧିକ ତେଲ, ମସଲାଯୁକ୍ତ ଖାଦ୍ୟ ଖାଇଲେ ତାହା ପାଚନକ୍ରିୟାକୁ ପ୍ରଭାବିତ କରିଥାଏ। ତେଣୁ ଏଭଳି ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।

# ମାନସିକ ସ୍ୱାସ୍ଥ୍ୟ ଓ ଯୁବପିଢ଼ି



ଡା. ରାମଚନ୍ଦ୍ର ରାଉତ



"ପ୍ରତି ୪ ଜଣରେ ଜଣେ ମାନସିକସ୍ତରରେ କୌଣସି ପ୍ରକାରର ଅସୁସ୍ଥ ଥାଆନ୍ତି। ଆକଳନ ଅନୁଯାୟୀ, ସାରା ପୃଥିବୀରେ ୫୦କୋଟି ଲୋକ ମାନସିକ ରୋଗର ଶିକାର ହୋଇଥାଆନ୍ତି। ଏହାମଧ୍ୟରୁ ୧୫କୋଟି ଲୋକ 'ମାନସିକ ବିଷାଦ' ବା ଡିପ୍ରେସନ୍ ରୋଗରେ ପୀଡ଼ିତ ଓ ଏହି ୧୫ କୋଟି ଲୋକଙ୍କ ମଧ୍ୟରେ ଯୁବବର୍ଗଙ୍କ ସଂଖ୍ୟା ଅଧିକ। ଅନ୍ୟ ରୋଗଗୁଡ଼ିକର ଚିକିତ୍ସା ସୁବିଧା ପରି 'ମାନସିକ ରୋଗର ଚିକିତ୍ସା' ସବୁ ସ୍ଥାନରେ ଉପଲବ୍ଧ ନୁହେଁ।"

ଆମମାନଙ୍କର ଧାରଣା ଯେ, ସ୍ୱାସ୍ଥ୍ୟ ହେଉଛି ଶାରୀରିକ ସୁସ୍ଥତା। ମାତ୍ର ଏହା ସହିତ ମାନସିକ ଓ ସାମାଜିକ ସ୍ୱାସ୍ଥ୍ୟ ମଧ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ତେଣୁ କେବଳ ଶାରୀରିକ ରୋଗର ଆରୋଗ୍ୟ ହୋଇଗଲେ ଲୋକଟି ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନ ଥାଏ। ଏପରି କି ମାନସିକ ରୋଗର ପ୍ରାଦୁର୍ଭାବ ଅନ୍ୟ ଦୁଇଟି ଯଥା ଶାରୀରିକ ଓ ସାମାଜିକ ରୋଗଗୁଡ଼ିକଠାରୁ ଅଧିକ। ଅନେକ କ୍ଷେତ୍ରରେ ଜଣଙ୍କଠାରେ ଉଭୟ ପ୍ରକାରର ରୋଗ ଏକାସାଙ୍ଗରେ ପରିଲକ୍ଷିତ ହୋଇଥାଏ।

ପ୍ରତି ୪ ଜଣରେ ଜଣେ ମାନସିକସ୍ତରରେ କୌଣସି ପ୍ରକାରର ଅସୁସ୍ଥ ଥାଆନ୍ତି। ଆକଳନ ଅନୁଯାୟୀ, ସାରା ପୃଥିବୀରେ ୫୦କୋଟି ଲୋକ ମାନସିକ ରୋଗର ଶିକାର ହୋଇଥାଆନ୍ତି। ଏହାମଧ୍ୟରୁ ୧୫କୋଟି ଲୋକ 'ମାନସିକ ବିଷାଦ' ବା ଡିପ୍ରେସନ୍ ରୋଗରେ ପୀଡ଼ିତ ଓ ଏହି ୧୫ କୋଟି ଲୋକଙ୍କ ମଧ୍ୟରେ ଯୁବବର୍ଗଙ୍କ ସଂଖ୍ୟା ଅଧିକ। ଅନ୍ୟ ରୋଗଗୁଡ଼ିକର ଚିକିତ୍ସା ସୁବିଧା ପରି 'ମାନସିକ ରୋଗର ଚିକିତ୍ସା' ସବୁ ସ୍ଥାନରେ ଉପଲବ୍ଧ ନୁହେଁ।

ଅଧାରୁ ଅଧିକ ମାନସିକ ରୋଗ ଜୀବନର ପ୍ରଥମ ୧୪ ବର୍ଷରୁ ହିଁ ଆରମ୍ଭ ହୋଇଥାଏ। ସାଧାରଣତଃ ମାନସିକ ରୋଗ ଅନ୍ତର୍ନିହିତ ପରିବେଶ, ବାହ୍ୟ ପରିବେଶ ଓ ଗୁଣସୂତ୍ରଜନିତ ହୋଇଥାଏ। ଏହାକୁ $E^2G$ କୁହାଯାଏ। ମସ୍ତିଷ୍କରେ ବିଭିନ୍ନ ରସାୟନିକ ତଥ୍ୟର ତାରତମ୍ୟ ଓ ନିୟନ୍ତ୍ରଣରେ ବ୍ୟାଘାତ ଯୋଗୁ ଏହା ସଂଗଠିତ ହୁଏ। ଯୁବ ସମାଜ ମାନସିକ ରୋଗ ଦ୍ୱାରା ଆକ୍ରାନ୍ତ ହେବାର କାରଣଗୁଡ଼ିକ ମଧ୍ୟରେ ରହିଛି- ମାନସିକ ବିଷାଦତା, ଆତ୍ମହତ୍ୟା ଓ ଆତ୍ମହତ୍ୟା, ନିଶାଦ୍ରବ୍ୟ ସେବନ, ବିପଦପୂର୍ଣ୍ଣ ଜୀବନଶୈଳୀ ଯଥା- ଦ୍ରୁତଗତିରେ ଜୀବନ କ୍ଷତିକାରକ ଗାଡ଼ିଚାଳନା, ଅସୁରକ୍ଷିତ ଓ ବିପଦପୂର୍ଣ୍ଣ ଯୌନସମ୍ପର୍କ, ଖାଦ୍ୟପାନୀୟରେ ଅନିୟମିତତା, ବିଶୃଙ୍ଖଳା ଓ ପାଠ ପଢ଼ିବାରେ ଅନାଗ୍ରହ, ବିଭିନ୍ନ ପାରିବାରିକ ହିଂସା ଓ ସୋସିଆଲ ମିଡିଆର ଦୁରୁପଯୋଗ ଏବଂ ଲକ୍ଷ୍ୟଭ୍ରଷ୍ଟ ଓ ଶିକ୍ଷା ସମାପ୍ତି ପରେ କର୍ମସଂସ୍ଥାନ ଯୋଗାଡ଼ରେ ବିଫଳତା। ଯେଉଁ ବୟସରେ ଶାରୀରିକ, ମାନସିକ ଓ ସମ୍ବେଦନସ୍ତର ସବୁଠାରୁ ଅଧିକ ଥାଏ, ସେହି ସମୟରେ ହିଁ ଯୁବଗୋଷ୍ଠୀ ପଥଭ୍ରଷ୍ଟ ହୋଇଯାଆନ୍ତି। ଏହା ଫଳରେ ନିଜର, ପରିବାରର ଓ ସମାଜର ଅଶେଷ କ୍ଷତି ହୋଇଥାଏ। ନିମ୍ନସ୍ତରରୁ ଅର୍ଥାତ୍ ବିଦ୍ୟାଳୟ ସ୍ତରରୁ ହିଁ ଏହାର ସମାଧାନ କରାଯାଇପାରିବ। ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କୁ ଏ ସମ୍ପର୍କରେ ତାଲିମ୍ ତଥା ବିଶଦ୍ ସୂଚନା ଓ ଜ୍ଞାନ ପ୍ରଦାନ ନିମନ୍ତେ ବ୍ୟବସ୍ଥା ହେବା ଦରକାର। ଆମମାନଙ୍କର ମାନସିକ ସ୍ୱାସ୍ଥ୍ୟ ଆମକୁ ପ୍ରଭାବିତ କରିବା ସହିତ ଆମର କାର୍ଯ୍ୟକ୍ଷେତ୍ରରେ ଓ କାର୍ଯ୍ୟ କ୍ଷମତାରେ ପ୍ରଭାବ ପକାଇଥାଏ।

ସ୍ୱାସ୍ଥ୍ୟ ଜୀବନଶୈଳୀ, ଖାଦ୍ୟ, ପରିଶ୍ରମ, କାର୍ଯ୍ୟ ତଥା ଅଧ୍ୟୟନ ଓ ସଦ୍ ଗ୍ରନ୍ଥ ପଠନ, ସତ୍‌କାର୍ଯ୍ୟ, ସଦ୍ ଆଚରଣ ଓ ବ୍ୟବହାର ଏ ଦିଗରେ ଅତ୍ୟନ୍ତ ସହାୟକ। ମନ ଠିକ୍ ରହିଲେ ଦେହ ଠିକ୍ ରହିବ ଓ ତା'ଦ୍ୱାରା ବ୍ୟକ୍ତି ଠିକ୍ ରହିବ ଓ ସମାଜକୁ ଠିକ୍ ମାର୍ଗରେ ଆଗେଇନେବ। ଯୁବ ସମାଜ ଏହାକୁ ଏକ ଆହ୍ୱାନ ରୂପେ ଗ୍ରହଣ କରି ବେଳହୁଁ ନିଜକୁ ପରିମାର୍ଜିତ ଓ ଉପଯୁକ୍ତ ରୂପେ ଗଢ଼ିତୋଳିବା ଉଚିତ।

-ବରିଷ୍ଠ ଭେଷଜ ବିଶେଷଜ୍ଞ
ମୋ: ୯୪୩୭୭୪୨୪୯୯

# ଔଷଧ: କିଛି କଥା



ଆମକୁ କୌଣସି ରୋଗ ହେଲେ ଆମେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଇଥାଉ। ଆରୋଗ୍ୟ ଲାଭ କରିବା ପରେ କେତେକ ମନକୁ ମନ ଔଷଧ ଖାଇବା ବନ୍ଦ କରିଦଅନ୍ତି। ହେଲେ ଡାକ୍ତର ଯେତିକି ଦିନ ପାଇଁ ଔଷଧ ଖାଇବାକୁ ପରାମର୍ଶ ଦେଇଥାଆନ୍ତି ସେତିକି ଦିନ ଔଷଧ ଖାଇବାକୁ ଭୁଲନ୍ତୁ ନାହିଁ। କେହି କେହି ରୋଗ ହେଲେ ମେଡିସିନ ଷ୍ଟୋର୍‌ରୁ ଔଷଧ କିଣି ଖାଇଥାଆନ୍ତି। କିନ୍ତୁ ଏପରି କ୍ଷେତ୍ରରେ ଡାକ୍ତରଙ୍କ ସହ ପରାମର୍ଶ କରିବା ହିଁ ଠିକ୍। ଅନେକ ଲୋକକିଛି ଔଷଧ କିଣି ଘରେ ରଖିଥାଆନ୍ତି। କିଛି ମାସ ପରେ ଥଣ୍ଡା, ଜ୍ୱର ଆଦି ସମସ୍ୟା ଦେଖାଦେଲେ ସେହି ଅନୁସାରେ ଔଷଧ ଖାଆନ୍ତି। ଯଦି ଘରେ ଆପଦକାଳୀନ ସ୍ଥିତି ପାଇଁ ଔଷଧ ରଖୁଛନ୍ତି ତେବେ ତାହାର ଏକ୍ସପାୟେରି ଡେଟ୍ ବିଷୟରେ ସଚେତନ ରହନ୍ତୁ। ଅଳ୍ପ ଦିନ ଏକ୍ସପାୟେରି ଥିବା ମେଡିସିନ୍ ଘରେ ଅଧିକ ଦିନ ରଖନ୍ତୁ ନାହିଁ। ସାମାନ୍ୟ ସ୍ୱାସ୍ଥ୍ୟଜନିତ ସମସ୍ୟାରେ ବ୍ୟତିବ୍ୟସ୍ତ ହୋଇପଡନ୍ତୁ ନାହିଁ। କେଉଁ ରୋଗ ପାଇଁ କେତେ ବେଳେ କି କି ମେଡିସିନ ଖାଇବାକୁ ପଡିବ ସେ ସମ୍ପର୍କରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ସବୁଠାରୁ ଖାସ୍ କଥା ହେଲା କୌଣସି ଔଷଧ କିଣିବା ସମୟରେ ତାହାର ଏକ୍ସପାୟେରି ଡେଟ୍ ଭଲ ଭାବରେ ଦେଖିବାକୁ ଭୁଲନ୍ତୁ ନାହିଁ।

# ମୁଣ୍ଡବିନ୍ଧାର ସହଜ ଉପଚାର

**ମୁଣ୍ଡବିନ୍ଧା ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ପ୍ରାରମ୍ଭରୁ ଯଦି ଆମେ ଏଥିପ୍ରତି ସତର୍କ ରହିବା ତେବେ ଏହା ଗୁରୁତର ଅବସ୍ଥା ଧାରଣ କରିବା ଆଶଙ୍କା କମ୍ ଥାଏ। ତେବେ ଏଭଳି କେତେକ ସହଜ ଉପଚାର ରହିଛି ଯାହାକୁ ଆପଣେଇ ପାରିଲେ ଏଥିରୁ ଅନେକାଂଶରେ ଉପଶମ ମିଳିପାରିବ।**



- ମୁଣ୍ଡବିନ୍ଧାରୁ ଉପଶମ ପାଇବା ପାଇଁ ପ୍ରତିଦିନ ସକାଳୁ ଗୋଟିଏ ସେଓ ଖାଆନ୍ତୁ। ଏହାର କିଛି ସମୟ ପରେ ପାଣି କିମ୍ବା କ୍ଷୀର ପିଇପାରନ୍ତି।
- ଯଦି ଥଣ୍ଡାଜନିତ ସମସ୍ୟା ପାଇଁ ମୁଣ୍ଡ ବିନ୍ଧୁଛି ତେବେ ଅଳ୍ପ ମିଶ୍ରି ଏବଂ ଧନିଆକୁ ପାଣିରେ ମିଶାଇ ଫୁଟାନ୍ତୁ। ଅଳ୍ପ ଉଷୁମ ଥିବା ଅବସ୍ଥାରେ ତାହାକୁ ପିଇଲେ ଏଥିରୁ ଉପଶମ ମିଳିଥାଏ।
- ଦୁଇ/ତିନୋଟି ଲବଙ୍ଗରେ ଅଳ୍ପ ଲୁଣ ମିଶାଇ ଭଲ ଭାବରେ ବାଟି ଦିଅନ୍ତୁ। ଏହି ମିଶ୍ରଣକୁ କ୍ଷୀରରେ ମିଶାଇ ପିଅନ୍ତୁ।
- ଅଦା, ଧନିଆ, ଜିରା ମିଶ୍ରିତ ଚା' ପ୍ରସ୍ତୁତ କରି ପିଇଲେ ମୁଣ୍ଡ ବିନ୍ଧାରୁ ଲାଘବ ମିଳେ।
- ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ପାଇଁ ମୁଣ୍ଡ ବିନ୍ଧୁଥିଲେ କପାଳରେ ଚନ୍ଦନ ଲେପନ କରନ୍ତୁ। ଏହାଦ୍ୱାରା ମୁଣ୍ଡବିନ୍ଧା ଅନେକାଂଶର କମିଯାଇଥାଏ।
- ଲେମ୍ବୁମିଶ୍ରିତ ପାଣି ପିଇଲେ ମୁଣ୍ଡ ବିନ୍ଧାରୁ ରକ୍ଷା ମିଳିଥାଏ।

# ସକାରାତ୍ମକ ଚିନ୍ତାଧାରା ବଢ଼ାଏ ଭିଡିଓଗେମ୍



ସାଧାରଣତଃ ଛୋଟ ପିଲାମାନେ ଭିଡିଓଗେମ୍ ଖେଳିବାକୁ ପସନ୍ଦ କରିଥାଆନ୍ତି। କେତେକଙ୍କର ଏହା ଏକ ଅଭ୍ୟାସରେ ପରିଣତ ହୋଇଯାଇଥାଏ। କିନ୍ତୁ ପ୍ରତିଦିନ କିଛି ସମୟ ଭିଡିଓଗେମ୍ ଖେଳିଲେ ତାହା ମାନସିକତାକୁ ସକାରାତ୍ମକ ରଖିଥାଏ। ଏଭଳି ତଥ୍ୟ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଲୋକଲୋଚନକୁ ଆଣିଛନ୍ତି। ପ୍ରତିଦିନ ଭିଡିଓଗେମ୍ ଖେଳୁଥିବା କିଛି ପିଲା ଏବଂ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା। ଅପରପକ୍ଷରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡୁଛି ତାହାକୁ ଲକ୍ଷ୍ୟ କରିଥିଲେ ବିଶେଷଜ୍ଞମାନେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତି ଏବଂ ପିଲାଙ୍କର ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହୁଥିବାର ଜଣାପଡିଥିଲା। ହେଲେ ଭିଡିଓଗେମ୍‌ରେ ଆବଶ୍ୟକତାଠାରୁ ଅଧିକ ସମୟ କଟାଇବା ଠିକ ନୁହେଁ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।



> ଟଙ୍କା ମୂଲ୍ୟ ହ୍ରାସ, ଏନ୍‌ପିଏ ବୃଦ୍ଧି ଘରୋଇ ବଜାର ଲାଗି ଚିନ୍ତାର କାରଣ ହେବା।
> – ବିମଲ୍ ଜଲାନ୍, ପୂର୍ବତନ ଗଭର୍ଣ୍ଣର, ଆରବିଆଇ



> ନିର୍ମଳ ଗଙ୍ଗା ପଦକ୍ଷେପ ଅନ୍ତର୍ଗତ ସରକାର ୨୦୦ ପ୍ରକଳ୍ପକୁ ଶୀଘ୍ର ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି।
> – ନୀତିନ ଗଡକରି, କେନ୍ଦ୍ର ନୌପରିବହନ ମନ୍ତ୍ରୀ

## ସଂକ୍ଷେପରେ

### ଜିଏସ୍‌ଟି ରିଟର୍ନ ଦାଖଲ ସମୟସୀମା ବୃଦ୍ଧି




**ନୂଆଦିଲ୍ଲୀ,୨୧-୧୦:** କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ସେପ୍ଟେମ୍ବର ମାସ ପାଇଁ ଜିଏସ୍‌ଟିଆର-୩ବି ବିକ୍ରି ରିଟର୍ନ ଦାଖଲ କରିବାର ସମୟସୀମାକୁ ଅକ୍ଟୋବର ୨୫ ଯାଏ ବୃଦ୍ଧି କରିଛନ୍ତି। ଫଳରେ ବ୍ୟବସାୟୀଙ୍କୁ ରିଟର୍ନ ଦାଖଲ କରିବାକୁ ଆହୁରି ୫ ଦିନ ସମୟ ମିଳିଯାଇଛି। ଏଥିସହିତ ୨୦୧୭ ଜୁଲାଇରୁ ଚଳିତ ବର୍ଷ ମାର୍ଚ୍ଚ ପର୍ଯ୍ୟନ୍ତ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ(ଆଇଟିସି) ଦାବି ସମୟସୀମାକୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। କେନ୍ଦ୍ରୀୟ ଅପ୍ରତ୍ୟକ୍ଷ ଟିକସ ଓ ସୀମା ଶୁଳ୍କ ବୋର୍ଡ(ସିବିଆଇସି) କହିଛି ଯେ, ଉକ୍ତ ଅବଧି ପାଇଁ ଅକ୍ଟୋବର ୨୦ ମଧ୍ୟରେ ଆଇଟିସି ଦାବି କରିବା ସମ୍ଭବପର ହେବନି ବୋଲି ବ୍ୟବସାୟୀ ଓ ଉଦ୍ୟୋଗ ଜଗତ ସନ୍ଦେହ ବ୍ୟକ୍ତ କରିଥିଲେ। ସେମାନେ ସମୟସୀମା ବଢ଼ାଇବାକୁ ଦାବି କରିଥିଲେ। ଏହାକୁ ଦେଖି ସମୟସୀମା ବଢ଼ାଗଲା ବୋଲି ଟୁଇଟ୍‌ରେ ଦର୍ଶାଯାଇଛି।

### ଗୋଟିଏ ମଞ୍ଚରେ ମୁକେଶ ଅମ୍ବାନୀ, ସୁନୀଲ ମିତ୍ତଲ

**ନୂଆଦିଲ୍ଲୀ,୨୧-୧୦:** ଟେଲିକମ ଉଦ୍ୟୋଗରେ ଦେଖାଦେଇଥିବା ସଙ୍କଟର ସମାଧାନ ପନ୍ଥା ବାହାର କରିବା ଉଦ୍ଦେଶ୍ୟରେ ଆସନ୍ତା ୨୫ରୁ ୨୭ ତାରିଖ ଯାଏ ଇଣ୍ଡିଆ ମୋବାଇଲ କଂଗ୍ରେସ ଆୟୋଜିତ ହେବାକୁ ଯାଉଛି। ଏହି ବୈଠକରେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ରିଲାଏନ୍ସ ଜିଓ ମୁଖ୍ୟ ମୁକେଶ ଅମ୍ବାନୀ ଓ ଏୟାରଟେଲ ମୁଖ୍ୟ ସୁନୀଲ ଭାରତୀ ମିତ୍ତଲ ଉଦ୍‌ବୋଧନୀ ଅଧିବେଶନରେ ଗୋଟିଏ ମଞ୍ଚରେ ଉପସ୍ଥିତ ରହିବେ। ଭୋଡାଫୋନ ଆଇଡିଆ ଅଧ୍ୟକ୍ଷ କୁମାର ମଙ୍ଗଳମ ବିର୍ଲା ମଧ୍ୟରେ ଏଥିରେ ଯୋଗ ଦେବେ ବୋଲି ସିଓଏଆଇ ମହାନିର୍ଦ୍ଦେଶକ ରାଜନ ଏସ.ମାଥ୍ୟୁ କହିଛନ୍ତି। ଏହି ବୈଠକରେ ପ୍ରମୁଖ ଟେଲିକମ ଅପରେଟର୍ସଙ୍କ ଚିଫ୍ ଟେକ୍ନୋଲୋଜି ଅଫିସର ଏବଂ ଚିଫ୍ ମାର୍କେଟିଂ ଅଫିସରମାନେ ଏକତ୍ରିତ ହୋଇ ବିଭିନ୍ନ ବ୍ୟବସାୟ ପ୍ରସ୍ତାବ ବିଷୟରେ ଆଲୋଚନା କରିବେ। ଏହି ବୈଠକରେ ଆମେରିକା, କାନାଡା, ୟୁକେ ଏବଂ ୟୁରୋପିୟାନ ୟୁନିୟନର ପ୍ରତିନିଧିମାନେ ଯୋଗଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଆଜି ନୀତି ଆୟୋଗ ଲେକ୍‌ଚର କାର୍ଯ୍ୟକ୍ରମରେ ଯୋଗଦେବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୨୧-୧୦:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ନୀତି ଆୟୋଗ ଲେକ୍‌ଚର ସିରିଜର ୪ର୍ଥ ସଂସ୍କରଣ କାର୍ଯ୍ୟକ୍ରମରେ ଯୋଗଦେବେ। ସମୂହ ଅଭିବୃଦ୍ଧିରେ କୃତ୍ରିମ ବୁଦ୍ଧିମତ୍ତା(ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ)ର ଉପଯୋଗିତା ଉପରେ ଏହି କାର୍ଯ୍ୟକ୍ରମରେ ବିଶେଷଜ୍ଞମାନେ ନିଜର ମତାମତ ଦେବେ। ଆମେରିକାର ଟେକ୍ନୋଲୋଜି କମ୍ପାନୀ ଏନ୍‌ଭିଡିଆ କର୍ପୋରେଶନର ସହ ପ୍ରତିଷ୍ଠାତା ତଥା ପ୍ରେସିଡେଣ୍ଟ ଜେନସନ୍ ହୁଆଙ୍ଗ ଏଥିରେ ଉଦ୍‌ବୋଧନ ଦେବେ ବୋଲି ନୀତି ଆୟୋଗ ପକ୍ଷରୁ କୁହାଯାଇଛି। ଏଥିରେ କେନ୍ଦ୍ର ମନ୍ତ୍ରୀ, ନୀତି ନିର୍ଦ୍ଧାରକ, ବିଶେଷଜ୍ଞମାନେ ଏବଂ ଆୟୋଗର ଉପାଧ୍ୟକ୍ଷ, ସିଇଓ, ସଦସ୍ୟ ତଥା ବରିଷ୍ଠ ଅଧିକାରୀମାନେ ଯୋଗଦେବେ।

### ଆର୍‌ବିଆଇ ୧୬.୩ ବିଲିୟନ ଡଲାର ୟୁଏସ ବଣ୍ଡ୍ ବିକିଲା





**ମୁମ୍ବାଇ,୨୧-୧୦:** ଅନ୍ୟ ବିକାଶଶୀଳର ଦେଶ ସହିତ ତାଳ ଦେଇ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗତ ଏପ୍ରିଲରୁ ଆଜିସୁଦ୍ଧା ୧୬.୩ ବିଲିୟନ ଡଲାର ୟୁଏସ୍ ଟ୍ରେଜେରି ବଣ୍ଡ୍ ବିକ୍ରି କରିଛି। ଏପ୍ରିଲରେ ବଣ୍ଡ୍ ମୂଲ୍ୟ ୧୫୭ ଡଲାର ଥିବା ବେଳେ ଅଗଷ୍ଟ ମାସରେ ଏହା ୧୪୦ ଡଲାରକୁ ହ୍ରାସ ପାଇଛି। ଭାରତ ଭଳି ଚାଇନା ୨୨.୬ ବିଲିୟନ ଡଲାର, ତାଇୱାନ ୬.୯ ବିଲିୟନ ଡଲାରର ବଣ୍ଡ ବିକ୍ରି କରିଛି। ସୁଧ ହାର ବୃଦ୍ଧି ପାଇବା ମାତ୍ରେ ବଣ୍ଡ ମୂଲ୍ୟ ହ୍ରାସ ପାଇଥାଏ। ତେବେ ଟଙ୍କାର ମୂଲ୍ୟ ହ୍ରାସକୁ ରୋକିବା ଲାଗି ଆର୍‌ବିଆଇକୁ ଅଧିକ ଡଲାର ଆବଶ୍ୟକତା ଥିଲା। ଇତିମଧ୍ୟରେ କେନ୍ଦ୍ରୀୟ ବ୍ୟାଙ୍କ ୧୮.୬ ବିଲିୟନ ଡଲାର ମୁଦ୍ରା ବିକ୍ରି କରିସାରିଛି।

# ପୁଞ୍ଜି ବଜାରରୁ ମୁହଁ ମୋଡୁଛନ୍ତି ବିଦେଶୀ ନିବେଶକ

**ନୂଆଦିଲ୍ଲୀ,୨୧-୧୦**

- ଧୀରେ ଧୀରେ ଉଠାଇ ନେଉଛନ୍ତି ପୁଞ୍ଜି
- ୩ ସପ୍ତାହରେ ପ୍ରତ୍ୟାହୃତ ହୋଇଛି ୩୨ହଜାର କୋଟି
- ଆଜିଯାଏ ୯୩ ହଜାର କୋଟି ଉଠାଇ ନେଲେଣି
- ଟଙ୍କାର ମୂଲ୍ୟ ହ୍ରାସ, ଆମେରିକାରେ ସୁଧ ହାର ବୃଦ୍ଧି ମୁଖ୍ୟ କାରଣ




ଚଳିତବର୍ଷ ବିଦେଶୀ ନିବେଶକ ଭାରତୀୟ ପୁଞ୍ଜି ବଜାରରେ ନିବେଶ କରିଛନ୍ତି କମ୍, ଉଠାଇ ନେଇଛନ୍ତି ଅଧିକ। ଚଳିତ ମାସର ପ୍ରଥମ ୩ ସପ୍ତାହରେ ସେମାନେ ପ୍ରାୟ ୩୨ ହଜାର କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର କରିଛନ୍ତି। ଏହାକୁ ମିଶାଇଲେ ସେମାନେ ଚଳିତବର୍ଷ ଆରମ୍ଭରୁ ଆଜିଯାଏ ପ୍ରାୟ ୯୩ ହଜାର କୋଟି ଟଙ୍କା ପ୍ରତ୍ୟାହାର କରିସାରିଲେଣି। ବିପୁଳ ବିଦେଶୀ ଅର୍ଥ ଦେଶ ବାହାରକୁ ଚାଲିଯିବା ଅର୍ଥନୀତି ପାଇଁ ଏକ ସତର୍କ ଘଣ୍ଟି କହିଲେ ଅତ୍ୟୁକ୍ତି ହେବ ନାହିଁ। ଟଙ୍କାର ମୂଲ୍ୟ ହ୍ରାସ, ଆମେରିକା ଓ ଚାଇନା ମଧ୍ୟରେ ଟାରିଫ ଯୁଦ୍ଧ ଆରମ୍ଭ ହେବା ସାଙ୍ଗକୁ ଆମେରିକାରେ ସୁଧ ହାର ବୃଦ୍ଧି ପୁଞ୍ଜି ପ୍ରତ୍ୟାହାରର ପ୍ରମୁଖ କାରଣ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ସେପ୍ଟେମ୍ବରରେ ବିଦେଶୀ ନିବେଶକମାନେ ପୁଞ୍ଜି ବଜାରରୁ ୨୧ ହଜାର କୋଟି ଟଙ୍କା ପ୍ରତ୍ୟାହାର କରିଥିଲେ। ଏଥିପୂର୍ବରୁ ସେମାନେ ଜୁଲାଇ-ଅଗଷ୍ଟରେ(ଶେୟାର ଓ ବଣ୍ଡ୍ ବଜାର) ପ୍ରତିଭୂତି ବଜାରରେ ମୋଟ୍ ୭୪୦୦ କୋଟି ଟଙ୍କା ନିବେଶ କରିଥିଲେ। ଡିପୋଜିଟୋରୀ ତଥ୍ୟ ଅନୁଯାୟୀ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ)ମାନେ ଚଳିତ ମାସ ୧ରୁ ୧୯ ତାରିଖ ମଧ୍ୟରେ୧୯,୮୧୦ କୋଟି ଟଙ୍କାର ଶେୟାର ବିକ୍ରି କରିଛନ୍ତି। ସେହିପରି ଏହି ଅବଧିରେ ସେମାନେ ୧୨,୧୬୭ କୋଟି ଟଙ୍କାର ବଣ୍ଡ୍ ବିକ୍ରି କରିଛନ୍ତି। ଏଭଳି ଭାବେ ସେମାନେ ମୋଟ୍‌ରେ ୩୧,୯୭୭ କୋଟି ଟଙ୍କାର ପୁଞ୍ଜି କାଢ଼ି ନେଇଛନ୍ତି।

ଚଳିତ ବର୍ଷ ବିଦେଶୀ ନିବେଶକମାନେ ଦୁଇ ଚାରିମାସ ପୁଞ୍ଜି ନିବେଶ କରିଥିବା ବେଳେ ଅଧିକାଂଶ ସମୟ ଟଙ୍କା କାଢ଼ିନେବାରେ ବ୍ୟସ୍ତ ରହିଛନ୍ତି। ତେବେ ଅତି ଚତୁରତାର ସହିତ ସେମାନଙ୍କ ନିବେଶ ପ୍ରତ୍ୟାହାର ପୁଞ୍ଜି ବଜାରକୁ ଦୋହଲାଇ ଦେଇଛି। ଜିଓଜିତ୍ ଫାଇନାନ୍ସିଆଲ ସର୍ଭିସର ଗବେଷଣା ମୁଖ୍ୟ ବିନୋଦ ନାୟାର କହିଛନ୍ତି ଯେ, ବିଶ୍ୱରେ ମାନ୍ଦାବସ୍ଥା ପୁଣି ଫେରିବ ବୋଲି ଏକ ନକାରାତ୍ମକ ମନୋଭାବ ପୋଷଣ ଯୋଗୁ ନିବେଶକମାନେ ଏବେ ଚିନ୍ତିତ। ଏହାଛଡା ଆମେରିକା ଓ ଚାଇନା ମଧ୍ୟରେ ଟ୍ରେଡ ୱାର୍ ଘନେଇବା ଏବଂ ଦେଶରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। ଏହାଛଡା ଚଳିତ ମାସ ଆରମ୍ଭରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଚଳିତ ବର୍ଷ ବିଶ୍ୱର ଅର୍ଥନୈତିକ ଅଭିବୃଦ୍ଧି ୩.୭ ପ୍ରତିଶତ ରହିବ ବୋଲି ଉଲ୍ଲେଖ କରିବା ଦ୍ୱାରା ନିବେଶକମାନେ ସେମାନଙ୍କ ପୁଞ୍ଜି କାଢ଼ି ନେବାକୁ ଶ୍ରେୟସ୍କର ମଣୁଛନ୍ତି। ସେହିପରି ବଜାଜ୍ କ୍ୟାପିଟାଲର ସିନିୟର ଭାଇସ ପ୍ରେସିଡେଣ୍ଟ ଆଣ୍ଡ ହେଡ୍ ଇନଭେଷ୍ଟମେଣ୍ଟ ଆନାଲିଟିକ୍ସର ଆଲୋକ ଅଗ୍ରୱାଲ କହିଛନ୍ତି ଯେ, ତୈଳ ଦର ବୃଦ୍ଧି ଏବଂ ବିଶ୍ୱରେ ଡଲାର ଚାହିଦା ବଢ଼ିବାକୁ ପୁଞ୍ଜି ପ୍ରତ୍ୟାହାରର ମୁଖ୍ୟ କାରଣ ବୋଲି କହିଛନ୍ତି। ତେବେ ସେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, କେବଳ ଭାରତ ନୁହେଁ ବରଂ ବିଶ୍ୱର ଅନ୍ୟ ବିକାଶଶୀଳ ଦେଶ ମଧ୍ୟ ସମାନ ମନୋଭାବର ଶିକାର ହେଉଛନ୍ତି। ଉଲ୍ଲେଖଥାଉ କି, ବିଦେଶୀ ପୁଞ୍ଜିନିବେଶକମାନେ ଅଦ୍ୟାବଧି ୩୩ ହଜାର କୋଟି ଟଙ୍କାର ଶେୟାର ଓ ୬୦ ହଜାର କୋଟି ଟଙ୍କାର ବଣ୍ଡ୍ ବିକ୍ରି କରିସାରିଛନ୍ତି।

## ଗୁଗନାନୀ ଅଟୋକାର ଶୋ'ରୁମ ଶୁଭାରମ୍ଭ




**ଭୁବନେଶ୍ୱର,୨୧-୧୦**

ଟାଟା ମୋଟର୍ସର ନୂଆ ପାସେଞ୍ଜର କାର୍ ଡିଲର ଗୁଗନାନୀ ଅଟୋକାର ଶୋ'ରୁମ ଶୁଭାରମ୍ଭ ହୋଇଛି। କଟକର ପ୍ରତାପନଗରୀ ଜାତୀୟ ରାଜପଥ ପାର୍ଶ୍ୱରେ ୫ ହଜାର ବର୍ଗଫୁଟ ସ୍ଥାନରେ ଏହି ନୂଆ ଶୋ'ରୁମ ଖୋଲିଛି। ଟାଟା ମୋଟର୍ସର ପାସେଞ୍ଜରର କାରର ବିଭିନ୍ନ ମଡେଲ ଯଥା- ନେକ୍ସନ, ଟିଆଗୋ, ଟିଗୋର, ହେକ୍ସା, ଜେଷ୍ଟ ଏବଂ ବୋଲ୍ଟ ଏଠାରେ ଉପଲବ୍ଧ ହେବ। ଏଠାରେ ଏକ ଅତ୍ୟାଧୁନିକ ସର୍ଭିସ ଷ୍ଟେଶନ ସ୍ଥାପନ କରାଯାଇଛି। ମୂଲ୍ୟ ଯୁକ୍ତ ପ୍ରଡକ୍ଟ ତଥା ବିକ୍ରି ପରବର୍ତ୍ତୀ ସେବା ଯୋଗାଣକୁ ଅଗ୍ରାଧିକାର ଦିଆଯିବା ସହ ଗ୍ରାହକଙ୍କ ଚାହିଦାକୁ ଧ୍ୟାନରେ ରଖାଯିବ ବୋଲି ଶୋ'ରୁମର ପରିଚାଳନା ନିର୍ଦ୍ଦେଶକ ରାଜନ ଗୁଗନାନୀ ସୂଚନା ଦେଇଛନ୍ତି।

## କୋଶ୍ ପକ୍ଷରୁ ରୁଟି ଦାନ ଅଭିଯାନ

**ଭୁବନେଶ୍ୱର,୨୧-୧୦**




ବିଗବଜାରର ମିଳିତ ଆନୁକୂଲ୍ୟରେ କୋଶ୍ ଓଟ୍ସ ପକ୍ଷରୁ ରୁଟି ଦାନ ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ଅକ୍ଟୋବର ୧୬ରୁ ୨୨ ଯାଏ ଏହି ଅଭିଯାନ ଚାଲିବ। ସଲାମ୍ ବାଲକ୍ ସହଯୋଗିତାରେ ଏହି ଅଭିଯାନ ଦ୍ୱାରା ପିଲାମାନଙ୍କୁ ଆଶ୍ରୟସ୍ଥଳୀ, ଖାଦ୍ୟ ଏବଂ ଶିକ୍ଷା ଯୋଗାଇ ଦିଆଯାଉଛି। ଏହି ଅଭିଯାନ ମାଧ୍ୟମରେ କୋଶ୍ ଏହାର ଗ୍ରାହକଙ୍କୁ ରୁଟି ଦାନ କରିବା ପାଇଁ ଉତ୍ସାହିତ କରୁଛି। ଦେଶର ଯେକୌଣସି ବିଗ୍ ବଜାର ଷ୍ଟୋରକୁ ଯିବା ସମୟରେ ୧ ଟଙ୍କା ଲେଖାଏ ଦାନ କରିବାକୁ ପ୍ରୋତ୍ସାହିତ କରାଯାଉଛି। ଏହାକୁ ସଂଗ୍ରହ କରି ବେସରକାରୀ ସଙ୍ଗଠନକୁ ପ୍ରଦାନ କରାଯିବ। ସଲାମ ବାଲକ ସହାୟତାରେ ବିନା ଖାଦ୍ୟରେ ବଞ୍ଚୁଥିବା ପିଲାମାନଙ୍କୁ ଖାଦ୍ୟ ଯୋଗାଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଫ୍ୟୁଚର ଗ୍ରୁପ୍ ଫୁଡ୍ ବିଜନେସ୍ ସିଇଓ ସଦାଶିବ ନାୟକ ସୂଚନା ଦେଇଛନ୍ତି।

# ହୋଣ୍ଡା ଆକ୍ଟିଭା ବିକ୍ରି ୨ କୋଟି ଛୁଇଁଲା

**ଭୁବନେଶ୍ୱର,୨୧-୧୦**




ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆର ଲୋକପ୍ରିୟ ସ୍କୁଟର ମଡେଲ ଆକ୍ଟିଭାର ବିକ୍ରି ୨ କୋଟି ମାଇଲ୍ ଖୁଣ୍ଟ ଅତିକ୍ରମ କରିଛି। ଉତ୍ସବ ଋତୁର ମଧ୍ୟଭାଗରେ କମ୍ପାନୀ ଏହି ସଫଳତା ହାସଲ କରିଛି। ୨ କୋଟି ପରିବାରର ବିଶ୍ୱାସ ହାସଲ କରିଥିବା କମ୍ପାନୀ ପ୍ରକାଶ କରିଛି। ଏହା ଭାରତର ସର୍ବାଧିକ ବିକ୍ରି ହେଉଥିବା ଦୁଇ ଚକିଆ ଯାନ ବୋଲି କମ୍ପାନୀ କହିଛି। ପ୍ରଥମ ଏକ କୋଟି ଆକ୍ଟିଭା ବିକ୍ରି କରିବାକୁ ହୋଣ୍ଡାକୁ ୧୫ ବର୍ଷ ସମୟ ଲାଗିଥିଲା। ପରବର୍ତ୍ତି ଆଉ ଏକ କୋଟି ଆକ୍ଟିଭା ମାତ୍ର ୩ ବର୍ଷ ଭିତରେ ବିକ୍ରି ହୋଇଛି। ଭାରତରେ ଏବେ ପ୍ରତି ୯ ସେକେଣ୍ଡରେ ଜଣେ ଗ୍ରାହକ ଆକ୍ଟିଭା ପରିବାରରେ ସାମିଲ ହେଉଥିବା କମ୍ପାନୀ ସୂଚନା ଦେଇଛି। ୧୮ ବର୍ଷ ଓ ପାଞ୍ଚ ପିଢି ମଧ୍ୟରେ ହୋଣ୍ଡା ୨ ହ୍ୱିଲର୍ସ ଇଣ୍ଡିଆ ନିୟମିତ ବ୍ୟବଧାନରେ ମୂଲ୍ୟ ସଂଯୋଗ କରିଥିବା କମ୍ପାନୀର ସଭାପତି ତଥା ସିଇଓ ମିନୋରୋ କାଟୋ କହିଛନ୍ତି।

## ୟୁବିଆଇର ଏନ୍‌ଏଫ୍‌ସି ଡେବିଟ୍ କାର୍ଡ

**ଭୁବନେଶ୍ୱର,୨୧-୧୦**

ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ) ପକ୍ଷରୁ କଣ୍ଟାକ୍ଟଲେସ୍ ଡେବିଟ୍‌କାର୍ଡର ଶୁଭାରମ୍ଭ ହୋଇଛି। ଏହାକୁ ଭିଜା ପେୱେଭ୍ ପ୍ଲାଟଫର୍ମରେ ଆରମ୍ଭ କରାଯାଇଛି। ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଅଶୋକ କୁମାର ପ୍ରଧାନ ଏହାକୁ ଉନ୍ମୋଚନ କରିଛନ୍ତି। ବ୍ୟାଙ୍କ କଣ୍ଟାକ୍ଟଲେସ୍ ଏନ୍‌ଏଫସି ଟେକ୍ନୋଲୋଜି ଡେବିଟ୍ କାର୍ଡ ମାଷ୍ଟରକାର୍ଡ ପ୍ଲାଟ୍‌ଫର୍ମରେ ଆରମ୍ଭ କରି ସାରିଛି। ଏହି ଅବସରରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଞ୍ଜୟ କୁମାର ଏବଂ ଅଜିତ କୁମାର ଦାସ, ଭିଜାର ବରିଷ୍ଠ ନିର୍ଦ୍ଦେଶକ ଦିଲଜିତ ସିଂ ଡାଇରେକ୍ଟର ବିନିତା ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ନିରାପତ୍ତାକୁ ଧ୍ୟାନରେ ରଖି ଏହା ବ୍ୟବହାର କରାଯାଉଥିବା ପ୍ରଧାନ ସୂଚନା ଦେଇଛନ୍ତି।

## ନାଲ୍‌କୋ କର୍ମଚାରୀଙ୍କ ଷଷ୍ଠ ଦୀର୍ଘମିଆଦୀ ବେତନ ବନ୍ଦୋବସ୍ତ

**ଭୁବନେଶ୍ୱର, ୨୧-୧୦**

ନାଲ୍‌କୋର ସାରା ଦେଶରେ କାର୍ଯ୍ୟରତ ୫,୦୦୦ରୁ ଅଧିକ କର୍ମଚାରୀଙ୍କୁ ଲାଭ ପ୍ରଦାନ ଲାଗି ଷଷ୍ଠ ଦୀର୍ଘମିଆଦୀ ବେତନ ବନ୍ଦୋବସ୍ତ ସଂସ୍ଥାପନ ହୋଇଛି। ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ନିକଟରେ ଏହି ବ୍ୟବସ୍ଥାକୁ ଭୁବନେଶ୍ୱରସ୍ଥ କର୍ପୋରେଟ କାର୍ଯ୍ୟାଳୟରେ ଶୁଭାରମ୍ଭ କରିଛନ୍ତି। ଏଚ୍‌ଆର୍‌ଏ ଇନସେନଟିଭ୍ ଏବଂ ଅନ୍ୟାନ୍ୟ ଲାଭ କର୍ମଚାରୀଙ୍କ ପାରିଶ୍ରମିକର ସଂଶୋଧନ ଲାଗି ଉଦ୍ଦିଷ୍ଟ ମଜୁରୀ ବନ୍ଦୋବସ୍ତ ପ୍ରକ୍ରିୟାକୁ ଗତିଶୀଳ କରାଇବ। ଏକ ମାସ ମଧ୍ୟରେ ବେତନ ବନ୍ଦୋବସ୍ତ ଲାଗି ଆଲୋଚନା ପ୍ରକ୍ରିୟା ଶେଷ କରିବାକୁ ଅନୁମୋଦିତ ସଙ୍ଗଠନ ଏବଂ ପରିଚାଳନା ମଣ୍ଡଳୀଙ୍କ ବୈଠକ ଲାଗି ଚାନ୍ଦ ଆହ୍ୱାନ ଦେଇଛନ୍ତି। ନାଲ୍‌କୋ ଯେଉଁ ସ୍ଥାନରେ ପହଞ୍ଚିଛି ସେଥି ଲାଗି କର୍ମଚାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଚାନ୍ଦ କହିଛନ୍ତି।

## ବିଓବିର କୃଷକ ଦିବସ

**ଭୁବନେଶ୍ୱର,୨୧-୧୦**

ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ କୃଷକ ଦିବସ ପାଳିତ ହୋଇଯାଇଛି। ଇମେଜ ପ୍ରତିଷ୍ଠାନର ନିର୍ଦ୍ଦେଶକ ସତ୍ୟନାରାୟଣ ମିଶ୍ର ଏହାକୁ ଉଦଘାଟନ କରିଥିଲେ। ବ୍ୟାଙ୍କର ଉପକ୍ଷେତ୍ରୀୟ ପ୍ରବନ୍ଧକ ଭାରତ ଭୂଷଣ, ମୁଖ୍ୟ ପ୍ରବନ୍ଧକ ଏଚ୍.ସି ସିହ୍ନା, ଆରଡିବିଏମ୍ ମାନସ ଗୌରବ ମହାରଣା, କୃଷି ବ୍ୟବସାୟ ବିଭାଗର ବରିଷ୍ଠ ପ୍ରବନ୍ଧକ ସୁଧାମୟ ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ୧୦୦ରୁ ଉର୍ଦ୍ଧ୍ୱ କୃଷକ ଯୋଗ ଦେଇଥିଲେ। କୃଷି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଏଠାରେ ଆଲୋଚନା ହୋଇଥିଲା।

୬୦୦ କୋଟିର ଆଇଡିବିଆଇ ବ୍ୟାଙ୍କ ଦୁର୍ନୀତି

# ସିବିଆଇ ବଦଳାଇଥିଲା ଲୁକ୍‌ଆଉଟ ସର୍କୁଲାର

**ନୂଆଦିଲ୍ଲୀ,୨୧-୧୦**



ଆଇଡିବିଆଇ ବ୍ୟାଙ୍କରୁ ୬୦୦ କୋଟି ଟଙ୍କାର ଋଣ ନେଇ ଖିଲାପ କରିଥିବା ଏୟାରସେଲ୍‌ର ପୂର୍ବତନ ପ୍ରମୋଟର ସି.ଶିବଶଙ୍କରନ୍‌ଙ୍କୁ ବିଦେଶ ଯିବାରେ ସହାୟତା କରିବା ଉଦ୍ଦେଶ୍ୟରେ ସିବିଆଇ ଲୁକ୍‌ଆଉଟ ସର୍କୁଲାର ବଦଳାଇଥିଲା ବୋଲି ଜଣାପଡିଛି। ଉକ୍ତ ମାମଲାର ତଦନ୍ତ କରୁଥିବା ଅଧିକାରୀ ଓ ବାଙ୍ଗାଲୋର ଶାଖାର ବିରୋଧ ସତ୍ତ୍ୱେ ସିବିଆଇର ଶୀର୍ଷ ଅଧିକାରୀଙ୍କ ନିର୍ଦ୍ଦେଶରେ ସର୍କୁଲାରକୁ କୋହଳ କରାଯାଇଥିଲା। ଏହି ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ବ୍ୟାଙ୍କ ସିକ୍ୟୁରିଟି ଆଣ୍ଡ ଫ୍ରଡ୍ ସେଲ୍ (ବିଏସ୍‌ଆଣ୍ଡ୍‌ଏଫ୍‌ସି), ବାଙ୍ଗାଲୋରରୁ ସିବିଆଇର ଦିଲ୍ଲୀସ୍ଥିତ ଆଣ୍ଟି-କରପ୍‌ଶନ ୟୁନିଟ-୩କୁ ଏହି ମାମଲାକୁ ସ୍ଥାନାନ୍ତରିତ କରାଯାଇଥିଲା। ସିବିଆଇ ପକ୍ଷରୁ ଚଳିତ ବର୍ଷ ଏପ୍ରିଲ ୧୩ରେ ବିଏସ୍‌ଆଣ୍ଡ୍‌ଏଫ୍‌ସିରେ ଏହି ମାମଲା ଦାଏର ହୋଇଥିଲା। ଏଥିରେ ଶିବଶଙ୍କରନ୍‌ଙ୍କୁ ମିଶାଇ ମୋଟ୍‌ରେ ୩୯ଜଣଙ୍କୁ ଅଭିଯୁକ୍ତ ଭାବେ ଦର୍ଶାଯାଇଥିଲା। ଏଥିରେ ଆଇଡିବିଆଇ ବ୍ୟାଙ୍କର ବହୁ ପୂର୍ବତନ ଓ ବର୍ତ୍ତମାନର ଅଧିକାରୀଙ୍କୁ ସାମିଲ କରାଯାଇଥିଲା। ସିବିଆଇ ପକ୍ଷରୁ ଶିବଶଙ୍କରନ୍ ଏବଂ ଅନ୍ୟମାନଙ୍କ ପାଇଁ ବିମାନ ବନ୍ଦରରେ ଲୁକ୍‌ଆଉଟ ସର୍କୁଲାର ଜାରି କରାଯାଇଥିଲା। ସିସେଲ୍ସର ନାଗରିକତ୍ୱ ହାସଲ କରିଥିବା ଶିବଶଙ୍କରନ୍‌ଙ୍କୁ ଜେରା ପାଇଁ ଅଗଷ୍ଟ ୧୨ରୁ ସେପ୍ଟେମ୍ବର ପହିଲା ମଧ୍ୟରେ ଡକାଯାଇଥିଲା। ଶିବଶଙ୍କରନ ଓ ଅନ୍ୟମାନେ ଯେପରି ବିଦେଶ ଯାତ୍ରା କରିପାରିବେ ସେନେଇ ସର୍କୁଲାରକୁ କୋହଳ କରିବା ଲାଗି ବିମାନ ବନ୍ଦରଗୁଡିକୁ ଲେଖିବାକୁ ଏଜେନ୍ସିର ଶୀର୍ଷ ଅଧିକାରୀମାନେ ମୌଖିକ ଭାବେ ନିର୍ଦ୍ଦେଶ ଦେଇଥିଲେ ବୋଲି ଖୋଳତାଡରୁ ଜଣାପଡିଛି। ଯାଞ୍ଚ ଅଧିକାରୀ ଓ ବାଙ୍ଗାଲୋର ମୁଖ୍ୟ ଏହା ମାନିବାକୁ ରାଜି ନ ହେବାରୁ ମାମଲାକୁ ଦିଲ୍ଲୀ ସ୍ଥାନାନ୍ତର କରାଯାଇଥିଲା।

## ୟୁନିୟନ ବ୍ୟାଙ୍କ ପକ୍ଷରୁ ହିନ୍ଦୀ ମାସ

**ଭୁବନେଶ୍ୱର,୨୧-୧୦**

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ହିନ୍ଦୀ ମାସ ଉଦଯାପନ ହୋଇ ଯାଇଛି। ଏହି ଅବସରରେ ରାଜଭାଷା ଉତ୍ସବ-୨୦୧୮ର ପୁରସ୍କାର ବିତରଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଭୁବନେଶ୍ୱରର ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ରୂପଲାଲ ମୀନା ଅଧ୍ୟକ୍ଷତା କରିଥିଲେ। ଏସ୍‌ବିଆଇ ମୁଖ୍ୟ କାର୍ଯ୍ୟାଳୟର ମହାପ୍ରବନ୍ଧକ ପ୍ରବିଣା କିଲା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସହାୟକ ପ୍ରବନ୍ଧକ ଅଭିଜିତ କୁମାର ଗିରି, ସୁଶ୍ରୀ ରୋଜା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରିଶେଷରେ ଭୁବନେଶ୍ୱର ଶାଖାର ସହାୟକ ମହାପ୍ରବନ୍ଧକ ଗିରିଜା ଭୂଷଣ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

ୟୁକେ ହାଇକୋର୍ଟରେ ଆବେଦନ କଲା ସୁଇସ୍ ବ୍ୟାଙ୍କ

# ଲଣ୍ଡନରେ ବାସହୀନ ହେବେ ମାଲ୍ୟା

**ଲଣ୍ଡନ,୨୧-୧୦**

- ବିଳାସପୂର୍ଣ୍ଣ ଘର ବନ୍ଧକ ରଖି ଋଣ ନେଇଥିଲେ
- ଅବଧି ଶେଷ ପରେ ମଧ୍ୟ ଋଣ ପରିଶୋଧ ହୋଇନି
- ୧୯୮ କୋଟି ଟଙ୍କା ବକେୟା ଋଣ



ଭାରତୀୟ ବ୍ୟାଙ୍କରୁ ଋଣ ନେଇ ଫେରାର ହେବା ପରେ ଲଣ୍ଡନରେ ମଉଜ କରୁଥିବା ମଦ ବ୍ୟବସାୟୀ ବିଜୟ ମାଲ୍ୟା ବାସହୀନ ହେବାକୁ ଯାଉଛନ୍ତି। ମା', ପୁଅ ସହ ଲଣ୍ଡନର ରିଜେଣ୍ଟ ପାର୍କସ୍ଥିତ ବିଳାସପୂର୍ଣ୍ଣ ମାନସନ୍‌ରେ ମାଲ୍ୟା ରହୁଥିଲେ। ଏହାକୁ ଖାଲି କରିବା ତଥା ଦଖଲକୁ ନେବା ଉଦ୍ଦେଶ୍ୟରେ ସୁଇସ୍ ବ୍ୟାଙ୍କ ୟୁବିଏସ୍ ଏଜି ପକ୍ଷରୁ ୟୁକେ ହାଇକୋର୍ଟରେ ଆବେଦନ କରାଯାଇଛି। ମାଲ୍ୟା ଏହି ମାନସନ୍‌କୁ ବନ୍ଧକ ରଖି ଋଣ ନେଇଥିଲେ ଏବଂ ତା'କୁ ପରିଶୋଧ କରିନାହାନ୍ତି। ଏହାର ଅବଧି ଶେଷ ହୋଇଛି ବୋଲି ବ୍ୟାଙ୍କ ପକ୍ଷରୁ ଆବେଦନରେ ଦର୍ଶାଯାଇଛି। ରୋଜ୍ କ୍ୟାପିଟାଲ ଭେଞ୍ଚର୍ସ ଲିମିଟେଡ୍, ବିଜୟ ମାଲ୍ୟା, ତାଙ୍କ ମା' ଲଳିତା ମାଲ୍ୟା ଏବଂ ପୁଅ ସିଦ୍ଧାର୍ଥ ମାଲ୍ୟାଙ୍କ ବିରୋଧରେ ଏହି ମାମଲାର ଶୁଣାଣି ଆସନ୍ତା ୨୪ରେ କରାଯିବ। ରୋଜ୍ କ୍ୟାପିଟାଲ ଭେଞ୍ଚର୍ସ ଲିମିଟେଡ ୟୁବିଏସ୍‌ଠାରୁ ଉକ୍ତ ସମ୍ପତ୍ତିକୁ ବନ୍ଧା ରଖି ୨.୦୪ କୋଟି ପାଉଣ୍ଡ(୧୯୫ କୋଟି ଟଙ୍କା) ଋଣ ନେଇଥିଲା। ରୋଜ୍ କ୍ୟାପିଟାଲର ଶେୟାର ଗ୍ଲାଡ୍‌କୋ ନିକଟରେ ରହିଛି ଏବଂ ମାଲ୍ୟାଙ୍କ ପରିବାର ଦ୍ୱାରା ପରିଚାଳିତ ସିଲେଟା ଟ୍ରଷ୍ଟ ଏହାର ସତ୍ତ୍ୱାଧିକାରୀ ରହିଛି। ୟୁବିଏସ୍ ପକ୍ଷରୁ କୁହାଯାଇଛି ଯେ, ଋଣ ପରିଶୋଧର ସମୟସୀମା ଶେଷ ହେବା ପରେ ମାଲ୍ୟାଙ୍କ ପରିବାରକୁ ଉକ୍ତ ଆବାସ ଖାଲି କରିଦେବା ଲାଗି ବାରମ୍ବାର କୁହାଯାଇଥିଲା। କିନ୍ତୁ ସେମାନେ ତାହାକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଉଲ୍ଲେଖଥାଉ କି, ରୋଜ୍ କ୍ୟାପିଟାଲ ୨୦୦୫, ଅକ୍ଟୋବର ୩ରେ ୫.୪ ମିଲିୟନ ପାଉଣ୍ଡ(୫୨ କୋଟି ଟଙ୍କା)ରେ ୧୮ ଓ ୧୯ କର୍ଣ୍ଣୱାଲ ଟେରାସକୁ କିଣିଥିଲା। ଏହି ସମ୍ପତ୍ତିର ଫ୍ରି ହୋଲ୍ଡ ଅଧିକାର କ୍ରାଉନ ଇଷ୍ଟେଟଙ୍କ ନିକଟରେ ରହିଛି। ଏହି ଘର ବନ୍ଧା ବାବଦରେ ମାଲ୍ୟାଙ୍କ ଉପରେ ୟୁବିଏସ୍‌ର ୧୯୮ କୋଟି ଟଙ୍କାର ବକେୟା ରହିଛି।

## ସିଣ୍ଡିକେଟ୍ ବ୍ୟାଙ୍କର ସ୍ୱଚ୍ଛ ଭାରତ ଅଭିଯାନ

**ଭୁବନେଶ୍ୱର,୨୧-୧୦**

ସିଣ୍ଡିକେଟ୍ ବ୍ୟାଙ୍କର ୯୩ତମ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଶାଖା କାର୍ଯ୍ୟାଳୟ ଓ କ୍ଷେତ୍ରୀୟ କାର୍ଯ୍ୟାଳୟର ବିଭିନ୍ନ କର୍ମକର୍ତ୍ତା ଏଥିରେ ଯୋଗ ଦେଇଥିଲେ। ଜାଗମରାସ୍ଥିତ କ୍ଷେତ୍ରୀୟ କାର୍ଯ୍ୟାଳୟର ଆଖପାଖ ଅଞ୍ଚଳକୁ ପରିଷ୍କାର ପରିଚ୍ଛନ୍ନ କରାଯାଇଥିଲା। ବ୍ୟାଙ୍କ ପକ୍ଷରୁ ଆୟୋଜିତ ଏହି ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ପ୍ରବନ୍ଧକ କେ.ସି ଟୁଡୁ, ଉପ-କ୍ଷେତ୍ରୀୟ ପ୍ରବନ୍ଧକ ଏସ୍. ମାନସିଂହ ଏଥିରେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍: ତୃତୀୟ ସ୍ଥାନରେ ଆବାସ



**ଦୁବାଇ, ୨୧।୧୦ (ଏଏଫପି):** ସଦ୍ୟସମାପ୍ତ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଦମ୍‌ଦାର ପ୍ରଦର୍ଶନ କରିଥିବା ପାକିସ୍ତାନ ଦ୍ରୁତ ବୋଲର ମହମ୍ମଦ ଆବାସ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତି କରିଛନ୍ତି। ୧୪ତମ ସ୍ଥାନରୁ ଉପରକୁ ଉଠି ସେ ବୋଲିଂ ତାଲିକାର ତୃତୀୟ ସ୍ଥାନ ଅକ୍ତିଆର କରିଛନ୍ତି। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଖେଳାଯାଇଥିବା ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ଆବାସ ୧୭ଟି ଉଇକେଟ ହାସଲ କରିଥିଲେ। ଆବୁଧାବିରେ ଖେଳାଯାଇଥିବା ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ୨୮ ବର୍ଷୀୟ ଆବାସ ୯୫ ରନ ବ୍ୟୟକରି ୧୦ଟି ଉଇକେଟ ଅକ୍ତିଆର କରିଥିଲେ। ଏହି ଟେଷ୍ଟରେ ପାକିସ୍ତାନ ୩୭୩ ରନରେ ବିଜୟ ହାସଲ କରିଥିଲା ଓ ଏଥି ସହିତ ପାକିସ୍ତାନ ୧-୦ରେ ସିରିଜ ଜିତିଥିଲା। ଏହାପୂର୍ବରୁ ଦୁବାଇରେ ଖେଳାଯାଇଥିବା ଟେଷ୍ଟରେ ମଧ ସେ ୭ଟି ଉଇକେଟ ଅକ୍ତିଆର କରିଥିଲେ ଓ ଏହି ମ୍ୟାଚ୍ ଅମୀମାଂସିତ ରହିଥିଲା। ଅଭିଜ୍ଞ ଇଂଲଣ୍ଡ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ ଓ ଦକ୍ଷିଣ ଆଫ୍ରିକାର କାଗିସୋ ରବାଡ଼ା ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏପର୍ଯ୍ୟନ୍ତ ୧୦ଟି ମ୍ୟାଚ୍ ଖେଳି ଆବାସ ୫୯ଟି ଉଇକେଟ ଅକ୍ତିଆର କରିଛନ୍ତି। ସେ ଯୁଗ୍ମ ଦ୍ୱିତୀୟ ଦ୍ରୁତତମ ବୋଲର ଭାବେ ୫୦ ଟେଷ୍ଟ ଉଇକେଟ ହାସଲ କରିଛନ୍ତି। ଏହି କ୍ରମରେ ସେ ପୂର୍ବତନ ଦ୍ରୁତ ବୋଲର ୱାକର ୟୁନିସ ଓ ଶବିର ଅହମ୍ମଦଙ୍କ ସମକକ୍ଷ ହୋଇଛନ୍ତି। ତେବେ ପାକିସ୍ତାନ ଲେଗ ସ୍ପିନର ୟାସିର ଶାହ ୯ଟି ଟେଷ୍ଟ ଖେଳି ୫୦ ଉଇକେଟ ହାସଲ କରିବାରେ ଦ୍ରୁତତମ ବୋଲର ସାବ୍ୟସ୍ତ ହୋଇଛନ୍ତି।



> ବାପା ଆମକୁ କେବେ ବକ୍ସର କରିବାକୁ ଚାହୁଁ ନ ଥିଲେ। ଭଉଣୀ ଲୈଲା ନିଜ ଇଚ୍ଛାରେ ବକ୍ସିଂରେ ପାଦ ଦେଇଛନ୍ତି।
>
> –ହାନା ଅଲୀ
> କିମ୍ବଦନ୍ତୀ ବକ୍ସର ମହମ୍ମଦ ଅଲୀଙ୍କ ଝିଅ



> ଏସିଆନ ଗେମ୍ସରୁ ଖାଲି ହାତରେ ଫେରିଥିଲେ ମଧ୍ୟ ଏଥିରେ ମୁଁ ମୋ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ କରିବାରେ ସକ୍ଷମ ହୋଇପାରିଛି।
>
> –ମନୁ ଭାକର, ଭାରତୀୟ ଶୁଟର

# ସାଇନା ରନର୍ସଅପ୍

**ଓଡେନସେ (ଡେନମାର୍କ), ୨୧।୧୦(ପି.ଟି.)**



ତାରକା ଭାରତୀୟ ମହିଳା ସଟ୍‌ଲର ସାଇନା ନେହ୍ୱାଲ ଏଠାରେ ଅନୁଷ୍ଠିତ ଡେନମାର୍କ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ରବିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲରେ ବିଶ୍ୱର ଏକ ନମ୍ବର ଖେଳାଳି ଚାଇନିଜ ତାଇପେର ତାଇ ଜୁ ୟିଙ୍ଗ୍ ୨୧–୧୩, ୧୩–୨୧, ୨୧–୬ ଗେମ୍‌ରେ ସାଇନାଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ୫୨ ମିନିଟ୍ ଧରି ଅନୁଷ୍ଠିତ ଏହି ରୋମାଞ୍ଚକ ମୁକାବିଲାର ପ୍ରଥମ ଗେମ୍‌କୁ ସାଇନା ୧୩–୨୧ରେ ହାରି ଯାଇଥିଲେ। ଦ୍ୱିତୀୟ ଗେମ୍‌ରେ କିନ୍ତୁ ସାଇନା ଜୋର୍‌ଦାର ପ୍ରତ୍ୟାବର୍ତ୍ତନ କରି ୨୧–୧୩ରେ ଜିତିବା ସହ ମ୍ୟାଚ୍‌କୁ ୧–୧ ସ୍ତରକୁ ଆଣିଥିଲେ। ନିର୍ଣ୍ଣାୟକ ତଥା ୩ୟ ଗେମ୍‌କୁ କିନ୍ତୁ ୟିଙ୍ଗ୍ ୨୧–୬ରେ ଜିତି ଟ୍ରଫି ହାସଲ କରିଥିଲେ। ୟିଙ୍ଗ୍ ଦୁଇ ବର୍ଷର ବ୍ୟବଧାନ ପରେ ଏଠାରେ ଟାଇଟଲ ଜିତିବାରେ ସକ୍ଷମ ହୋଇଛନ୍ତି। ଶେଷଥର ପାଇଁ ଏହି ଚାଇନିଜ ତାଇପେ ତାରକା ୨୦୧୬ରେ ଏଠାରେ ଟ୍ରଫି ଜିତିଥିଲେ। ଅପରପକ୍ଷରେ ସାଇନାଙ୍କ

**ଡେନମାର୍କ ଓପନ୍**

ବିପକ୍ଷରେ ସେ ତାଙ୍କର ବିଜୟ/ପରାଜୟ ବ୍ୟବଧାନକୁ ୧୩–୫କୁ ବୃଦ୍ଧି କରିଛନ୍ତି। ଅପରପକ୍ଷରେ ସାଇନା ୟିଙ୍ଗ୍‌ଙ୍କ ବିପକ୍ଷ ଶେଷ ୫ଟି ମୁକାବିଲାରେ ପରାଜୟର ସାମ୍ନା କରିଛନ୍ତି। ପୂର୍ବରୁ ଚଳିତ ସିଜନରେ ସାଇନା ଇଣ୍ଡୋନେସିଆ ମାଷ୍ଟର୍ସ, ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍, ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍ ଓ ଜାକର୍ତ୍ତା ଏସିଆନ ଗେମ୍ସରେ ମଧ ରନର୍ସଅପ୍ ହୋଇଥିଲେ।

# ମେସି ଆହତ

**ବାର୍ସିଲୋନା,୨୧।୧୦(ଏଏଫପି):** ଆର୍ଜେଣ୍ଟିନା ସୁପରଷ୍ଟାର ଲିଓନେଲ ମେସି ଆହତ ହୋଇଛନ୍ତି ଓ ଏହି କାରଣରୁ ସେ ୩ ସପ୍ତାହ ଫୁଟବଲରୁ ଦୂରେଇ ରହିବେ। ଲା ଲିଗାରେ ଶନିବାର ସେଭିଲା ବିପକ୍ଷ



ମ୍ୟାଚ୍ ଖେଳିବା ଅବସରରେ ସେ ଫ୍ରାଙ୍କୋ ଭାଜକ୍ୱେଜଙ୍କ ସହ ଧକ୍କା ଖାଇଥିଲେ। ଫଳରେ ସେ ଡାହାଣ ହାତରେ ଆଘାତ ପାଇଥିଲେ ଓ ଏହା ଭାଙ୍ଗି ଯାଇଥିବା କୁହାଯାଇଛି। ତେବେ ଏହି ମ୍ୟାଚ୍‌ରେ ବାର୍ସିଲୋନ ୪–୨ ଗୋଲରେ ବିଜୟୀ ହୋଇଛି। ବାର୍ସିଲୋନା ତରଫରୁ ଫିଲିପ୍ କୋଟିନୋ ଦ୍ୱିତୀୟ ମିନିଟରେ ପ୍ରଥମ ଗୋଲ ଦେଇଥିଲେ। ଏହାର ପରେ ମେସି ଦ୍ୱାଦଶ, ଲୁଇସ୍ ସୁଆରେଜ ପେନାଲ୍ଟି ଜରିଆରେ ୬୩ତମ ମିନିଟ୍‌ରେ ଓ ଇଭାନ ରାକଟିକ୍ ୮୮ତମ ମିନିଟ୍‌ରେ ଗୋଲ ଦେଇଥିଲେ। ଅପରପକ୍ଷରେ ସେଭିଲା ତରଫରୁ କ୍ଲେମେଟ ଲେନଗ୍ଲେଟ୍‌୭୯ ଓ ଲୁଇସ୍ ମୁରିଏଲ ଇଞ୍ଜୁରି ଟାଇମର ପ୍ରଥମ ମିନିଟ୍‌ରେ ଗୋଲ ଦେଇ ପରାଜୟ ବ୍ୟବଧାନ କମାଇଥିଲେ। ମେସି ଆହତ ହେବା ଘଟଣା ବାର୍ସିଲୋନା ବିଜୟକୁ ଫିକା କରିଥିଲା।

# ଫିକ୍ସିଂ ମାନିଲେ କନେରିଆ

**କରାଚୀ,୨୧।୧୦ (ପି.ଟି.):** ଦୀର୍ଘ ୬ ବର୍ଷ ଧରି ମନା କରିଆସୁଥିଲେ ମଧ୍ୟ ପାକିସ୍ତାନ ପୂର୍ବତନ ସ୍ପିନର ଡାନିସ୍ କନେରିଆ ଶେଷରେ ସ୍ପଟ୍ ଫିକ୍ସିଂ କରିଥିବା ନେଇ ସ୍ୱୀକାର କରିଛନ୍ତି। ଫଳରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏବେ ତାଙ୍କ ବିରୋଧରେ ନୂଆ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିପାରେ ବୋଲି କୁହାଯାଇଛି। ସ୍ପଟ୍ ଫିକ୍ସିଂ କାରଣରୁ ୨୦୧୨ରେ ଇଂଲଣ୍ଡ କ୍ରିକେଟ ବୋର୍ଡ (ଇସିବି) କନେରିଆଙ୍କୁ ଆଜୀବନ ବାସନ୍ଦ କରିଥିଲା। ଏହା ପରେ ପିସିବି ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଦୁର୍ନୀତି ନିବାରଣ ନିୟମକୁ ଅନୁସରଣ କରି କାନେରିଆଙ୍କୁ ଅନୁରୂପ ଭାବେ କ୍ରିକେଟରୁ ଆଜୀବନ ବାସନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲା। ଇଂଲିଶ୍ କାଉଣ୍ଟି ମ୍ୟାଚ୍‌ରେ କନେରିଆ ସ୍ପଟ୍ ଫିକ୍ସିଂ କରିବା ନେଇ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଏଥିସହିତ ସେ ଅନ୍ୟ ଖେଳାଳିଙ୍କୁ ସ୍ପଟ ଫିକ୍ସିଂ କରିବାକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଥିଲେ ବୋଲି କୁହାଯାଇଥିଲା।

ସ୍ପଟ ଫିକ୍ସିଂ ନେଇ କନେରିଆଙ୍କ ସ୍ୱୀକାରୋକ୍ତି ଏକ ଗୁରୁତର ଘଟଣା ବୋଲି ପିସିବି ଅଧ୍ୟକ୍ଷ ଏହସାନ ମାନୀ କହିଛନ୍ତି। ସେ ନିଜର ଦୋଷ ସ୍ୱୀକାର କରିଥିବାରୁ ପିସିବି ଖୁବଶୀଘ୍ର ଏ ନେଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବ ବୋଲି ମାନୀ ସ୍ପଷ୍ଟ କରିଛନ୍ତି। ତେଣୁ ନୂଆ ତଦନ୍ତ ପ୍ରକ୍ରିୟା ଆରମ୍ଭ ହେବା ପ୍ରାୟ ନିଶ୍ଚିତ ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, ପାକିସ୍ତାନ କ୍ରିକେଟ ପାଇଁ ସ୍ପଟ୍ ଫିକ୍ସିଂ ସମସ୍ୟା ନୂଆ ନୁହଁ। ୨୦୧୦ରେ ୩ଜଣ କ୍ରିକେଟର ସଲମନ ବଟ୍ଟ, ମହମ୍ମଦ ଆସିଫ୍ ଓ ମହମ୍ମଦ ଆମୀର ଲର୍ଡ୍ସରେ ଅନୁଷ୍ଠିତ ଚତୁର୍ଥ ଟେଷ୍ଟ ମ୍ୟାଚ୍‌ରେ ସ୍ପଟ୍ ଫିକ୍ସିଂ କରି କ୍ରିକେଟରୁ ୫ ବର୍ଷ ବାସନ୍ଦ ହୋଇଥିଲେ। ପୁଣି ଗତବର୍ଷ ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍)ରେ ସ୍ପଟ୍ ଫିକ୍ସିଂ କରିବା ଅଭିଯୋଗରେ ପିସିବି ୪ଜଣ କ୍ରିକେଟର ଶର୍ଜିଲ ଖାଁ, ଖାଲିଦ ଲତିଫ୍, ଶାହଜେବ ହାସନ ଓ ନାସିର ଜାମଶେଦଙ୍କୁ ବାସନ୍ଦ କରିଥିଲା।

## ପଦକ ବିଜେତାଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୨୧।୧୦(ପି.ଟି.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ୟୁଥ୍ ଅଲିମ୍ପିକ୍ସ ପଦକ ବିଜେତାଙ୍କୁ ଭେଟି ବିଚାର ବିମର୍ଶ କରିଛନ୍ତି। ଏହି ମେଗା ଇଭେଣ୍ଟରେ ଭାରତୀୟ ଖେଳାଳିମାନେ ମୋଟ ୧୩ଟି ପଦକ ହାସଲ କରି ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଏ ସଂକ୍ରାନ୍ତରେ ମୋଦି ବିଭିନ୍ନ ଫଟୋ ଟୁଇଟ୍ କରିଛନ୍ତି। ସ୍ୱର୍ଣ୍ଣ ପଦକ ବିଜୟିନୀ ତଥା ଶୁଟିଂ ସେନସେଶନ୍ ମନୁ ଭାକର ଓ ରୌପ୍ୟପଦକ ବିଜେତା ପୁରୁଷ ଓ ମହିଳା ହକି ଖେଳାଳିମାନେ ମଧ ପ୍ରଧାନମନ୍ତ୍ରୀଙ୍କ ସହ ଫଟୋ ଉଠାଇଥିଲେ। ଯୁବ ଖେଳାଳିମାନେ ଦେଶ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ମେଗା ଇଭେଣ୍ଟରେ ଭାରତୀୟ ଖେଳାଳିମାନେ ୩ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ। ୨୦୧୦ରୁ ୟୁଥ୍ ଅଲିମ୍ପିକ୍ସ ଗେମ୍ସ ଆୟୋଜିତ ହୋଇ ଆସୁଛି।

# ଭାରତ ଏ’–ଅଷ୍ଟ୍ରେଲିଆ ଏ’ ସିରିଜ ଆଜିଠାରୁ

**ମୁମ୍ବାଇ, ୨୧।୧୦ (ପି.ଟି.)**

ଭାରତ ଏ’ ଓ ଭ୍ରମଣକାରୀ ଅଷ୍ଟ୍ରେଲିଆ ଏ’ କ୍ରିକେଟ ଦଳ ମଧ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଏଠାରେ ସୋମବାରଠାରୁ ଆରମ୍ଭ ହେବ। ଆସନ୍ତା ମାସରେ ୱେଷ୍ଟଇଣ୍ଡିଜରେ ହେବାକୁଥିବା ମହିଳା ଟି୨୦ ବିଶ୍ୱକପ୍‌ରେ ପ୍ରତିନିଧିତ୍ୱ କରିବାକୁ ଥିବା ଖେଳାଳି ମାନଙ୍କୁ ଭାରତ ଏ’ ଦଳରେ ସାମିଲ କରାଯାଇଛି। ଟୁର୍ନାମେଣ୍ଟ ପାଇଁ ସେମାନେ ନିଜକୁ କିପରି ପ୍ରସ୍ତୁତ କରିଛନ୍ତି ଏହି ସିରିଜରେ ପରଖିପାରିବେ। ମୁମ୍ବାଇ କ୍ରିକେଟ ଆସୋସିଏଶନ ଅଧୀନରେ ଥିବା ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ (ବିକେସି)ଠାରେ ମ୍ୟାଚଗୁଡ଼ିକ ଏକ ଦିନ ବ୍ୟବଧାନରେ ଅନୁଷ୍ଠିତ ହେବ। ପୂର୍ବରୁ ଭ୍ରମଣକାରୀ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଭାରତ ୩–୦ରେ ପରାଜିତ ହୋଇ ସାରିଛି। ଟି୨୦ରେ ଆୟୋଜକ ଦେଶ ଶ୍ରେଷ୍ଠ ଦଳ ସହ ପଡ଼ିଆକୁ ଓହ୍ଲାଉ ଥିବାରୁ ଅଷ୍ଟ୍ରେଲିଆକୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିପାରେ। ଭାରତୀୟ ଏ’ ମହିଳା ଦଳରେ ହରମନପ୍ରୀତ କୌର, ସ୍ମୃତି ମନ୍ଧାନା ଓ ମିଥାଲି ରାଜଙ୍କ ଭଳି ଅଭିଜ୍ଞ ଖେଳାଳି ସ୍ଥାନ ପାଇଛନ୍ତି। ଯୁବା ଅଲରାଉଣ୍ଡର ଜେମିମା ରୋଡ୍ରିଗୁଏଜଙ୍କ ସମେତ ଏହି ୩ ଜଣ ବ୍ୟାଟ୍ସମ୍ୟାନ ବିଶ୍ୱକପ୍ ପୂର୍ବରୁ ନିଜକୁ ପରଖିନେବାର ସୁଯୋଗ ପାଇବେ। ୱେଷ୍ଟଇଣ୍ଡିଜ ଗସ୍ତ ପୂର୍ବରୁ ଘରୋଇ ଦଳର ବୋଲରମାନେ ମଧ ସେମାନଙ୍କ ଦୋଷ

**ମହିଳା ଟି୨୦**

ଦୁର୍ବଳତା ସୁଧାରିନେବାକୁ ଚେଷ୍ଟା କରିବେ।

**ଭାରତ ଏ’ ମହିଳା ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ–ଅଧିନାୟିକା), ମିଥାଲି ରାଜ, ଜେମିମା ରୋଡ୍ରିଗୁଏଜ୍, ବେଦ କ୍ରିଷ୍ଣାମୂର୍ତ୍ତି, ଦୀପ୍ତି ଶର୍ମା, ତାନ୍ୟା ଭାଟିଆ (ଉଇକେଟକିପର), ପୁନମ ଯାଦବ, ରାଧା ଯାଦବ, ଅନୁଜା ପାଟିଲ, ଏକତା ବିଷ୍ଟ, ଡି. ହେମଲତା, ମାନସୀ ଯୋଶି, ପୂଜା ବସ୍ତ୍ରାକାର, ଅରୁନ୍ଧତୀ ରେଡ୍ଡୀ।

**ଅଷ୍ଟ୍ରେଲିଆ ଏ’ ମହିଳା ଦଳ:** ସମନ୍ଥା ବେଟ୍ସ, ମେଟ୍‌ଲାନ ବ୍ରାଉନ୍, ଲରେନ୍ ଚିଟ୍‌ଲେ, ପିପା କ୍ଲେରି, ଯୋଶେଫାଇନ୍ ଡୁଲି, ହିଥର ଗ୍ରାହମ, ସାମି ଜୋ ଜନସନ, ଟାଲିଆ ମ୍ୟାକ୍‌ଗ୍ରା, କ୍ଲୋ ପିପାରୋ, ଜର୍ଜିଆ ରେଡ୍‌ମେନି, ନାଓମି ଷ୍ଟାଲେନବର୍ଗ, ମୋଲି ଷ୍ଟ୍ରାନୋ, ବେଲିଣ୍ଡା ଭାକାରେଓ୍ୱା, ଆମାଣ୍ଡା ଜେଡ୍ ୱେଲିଂଟନ।

# ଫାଇନାଲରେ ହାରିଲେ ପ୍ରାଜନେଶ


**ନୂଆଦିଲ୍ଲୀ, ୨୧।୧୦(ପି.ଟି.)**

ଉଦୀୟମାନ ଭାରତୀୟ ଟେନିସ ଖେଳାଳି ପ୍ରାଜନେଶ ଗୁଣେଶ୍ୱରନ ଚାଇନାରେ ଅନୁଷ୍ଠିତ ନିଙ୍ଗବୋ ଚ୍ୟାଲେଞ୍ଜର ପ୍ରତିଯୋଗିତାରେ ରନର୍ସଅପ୍ ହୋଇଛନ୍ତି। ରବିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରାଜନେଶ ୬–୭ (୪), ୬–୪, ୩–୬ ସେଟ୍‌ରେ ଇଟାଲୀର ଥୋମାସ ଫାବିଆନୋଙ୍କ ନିକଟରୁ ହାରିଯାଇଥିଲେ। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ଟି ଜିତିବାକୁ ଥୋମାସଙ୍କୁ ପାଖାପାଖି ୩ ଘଣ୍ଟା ସମୟ ଲାଗିଥିଲା। ପ୍ରତିଯୋଗିତାରୁ ପ୍ରାଜନେଶ ୬୫ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ସହ ୧୨,୭୨୦ ଆମେରିକୀୟ ଡଲାର ପୁରସ୍କାର ହାସଲ କରିଛନ୍ତି। ପରାଜୟ ସହ ୨୮ ବର୍ଷୀୟ ପ୍ରାଜନେଶ ଏଟିପି ଚ୍ୟାଲେଞ୍ଜର ସର୍କିଟ୍‌ରେ ୨ୟ ଟାଇଟଲ ଜିତିବା ସ୍ୱପ୍ନ ଅଧୁରା ରହିଯାଇଛି। ଚଳିତ ସିଜନରେ ଚ୍ୟାଲେଞ୍ଜର ସର୍କିଟ୍‌ରେ ପ୍ରାଜନେଶଙ୍କ ଏହା ୨ୟ ଫାଇନାଲ। ଏଥିପୂର୍ବରୁ ସେ ଏପ୍ରିଲରେ କୁନମିଙ୍ଗ ଚ୍ୟାଲେଞ୍ଜର ଫାଇନାଲକୁ ପ୍ରବେଶ କରିବା ସହ ଚାମ୍ପିୟନ ହୋଇଥିଲେ।

## କୋଏପ୍‌କା ନମ୍ବର ୱାନ୍ ଗଲ୍ଫ ଖେଳାଳି

**ଜେଜୁ ଆଇଲାଣ୍ଡ (ଦକ୍ଷିଣ କୋରିଆ), ୨୧।୧୦ (ପି.ଟି.):** ସିଜେ କପ୍ ଗଲ୍ଫ ଟୁର୍ନାମେଣ୍ଟରେ ଭାରତର ଶୁଭଙ୍କର ଶର୍ମା ମିଳିତ ୫୫ତମ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟପକ୍ଷରେ ତିନିଥର ମେଜର ଚାମ୍ପିୟନ ବ୍ରୁକ୍ସ କୋଏପ୍‌କା ଟାଇଟଲ ବିଜୟୀ ହେବା ସହ କ୍ୟାରିୟରରେ ପ୍ରଥମ ଥର ବିଶ୍ୱର ନମ୍ବର ୱାନ ଗଲ୍ଫ ଖେଳାଳି ହୋଇଛନ୍ତି।

# ବେଲିହୁ ପୁରୁଷ, ଗେମେଚୁ ମହିଳା ଚାମ୍ପିୟନ




ଆଣ୍ଡାମାଲାକ ବେଲିହୁ



ସେହେ ଗେମେଚୁ

**ନୂଆଦିଲ୍ଲୀ,୨୧।୧୦(ପି.ଟି.)**

ଇଥିଓପିଆ ସ୍ୱଳ୍ପ ବୟସ୍କ ଧାବକ ଆଣ୍ଡାମାଲାକ ବେଲିହୁ ଏଠାରେ ଅନୁଷ୍ଠିତ ହୋଇଥିବା ଦିଲ୍ଲୀ ହାଫ୍ ମାରାଥନରେ ପୁରୁଷ ବିଭାଗ ଚାମ୍ପିୟନ ବିବେଚିତ ହୋଇଛନ୍ତି। ସେହିପରି ସେହେ ଗେମେଚୁ ମହିଳା ବିଭାଗରେ ବାଜି ମାରିଛନ୍ତି। ଇଥିଓପିଆର ଏହି ଦୁଇ ଧାବକ, ଧାବିକା ପ୍ରଥମଥର ପାଇଁ କୌଣସି ମାରାଥନରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି।

ଗେମେଚୁ ଏହି କ୍ରମରେ ପୂର୍ବର ରେକର୍ଡକୁ ପଛରେ ପକାଇଛନ୍ତି। ସେ ୧:୦୬:୫୦ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ପୂର୍ବରୁ କେନିଆର ମେରୀ କେଇଟାନୀ ୨୦୦୯ରେ ୧:୦୬:୫୪ ସେକେଣ୍ଡ ସମୟ ନେଇ ରେକର୍ଡ କରିଥିଲେ। ତେବେ ଗେମେଚୁ ଏଥର ଏହି ରେକର୍ଡକୁ ପଛରେ ପକାଇ ଟାଇଟଲ ଜିତିଛନ୍ତି। ଏବେକାର ମହିଳା ହାଫ୍ ମାରାଥନରେ ବିଶ୍ୱ ରେକର୍ଡ ହାସଲ କରିଥିବା କେନିୟାର ଜୋୟସିଲିନ୍ ଜେପକୋସଗେଇ ୧:୦୬: ୫୬ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ଜିତିଛନ୍ତି। ସେହିପର ଇଥିଓପିଆର ଅନ୍ୟତମ ଧାବିକା ଜେଇନେବା ୟିମେର ୧:୦୬:୫୯ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ୍ ପଦକରେ ସନ୍ତୁଷ୍ଟ ହୋଇଛନ୍ତି।

ଗତ ସଂସ୍କରଣରେ ଦ୍ୱିତୀୟ ସ୍ଥାନରେ ରହିଥିବା ବେଲିହୁ ପୁରୁଷ ବିଭାଗ ପ୍ରତିଯୋଗିତାରେ ଏଥର ପ୍ରଦର୍ଶନରେ ଉନ୍ନତି ଆଣି ୫୯. ୧୮ ସେକେଣ୍ଡ ସମୟ ନେଇ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରି ଚାମ୍ପିୟନ ହୋଇଛନ୍ତି। ତେବେ ସେ କୋର୍ସ ରେକର୍ଡ ଭାଙ୍ଗିବାରେ ସଫଳ ହୋଇ ନାହାନ୍ତି। ଇଥିଓପିଆର ଗୁଏ ଆଡୋଲଶ ୨୦୧୪ରେ ସୃଷ୍ଟି କରିଥିବା ରେକର୍ଡ ଏପର୍ଯ୍ୟନ୍ତ ବଜାୟ ରହିଛି। ୫୯.୨୨ ସେକେଣ୍ଡ ସମୟ ନେଇ ୱାଲେଲେଗନ ରୌପ୍ୟ ପଦକ ଜିତିଛନ୍ତି। ସେହିପରି କେନିୟାର ଡାନିଏଲ କିପଚୁମ୍ବା ୫୯. ୪୮ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିବା ସହ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି।

ଭାରତୀୟମାନଙ୍କ ମଧ୍ୟରେ ଅଭିଷେକ ପଲ ପୁରୁଷ ରେସ୍‌ରେ ୧:୪:୧୪ ସେକେଣ୍ଡ ସମୟ

**ଦିଲ୍ଲୀ ହାଫ୍ ମାରାଥନ**

ନେଇ ଶ୍ରେଷ୍ଠ ପ୍ରଦର୍ଶନ କରି ସ୍ୱର୍ଣ୍ଣ, ଅବିନାଶ ସାବ୍ଲେ ୧:୦୪:୧୪ ସେକେଣ୍ଡ ସମୟ ନେଇ ରୌପ୍ୟ ଓ ଏସିଆନ ମାରାଥନ ଚାମ୍ପିୟନ ଟି. ଗୋପୀ ୧:୦୪:୧୫ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିଥିଲେ।

ସେହିପରି ମହିଳା ରେସ୍‌ରେ ଭାରତୀୟମାନଙ୍କ ମଧ୍ୟରୁ ସଞ୍ଜୀବନୀ ଯାଦବ ୧:୧୩: ୪୮ ସେକେଣ୍ଡ ସମୟ ନେଇ ଶ୍ରେଷ୍ଠ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ପାରୁଲ ଚୌଧୁରୀ ଓ ମୋନିକା ଅଥାରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ।


GOVERNMENT OF ODISHA
OFFICE OF THE EXECUTIVE ENGINEER
BARGARH (R&B) DIVISION, BARGARH
E-mail - eepwdbgh@gmail.com, Phone/Fax- 06646 - 234819
No.735-B

**INVITATIONS FOR BIDS (I.F.B.)**

**e - Procurement Notice**

Identificaiton No. IFB-EE PWD BGH No.29 of 2018-19

No. 6357 Dated 09.10.2018

1) The **Executive Engineer, Bargarh (R&B) Division, Bargarh** on behalf of Governor of Odisha invites **Percentage Rate** bid in Double Cover System in **ONLINE MODE** for the construction of **Building works** as detailed in the **Detailed Tender Call Notice (D.T.C.N)** from the eligible class of contractors.
2) No. of works :- **02 (Two) Nos.**
3) Cost of tender paper :- **Rs. 10,000/-**
4) Class of contractor :- **"B" & "A" Class**
5) Date & time of available in website & receipt of bids :- **11.00 hrs. of 26.10.2018 to 17.00 hrs. of 09.11.2018**
6) Date of opening of technical bid :- **13.11.2018 at 11.30 hrs.**
7) The bidders have to participate in ONLINE bidding only. Further details can be seen from the State Govt. Portal website **https://tendersodisha.gov.in**.
8) Any corrigendum / Addendum will be displayed in the website **https://tendersodisha.gov.in**.

**Sd./- (C.P. Gantayat)**
**Executive Engineer,**
**Bargarh (R&B) Division**

34039/11/0016/1819



GOVT. OF ODISHA
No.642-A

**DEPARTMENT OF WATER RESOURCES**

**O/O THE CHIEF RESEARCH OFFICER, HIRAKUD RESEARCH STATION, HIRAKUD**

**Bid Identification No. CROHRSHKD-02 / 2018-19**

| | | |
|---|---|---|
| 01. | Name of work | Procurement of Los Angles Abrasion Testing Machine, Aggragate Impact Test Apparatus, Specific Gravity Test Apparatus (Pycnometer) & Laboratory California Bearing Ratio Test Apparatus (Motorized) for Hirakud Research Station, Hirakud for the year 2018-19 |
| 02. | No. of works | 1 No. |
| 03. | Bid Identification No. | HRSHKD-02/2018-19 |
| 04. | Tender cost | Rs. 227600.00 |
| 05. | Bid Security | 1% of quoted amount |
| 06. | Cost of tender paper | Rs. 2,000/- |
| 07. | Period of procurement | 30 days |
| 08. | Date & time of availability of bid documents in the website http://www.dowrodisha.gov.in | From Dt.29.10.2018 (10.00 AM) to Dt.12.11.2018 (5.00 PM) |
| 09. | Time for receipt of bids in the specified tender box in the O/o the Chief Research Officer, Hirakud Research Station, Hirakud | Upto 5 PM of Dt.12.11.2018 |
| 10. | Date & time of opening of tender | Dt.13.11.2018 at 11 AM |
| 11. | Name and address of the officer inviting bid | Chief Research Officer, Hirakud Research Station, Hirakud, Odisha- 768016 |

Further details can be seen from the State Govt. website **http://www.dowrorissa.gov.in**.

**Sd./- Chief Research Officer**
**Hirakud Research Station, Hirakud**

32244/11/0005/1819



GOVT. OF ODISHA
No.639-A

**OFFICE OF THE SUPERINTENDING ENGINEER, EASTERN CIRCLE-II, CHANDIKHOLE**

**"e" Procurement Notice No. SEEC-II 05 of 2018-19**

| | | | |
|---|---|---|---|
| 1 | Name of the works | 1 | Improvement to Road on Mahakalapada Chhapali Saline Embankment from RD 1100m. to 2350m. & 14500m. to 18500m. for the year 2018-19. |
| | | 2 | Improvement to Road on Badhi Badamohanpur Saline Embankment from RD 1200m. to 4500m. in Mahakalapada Block of Kendrapara District for the year 2018-19. |
| 2 | Total No. of Packages | : | 2 No. Individual Packages |
| 3 | Tender Cost | 1 | Rs.3,50,63,872.88 |
| | | 2 | Rs.1,98,35,682.03 |
| 4 | Bid Document Cost | : | Rs.10,000.00 (On-line payment) for each Package |
| 5 | Bid Security | 1 | Rs.3,50,700.00 (On-line payment) |
| | | 2 | Rs.1,98,400.00 (On-line payment) |
| 6 | Class of Contractor | 1 | 'A' Class & 'Special' Class Contractor |
| | | 2 | 'B' Class & 'A' Class Contractor |
| 7 | Period of Completion | 1 | 06 (Six) calendar months |
| | | 2 | 04 (Four) calendar months |
| 8. | Other details are as follows. | | |

| Procurement Officer | Bid Identification No. | Availability of Tender Online for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Superintending Engineer, Eastern Circle-II, Chandikhole | SEEC-II AUL 04 OF 2018-19<br>SEEC-II AUL 05 OF 2018-19 | 23.10.2018 at 10.00 hrs. | 06.11.2018 upto 17.00 hrs. | 08.11.2018 at 11.30 hrs. |

9. e-mail id : seec2chandikhole@gmail.com

Further detail conditions can be seen from the Govt. **website www.tendersorissa.gov.in**.

32322/11/0007/1819 **Sd./- Superintending Engineer, Eastern Circle-II, Chandikhole**



No. 905-O

स्वच्छ भारत
एक कदम स्वच्छता की ओर

**OFFICE OF THE EXECUTIVE ENGINEER, RWS&S DIVISION**

**VILL. AMBAGUDA, PO: J.S.CO. RAYAGADA-765 002.**

**e-mail id: eerwss_rgd@nic.in. eerwssrgd@gmail.com, Phone No: 8280408061**

**QUOTATION CALL NOTICE**

**No. 3682 Date. 4.10.2018**

The Executive Engineer, RWSS Division, Rayagada on behalf of the Governor of Odisha, invites sealed quotation from eligible, experienced and registered contractors/ manufacturers/ general order suppliers having past experience in supplying, erecting, testing and commissioning of Pressure Filter for Piped Water Supply scheme to village Derigam of Padmapur Block in Rayagada District as per the enclosed schedule and following terms and conditions.

| Description of Works | Qty. | Unit | Rate in figure (Rs.) | Rate in words (Rs.) |
|---|---|---|---|---|
| Supply, erection, testing and commissioning of mid steel fabricated Pressure Filter having flow rate of 20m3/hr. with RCC foundation along with provision for Alum dosing arrangement, valves, air blower, with suitable inlet and outlet, backwash arrangements and required accessories and supply of all required materials, labour and T&P, Nuts & bolts etc complete at the site of the work: | 1 | Each | | |

1. The quotation should be supported with
a. EMD of 1% of the bid value in shape of NSC/ KVP/ POTD/ TDR of any schedule bank pledged in favor of the Executive Engineer, RWSS Division, Rayagada.
b. Xerox copies of PAN card and GSTIN form.
2. Quotation with NO. EMD/ part EMD and those received beyond schedule date and time as well as a conditional quotation shall be automatically rejected.
3. The bidder should enclose the attested copy/ original work order/ work done certificate from other organization where he has completed the works of same nature in all respect, as proof of experience.
4. Experience certificate, performance records of the bidder obtained from the competent authority not below the rank of Executive Engineer should be attached with the quotation without which the tender will be liable for rejection. Experience certificate is strictly mandatory.
5. The supplier should hand over guarantee card of the manufacturer.
6. An affidavit towards authentication of document must be attached with the Quotation.
7. After completion of installation, Testing and commissioning the agency should ensure that the post Turbidity limit of the treated water is within the permissible limit as per the manual.
8. The supplier shall provide all labor, materials, free of cost for running/ repair and maintenance of iron removal plants on call as and when required, for a period of one year from the date of handling over to the department.
9. 5% of the Basic Cost will be withheld as security deposit for a defect liability period of 12 months from the date of commission.
10. GST will be paid extra as applicable.
11. All the taxes like income tax labour cess, royalty, etc shall be deducted from the bill as prevailing rule.
12. The supplier shall provide all labor and materials free of cost for running/ repair and maintenance of iron removal plants on call as and when required, for a period of one year from the date of handing over to the department.
13. The work should be completed within two months from the date of issue of the work order.
14. The bidders are advised to inspect the sites and consult the A.E.E, RWSS Sub-Division, Chandikhol before submitting the quotation.
15. The last date of receipt of sealed quotation in the tender box at the Office of the Executive Engineer, RWS&S Division, Rayagada is 29.10.18 up to 5.00 PM and the quotation will be opened on 30.10.2018 in the presence of the tenders or their authorized representatives.
16. The authority reserves the right to reject any or all quotation or accept any quotation or distribute the work amongst the valid quotationers without assigning any reason thereof.

25007/11/0014/1819 **Executive Engineer, R.W.S&S Division, Rayagada**

ଅଷ୍ଟ୍ରେଲିଆ ବ୍ୟାଟିଂରେ ଅବନତି ପରିଲକ୍ଷିତ ହୋଇଛି। ବ୍ୟାଟିଂ ଟେକ୍‌ନିକ୍‌ରେ ସୁଧାର ଆଣିବା ଜରୁରୀ ହୋଇପଡ଼ିଛି ।
–ଜଷ୍ଟିନ ଲାଙ୍ଗର, ଅଷ୍ଟ୍ରେଲିଆ କ୍ରିକେଟ କୋଚ୍



ଆରମ୍ଭରୁ ଭଲ ପ୍ରଦର୍ଶନ କରିପାରିଲେ ଆଗାମୀ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଭାରତୀୟ ଦଳର ବିଜୟ ସମ୍ଭାବନା ରହିଛି ।
–ଏବି ଡି'ଭିଲର୍ସ, ଦକ୍ଷିଣ ଆଫ୍ରିକାର ମହାନ କ୍ରିକେଟର



## ସଂକ୍ଷେପରେ

### ଭିନୁ ମଙ୍କଡ ଟ୍ରଫି ଅନ୍ତିମ ମ୍ୟାଚ୍‌ରେ ହାରିଲା ଓଡ଼ିଶା

**କଟକ ଅଫିସ,୨୧।୧୦:** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଅନୁଷ୍ଠିତ ୧୯ବର୍ଷରୁ କମ୍ ଭିନୁ ମଙ୍କଡ ଟ୍ରଫିରେ ଓଡ଼ିଶା ରବିବାର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ୯ ଉଇକେଟରେ ତାମିଲନାଡୁଠାରୁ ପରାସ୍ତ ହୋଇଛି । ଏଲିଟ୍ ଗ୍ରୁପ୍-ସିରେ ସ୍ଥାନ ପାଇଥିବା ଓଡ଼ିଶା ପ୍ରତିଯୋଗିତାରୁ ବାଦ୍ ପଡ଼ି ସାରିଥିବା ବେଳେ ପଏଣ୍ଟ ଟେବୁଲର ୭ମ ସ୍ଥାନରେ ରହି ଅଭିଯାନ ଶେଷ କରିଛି । ୭ଟି ମ୍ୟାଚ୍‌ରୁ ୨ଟି ବିଜୟ ଓ ୫ଟି ପରାଜୟ ସହ ଓଡ଼ିଶାକୁ ମାତ୍ର ୮ ପଏଣ୍ଟ ମିଳିଛି । ଓଡ଼ିଶା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ୨୧୫ରନ୍‌ରେ ଅଲଆଉଟ ହୋଇଥିବା ବେଳେ ଅଧିନାୟକ ରଘୁନାଥ ମଲ୍ଲ ୪୦, ସ୍ୱସ୍ତିକ ସାମଲ ୩୫, ଶୁଭମ ଶତ୍ରୁଜିତ ୨୮, ଅନୀଲ ପରିଡ଼ା ୨୩ରନ୍ କରିଥିଲେ। ତାମିଲନାଡୁ ପକ୍ଷରୁ ଏସ୍ କିଶନ କୁମାର ୩ଟି ଉଇକେଟ ଦଖଲ କରିଥିଲେ । ଜବାବରେ ତାମିଲନାଡୁ ମାତ୍ର ଗୋଟିଏ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଓପନର ନିଧିଶ ରାଜଗୋପାଳ ୭ରନ୍‌ରେ ସୁମନ କୁମାର ଦାସଙ୍କ ଦ୍ୱାରା ଆଉଟ ହୋଇଥିବା ବେଳେ ଅନ୍ୟତମ ଓପନର ପି. ପ୍ରବିଣ କୁମାର(୧୧୬ରନ୍) ଧୁଆଁଧାର ଶତକୀୟ ଇନିଂସ୍ ଖେଳିଥିଲେ । ପ୍ରଦୋଷ ରଞ୍ଜନ ପଲ ୮୩ରନ୍ କରି ଅପରାଜିତ ରହିଥିଲେ।

### ମହାରାଷ୍ଟ୍ରକୁ ହରାଇଲା ଓଡ଼ିଶା

**କଟକ ଅଫିସ,୨୧।୧୦:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଅନୁଷ୍ଠିତ ୧୯ବର୍ଷରୁ କମ୍ ମହିଳା ଟି୨୦ ଟୁର୍ନାମେଣ୍ଟରେ ରବିବାର ଓଡ଼ିଶା ୭ ଉଇକେଟରେ ମହାରାଷ୍ଟ୍ରକୁ ପରାସ୍ତ କରିଛି। ଏହି ବିଜୟ ସହ ଓଡ଼ିଶା ୫ଟି ମ୍ୟାଚ୍‌ରୁ ୪ଟି ବିଜୟ ଓ ଗୋଟିଏ ପରାଜୟ ସହ ଗ୍ରୁପ-ବି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ମହାରାଷ୍ଟ୍ର ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୮୮ରନ୍ କରିଥିଲା । ଅଧିନାୟିକା ପ୍ରିୟଙ୍କା ସୁଭାଷ ଘୋଡକେ ସର୍ବାଧିକ ୨୬ରନ୍ କରିଥିଲେ । ଓଡ଼ିଶା ପକ୍ଷରୁ ତରଣା ପ୍ରଧାନ ୩ଟି ଉଇକେଟ ଦଖଲ କରିଥିଲେ । ଜବାବରେ ଓଡ଼ିଶା ୧୬.୩ ଓଭରରେ ୩ ଉଇକେଟ ବିନିମୟରେ ଧାର୍ଯ୍ୟ ବିଜୟ ଲକ୍ଷ୍ୟ ହାସଲ କରିଛି । ଓପନର ଶୁଭ୍ର ନିର୍ଝରିଣୀ ସ୍ୱାଇଁ ଅପରାଜିତ ୩୮ରନ୍ କରିଥିଲେ । କାଜଲ ଜେନା ୧୯ରନ୍, ପୁନମ ନାୟକ ୧୫ରନ୍ କରିଛନ୍ତି ।

# ବିରାଟ, ରୋହିତ ରାଜ

## ୱେଷ୍ଟଇଣ୍ଡିଜକୁ ୮ ଉଇକେଟରେ ହରାଇଲା ଭାରତ

**ଗୁଆହାଟୀ, ୨୧।୧୦**

ଗୁଆହାଟୀର ବର୍ଷାପରା କ୍ରିକେଟ ଷ୍ଟାଡିୟମରେ ରବିବାର ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ରାଜ୍ ଦେଖିବାକୁ ମିଳିଛି। ବିରାଟ ଓ ରୋହିତଙ୍କ ଶତକୀୟ ଇନିଂସ ଏବଂ ଦ୍ୱିତୀୟ ଉଇକେଟରେ ୨୪୬ ରନର ଭାଗୀଦାରି ବଳରେ ଭାରତ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ୮ ଉଇକେଟରେ ପରାସ୍ତ କରିଛି। ୱେଷ୍ଟଇଣ୍ଡିଜ ପକ୍ଷରୁ ଧାର୍ଯ୍ୟ ୩୨୩ ରନର ବିଜୟ ଲକ୍ଷ୍ୟକୁ ୪୨.୨ ଓଭରରେ ମାତ୍ର ୨ ଉଇକେଟ ହରାଇ ଅତିକ୍ରମ କରିଛି ଟିମ୍ ଇଣ୍ଡିଆ। ବିରାଟ ୧୪୦ ରନ କରି ଆଉଟ ହୋଇଥିବାବେଳେ ରୋହିତ ୧୫୨ ରନରେ ଅପରାଜିତ ରହି ଦଳକୁ ବିଜୟ ମଣ୍ଡିତ କରାଇଛନ୍ତି। ୧୦୭ ବଲ୍‌ର ସମ୍ମୁଖୀନ ହୋଇଥିବା କୋହଲି ନିଜ ଇନିଂସ ମଧ୍ୟରେ ୨୧ ଚୌକା ଓ ୨ ଛକା ଏବଂ ରୋହିତ ୧୧୭ଟି ବଲ୍ ଖେଳି ୧୫ ଚୌକା ଓ ୮ ଛକା ମାରିଛନ୍ତି। ଏଥିସହ ୫ ମ୍ୟାଚ ବିଶିଷ୍ଟ ସିରିଜରେ ଭାରତ ୧–୦ରେ ଅଗ୍ରଣୀଲାଭ କରିଛି।

ବଡ଼ ସ୍କୋରର ପିଛା କରି ଭାରତ ମାତ୍ର ୧୦ ରନରେ ଓପନର ଶିଖର ଧାୱନଙ୍କ ଉଇକେଟ ହରାଇଥିଲା। ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ପଦାର୍ପଣ କରିଥିବା ୱେଷ୍ଟଇଣ୍ଡିଜ ଫାଷ୍ଟ ବୋଲର ଓଶାନେ ଥୋମାସ ଧାୱନଙ୍କୁ କ୍ଲିନ ବୋଲ୍ଡ କରି ଭାରତକୁ ପ୍ରାରମ୍ଭିକ ଝଟ୍‌କା ଦେଇଥିଲେ। ଥୋମାସ ନିଜ ପ୍ରଥମ ଦିନିକିଆର ପ୍ରଥମ ଓଭରରେ ଯଥାକ୍ରମେ ଘଣ୍ଟାକୁ ୧୪୭, ୧୪୭, ୧୪୦, ୧୪୯, ୧୪୭, ୧୪୭ କିଲୋମିଟର ବେଗରେ ୬ଟି ବଲ୍ ପକାଇଥିଲେ। ଏହି ଓଭରର ଶେଷ ବଲ୍‌ରେ ସେ ଉଇକେଟ ମଧ୍ୟ ନେଇଥିଲେ। ମାତ୍ର କୋହଲିଙ୍କ ପ୍ରତିଆକ୍ରମଣାତ୍ମକ ଶଟ୍ ଥୋମାସଙ୍କୁ ଅଧିକ ସଫଳତା ପାଇବାରୁ ବଞ୍ଚିତ କରିଥିଲା। ତୃତୀୟ ଓଭରରେ କ୍ରିଜକୁ ଆସିଥିବା କୋହଲି ଧୂଆଁଧାର ଇନିଂସ ଖେଳି କ୍ୟାରିୟରର ୩୬ତମ ଦିନିକିଆ ଶତକ ହାସଲ କରିବା ସହ ଭାରତକୁ ବିପଦ ବଳୟରୁ ବାହାରକୁ ନେଇ ଆସିଥିଲେ। ଅନ୍ୟପକ୍ଷରେ ଆରମ୍ଭରେ ଅପେକ୍ଷାକୃତ ଧୀମା ଖେଳିଥିବା ରୋହିତ ପରେ ସ୍ୱାଭାବିକ ପ୍ରଦର୍ଶନ କରି କ୍ୟାରିୟରର ୨୦ତମ ଶତକ ହାସଲ କରିଥିଲେ। ଏ ଦୁହେଁ ଦ୍ୱିତୀୟ ଉଇକେଟ ଯୋଡ଼ିରେ ଦମ୍‌ଦାର ପ୍ରଦର୍ଶନ କରି ଭାରତର ବିଜୟ ପକ୍କା କରି ଦେଇଥିଲେ। ଦଳୀୟ ସ୍କୋର ୨୫୬ ଥିବାବେଳେ ଦେବେନ୍ଦ୍ର ବିଶୁଙ୍କ ବଲ୍‌ରେ କୋହଲି ଷ୍ଟମ୍ପିଂ ହୋଇ ଯାଇଥିଲେ। ରୋହିତ ଓ ଅମ୍ବାତି ରାୟୁଡୁ(୨୨* ରନ) ଅସମାପ୍ତ ୩ୟ ଉଇକେଟରେ ୭୦ ରନ ଯୋଗକରି ଆହୁରି ୪୭ଟି ବଲ୍ ବାକିଥାଇ ଭାରତକୁ ବିଜୟୀ କରାଇଥିଲେ।



ଶତକ ହାସଲ ପରେ ବିରାଟ କୋହଲିଙ୍କୁ ବଧାଇ ଜଣାଉଛନ୍ତି ରୋହିତ ଶର୍ମା।

କୋହଲି ଓ ରୋହିତଙ୍କ ଆଗରେ ୱେଷ୍ଟଇଣ୍ଡିଜର ସମସ୍ତ ବୋଲର ଅସହାୟ ମନେ ହୋଇଥିଲେ। ସବୁ ବୋଲର ମହଙ୍ଗା ସାବ୍ୟସ୍ତ ହୋଇଥିବାବେଳେ ଥୋମାସ ଓ ବିଶୁ ଗୋଟିଏ ଲେଖାଏ ଉଇକେଟ ନେବାରେ ସକ୍ଷମ ହୋଇଥିଲେ। ବିରାଟ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

### ହେଟମେୟରଙ୍କ ଶତକ

ଟସ୍ ଜିତି ଭାରତ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ୱେଷ୍ଟଇଣ୍ଡିଜ ୧୯ ରନ୍‌ରେ ଓପ୍‌ନର ଚନ୍ଦରପଲ ହେମରାଜ(୯)ଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ଦ୍ୱିତୀୟ ଉଇକେଟରେ ୬୫ ରନ୍‌ର ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳି ନେଇଥିଲା। ତେବେ ଏହି ଯୋଡ଼ି ଭାଙ୍ଗିବା ସହ ୩ ରନ୍ ମଧ୍ୟରେ ୨ଟି ଉଇକେଟ ହରାଇ ଭ୍ରମଣକାରୀ ଦଳ ପୁଣି ବିପଦରେ ପଡ଼ିଥିଲା। ଅନ୍ୟତମ ଓପ୍‌ନର କେରନ ପାୱେଲ ୩୯ ବଲ୍‌ରୁ ଦ୍ରୁତ ୫୧(୬ ଚୌକା, ୨ ଛକା) ରନ୍ କରିଥିବାବେଳେ ଖଲିଲ ଅହମ୍ମଦଙ୍କ ବଲ୍‌ରେ ଶିଖର ଧାୱନଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଅଭିଜ୍ଞ ମାର୍ଲୋନ ସାମୁଏଲ୍ସ ଖାତା ଖୋଲିବା ପୂର୍ବରୁ ଆଉଟ୍ ହେବା ୱେଷ୍ଟଇଣ୍ଡିଜ ପାଇଁ ଶକ୍ତ ଧକ୍କା ସଦୃଶ ହୋଇଥିଲା। ମାତ୍ର ମିଡଲ ଅର୍ଡରରେ ଆସିଥିବା ୨୧ ବର୍ଷୀୟ ସିମରନ ହେଟ୍‌ମେର ଦୃଢ଼ତାର ସହ ଭାରତୀୟ ବୋଲରଙ୍କୁ ସମ୍ମୁଖୀନ ହୋଇ ଦଳକୁ ବଡ଼ ସ୍କୋର ଦିଗରେ ଅଗ୍ରସର କରାଇଥିଲେ। ସେ ବ୍ୟକ୍ତିଗତ ଭାବେ ତୃତୀୟ ଦିନିକିଆ ଶତକ ହାସଲ କରିବା ସହ ରୋଭମାନ ପାୱେଲଙ୍କ ସହ ୫ମ ଉଇକେଟ ଯୋଡ଼ିରେ ୭୪ ଓ ଅଧିନାୟକ ଜାସନ ହୋଲ୍ଡରଙ୍କ ସହ ୬ଷ୍ଠ ଉଇକେଟ ଭାଗୀଦାରିରେ ୬୦ ରନ୍ ଯୋଗକରି ୱେଷ୍ଟଇଣ୍ଡିଜକୁ ସମ୍ମାନଜନକ ସ୍କୋର ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ରୋଭମାନ ୨୩ ବଲ୍‌ରୁ ୨୨ ଏବଂ ହୋଲ୍ଡର ୪୨ ବଲ୍‌ରୁ ୩୮ ରନ୍ କରିଥିବାବେଳେ ହେଟ୍‌ମେର ୭୮ଟି ବଲ୍‌ର ସମ୍ମୁଖୀନ ହୋଇ ୬ଟି ଲେଖାଏ ଚୌକା ଓ ଛକା ସହାୟତାରେ ୧୦୬ ରନ୍ କରି ଆଉଟ୍ ହୋଇଥିଲେ। ଆଶ୍ଲେ ନର୍ସ ମାତ୍ର ୨ ରନ୍ କରିବାକୁ ସକ୍ଷମ ହୋଇଥିଲେ ହେଁ ଦେବେନ୍ଦ୍ର ବିଶୁ ୨୨(୨୬ ବଲ, ୩ ଚୌକା) ଓ କେମର ରୋଚ୍ ୨୬ (୨୨ ବଲ, ୨ ଚୌକା, ୧ ଛକା) ରନ୍‌ରେ ଅପରାଜିତ ରହି ୱେଷ୍ଟଇଣ୍ଡିଜ ସ୍କୋରକୁ ୩୦୦ ଅତିକ୍ରମ କରାଇଥିଲେ। ଅସମାପ୍ତ ୯ମ ଉଇକେଟରେ ଏ ଦୁହେଁ ୪୪ ରନ ସଂଗ୍ରହ କରିବାରୁ ୱେଷ୍ଟଇଣ୍ଡିଜ ୫୦ ଓଭରରେ ୮ ଉଇକେଟ ହରାଇ ୩୨୨ ରନ୍ କରିବାକୁ ସକ୍ଷମ ହୋଇଥିଲା। କେବଳ ଯୁଜବେନ୍ଦ୍ର ଚହଲଙ୍କୁ ଛାଡ଼ିଦେଲେ ଅନ୍ୟ ସବୁ ଭାରତୀୟ ବୋଲର ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଚହଲ ୧୦ ଓଭରରେ ୪୧ ରନ୍ ଦେଇ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ମହମ୍ମଦ ସାମି ୮୧ ରନ୍‌ରେ ୨ଟି, ରବୀନ୍ଦ୍ର ଜାଡେଜା ୬୬ ରନ୍‌ରେ ୨ଟି ଏବଂ ଖଲିଲ ଅହମ୍ମଦ ୬୪ ରନ୍ ଦେଇ ଗୋଟିଏ ଉଇକେଟ ପାଇଥିଲେ। ଉମେଶ ଯାଦବ ୧୦ ଓଭରରେ ୬୪ ରନ୍ ବ୍ୟୟ କରିଥିଲେ ହେଁ ଉଇକେଟ ପାଇ ନ ଥିଲେ।

ଏହି ମ୍ୟାଚ୍‌ରେ ଭାରତର ରିଷଭ ପନ୍ତ, ୱେଷ୍ଟଇଣ୍ଡିଜର ଚନ୍ଦରପଲ ହେମରାଜ ଓ ଓସହାନେ ଥୋମାସ ଅନ୍ତର୍ଜାତୀୟ ଦିନିକିଆ କ୍ୟାରିୟର ଆରମ୍ଭ କରିଥିଲେ।

### ସଂକ୍ଷିପ୍ତ ସ୍କୋର

ୱେଷ୍ଟଇଣ୍ଡିଜ ୫୦ ଓଭରରେ ୩୨୨/୮(ହେଟମେର-୧୦୬, କେରନ ପାୱେଲ-୫୧, ହୋଲ୍ଡର-୩୮, ଚହଲ-୩/୪୧, ସାମି-୨/୮୧, ଜାଡେଜା-୨/୬୬, ଖଲିଲ-୧/୬୪)
ଭାରତ ୪୨.୧ ଓଭରରେ ୩୨୬/୨(ରୋହିତ-୧୫୨*, କୋହଲି-୧୪୦, ରାୟୁଡୁ-୨୨*, ଥୋମାସ-୧/୮୩, ବିଶୁ-୧/୭୨)।

### ହାଇଲାଇଟ୍‌ସ

❖ ବିରାଟ କୋହଲିଙ୍କର ଏହା ୩୬ତମ ଦିନିକିଆ ଶତକ। ରନ ଚେଜ୍ କ୍ଷେତ୍ରରେ ଏହା ୨୨ତମ, ଘରୋଇ ପରିବେଶରେ ୧୫ତମ ଏବଂ ଅଧିନାୟକ ଭାବେ ୧୪ତମ ଶତକ। ୱେଷ୍ଟଇଣ୍ଡିଜ ବିପକ୍ଷରେ ଏହା ତାଙ୍କର ୫ମ ଶତକ।

❖ ଅଧିନାୟକ ଭାବେ ରିକି ପଣ୍ଟିଂ ସର୍ବାଧିକ ୨୨ ଶତକ ହାସଲ କରିଛନ୍ତି। ଟିମ୍ ଇଣ୍ଡିଆ ଅଧିନାୟକ ଭାବେ ବିରାଟ କୋହଲିଙ୍କ ଶତକ ସଂଖ୍ୟା ୧୪ରେ ପହଞ୍ଚିଛି। ୧୦ରୁ ଊର୍ଦ୍ଧ୍ୱ ଶତକ ହାସଲ କରିଥିବା ଅନ୍ୟ ୩ ଅଧିନାୟକ ହେଲେ ଏ.ବି. ଡିଭିଲର୍ସ-୧୩, ସୌରଭ ଗାଙ୍ଗୁଲି-୧୧ ଓ ସନଥ ଜୟସୁରିୟା-୧୦ ।

❖ ବିରାଟ କୋହଲି ଓ ରୋହିତ ଶର୍ମା ଦ୍ୱିତୀୟ ଉଇକେଟ ଯୋଡ଼ିରେ ୨୪୬ ରନ ସଂଗ୍ରହ କରିଛନ୍ତି। ଏକଦିବସୀୟ କ୍ରିକେଟରେ ରନ୍ ଚେଜ୍ କ୍ଷେତ୍ରରେ ଦ୍ୱିତୀୟ ଉଇକେଟରେ ଏହା ସର୍ବାଧିକ ଭାଗୀଦାରି। ୨୦୧୬ରେ କାନବେରାଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ଶିଖର ଧାୱନ ଓ ବିରାଟ ଦ୍ୱିତୀୟ ଉଇକେଟ ଯୋଡ଼ିରେ ୨୧୨ ରନ ସଂଗ୍ରହ କରି ଏପର୍ଯ୍ୟନ୍ତ ରେକର୍ଡର ଅଧିକାରୀ ଥିଲେ। ୱେଷ୍ଟଇଣ୍ଡିଜ ବିପକ୍ଷରେ ଯେ କୌଣସି ଉଇକେଟ ଯୋଡ଼ିରେ ଭାରତର ଏହା ସର୍ବାଧିକ ସ୍କୋର। ପୂର୍ବରୁ ୨୦୦୨ରେ ରାଜକୋଟଠାରେ ସୌରଭ ଗାଙ୍ଗୁଲି ଓ ବୀରେନ୍ଦ୍ର ସେହ୍ୱାଗ ସର୍ବାଧିକ ୧୯୬ ରନର ଭାଗୀଦାରି ଗଢ଼ିଥିଲେ।

❖ ବିରାଟ କୋହଲି ଓ ରୋହିତ ଶର୍ମା ଏଥିସହ ଆଇସିସିର ପୂର୍ଣ୍ଣ ସଦସ୍ୟଥିବା ୧୦ ଦେଶ ବିପକ୍ଷରେ ଶତକ ହାସଲ କରିଛନ୍ତି। ପୂର୍ବରୁ ଏହି କ୍ଲବରେ ସଚିନ ତେନ୍ଦୁଲକର, ରିକି ପଣ୍ଟିଂ, ହର୍ସେଲ ଗିବ୍ସ, ହାସିମ ଆମଲା, ରସ୍ ଟେଲର, ଏବି ଡିଭିଲର୍ସ, ମାର୍ଟିନ ଗୁପ୍‌ଟିଲ, ଉପୁଲ ଥରଙ୍ଗା ରହିଛନ୍ତି।

❖ ଗୋଟିଏ ଦିନିକିଆରେ ଯୋଡ଼ିଭାବେ କୋହଲି ଓ ରୋହିତ ଏହାକୁ ମିଶାଇ ୪ ଥର ଶତକ ହାସଲ କରିଛନ୍ତି। ଏବି ଡିଭିଲର୍ସ ଓ ହାମିମ ଅମ୍ଲା ୫ ଥର ଲେଖାଏ ଶତକ ହାସଲ କରି ଏହି ତାଲିକାର ଶୀର୍ଷରେ ରହିଛନ୍ତି। ସଚିନ ତେନ୍ଦୁଲକର ଓ ସୌରଭ ଗାଙ୍ଗୁଲି, ହାସିମ ଅମ୍ଲା ଓ କ୍ୱିଣ୍ଟନ ଡିକକ୍ ମଧ୍ୟ ୪ ଥର ଲେଖାଏ ଏହି ସଫଳତା ପାଇଛନ୍ତି।

❖ ରୋହିତ ଓ ବିରାଟଙ୍କ ୨୪୬ ରନ ଭାଗୀଦାରି ଦିନିକିଆ କ୍ରିକେଟରେ ରନ ଚେଜ୍ କ୍ଷେତ୍ରରେ ଦ୍ୱିତୀୟ ସର୍ବାଧିକ। ୨୦୦୯ରେ ସେଞ୍ଚୁରିଅନଠାରେ ସେନ୍ ୱାଟସନ ଓ ରିକି ପଣ୍ଟିଂ ଇଂଲଣ୍ଡ ବିପକ୍ଷରେ ସର୍ବାଧିକ ୨୫୨* ରନ ସଂଗ୍ରହ କରି ଏହି ତାଲିକାର ଶୀର୍ଷରେ ଅଛନ୍ତି। ୨୦୧୦ରେ କରି ସାଦିକ୍ ଓ ମହମ୍ମଦ ସେହଜାଦ ସ୍କଟଲାଣ୍ଡ ବିପକ୍ଷରେ ୨୧୮* ରନ ସଂଗ୍ରହ ସହ ତୃତୀୟ ସ୍ଥାନରେ ରହିଛନ୍ତି।

# ବିପ୍ଳବ ଅଧିନାୟକ, ପପୁ, ରାଜେଶ, ଦେବବ୍ରତ, ଅଭିଷେକ ନୂଆମୁହଁ

**କଟକ ଅଫିସ,୨୧।୧୦**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଘରୋଇ କ୍ରିକେଟର ଶ୍ରେଷ୍ଠ ପ୍ରତିଯୋଗିତା ରଣ୍‌ଜୀଟ୍ରଫି ଆସନ୍ତା ନଭେମ୍ବର ୧ ତାରିଖରୁ ଆରମ୍ଭ ହେବ । ଏ ନେଇ ରବିବାର ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଟୁର୍ନାମେଣ୍ଟର ପ୍ରଥମ ୨ଟି ମ୍ୟାଚ୍ ନିମନ୍ତେ ୧୫ଜଣିଆ ଦଳ ଘୋଷଣା କରାଯାଇଛି । ତେବେ ୩ବର୍ଷ ବ୍ୟବଧାନ ପରେ ବିପ୍ଳବ ସାମନ୍ତରାୟଙ୍କୁ ପୁନର୍ବାର ଅଧିନାୟକ ଭାର ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ରଣ୍‌ଜୀ ସିଜନ୍ ନିମନ୍ତେ ଦଳରେ ୪ଜଣ ନୂଆମୁହଁ ସାମିଲ ହୋଇଛନ୍ତି । ଏମାନେ ହେଲେ ପପୁ ରାୟ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ ଓ ଅଭିଷେକ ରାଉତ । ୪ଜଣ ଯାକ ପୂର୍ବରୁ ଲିଷ୍ଟ–ଏ ଓ ଟି୨୦ ମ୍ୟାଚ୍‌ରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ ମଧ୍ୟ ୪ଦିନିଆ ଫର୍ମାଟରେ ପ୍ରଥମଥର ପାଇଁ ପଦାର୍ପଣ କରିବେ । ନଭେମ୍ବର ୧ ଓ ୧୨ ତାରିଖରେ ପ୍ରତିଯୋଗିତାର ପ୍ରଥମ ଦୁଇଟି ମ୍ୟାଚ୍ ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଖେଳାଯିବ । ପ୍ରଥମ ମ୍ୟାଚ୍ ହରିୟାଣା ଓ ଦ୍ୱିତୀୟ ମ୍ୟାଚ୍‌ରେ ଉତ୍ତରପ୍ରଦେଶକୁ ଓଡ଼ିଶା ଭେଟିବ । ଘୋଷିତ ଦଳରେ ଓପନର ଭାବେ ଦାୟିତ୍ୱ ନେଉଥିବା ରାଜେଶ ଧୂପରଙ୍କୁ ସାମିଲ କରାଯାଇ ନାହିଁ । ଓପନିଂ ଦାୟିତ୍ୱ ଅଭିଜ୍ଞ ଅନୁରାଗ ଷଡ଼ଙ୍ଗୀ ଓ ରଣଜିତ ସିଂଙ୍କ କାନ୍ଧରେ ରହିବ । ଏହାଛଡ଼ା ସନ୍ଦୀପ ପଟ୍ଟନାୟକ ମଧ୍ୟ ରହିଛନ୍ତି । ଅନ୍ୟ ବ୍ୟାଟ୍ସମ୍ୟାନ ଭାବେ ପୂର୍ବତନ ଅଧିନାୟକ ଗୋବିନ୍ଦ ପୋଦ୍ଦାର, ଶୁଭ୍ରାଂଶୁ ଶେଖର ସେନାପତି, ଶାନ୍ତନୁ ମିଶ୍ର ଓ ଅଧିନାୟକ ବିପ୍ଳବଙ୍କ ଉପରେ ମଧ୍ୟକ୍ରମର ବ୍ୟାଟିଂ ଭାର ରହିବ । ସୁଜିତ ଲେଙ୍କା ଉଇକେଟ କିପର ଭାବେ ଦଳରେ ରହିଛନ୍ତି । ନବାଗତ ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ ଅଭିଜ୍ଞ ବସନ୍ତ ମହାନ୍ତି ଓ ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ପେସ୍ ବୋଲିଂ କ୍ଷେତ୍ରରେ ସହାୟତା ପ୍ରଦାନ କରିବେ । ନିକଟ ଅତୀତରେ ଶେଷ ହୋଇଥିବା ୧୯ ବର୍ଷରୁ କମ୍ ଏସିଆ କପ୍‌ରେ ଜାତୀୟ ଦଳରୁ ରାଜେଶ ପ୍ରତିନିଧିତ୍ୱ କରି ଫେରିଛନ୍ତି । ସ୍ପିନର ଭାବେ ପପୁ ରାୟ, ଶୁଭମ ନାୟକ ସାମିଲ ହୋଇଥିବା ବେଳେ ଅଲ୍‌ରାଉଣ୍ଡର ଅଭିଷେକ ରାଉତ ମଧ୍ୟ ଦଳରେ ଅଛନ୍ତି । ଅଭିଷେକ ପୂର୍ବରୁ ବମ୍ବେ ପକ୍ଷରୁ ରଣ୍‌ଜୀ ଖେଳିଥିବା ଓଡ଼ିଶା ପକ୍ଷରୁ ପ୍ରଥମଥର ପାଇଁ ଖେଳିବାକୁ ଯାଉଛନ୍ତି ।

**ଓଡ଼ିଶା ରଣଜୀ ଦଳ:** ବିପ୍ଳବ ସାମନ୍ତରାୟ (ଅଧିନାୟକ), ଅନୁରାଗ ଷଡ଼ଙ୍ଗୀ, ରଣଜିତ ସିଂ, ସନ୍ଦୀପ ପଟ୍ଟନାୟକ, ଗୋବିନ୍ଦ ପୋଦ୍ଦାର, ଶୁଭ୍ରାଂଶୁ ଶେଖର ସେନାପତି, ଶାନ୍ତନୁ ମିଶ୍ର, ସୁଜିତ ଲେଙ୍କା (ଉଇକେଟ କିପର), ପପୁ ରାୟ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଅଭିଷେକ ରାଉତ, ଶୁଭମ ନାୟକ। କୋଚ୍: ରଶ୍ମୀରଞ୍ଜନ ପରିଡ଼ା, ଫିଜିଓ: ଶୁଭକାନ୍ତ ସାହୁ, ଟ୍ରେନର: ମନୋଜ କୁମାର ବିଶ୍ୱାଳ, **ପର୍ଯ୍ୟବେକ୍ଷକ:** ଶୁଭାଶିଷ ଭୂୟାଁ।



ବିପ୍ଳବ ସାମନ୍ତରାୟ

### ଓଡ଼ିଶାର ରଣ୍‌ଜୀ ମ୍ୟାଚ୍ ତାଲିକା

ନଭେମ୍ବର ୧ରୁ ୪: ବନାମ ହରିୟାଣା, କିଟ୍ ଗ୍ରାଉଣ୍ଡ
ନଭେମ୍ବର ୧୨ରୁ ୧୫: ବନାମ ଉତ୍ତରପ୍ରଦେଶ, କିଟ ଗ୍ରାଉଣ୍ଡ
ନଭେମ୍ବର ୨୦ରୁ ୨୩: ବନାମ ଆସାମ,ଗୁଆହାଟୀ
ନଭେମ୍ବର ୨୮ରୁ ଡିସେମ୍ବର ୧: ବନାମ ତ୍ରିପୁରା, ଡ୍ରିମ୍‌ସ ଗ୍ରାଉଣ୍ଡ
ଡିସେମ୍ବର ୬ରୁ ୯: ବନାମ ଝାଡ଼ଖଣ୍ଡ, ରାଞ୍ଚି
ଡିସେମ୍ବର ୧୪ରୁ ୧୭: ବନାମ ରାଜସ୍ଥାନ, କିଟ୍ ଗ୍ରାଉଣ୍ଡ
ଡିସେମ୍ବର ୨୨ରୁ ୨୫: ବନାମ ଜମ୍ମୁ ଓ କଶ୍ମୀର, ଜମ୍ମୁ
ଡିସେମ୍ବର ୩୦ରୁ ଜାନୁୟାରୀ ୨: ବନାମ ସର୍ଭିସେସ୍, ନୂଆଦିଲ୍ଲୀ
ଜାନୁୟାରୀ ୭ରୁ ୧୦: ବନାମ ଗୋଆ, ବିକାଶ ଗ୍ରାଉଣ୍ଡ



କଳିଙ୍ଗ ନଗର ଡିଏଭି ପବ୍ଲିକ୍ ସ୍କୁଲରେରବିବାର ଅନୁଷ୍ଠିତ ସ୍କୁଲ୍ସ ଓପନ ଚେସ୍ ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

# ଫିନିସିଂକୁ ନେଇ ହରେନ୍ଦ୍ର ଚିନ୍ତିତ

ହକି ବିଶ୍ୱକପ୍ କ୍ରମେ ପାଖେଇ ଆସୁଥିବାବେଳେ ଗୋଲ ସ୍କୋରିଂରେ ଭାରତୀୟ ଦଳର ଫିନିସିଂକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ। ନଭେମ୍ବର ୨୮ରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେଉଥିବା ହକି ବିଶ୍ୱକପ୍ ପୂର୍ବରୁ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ନିଜର ଶକ୍ତି ଓ ଦୁର୍ବଳତା ପରଖିବା ପାଇଁ ସୁଯୋଗ ପାଇଛି ଭାରତ। ମସ୍କଟରେ ଚାଲିଥିବା ଏହି ଟୁର୍ନାମେଣ୍ଟରେ ଭାରତ ପ୍ରଥମ ମ୍ୟାଚ୍‌ରେ ଆୟୋଜକ ଓମାନକୁ ୧୧–୦ ଓ ପାକିସ୍ତାନକୁ ୩–୧ ଗୋଲରେ ହରାଇଛି ସତ, ମାତ୍ର ଫିନିସିଂରେ ସନ୍ତୁଷ୍ଟ ନାହାନ୍ତି ହରେନ୍ଦ୍ର। ବିଶେଷକରି ଷ୍ଟ୍ରାଇକରମାନେ ନିଷ୍ପତ୍ତି ନେବାରେ ଦୀର୍ଘ ସମୟ ନେଉଥିବାରୁ ହରେନ୍ଦ୍ରଙ୍କ ଚିନ୍ତା ବଢ଼ିଛି। ମ୍ୟାଚ୍‌ର ପ୍ରଥମ ମିନିଟ୍‌ରେ ଗୋଲ ଦେଇ ପାକିସ୍ତାନ ଅଗ୍ରଣୀ ହାସଲ କରିଥିଲା। ପରେ ଭାରତ ପ୍ରଭାବୀ ପ୍ରଦର୍ଶନ କରି ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିବା ସହ ବିଜୟୀ ହୋଇଥିଲା। ''ଭାରତୀୟ ଦଳ ଯେପରି ଢଙ୍ଗରେ ପ୍ରତ୍ୟାବର୍ତ୍ତନ କଲା ତାହାକୁ ନେଇ ମୁଁ ଗର୍ବିତ, ଖେଳାଳିମାନେ ସେଥିପାଇଁ ପ୍ରଶଂସାର ହକ୍‌ଦାର। ମାତ୍ର ଆମ ଫିନିସିଂକୁ ନେଇ ମୁଁ ଚିନ୍ତିତ'' ବୋଲି କହିଛନ୍ତି ହରେନ୍ଦ୍ର। ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଆମେ ବହୁ ସୁଯୋଗ ହାତଛଡ଼ା କରିଥିଲୁ। ଆମ ଖେଳାଳିମାନେ ନିଷ୍ପତ୍ତି ନେବାରେ ବହୁତ ସମୟ ନେଉଛନ୍ତି। ଏ କ୍ଷେତ୍ରରେ ଆମକୁ କାମ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ଅଧିନାୟକ ମନପ୍ରୀତ ସିଂ କହିଛନ୍ତି ଯେ, ଆମେ ପ୍ରତିପକ୍ଷ ଦଳକୁ ପ୍ରଭାବ ବିସ୍ତାର ପାଇଁ ସହଜ ସୁଯୋଗ ଦେଉଛୁ। ଏହାକୁ ରୋକିବାକୁ ହେବ। ଆମେ କ୍ରମାଗତ ବିଜୟ ହାସଲ କରିଛୁ ସତ, ମାତ୍ର ଆମକୁ ଏବେ ଅନେକ ଦିଗ ପ୍ରତି ସଜାଗ ରହିବାକୁ ପଡ଼ିବ ବୋଲି ସେ କହିଛନ୍ତି। ମ୍ୟାଚ୍‌ର ୩୫ତମ ସେକେଣ୍ଡରେ ପାକିସ୍ତାନ ପେନାଲ୍ଟି କର୍ନର ପାଇଥିଲା ଏବଂ ସୁଯୋଗର ସଦୁପଯୋଗ କରି ଅଗ୍ରଣୀ ହାସଲ କରିଥିଲା। ଅଲିମ ବିଲାଲଙ୍କ ପେନାଲ୍ଟି କର୍ନର ଶଟ୍‌କୁ ଭାରତୀୟ ଗୋଲକିପର ପି.ଆର. ଶ୍ରୀଜେଶ ବ୍ଲକ୍ କରିଥିଲେ ହେଁ ଫେରିଆସୁଥିବା ବଲ୍‌କୁ ନିୟନ୍ତ୍ରଣକୁ ଆଣି ମହମ୍ମଦ ଇର୍‌ଫାନ ଜୁନିୟର ଗୋଲସ୍କୋର କରିବାରେ ସକ୍ଷମ ହୋଇଥିଲେ। ମ୍ୟାଚ୍‌କୁ ସମାନ ସ୍ଥିତିକୁ ଆଣିବାକୁ ଭାରତକୁ ବହୁ କଷ୍ଟ କରିବାକୁ ପଡ଼ିଥିଲା। ୨୪ତମ ମିନିଟରେ ମନପ୍ରୀତଙ୍କ ଗୋଲ ଭାରତୀୟ ଶିବିରରେ ଉତ୍ସାହ ଆଣିଥିଲା। ପରେ ପରେ ମନଦୀପ ଓ ଦିଲପ୍ରୀତ ସିଂଙ୍କ ଗୋଲ ଭାରତକୁ ବିଜୟୀ କରାଇବାରେ ପର୍ଯ୍ୟାପ୍ତ ହୋଇଥିଲା। ପାକିସ୍ତାନ ପ୍ରଦର୍ଶନରେ ଅସନ୍ତୋଷ ପ୍ରକଟ କରିଛନ୍ତି ଟିମ୍ ମ୍ୟାନେଜର ହାସନ ସର୍ଦ୍ଦାର। ପାକିସ୍ତାନ ହାଫ୍‌ରେ ବଡ଼ ଗ୍ୟାପ୍‌ରୁ ଭାରତୀୟ ଖେଳାଳିମାନେ ଫାଇଦା ନେଇଥିଲେ। ଅଗ୍ରଣୀ ନେଇଥିବାରୁ ଆମେ ରକ୍ଷଣାତ୍ମକ ନ ହୋଇ ଆକ୍ରମଣାତ୍ମକ ପ୍ରଦର୍ଶନ ମାଧ୍ୟମରେ ସୁଯୋଗ ସୃଷ୍ଟି କରିବାର ଥିଲା। ଯାହା ବି ସୁଯୋଗ ମିଳିଥିଲା, ତାହାକୁ ପାକିସ୍ତାନ ଖେଳାଳିମାନେ ଗୋଲରେ ପରିଣତ କରିବାରେ ବିଫଳ ହେଲେ। ଆମେ ଅତିକମ୍‌ରେ ଆହୁରି ୨ଟି ଗୋଲ ଦେଇପାରିଥାନ୍ତୁ। ପରବର୍ତ୍ତୀ ମ୍ୟାଚ୍ ବେଳକୁ ଆମକୁ ଅଧିକ ସଙ୍ଗଠିତ ହୋଇ ଖେଳିବାକୁ ହେବ ବୋଲି ସର୍ଦ୍ଦାର କହିଛନ୍ତି। ଓଡ଼ିଶା ହକି ବିଶ୍ୱକପ୍ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ଚାଲିବ।



# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଅକ୍ଟୋବର ୨୨/୨୦୧୮ Bhubaneswar, Monday, October 22/ 2018


## ଠାକୁରଘର କାନ୍ଥରେ ପିଟି ହେଲା ବାଇକ୍: ୨ ଯୁବକ ମୃତ

ପାଟକୁରା,୨୧।୧୦(ଡି.ଏନ୍.ଏ.)

କେନ୍ଦ୍ରାପଡା ଜିଲା ଗରଦପୁର ବ୍ଲକର ଭଦକମଳ ଗ୍ରାମରେ ଶନିବାର ରାତିରେ ଏକ ମୋଟରସାଇକେଲ ଦୁର୍ଘଟଣା ଘଟି ୨ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଉକ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ପହଣା ପଲିଆ ଗ୍ରାମର ରାଜନ ସାହୁ (୨୪) ଓ ଟିଟୁ ପଟ୍ଟନାୟକ(୨୫)। ଉଭୟ ଗୋଟିଏ ମୋଟର ସାଇକେଲରେ ଭସାଣି ଦେଖିବାକୁ ଯାଉଥିବାବେଳେ ଭଦକମଳଠାରେ ରାସ୍ତା ପାର୍ଶ୍ୱରେ ଥିବା କାର୍ତ୍ତିକେଶ୍ୱର ଠାକୁରଙ୍କ ଘର କାନ୍ଥରେ ପିଟିହୋଇ ଯାଇଥିଲେ। ଫଳରେ ସେମାନେ ଗୁରୁତର ହୋଇଥିଲେ। ଖବର ପାଇ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ରାଜନ ଓ ଟିଟୁଙ୍କୁ ଉଦ୍ଧାର କରିପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

## ହଂସୁଆ ନଦୀରେ ମା' ଦୁର୍ଗାଙ୍କ ଭସାଣି ଘଟଣା

# ଜଳସମ୍ପଦ ଓ ବନ ବିଭାଗକୁ କାରଣ ଦର୍ଶାଅ ନୋଟିସ

କେନ୍ଦ୍ରାପଡା ଅଫିସ, ୨୧।୧୦

ରାଜନଗରର ପ୍ରସିଦ୍ଧ ଦୁର୍ଗାପୂଜା ଭସାଣିଯାତ୍ରା ଶନିବାର ଶେଷ ହୋଇଛି । ତେବେ ଏହି ଯାତ୍ରା ସମୟରେ ଭକ୍ତଙ୍କ ସୁରକ୍ଷା ପ୍ରତି ଅଣଦେଖା କରାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ଜଳସମ୍ପଦ ବିଭାଗ ଓ ବନବିଭାଗକୁ ଜିଲା ପ୍ରଶାସନ ପକ୍ଷରୁ ଶନିବାର କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସୂଚନାଯୋଗ୍ୟ, ରାଜନଗର ନିଆରା ପରମ୍ପରା ଅନୁସାରେ ଭସାଣି ଯାତ୍ରା ଅନୁଷ୍ଠିତ ହୋଇଛି। ଏଠାରେ ୨୫୦ରୁ ଊର୍ଦ୍ଧ୍ୱ ବର୍ଷ ଧରି ଚାଲିଆସୁଥିବା ନିୟମ ଅନୁସାରେ ରାଜନଗରର ଥାନପତି ମା'ଙ୍କୁ ହଂସୁଆ ନଦୀ ମଧ୍ୟରେ ଚାପ ଖେଳାଯିବା ପରେ ବିସର୍ଜନ କରାଯାଇଛି। ଚାପ ଡଙ୍ଗା ସାହାଯ୍ୟରେ ନଦୀରେ ୭ ଘେରା ବୁଲିଯିବା ପରେ ମା'ଙ୍କୁ ବିସର୍ଜନ କରାଯାଇଛି । ତେବେ ଏଥିରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଇ ନଥିଲା ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ରଙ୍କ କହିବାନୁସାରେ ପାରମ୍ପରିକ ରୀତିନୀତି ପାଳନରେ କୌଣସି ଅସୁବିଧା ନାହିଁ । ତେବେ ସାମାଜିକ ସୁରକ୍ଷା ଦାୟିତ୍ୱ ପ୍ରଶାସନର । ଏଥିଯୋଗୁ ଚାପଖେଳ ସମୟରେ ବ୍ୟବହୃତ ନୌକାର କ୍ଷମତାର ପ୍ରମାଣପତ୍ର ପାଇଁ ଜଳସମ୍ପଦ ବିଭାଗକୁ ରିପୋର୍ଟ ମଗାଯାଇଛି। ଏଥିସହ ହଂସୁଆ ନଦୀରେ କୁମ୍ଭୀର ଯାତାୟାତ କରୁଥିବାରୁ ଭକ୍ତ ସମାଗମ ହେବା ପାଇଁ କିପରି ନିର୍ଦ୍ଦେଶ ଦିଆଗଲା ସେ ନେଇ କାରଣ ଦର୍ଶାଇବା ପାଇଁ ବନ ବିଭାଗକୁ ଚିଠି ଦିଆଯାଇଛି। ଚିଲିକା ଓ ପଞ୍ଜାବର ରାବଣ ପୋଡି ସମୟର ଦୁର୍ଘଟଣା ପରେ ପ୍ରଶାସନ ପକ୍ଷରୁ ଅଧିକ ସତର୍କତା ଅବଲମ୍ବନ କରାଯାଉଛି ବୋଲି ମିଶ୍ର କହିଛନ୍ତି।

## ରାଜନଗର ଗାଁରେ ଡେଙ୍ଗୁ ବ୍ୟାପୁଛି

ରାଜନଗର,୨୧।୧୦(ଡି.ଏନ.ଏ.)

ଦୀର୍ଘ ଦୁଇମାସ ଧରି ରାଜନଗର ବ୍ଲକର ରାଜନଗର ଗାଁରେ ଡେଙ୍ଗୁ ରୋଗ ବ୍ୟାପିବାରେ ଲାଗିଛି। ଏହି ଗାଁର ୨୦ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି । ଗତ ୬ ଦିନ ମଧ୍ୟରେ ରାଜନଗର ଗାଁର ୫ ଜଣ ଡେଙ୍ଗୁ ରୋଗୀ କଟକ ବଡ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ପ୍ରଥମେ ରାଜନଗର ଗାଁର ୩ ନମ୍ବର ଓ ୬ ନମ୍ବର ୱାର୍ଡରେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ପରେ ଏହା ୪ ଓ ୫ ନମ୍ବର ୱାର୍ଡକୁ ବ୍ୟାପିଥିଲା। ମାତ୍ର ଏବେ ଡେଙ୍ଗୁ ପୂରା ଗାଁକୁ କବଳିତ କରି ସାରିଛି। ଡେଙ୍ଗୁରୋଗ ବ୍ୟାପୁ ଥିବାରୁ ଗାଁରେ ଏକ ପ୍ରକାର ଆତଙ୍କ ସୃଷ୍ଟି ହୋଇଛି। କଟକ ବଡ ମେଡିକାଲରେ ରାଜନଗର ଗାଁର ଅରୂପ ସେଠୀ, ଅନନ୍ତ ସେଠୀ, କନକଲତା ମିଶ୍ର, ରୀତାଳି ପ୍ରଧାନ, ପୁଷ୍ପଲତା ସାହୁ ପ୍ରମୁଖ ଚିକିତ୍ସିତ ହେଉଛନ୍ତି ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା



ପଦଯାତ୍ରାରେ ବିଧାୟକ ବେଦପ୍ରକାଶ ଅଗ୍ରୱାଲ ଓ ଦଳୀୟ କର୍ମୀମାନେ।

ଡେରାବିଶ, ୨୧।୧୦ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ବିଜେଡି ପକ୍ଷରୁ ବ୍ଲକ ଅଧୀନ ୧୨ ନଂ. ଜିଲା ପରିଷଦ ଜୋନ୍ ଅଞ୍ଚଳରେ ରବିବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାକୁ ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ ଶୁଭାରମ୍ଭ କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ଯୁବ ବିଜେଡି ସଭାପତି ଗୋଲଖ ଚନ୍ଦ୍ର ସାହୁ, ୧୨ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ମନୋରମା ସାହୁ, ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ଜୋନ୍ ଅଧୀନରେ ଥିବା ଚାଟରାଚକଡ଼ା, ଲକ୍ଷ୍ମୀନାରାୟଣପୁର, ଏଣ୍ଡର, ବାଲିଆ, ଗୋଲରାହାଟ ଓ ପଲେଇ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ବିଜେଡି ନେତା ହଳଧର ଦାଶ, ପୂର୍ବତନ ସରପଞ୍ଚ ମହେନ୍ଦ୍ର କୁମାର ସିଂହ, ଅକ୍ଷୟ କୁମାର ଖଟୁଆ, ଗୀତାଞ୍ଜଳି ଦାସ, ଅକ୍ଷୟ କୁମାର ସାହୁ, ସରପଞ୍ଚ ଅମ୍ବିକା ଅଞ୍ଜଳି ସିଂ, କମଳା ଖଟୁଆ, ସୁଶ୍ରୀ ସାହୁ, ସମିତିସଭ୍ୟ ଶ୍ରୀମନ୍ତ ରାଉତରାୟ, ରଞ୍ଜିତା ବେହେରା, ଯୁବନେତା ଶୈଳେନ୍ଦ୍ର କୁମାର ଜେନା, ସୁଶାନ୍ତ କୁମାର ମିଶ୍ର, ଶାରଦା ପ୍ରସାଦ ନାଥଶର୍ମା, ଅଜୟ କୁମାର ସାହୁ, ଶରତ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

## ବାଇକ୍ ଦୁର୍ଘଟଣାରେ ଛାତ୍ରୀ ଆହତ

ମହାକାଳପଡା,୨୧।୧୦(ଡି.ଏନ୍.ଏ.)

କୁମାର ପୂର୍ଣ୍ଣିମା ପାଇଁ ରାସ୍ତା ପାର୍ଶ୍ୱରେ ଛିଡା ହୋଇ ଗାଡି ଚାଳକଙ୍କଠାରୁ ଟଙ୍କା ପାଇଁ ଅଳି କରୁଥିବା ବେଳେ ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀ ଆହତ ହୋଇଛନ୍ତି। ସେ ହେଲେ ମହାକାଳପଡା ବ୍ଲକ ବାରଡାଙ୍ଗ ପଞ୍ଚାୟତ ଅନ୍ତର୍ଗତ ଜଗତି ଗ୍ରାମର ଦୀପା ମଲିକ(୧୧)। ସେ ଗ୍ରାମର ଜଗତି ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପାଠ ପଢ଼ନ୍ତି। ଶନିବାର ଗ୍ରାମ ନିକଟ ଗୋବରୀ ନଦୀ ବନ୍ଧ ପାର୍ଶ୍ୱ ରାସ୍ତାରେ ସେ କେତେଜଣ ସାଙ୍ଗଙ୍କ ସହ ମିଶି ଗାଡି ଚାଳକଙ୍କଠାରୁ କୁମାର ପୂର୍ଣ୍ଣିମା ପାଇଁ ଟଙ୍କା ପାଇଁ ଅଳି କରୁଥିବା ବେଳେ ବେଳେ ଏକ ବାଇକ୍ ଧକ୍କାରେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇଛନ୍ତି। ଦୁର୍ଘଟଣା ପରେ ବାଇକ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

## କ୍ଷତ୍ରିୟ ମହାସଂଘର ପ୍ରତିଭା ସମ୍ମାନ ଉତ୍ସବ


ଉତ୍ସବରେ ଜଣେ ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ମାର୍ଶାଘାଇ, ୨୧।୧୦(ଡିଏନ୍ଏ)**–ଦଶହରା ଅବସରରେ ଶୁକ୍ରବାର ମାର୍ଶାଘାଇ ବ୍ଲକ ତାଳସଙ୍ଗା ଗ୍ରାମରେ ନିଖିଳ ଉତ୍କଳ କ୍ଷତ୍ରିୟ ମହାସଂଘ ତରଫରୁ ଖଣ୍ଡାପୂଜା ଓ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୂଜା କମିଟିର ସଭାପତି ସନାତନ ନାୟକଙ୍କ ସଭାପତିତ୍ୱରେ ଏହି ଉତ୍ସବ ଆୟୋଜନ କରାଯାଇଥିଲା । ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ରାଜକିଶୋର ପ୍ରଧାନ, ମୁଖ୍ୟବକ୍ତା ଭାବେ ବୈଜ୍ଞାନିକ ଡ଼. ସୁକାନ୍ତ କୁମାର ଲେଙ୍କା,ସମ୍ମାନିତ ଅତିଥି ଭାବେ ଶିଳ୍ପୋଦ୍ୟୋଗୀ ନିତ୍ୟାନନ୍ଦ ପଣ୍ଡା, ପୂର୍ବତନ ସରପଞ୍ଚ ରଞ୍ଜିତ କୁମାର ପରିଡା ଯୋଗ ଦେଇଥିଲେ । ପୁରାତନ ପରମ୍ପରା କ୍ଷତ୍ରିୟ ସମାଜର ଭାଇଚାରା ଓ ସଦ୍‌ଭାବନାକୁ ଉଜ୍ଜୀବିତ କରିବା ପାଇଁ ଏଭଳି ଉତ୍ସବର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୪ ଜଣ ପ୍ରତିଭାଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅଞ୍ଚଳର ରାଜ୍ୟସ୍ତରୀୟ ବରିଷ୍ଠ ପାଲା ଗାୟକ ନାରାୟଣ ପ୍ରସାଦ ଲେଙ୍କା, ମହାକାଳପଡା ନିର୍ବାଚନମଣ୍ଡଳୀର ଆଦର୍ଶ ଖବରଦାତା ହେମନ୍ତ ସ୍ୱାଇଁ, ବ୍ଲକର ଆଦର୍ଶ ଶିକ୍ଷକ ପ୍ରକାଶ କୁମାର ଷଡଙ୍ଗୀ ,ବ୍ଲକର ଆଶାକର୍ମୀ ସଫଳା ଦାସଙ୍କୁ ବାବା ନୀଳକଣ୍ଠେଶ୍ୱର ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଅଜିତ ପ୍ରଧାନଙ୍କ ତତ୍ତ୍ୱାବଧାନରେ କ୍ଷତ୍ରିୟ ଯୁବକମାନେ ବୀରଦର୍ପ, ଖଡ୍ଗ ଚାଳନା, ନାଚଗୀତରେ ଭାଗ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚିତ୍ତରଞ୍ଜନ ମହାନ୍ତି, ବୃନ୍ଦାବନ ଲେଙ୍କା, ଶଶିକାନ୍ତ ଲେଙ୍କା, ସମୀର ରାଉତ, ପିଣ୍ଟୁ ଦଳାଇ,ଜିତେନ୍ଦ୍ର ମହାନ୍ତି, ସରୋଜକାନ୍ତ ଲେଙ୍କା, ମାନଗୋବିନ୍ଦ ଲେଙ୍କା, ନିଶାକର ରାଉତ,ସୁଶାନ୍ତ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂଜା କମିଟିର ସମ୍ପାଦକ ପ୍ରଭାତ ଲେଙ୍କା ଧନ୍ୟବାଦ ଦେଇଥିଲେ ।

## ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ

ଡେରାବିଶ, ୨୧।୧୦ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅଧୀନ ପଲେଇସ୍ଥିତ ନବନିର୍ମିତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଗୃହକୁ ରବିବାର ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ ଉଦ୍‌ଘାଟନ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨୩ ଲକ୍ଷ ୪୯ ହଜାର ଟଙ୍କା ବ୍ୟୟରେ ନିର୍ମିତ ଏହି କାର୍ଯ୍ୟାଳୟ ସହ ରାଜସ୍ୱ ନିରୀକ୍ଷକଙ୍କ ସରକାରୀ ବାସଗୃହ ରହିଥିବା ବିଭାଗୀୟ ସହକାରୀ ଯନ୍ତ୍ରୀ ଅର୍ଜୁନ କୁମାର ସାହୁ ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ ଅବସରରେ ସ୍ଥାନୀୟ ସରପଞ୍ଚ ସୁଶ୍ରୀ ସାହୁ, ପୂର୍ବତନ ସରପଞ୍ଚ ଅକ୍ଷୟ କୁମାର ସାହୁ, ପୂର୍ବତନ ସମିତିସଭ୍ୟ ସାରଦା ପ୍ରସାଦ ନାଥଶର୍ମା, ବ୍ଲକ ବିଜେଡ଼ି ସଭାପତି ଦେବାଶିଷ ଆଚାର୍ଯ୍ୟ, ରମାକାନ୍ତ ପରିଡ଼ା, ରଞ୍ଜନ କୁମାର ସାମଲ, ବିଜୁ ଯୁବବାହିନୀ ସଭାପତି ରଶ୍ମିରଞ୍ଜନ ନାଥଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।













3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଚୋରି ସାମଗ୍ରୀ ଉଦ୍ଧାର, ୨ କୋର୍ଟ ଚାଲାଣ

**କଳିଙ୍ଗନଗର, ୨୧।୧୦(ଡି.ଏନ୍.ଏ.):** ଦାନଗଦୀ ବଜାର ନିକଟ ନରେନ୍ଦ୍ର ଦାସଙ୍କ ଘରୁ ଚୋରି ଘଟଣାରେ ପୋଲିସ ରବିବାର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଦୁଇ ଜଣଙ୍କ ମଧ୍ୟରୁ ଜଣେ ନାବାଳକ ରହିଛନ୍ତି। ଗିରଫ ନାବାଳକ ଜଣଙ୍କ ମଙ୍ଗଳପୁର ପଞ୍ଚାୟତ ନୂଆଗାଁର ବୋଲି ଜଣାପଡିଛି। ଅନ୍ୟଜଣେ ଉକ୍ତ ଗ୍ରାମର ଗଗନ ମଲ୍ଲିକ(୨୨)। ପୋଲିସ ଏମାନଙ୍କ ନିକଟରୁ ଗୋଟିଏ ଧଳା ରଙ୍ଗର ଆପାଚି (ଓଡି-୩୪-ଏ-୨୭୩୭), ୧ଟି ଲ୍ୟାପଟପ୍, ୧ଟି ପ୍ରିଣ୍ଟର ମେଶିନ୍ ସହ ଏକ ଗାଡିଷ୍ଟେଫିନ୍ ଜବତ କରିଛି। ଗତ ମଙ୍ଗଳବାର ବିଳମ୍ବିତ ରାତିରେ ସାସଙ୍କ କ୍ୟାମ୍ପସରୁ ପୃଥକ ପୃଥକ ୨ ଟି ଚୋରି ହୋଇଥିବା ନେଇ ଦାନଗଦୀ ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଦାସଙ୍କ ଘରେ ଭଡାରେ ଚାଲିଥିବା ୱାରି ଗ୍ରୁପ ଅଫ ସିକ୍ୟୁରିଟି ସଂସ୍ଥାର କାର୍ଯ୍ୟାଳୟ ତାଲାଭାଙ୍ଗି ଦୁର୍ବୃତ୍ତମାନେ କମ୍ପ୍ୟୁଟର, ୟୁପିଏସ୍ ମନିଟର ଓ ପ୍ରିଣ୍ଟରଗୁଡିକୁ ଚୋରି କରିନେଇଥିଲେ। ଏ ନେଇ ସଂସ୍ଥାର ନିର୍ବାହୀ ଅଧିକାରୀ ସୁବାସ ସାହୁ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ସେହିପରି କେନ୍ଦ୍ରାପଡା ଅଞ୍ଚଳର ସତ୍ୟଜିତ୍ ସାମଲଙ୍କ ଏକ ବାଇକ୍‌କୁ ମଧ ଚୋରି କରିନେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଦୁଇଟି ପୃଥକ୍ ମାମଲା (ନଂ ୨୬୧,୨୬୨/୨୦୧୮) ରୁଜୁ କରିବା ସହ ସନ୍ଦେହରେ ୪ ଜଣଙ୍କୁ ଧରି ଫାଣ୍ଡିରେ ଅଟକ ରଖି ତଦନ୍ତ ଜାରି ରଖିଥିଲା।

### ଗୁରୁପୂଜା, ପ୍ରବଚନ କାର୍ଯ୍ୟକ୍ରମ



**ଯାଜପୁର ରୋଡ, ୨୧।୧୦(ନି.ପ୍ର):** ଶନିବାର ବଟିରାସ୍ଥିତ ଶ୍ରୀ ଶ୍ରୀ ହାଡିଦାସ ମଠ ପରିସରରେ ବାର୍ଷିକ ଗୁରୁପୂଜା ଓ ପ୍ରବଚନ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସକାଳୁ ମହାସ୍ନାନ, ବଡସିଂହାର ଓ ଦୀପ ପ୍ରଜ୍ୱଳନ ପ୍ରଭୃତି କାର୍ଯ୍ୟକ୍ରମ ଭକ୍ତ ମାନଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ସନ୍ଧ୍ୟାରେ ବିଶିଷ୍ଟ ପ୍ରବଚକ ହରିବଲ୍ଲଭ ଦାସ, ନଟବର ମହାନ୍ତି ପ୍ରମୁଖ ପ୍ରବଚନ ଦେଇଥିଲେ।

## ଖାଦ୍ୟ ସୁରକ୍ଷା ଯୋଜନା

# ରାଶନ କାର୍ଡରୁ ବଞ୍ଚିତ ଖାନନଗର ପଞ୍ଚାୟତ

**ଦଶରଥପୁର,୨୧।୧୦(ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ପାଇବାରୁ ଦଶରଥପୁର ବ୍ଲକ୍‌ର ଖାନନଗର ପଞ୍ଚାୟତ ବାଦ୍ ପଡିଥିବା ଜଣାପଡ଼ିଛି। କେତେଜଣ ଅସାମାଜିକ ବ୍ୟକ୍ତିଙ୍କ ପାଇଁ ଉକ୍ତ ପଞ୍ଚାୟତର ଯୋଗ୍ୟ ହିତାଧିକାରୀ ଏହି ଯୋଜନାରେ ରାଶନ କାର୍ଡ ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ବ୍ଲକ ପ୍ରଶାସନ ସୂତ୍ରରୁ ପ୍ରକାଶ। ସୂଚନାଯୋଗ୍ୟ, ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ପଡିଥିବା ହିତାଧିକାରୀଙ୍କୁ ରାଜ୍ୟ ସରକାର ପୁନର୍ବାର ଯୋଜନାର ଅନ୍ତର୍ଭୁକ୍ତ କରାଇ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀଠାରୁ ରାଶନ କାର୍ଡ ପ୍ରଦାନ ଆରମ୍ଭ କରିଛନ୍ତି। ଯାଜପୁର ନିର୍ବାଚନମଣ୍ଡଳୀର ୨୦ ଏବଂ ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ୧୫ ପଞ୍ଚାୟତକୁ ନେଇ ଦଶରଥପୁର ବ୍ଲକ ଗଠିତ। କିଛିଦିନ ତଳେ ଯାଜପୁର ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ୨୦ ପଞ୍ଚାୟତକୁ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ପ୍ରଦାନ କରାଯାଇଥିଲା। ସେହିପରି ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଅଧୀନ ଖାନନଗର ପଞ୍ଚାୟତକୁ ବାଦ୍ ଦେଇ ବାକି ୧୪ ପଞ୍ଚାୟତରେ ୨୨ ତାରିଖ ରାଶନକାର୍ଡ ପ୍ରଦାନ କରାଯିବ ବୋଲି ବ୍ଲକ୍ ପ୍ରଶାସନ ପକ୍ଷରୁ ଜଣାଯାଇଛି। ଥାଲକୁଡିସ୍ଥିତ ମଙ୍ଗଳପୁର ବିଜୁ କଲ୍ୟାଣ ମଣ୍ଡପଠାରେ ୧୪ ପଞ୍ଚାୟତର ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରାଯିବ। ପ୍ରକାଶ ଯେ, ଗତ ସେପ୍ଟେମ୍ବର ୧୭ ତାରିଖରେ ଖାନନଗର ପଞ୍ଚାୟତରେ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କ ତଦନ୍ତ ଚାଲିଥିବାବେଳେ କେତେଜଣ ଅସାମାଜିକ ବ୍ୟକ୍ତି ବ୍ଲକ୍ ତରଫରୁ ଆସିଥିବା ଆସିଷ୍ଟାଣ୍ଟ ଇଞ୍ଜିନିୟର ସୁଧାକର ନାୟକଙ୍କୁ ଆକ୍ରମଣ କରି ତଦନ୍ତ ରିପୋର୍ଟ ଛଡ଼ାଇ ନେଇଥିଲେ। ଫଳରେ ଉକ୍ତ ପଞ୍ଚାୟତର ହିତାଧିକାରୀଙ୍କ ସମ୍ପର୍କରେ ରିପୋର୍ଟ ପ୍ରଦାନ କରାଯାଇ ପାରିଲା ନାହିଁ। ତେଣୁ ସମ୍ପୃକ୍ତ ପଞ୍ଚାୟତର ହିତାଧିକାରୀ ରାଶନକାର୍ଡ ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ବିଡିଓ ନାରାୟଣ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ଏ ନେଇ ପଞ୍ଚାୟତର ସାମାଜିକ କର୍ମୀ ଭାଗିରଥି ସାହୁ, ବିଜେଡି ଯୁବନେତା ବିରଜା ମଲ୍ଲିକ୍, ପୂର୍ବତନ ସରପଞ୍ଚ ଶୁଭଶ୍ରୀ ମଲ୍ଲିକ୍ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

**ଦଶରଥପୁର ବ୍ଲକ**
- ୩୫ ପଞ୍ଚାୟତକୁ ନେଇ ଗଠିତ ଦଶରଥପୁର ବ୍ଲକ
- ଆସିଷ୍ଟାଣ୍ଟ ଇଞ୍ଜିନିୟରଙ୍କୁ ଆକ୍ରମଣ କରି ଛଡ଼ାଇ ନେଲେ ରିପୋର୍ଟ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟଙ୍କାକୁ ସେଉଳ (ଷୋଅଳ) ଅଣା,**
**ଯାର କଥା ତାକୁ ଜଣା ।**

କାହା ଅନ୍ତର କଥା କେହି ବୁଝିପାରିବା କଷ୍ଟକର। କାହା ମନରେ କ'ଣ ଅଛି ତାକୁ କେହି ସହଜରେ ଜାଣିପାରି ନ ଥାନ୍ତି। ଏପରିସ୍ଥଳେ ମୁହଁରେ ଯିଏ ଯାହା ପ୍ରକାଶ କରେ ତାକୁ ନିଜ ବିଚାର ଓ ବୁଦ୍ଧି ବଳରେ ସତ କିମ୍ବା ମିଛ ବୋଲି ଧାରଣା କରିବା ଉଚିତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଟାଙ୍ଗର ମୁଣ୍ଡରେ ତେଲ**
**ସାରୁ ବିକି ଘରେ ଦେଲ ।**

ଭଲ ଘର ଭଲ ବର ଦେଖି ପ୍ରତ୍ୟେକ ପିତାମାତା ନିଜ ଝିଅର ବିବାହ କରାଇଥାନ୍ତି। ଭବିଷ୍ୟତରେ ଯେପରି କିଛି ଅସୁବିଧା ନ ଘଟିବ ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦେଇଥାନ୍ତି। ପରନ୍ତୁ ବାସ୍ତବତାରେ ଏଥିରେ କିଛି ବ୍ୟତିକ୍ରମ ଘଟିଲେ ବିଚାରୀ ଝିଅ ଅନେକ ଦୁଃଖକଷ୍ଟ ପାଇଥାଏ। ଏପରିସ୍ଥଳେ ଗରିବ ଘରେ ବିବାହ ହୋଇଥିବା ଝିଅ ନିଜ ଭାଗ୍ୟକୁ ନିନ୍ଦିବା ସହ ମନ ଊଣା କରି ବସୁଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଅଲ୍ ଓଡ଼ିଶା ସୁନ୍‌ନି ଇଜ୍‌ତେମା ପ୍ରସ୍ତୁତି ବୈଠକ



ଅଲ୍ ଓଡ଼ଶା ସୁନ୍‌ନି ଇଜ୍‌ତେମା ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅତିଥି।

**ଧର୍ମଶାଳା, ୨୧।୧୦(ଡି.ଏନ୍.ଏ.)** ଧର୍ମଶାଳା ବ୍ଲକ ନେଉଳପୁର ପଞ୍ଚାୟତର କଣ୍ଟାବଣିଆଁ ମସ୍‌ଜିଦ୍ ପ୍ରାଙ୍ଗଣରେ ଅଲ୍ ଓଡ଼ିଶା ସୁନ୍‌ନି ଇଜ୍‌ତେମା ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ନଭେମ୍ବର ୧୧ତାରିଖରେ ନେଉଳପୁରଠାରେ ହୁଜୁର ହବିବେ ମିଲ୍ଲତ ସାହାଜାଦା ନସିମ ଧାମନଗରସରିଫଙ୍କ ପୌରାହିତ୍ୟରେ ଅଲ ଇଣ୍ଡିଆ ତାବ୍‌ଲିକ୍ ଏ ସିରତ୍ ଯାଜପୁର ଶାଖା ପକ୍ଷରୁ ସୁନ୍‌ନି ଇଜତମା ଅନୁଷ୍ଠିତ ହେବ। ଏଥିରେ ନିଶାନିବାରଣ, ନାରୀ ସଶକ୍ତୀକରଣ, ଅହିଂସା ଓ ସାମାଜିକ ନ୍ୟାୟ ପାଇଁ ଲୋକମାନଙ୍କୁ ଧାର୍ମିକ ପ୍ରବଚନ, ଆତଙ୍କବାଦ ବିରୋଧ, ରାଷ୍ଟ୍ରୀୟ ଏକତା ଓ ଭାଇଚାରା ସୃଷ୍ଟି ପାଇଁ ପରାମର୍ଶ ଦିଆଯିବା ସହିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲା ଓ ଜିଲା ବାହାରୁ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସମାଗମ ହେବାର କାର୍ଯ୍ୟକ୍ରମ ରହିଛି। ଯାହାକୁ ନେଇ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ବେଳେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଛି। ଶ୍ରଦ୍ଧାଳୁମାନଙ୍କ ରହଣି ପାଇଁ ଅସ୍ଥାୟୀ ଗୃହ, ଅସ୍ଥାୟୀ ଶୌଚାଳୟ ନିର୍ମାଣ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଡାକ୍ତରୀ ଟିମ୍, ଅଗ୍ନିଶମ ବାହିନୀ ଓ ପୋଲିସର ସହାୟତା ଲୋଡାଯିବ। ଧର୍ମମତ ନିର୍ବିଶେଷରେ ସ୍ଥାନୀୟ ଅଞ୍ଚଳର ସମସ୍ତ ବୁଦ୍ଧିଜୀବୀ ଓ ସ୍ୱେଚ୍ଛାସେବୀ ସଙ୍ଗଠନକୁ ଏଥିରେ ସାମିଲ କରାଯାଇ ଏକ କମିଟି ଗଠନ କରାଯାଇଛି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବୈଠକରେ କମିଟି ସମସ୍ତଙ୍କ ସହାୟତା ଲୋଡିଛି।

# କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**ଧର୍ମଶାଳା, ୨୧।୧୦(ଡି.ଏନ୍.ଏ.)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ବାଲେଶ୍ୱରର ସିମୁଳିଆରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମପରେ ଭୁବନେଶ୍ୱର ଫେରୁଥିବା ସମୟରେ ଧର୍ମଶାଳା ବ୍ଲକ ଜାରକାସ୍ଥିତ ଭାଜପା କାର୍ଯ୍ୟାଳୟରେ କିଛି ସମୟ ରହଣି ସମୟରେ କର୍ମୀମାନଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ଏହି ଅବସରରେ ଧର୍ମଶାଳା ଭାଜପା ପକ୍ଷରୁ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା କରାଯାଇଛି। ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା, ଉପସଭାପତି ମିହିର ମହାନ୍ତି, ବରିଷ୍ଠ ନେତା ପୀତାମ୍ବର ଆଚାର୍ଯ୍ୟ, ମିହିର ଦାସ ପ୍ରମୁଖଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ବର୍ଦ୍ଧନାରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ଭାଜପା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ପରିଡା, ଜିଲା ପରିଷଦ ସଭ୍ୟ ରଶ୍ମୀ ରଞ୍ଜନ ନାୟକ ସମେତ ସମସ୍ତ ମଣ୍ଡଳର ସଭାପତି, ପ୍ରଭାରୀ ଓ ଶତାଧିକ କର୍ମୀ ଉପସ୍ଥିତ ରହିଥିଲେ।

# ଗିରି ଗୋବର୍ଦ୍ଧନ ପୂଜା ପ୍ରସ୍ତୁତି ବୈଠକ

**ଧର୍ମଶାଳା, ୨୧।୧୦(ଡି.ଏନ୍.ଏ.)**

ଧର୍ମଶାଳା ଯାଦବ ସମ୍ମିଳନୀ ପକ୍ଷରୁ ଲାଙ୍ଗୁଡି ପାହାଡଠାରେ ଗିରି ଗୋବର୍ଦ୍ଧନ ପୂଜା ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ବ୍ଲକ ସଭାପତି ନିତ୍ୟାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଗାମୀ ମାସ ତାରିଖରେ ଗିରିଗୋବର୍ଦ୍ଧନ ପୂଜା ଲାଙ୍ଗୁଡିଠାରେ ମହାସମାରୋହରେ ପାଳନ କରିବା ପାଇଁ ବିଭିନ୍ନ ପଞ୍ଚାୟତରୁ ଯୋଗଦେଇଥିବା ଯାଦବମାନେ ମତବ୍ୟକ୍ତ କରିଥିଲେ। ସଭାପତି ସୁଦର୍ଶନ ଦାସ, ଉପସଭାପତି ନେତ୍ରାନନ୍ଦ ଦାସ, ସମ୍ପାଦକ ଶ୍ୟାମସୁନ୍ଦର ଦାସ, ଯୁଗ୍ମ ସମ୍ପାଦକ ଗଗନ ବିହାରୀ ପରିଡା, କୋଷାଧ୍ୟକ୍ଷ ଭାବେ ସନ୍ତୋଷ କୁମାର ନାୟକଙ୍କୁ ନିର୍ବାଚିତ କରାଯାଇଥିଲା। ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବିଜୟ ଦାସ, ଭରତ ଚନ୍ଦ୍ର ଦାସ, ମୋହନ ଖୀଲାର, ଦୋଳଗୋବିନ୍ଦ ବେହେରା, କୈଳାସ ଚନ୍ଦ୍ର ବାହାଲିଆ, ମୁରଲୀଧର ବେହେରା, ଗୁଣମଣି ପରିଡ଼ା, ଧନେଶ୍ୱର ଦାସ, ଭାଗବତ ବାରିକ ପ୍ରମୁଖ ଶତାଧିକ ଯାଦବ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ରାସ୍ତା ପାର୍ଶ୍ୱ ମାଂସ ଦୋକାନ ଉପରେ କଟକଣା

**ଯାଜପୁର ରୋଡ, ୨୧।୧୦(ନି.ପ୍ର)**

ବ୍ୟାସନଗର ପୌର ପରିଷଦର ମାଂସ ଓ କୁକୁଡା କାଟିବା ପାଇଁ ସ୍ଲଟର ହାଉସର ବ୍ୟବସ୍ଥା କରାଯାଇ ନାହିଁ। ମାଂସ କଟାଳିମାନେ ରାସ୍ତା କଡ଼ରେ ଜୀବ ହତ୍ୟା କରି ମାଂସ କାଟୁଛନ୍ତି। ରାସ୍ତାଦେଇ ଯାଉଥିବା କୋମଳମତି ପିଲାମାନେ ଏହା ଦେଖି ଭୟଭୀତ ହେବା ସହ ହିଂସାଭିମୁଖୀ ହେବା ଆଶଙ୍କା ଜାତ ହେଉଛି। ଏହାକୁ ନେଇ ରବିବାର ଯାଜପୁର ରୋଡ ଥାନା ଭାରପ୍ରାପ୍ତ ଅଧିକାରୀ ଅମିତାଭ ମହାପାତ୍ର ଧବଳଗିରିଠାରୁ ଚୋରଦା ପର୍ଯ୍ୟନ୍ତ ଥିବା ୧୭ ଜଣ ମାଂସ ବେପାରୀଙ୍କୁ ଥାନାକୁ ଡାକି ଆଲୋଚନା କରିଛନ୍ତି। ମାଂସ କଟାଳିମାନେ ଏକ ଆବଦ୍ଧ ସ୍ଥାନରେ ମାଂସ କାଟିବା ନେଇ ଏକ ଲିଖିତ ଚୁକ୍ତି ହୋଇଥିବା ଜଣାପଡିଛି। ଏଥିରୁ ଖିଲାପ କଲେ ଆଇନ୍ ଅନୁସାରେ ଦଣ୍ଡିତ କରାଯିବ ବୋଲି ପୋଲିସ୍ ପକ୍ଷରୁ ସତର୍କ କରାଇ ଦିଆଯାଇଛି। ଏହା ବ୍ୟତୀତ ଛେଳି ଓ କୁକୁଡାର ବର୍ଜ୍ୟବସ୍ତୁଗୁଡିକୁ ରାସ୍ତା କଡ଼ରେ ନ ପକାଇ ସହରଠାରୁ ଦୂର ଏକ ନିର୍ଦ୍ଦିଷ୍ଟ ଜାଗାରେ ପକାଇବା ନେଇ ମଧ ଚୁକ୍ତି ହୋଇଛି। ପ୍ରକାଶ ସହରରେ ଚାଲିଥିବା ବେଧଡକ ମାଂସ କଟାକୁ ନେଇ ଧରିତ୍ରୀରେ ବାରମ୍ବାର ପ୍ରକାଶ ପାଇଥିଲା। ଯାଜପୁର ରୋଡ ସହରର ସମସ୍ତ ମାଂସ ଦୋକାନ ଉପରେ କଟକଣା ଜାରି କରାଯାଇ ସେମାନଙ୍କଠାରୁ ଲିଖିତ ଆକାରରେ ରଖାଯିବ ବୋଲି ଥାନା ଅଧିକାରୀ ମହାପାତ୍ର ସୂଚନା ଦେଇଛନ୍ତି।



ଜନସମ୍ପର୍କ ଯାତ୍ରାରେ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ସହ ଅନ୍ୟମାନେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଧର୍ମଶାଳା, ୨୧।୧୦(ଡି.ଏନ୍.ଏ.)**

ଧର୍ମଶାଳା ନିର୍ବାଚନ ମଣ୍ଡଳୀର ୧୪ ନମ୍ବର ଜୋନ୍‌ରେ ବିଜେଡି ପକ୍ଷରୁ ରବିବାର ଜନସମ୍ପର୍କପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଭବାନୀପୁର ପଞ୍ଚାୟତରୁ ପଦଯାତ୍ରା ଆରମ୍ଭ ହୋଇଥିଲା। ପରେ ପଦଯାତ୍ରା ବଡ଼କାଏମା, ମିର୍ଜାପୁର, ପାଟପୁର ଗ୍ରାମ ପଞ୍ଚାୟତର ସମସ୍ତ ଗ୍ରାମକୁ ବିଧାୟକ ପ୍ରଣବ ବଳବନ୍ତରାୟ ପାଦରେ ଚାଲିଚାଲି ଯାଇ ଲୋକମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କର୍ମୀମାନେ ଲୋକମାନଙ୍କୁ ଅବଗତ କରାଇଥିଲେ। ପଦଯାତ୍ରାରେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ରାଜ୍ୟପରିଷଦ ସଭ୍ୟ ଜଳଧର ସାହୁ, ନିରଞ୍ଜନ ରାଉତ, ସାଗର ନାୟକ, ମମତା ଦଣ୍ଡପାଟ, ସୁରେଖା ନାୟକ, ପ୍ରଣତି ଲେଙ୍କା। ଅନ୍ୟମାନଙ୍କ ମଧ୍ୟରେ ନିର୍ବାଚନମଣ୍ଡଳୀ ସଭାନେତ୍ରୀ ମିନତି ପଣ୍ଡା, ବ୍ଲକ ସଭାନେତ୍ରୀ ରେଣୁବାଳା ଶତପଥୀ, ବିଶ୍ୱବନ୍ଦନା ଜେନା, ଶାନ୍ତିଲତା ଦାସ, ନାରାୟଣ ମଲିକ, ପୀତାମ୍ବର ନାୟକ, କ୍ଷିତିଶ ନାୟକ, ସବ୍ୟସାଚୀ ସୁନ୍ଦରାୟ, ଅଶୋକ ସାହୁ, ସୁବ୍ରତ ଧଳ, ନିର୍ମଳ ପ୍ରଧାନ, ପ୍ରତାପ ପ୍ରଧାନଙ୍କ ସହିତ ବହୁ କର୍ମୀ ସାମିଲ ହୋଇଥିଲେ।

# ୭ମ ଦିନରେ ଶ୍ରମିକ ଆନ୍ଦୋଳନ

**ଯାଜପୁର ରୋଡ, ୨୧।୧୦(ନି.ପ୍ର)**

ଫେରୋକ୍ରୋମ କାରଖାନାରେ ଶ୍ରମିକଙ୍କ ଆନ୍ଦୋଳନ ୭ମ ଦିନରେ ପହଞ୍ଚିଛି। ପ୍ରାୟ ୮ ଶହରୁ ଉର୍ଦ୍ଧ୍ୱ ଠିକା ଶ୍ରମିକ ବୋନସ୍ ଓ ପାଉଣା ଦାବିରେ କାରଖାନା ସମ୍ମୁଖରେ ଆନ୍ଦୋଳନ ଜାରି ରଖିଛନ୍ତି। ଫଳରେ କାରଖାନା ସମ୍ପୂର୍ଣ୍ଣ ଅଚଳ ହୋଇଥିବାବେଳେ ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା କ୍ଷତି ହୋଇଥିବା ଜଣାପଡିଛି। ଠିକା ଶ୍ରମିକମାନେ ପୂଜା ଉପହାର ପୂର୍ବବର୍ଷ ୮ ହଜାର ପାଇଥିବାବେଳେ ଚଳିତବର୍ଷ ୨ ହଜାର ଟଙ୍କା ପାଇଥିଲେ। ଆନ୍ଦୋଳନକୁ ସମର୍ଥନ ଜଣାଇ ଆଇଏନ୍‌ଟିୟୁସି( ରାଷ୍ଟ୍ରୀୟ ମଜଦୁର କଂଗ୍ରେସ) ଜିଲା ସଭାପତି ବିଦ୍ୟାଧର ମହାନ୍ତି କହିଛନ୍ତି ଯେ, ଫେରୋକ୍ରୋମ କର୍ତ୍ତୃପକ୍ଷ ଉଦ୍ଦେଶ୍ୟମୂଳକଭାବେ ଶ୍ରମିକଙ୍କ ପୂଜା ଉପହାର ପ୍ରଦାନ କରି ନାହାନ୍ତି। କମ୍ପାନୀ କର୍ତ୍ତୃପକ୍ଷ ଆନ୍ଦୋଳନ ମାଧ୍ୟମରେ କ୍ଷତି ଦର୍ଶାଇ ଫେରୋକ୍ରୋମ କାରଖାନାକୁ ଶାଗ ମାଛ ମୂଲ୍ୟରେ ବିକ୍ରି କରିବାର ଚକ୍ରାନ୍ତ ଚଳାଇଛନ୍ତି। କାରଖାନା କର୍ତ୍ତୃପକ୍ଷ ଶ୍ରମ ବିଭାଗକୁ ହାତ କରି ଆକ୍ରୋଶମୂଳକ ପଦକ୍ଷେପ ନେଲେ ଆଇଏନ୍‌ଟିୟୁସି ପକ୍ଷରୁ ଫେରୋକ୍ରୋମ ମୁଖ୍ୟ ଫାଟକ ଅବରୋଧ କରାଯିବ ବୋଲି ମହାନ୍ତି କହିଛନ୍ତି। କୋରେଇ ନିର୍ବାଚନ ମଣ୍ଡଳୀରେ ଏକମାତ୍ର ସର୍ବପୁରାତନ ଫେରୋକ୍ରୋମ କାରଖାନାର ସମ୍ପ୍ରସାରଣ ପ୍ରତି ଦୃଷ୍ଟି ଦିଆଯାଉନାହିଁ। ତୁରନ୍ତ କାରଖାନାର ସମ୍ପ୍ରସାରଣ ପାଇଁ ସେ ଦାବି କରିଛନ୍ତି। ଫେରୋକ୍ରେମା ମଜଦୁର ସଂଘର ସଭାପତି ସୁକିନ୍ଦା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରୀତିରଞ୍ଜନ ଘଡାଇ ଠିକା ଶ୍ରମିକ ସଂଘର ସଭାପତି ହୋଇଥିଲେ ମଧ୍ୟ ଶ୍ରମିକମାନଙ୍କ ଦାବିପ୍ରତି ସହାନଭୂତି ଦେଖାଉ ନ ଥିବା ସେ କହିଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

MORE SPACE • SAME PRICE
TARIFF
*GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678
8337956019

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ
(Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ ।
1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
73106-12716
89794-48754

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଆନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

ନିଜ ବ୍ୟବସାୟରେ ଅଭିବୃଦ୍ଧି ଆଣନ୍ତୁ
ITCT EDUCATION
ସହିତ
ଭାରତର ସର୍ବବୃହତ୍ ନେଟ୍‌ୱର୍କ
ନିଜ ବ୍ୟବସାୟରେ ଅତିରିକ୍ତ ଲାଭ ଉପାର୍ଜନ କରନ୍ତୁ। ଆଇଟିସିଟି ଲର୍ନିଂ ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଏକ ଫ୍ରାଞ୍ଚାଇଜି ପାର୍ଟନର ହୁଅନ୍ତୁ।
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ (ଭାରତ ସରକାର)
ଅଧିକ ସୂଚନା ପାଇଁ
0712-2223456 / 09422123456
www.itctedu.in

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିଆ କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar


ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର କଳା ଶିକ୍ଷା
ଯେଉଁଠି ଆନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

!! LOAN LOAN LOAN !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9717895136
9871773265
Add : - 41/14, Sec-1 Pushp Vihar, Delhi

ଋଣ
ନବରାତ୍ରି ଉତ୍ସବ
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଶ୍ରୀ ଜଗନ୍ନାଥ ଫାଇନାନ୍ସ
ମାର୍କଶିଟ୍, ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି ଋଣ ଇତ୍ୟାଦି 24 ଘଣ୍ଟାରେ
1,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
1% ସୁଧ 55% ରିହାତି + 25% ସବ୍‌ସିଡି
ମାତା ଓ ଭଉଣୀଙ୍କୁ ବିଶେଷ ରିହାତି
7895183349
9927051692
Add : - 41/14, Sec-1 Pushp Vihar, Delhi

### ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



"ସମସ୍ତଙ୍କ ଆତ୍ମା ଅମର, କିନ୍ତୁ ନ୍ୟାୟବାନ ଲୋକର ଆତ୍ମା ହିଁ ଦେବତ୍ୱ ଲାଭକରେ।
- ସକ୍ରେଟିସ୍

## ■ ସୁକିନ୍ଦାଗଡ଼ ଶ୍ରୀ ଜଗନ୍ନାଥଙ୍କୁ ଚିନି ଭୋଗ ଲାଗି ପ୍ରସଙ୍ଗ

# ପରିଚାଳକଙ୍କୁ ତାଗିଦ କଲେ ଦେବୋତ୍ତର ଅଧିକାରୀ

**ସୁକିନ୍ଦା, ୨୧।୧୦(ଡି.ଏନ୍.ଏ.)**

ସୁକିନ୍ଦାଗଡ଼ ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କଠାରେ ଚିନି ଭୋଗ ଲାଗିବାକୁ ନେଇ ଦେବୋତ୍ତର ବିଭାଗ ତତ୍ପର ହୋଇଛି । ଏ ନେଇ ଶନିବାର ମହାପ୍ରଭୁଙ୍କ ଦାୟିତ୍ୱରେ ଥିବା ସୀତାକାନ୍ତ ବେହେରାଙ୍କୁ ଦେବୋତ୍ତର ବିଭାଗର ଦାୟିତ୍ୱରେ ଥିବା ସୁକିନ୍ଦା ଅତିରିକ୍ତ ତହସିଲଦାର ଅସିତ୍ ମହାନ୍ତି ତାଗିତ କରିଛନ୍ତି। ଏ ଭଳି ଘଟଣାର ଭବିଷ୍ୟତରେ ଯେପରି ପୁନରାବୃତ୍ତି ନ ହେବା ପାଇଁ ଧ୍ୟାନ ଦେବାକୁ ସେ କହିଛନ୍ତି। ସୀତାକାନ୍ତ ଦେବୋତ୍ତର ବିଭାଗ କିମ୍ବା କୌଣସି ସରକାରୀ କର୍ମଚାରୀ ହୋଇ ନ ଥିବାବେଳେ ତାଙ୍କୁ ଦାୟିତ୍ୱ ଦେଇ ବିଭାଗ ମହାପ୍ରଭୁଙ୍କୁ ଅଣଦେଖା କରିବା କେତେଦୂର ଯଥାର୍ଥ ବୋଲି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବହୁ ବର୍ଷ ଧରି ସୀତାକାନ୍ତ ଦାୟୀତ୍ୱ ତୁଲାଉଥିବା ଏବଂ ଜଗନ୍ନାଥଙ୍କର ବିଭିନ୍ନ କାର୍ଯ୍ୟରେ ଜଡିତ ଥିବା କାରଣରୁ ତାଙ୍କୁ ମୌଖିକ ଭାବରେ ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ସୁକିନ୍ଦା ରାଜସ୍ୱ ନିରୀକ୍ଷକ ବାଇଧର ଜତି କହିଥିଲେ । ପ୍ରଭୁଙ୍କର ଜମିରୁ ଯଥାଶୀଘ୍ର ମାହାସୁଲ ଆଦାୟ କରାଯିବ ବୋଲି ମଧ୍ୟ ସେ କହିଛନ୍ତି। ମହାପ୍ରଭୁଙ୍କଠାରେ ଚିନି ଭୋଗ ହେଉଥିବା ନେଇ ଧରିତ୍ରୀରେ ପ୍ରକାଶ ପାଇଥିଲା ।

**■ଅଣକର୍ମଚାରୀଙ୍କୁ ଦାୟିତ୍ୱ ପ୍ରଦାନ ନେଇ ଅସନ୍ତୋଷ ବୃଦ୍ଧି**

ରାଜ୍ୟରେ ଅନୁଷ୍ଠିତ ପୁରାତନ ରଥଯାତ୍ରା ମଧ୍ୟରୁ ସୁକିନ୍ଦା ଶ୍ରୀ ଜଗନ୍ନାଥ ରଥୋତ୍ସବ ଅନ୍ୟତମ। ତତ୍କାଳୀନ ରାଜା ଶ୍ରୀ ଧନଞ୍ଜୟ ଭୁପତି ଉକ୍ତ ମନ୍ଦିର ପ୍ରତିଷ୍ଠା କରିବା ସହିତ ରଥଯାତ୍ରା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ୧୯୫୨ ମସିହା ପର୍ଯ୍ୟନ୍ତ ରକ୍ଷଣା ବେକ୍ଷଣ ତଥା ପରିଚାଳନା ସୁକିନ୍ଦା ରାଜ ପରିବାର ଉପରେ ନ୍ୟସ୍ତ ରହିଥିଲା । ରାଜତନ୍ତ୍ରର ଉଚ୍ଛେଦ ପରେ ତତ୍କାଳୀନ ରାଜା ପୀତାମ୍ବର ଭୂପତି ପ୍ରଭୁଙ୍କ ନୀତି ଲାଗିର ସୁପରିଚାଳନା ନିମନ୍ତେ ୭ଶହ ଏକର ଜମିର ବନ୍ଦୋବସ୍ତ କରିଥିଲେ । ଉକ୍ତ ଜମିରୁ ମହାପ୍ରଭୁଙ୍କର ବିଭିନ୍ନ ସେବା କାର୍ଯ୍ୟରେ ନିୟୋଜିତ ସେବାୟତଙ୍କୁ ୨ ଶହ ଏକର ଜମି ଜାଗିର ସୂତ୍ରରେ ଦେବା ପରେ ବଳକା ୫ ଶହ ଏକର ଜମିକୁ ଭାଗ ଚାଷୀଙ୍କୁ ପ୍ରଦାନ କରାଯାଇ ଖଜଣା ଆଦାୟ କରାଯାଉଥିଲା । ଏହାକୁ ଦେବୋତ୍ତର ବିଭାଗ ଅଧିକାରୀ ତଥା ତହସିଲଦାର ମନ୍ଦିର ପରିଚାଳନା ନିମନ୍ତେ ବ୍ୟୟ କରି ଆସୁଥିଲେ । ସମୟ କ୍ରମେ ବିଭାଗର ଦାୟିତ୍ୱହୀନତା କାରଣରୁ ୧୯୯୨ ମସିହାରେ ବନ୍ଦୋବସ୍ତ ସମୟରେ ଅନେକ ଜାଗିରଦାର ଏବଂ ନ୍ୟସ୍ତ ସ୍ୱାର୍ଥୀ ବ୍ୟକ୍ତି ବିଶେଷ ଏହି ଜମିକୁ ବେଆଇନ ଭାବରେ ନିଜ ନାମରେ କରାଇ ନେଇଥିଲେ। ବର୍ତ୍ତମାନ ମହାପ୍ରଭୁଙ୍କର ଜମିର ବାସ୍ତବ ପରିମାଣଠାରୁ କମ୍ ପରିମାଣରେ ଜମି ମହଜୁଦ ଅଛି । ଏହି ଜମିରୁ ମଧ୍ୟ ଖଜଣା ଆଦାୟ କରାଯାଇ ବାଟ ମାରଣା କରାଯାଉଥିବା ଚର୍ଚ୍ଚା ଧରିଛି। ହେଲେ ସରକାରୀ ସ୍ତରରେ ଆଦାୟ କରାଯାଉ ନ ଥିବା ଦେବୋତ୍ତର ଅଧିକାରୀଙ୍କ ତରଫରୁ କୁହାଯାଇଛି । ଏହି କାରଣରୁ ନୀତିଲାଗିରେ ବ୍ୟାପକ ଅନିୟମିତତା ହେଉଥିବା ବେଳେ ଅନେକ ସମୟରେ ଚିନି ଭୋଗ ହେଉଥିବା ଦେଖିବାକୁ ମିଳୁଛି । ସୁକିନ୍ଦା ଜନସାଧାରଣ ମନ୍ଦିରର ସୁପରିଚାଳନା ନିମନ୍ତେ ଦାବି କରିଛନ୍ତି।

# ୫୯ତମ ଶହୀଦ ଦିବସ ପାଳିତ

**ବିରଜାକ୍ଷେତ୍ର,୨୧।୧୦(ଡି.ଏନ୍.ଏ.)**

ଦଶରଥପୁର ବ୍ଲକ ଅକରପଡ଼ା ପଞ୍ଚାୟତ ଅନ୍ତର୍ଗତ ଭେଲଙ୍ଗସ୍ଥିତ ରାଧାକୃଷ୍ଣ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଯାଜପୁର ଥାନା ପୋଲିସ ପକ୍ଷରୁ ୫୯ତମ ଶହୀଦ ଦିବସ ପାଳିତ ହୋଇଯାଇଛି। ଯାଜପୁର ଟାଉନ୍ ପୋଲିସ ଓ ଶହୀଦ ସତ୍ୟାନନ୍ଦ ସ୍ମୃତି କମିଟି ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଯାଜପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶହୀଦ ସତ୍ୟାନନ୍ଦ ସ୍ମୃତି ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ସାମାଜିକ କର୍ମୀ ସୁନୀଲ ରାଉତରାୟଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୋରା ଯୋଗଦେଇ ଦେଶ ପାଇଁ ପ୍ରାଣବଳୀ ଦେଇଥିବା ଶହୀଦ ସତ୍ୟାନନ୍ଦଙ୍କ ସାହାସିକତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଯାଜପୁର ଟାଉନ୍ ଥାନା ଭାରପ୍ରାପ୍ତ ଅଧିକାରୀ ମାନସ ରଞ୍ଜନ ଚକ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ନାୟକ, ବ୍ରହ୍ମାନନ୍ଦ ସ୍ୱାଇଁ, ରବୀନ୍ଦ୍ର ମୋହନ ରଥ, କେଶବ ଚନ୍ଦ୍ର ସ୍ୱାଇଁ, ପ୍ରଭାକର ପତି ପ୍ରମୁଖ ଯୋଗଦେଇ ସତ୍ୟାନନ୍ଦଙ୍କ ବୀରତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ବକ୍ତୃତା, ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶହୀଦ ସତ୍ୟାନନ୍ଦଙ୍କ ପିତା ପଦ୍ମଲୋଚନ ପଣ୍ଡା ଓ ମା' ସତ୍ୟଭାମାଙ୍କ ସମେତ ସ୍ମୃତି କମିଟି ସଭାପତି ସଞ୍ଜୀବ କୁମାର ଦାସ, ରବିନାରାୟଣ ସୁନ୍ଦରାୟ, କେଶବ ଚରଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ମେଲାଣି ନେଲେ ମା'

**କୋରେଇ,୨୧।୧୦(ସ୍ୱ.ପ୍ର.):** କୋରେଇର ବିଭିନ୍ନ ପୂଜା ମଣ୍ଡପରେ ଦୁର୍ଗାପୂଜା ଶେଷ ହୋଇଛି। ଏହି ଅବସରରେ ଶନିବାର ଛୋଟରାୟପୁରର ମା'ଙ୍କ ମୃଣ୍ମୟୀ ପ୍ରତିମୂର୍ତ୍ତିକୁ ଏକ ଶୋଭାଯାତ୍ରାରେ ବିସର୍ଜନ କରାଯାଇଥିଲା। ସଭାପତି କେଶବ ଚନ୍ଦ୍ର ଖୁଣ୍ଟିଆ, ରମେଶ ପାଢ଼ୀ, ଅନିରୁଦ୍ଧ ସାହୁ, ପ୍ରମୋଦ ଖୁଣ୍ଟିଆ, ଦୀପକ ଦାସ, ମୋହନ ଖୁଣ୍ଟିଆ, ସାମସୁନ୍ଦର ପାଢ଼ୀ ପ୍ରମୁଖ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ସେହିପରି କୋରେଇର ନନ୍ଦିସାହି, କନ୍ତୋର, ଜଳନ୍ଦା, ଓଷଳା, ତାରାକୋଟର ବଙ୍ଗାଳିସାହି, ସିଂହସାହି, ଶତପଥୀ ସାହି, ଚଣ୍ଡିମନ୍ଦିର, ବରୁଣ୍ଡାଇର ବଙ୍ଗାଳି ସାହି, ପରିଡା ସାହି, ହଳଦୀଗଡିଆର ବଇଦସାହି, ରଣପାଳ ଆଦି ବିଭିନ୍ନ ସ୍ଥାନରେ ମା'ଙ୍କୁ ମେଲାଣି ଦିଆଯାଇଛି।

### ଜାଫରପୁର ଦୁର୍ଗାପୂଜା ଶେଷ

**ବିରଜାକ୍ଷେତ୍ର, ୨୧।୧୦(ଡି.ଏନ.ଏ.):** ଯାଜପୁର ବ୍ଲକ ଜାଫରପୁର ପଞ୍ଚାୟତସ୍ଥିତ ଜାଫରପୁର ଗ୍ରାମରେ ଶାରଦୀୟ ଦୁର୍ଗାପୂଜା ଅନୁଷ୍ଠିତ ହୋଇଯାଇଛି। ସପ୍ତମୀ, ଅଷ୍ଟମୀ ଓ ନବମୀ ତିନିଦିନ ଧରି ନାମ ସଂକୀର୍ତ୍ତନ ଓ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବୈତରଣୀ ନଦୀରେ ଶନିବାର ମା'ଙ୍କୁ ବିସର୍ଜନ କରାଯାଇଥିଲା। ଆଖପାଖ ଅଞ୍ଚଳର ହଜାର ହଜାର ଭକ୍ତ ଆସି ମା'ଙ୍କ ଆଶୀର୍ବାଦ ଲାଭ କରିଥିଲେ। ପୂଜା କମିଟି ମୁଖ୍ୟ ପର୍ଶୁରାମ ସାହୁ, ପରମାନନ୍ଦ ସାହୁ, ବ୍ରଜ କିଶୋର ସାହୁ, ମାୟାଧର ସାହୁ, ରଶ୍ମିକାନ୍ତ ସାହୁଙ୍କ ସମେତ ପଞ୍ଚାୟତର ଯୁବ ଗୋଷ୍ଠୀ ପୂଜା ପରିଚାଳନାରେ ସହଯୋଗ କରିଥିଲେ।

### ରାବଣପୋଡ଼ି, ଆତସବାଜି ପ୍ରତିଯୋଗିତା

**କୋରେଇ, ୨୧।୧୦(ସ୍ୱ.ପ୍ର.):** ଶାରଦୀୟ ଦୁର୍ଗାପୂଜା ଅବସରରେ କୋରେଇ ବ୍ଲକର ଶଙ୍ଖଚିଲାଠାରେ ୫୨ତମ ଦୁର୍ଗାପୂଜା ସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ କମିଟି ପକ୍ଷରୁ ଶନିବାର ୨୭ତମ ରାବଣ ପୋଡ଼ି ଓ ଆତସବାଜି ପ୍ରତିଯୋଗିତା ହୋଇଥିଲା । ଦୁର୍ଗା ମଣ୍ଡପରେ ନିର୍ମିତ ହୋଇଥିବା ହନୁମାନ, ରାମ ଓ ଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିକୁ ଶୋଭାଯାତ୍ରାରେ ନିଆଯାଇ ସଭାସ୍ଥଳରେ ରଖାଯାଇଥିଲା । ପରେ ରାବଣ ପୋଡ଼ି କମିଟି ସଭାପତି ଚକ୍ରଧର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ସମ୍ପାଦକ ଦିଲୀପ କୁମାର ସାହୁ ପରିଚାଳନା କରିଥିଲେ । ବନ୍ଦିତା ପରିଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଆତସବାଜି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । କେଜିଆଇ ଶିକ୍ଷା ଟ୍ରଷ୍ଟ ଅଧକ୍ଷ ଆଲେକଜାଣ୍ଡାର ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ରାମରାବଣ ଯୁଦ୍ଧ ଆରମ୍ଭ କରିଥିଲେ । ନନ୍ଦକିଶୋର ମହାକୁଡ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଆତସବାଜି ପ୍ରତିଯୋଗିତାରେ ଶିକ୍ଷାବିତ ନିରଞ୍ଜନ ଦାସ, ସୁବାସ ଧଳ ଓ ଅଶୋକ କୁମାର ପଣ୍ଡା ବିଚାରକ ଭାବେ ଯୋଗ ଦେଇଥିଲେ ପରେ ବିଦ୍ୟୁତ୍ ଖଚିତ ରାମ ଓ ରାବଣ ଯୁଦ୍ଧ ହୋଇଥିଲା । ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଜୀତେନ୍ଦ୍ର ସାହୁ, ଭଗବାନ ମଲ୍ଲିକ, ଶିଶିର ସାହୁ, କୃଷ୍ଣଚନ୍ଦ୍ର ସାହୁ, ସଞ୍ଜୟ କୁମାର ସାହୁ, ସମୀର ସାହୁ, କାହ୍ନୁଚରଣ ସାହୁ, ସୁଶାନ୍ତ ଗୁରୁ, ସୁଶାନ୍ତ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶଙ୍ଖଚିଲା ଫାଣ୍ଡି ଅଧିକାରୀ ଅଭୟ କୁମାର ନାୟକ ଓ ପାଣିକୋଇଲି ଥାନାଧିକାରୀ ଅଜୟ କୁମାର ଜେନାଙ୍କ ତତ୍ତ୍ୱାବଧନାରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ କରାଯାଇଥିଲା । ଶେଷରେ ମା'ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମାକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ବିସର୍ଜନ କରାଯାଇଥିଲା।

# ହରିଦାସପୁର ଷ୍ଟେଶନରେ ଏକ୍ସପ୍ରେସ୍ ରହଣି ଦାବି

**ଚଣ୍ଡିଖୋଲ,୨୧।୧୦(ଡି.ଏନ.ଏ.)**




ପୂର୍ବତଟ ରେଲବାଇର ଖୋର୍ଦ୍ଧାରୋଡ଼ ଡିଭିଜନ ଅନ୍ତର୍ଗତ ଯାଜପୁର ଜିଲାର ହରିଦାସପୁର ରେଳ ଷ୍ଟେଶନ ଏକ ପ୍ରମୁଖ ଷ୍ଟେଶନ। ଏଠାରୁ ବନ୍ଦର ନଗରୀ ପାରାଦୀପକୁ ରେଳପଥ ସଂଯୋଗ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟଗିରି, ଲଳିତଗିରି ଓ ରତ୍ନଗିରିକୁ ଏହି ରେଳପଥ ସଂଯୋଗ କରିବା ସହ ବିଶ୍ୱ ଐତିହ୍ୟରେ ସ୍ଥାନ ପାଇବାକୁ ଥିବା ଭିତରକନିକାକୁ ମଧ୍ୟ ସଂଯୋଗ କରିବ। ତେଣୁ ଏଠାରେ ଏକ୍ସପ୍ରେସ୍ ଟ୍ରେନ୍‌ଗୁଡ଼ିକର ରହଣି ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଶନିବାର ରେଳ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଥିଲେ। ସୂଚନାଯୋଗ୍ୟ, ଏଠାରୁ ବହୁ ଯାତ୍ରୀ ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରକୁ ଯାତାୟାତ କରିଥାନ୍ତି। ବୌଦ୍ଧପୀଠ ସହ ପର୍ଯ୍ୟଟନ କ୍ଷେତ୍ର ଚଣ୍ଡିଖୋଲର ଚଣ୍ଡୀମନ୍ଦିର, ମହାବିନାୟକ, ଲାଙ୍ଗୁଡି, କାଏମା, ବଜ୍ରଗିରି, ତରାପୁର, ଯାଜପୁରର ବିରଜାକ୍ଷେତ୍ର , ଦଶ୍ୱାଶମେଧ ଘାଟ ଓ ଅନ୍ୟାନ୍ୟ ପର୍ଯ୍ୟଟନ ସ୍ଥଳିଗୁଡ଼ିକ ହରିଦାସପୁର ରେଲ ଷ୍ଟେଶନର ନିକଟତର। ହେଲେ ଏଠାରେ କୌଣସି ଏକ୍ସପ୍ରେସ ଟ୍ରେନ୍‌ର ରହଣି ବ୍ୟବସ୍ଥା ନ ଥିବାରୁ ପର୍ଯ୍ୟଟକଙ୍କ ସହ ସାଧାରଣ ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଅଞ୍ଚଳବାସୀ ପୂର୍ବରୁ ରେଳ କର୍ତ୍ତୃପକ୍ଷଙ୍କୁ ସ୍ମାରକପତ୍ର ଦେଇଥିଲେ। ଭୌଗୋଳିକ ଅବସ୍ଥିତିର ଗୁରୁତ୍ୱକୁ ଉପଲବ୍ଧି କରି ଏଠାରେ କେଉଁଝର-ବଡବିଲ, ଧଉଳି ଓ ନନ୍ଦନକାନନ ଏକ୍ସପ୍ରେସ ଟ୍ରେନ ରହଣି ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

# ତିତ୍‌ଲି ପ୍ରଭାବରେ ଉଜୁଡ଼ିଲା ବିରି ଫସଲ, ଚିନ୍ତାରେ ଚାଷୀ

**ବରୀ,୨୧।୧୦(ସ୍ୱ.ପ୍ର.)**

ତିତ୍‌ଲି ପ୍ରଭାବରେ ହୋଇଥିବା ଲଗାଣ ବର୍ଷାରେ ବରୀ ଅଞ୍ଚଳରେ ବିରି ଫସଲ ଉଜୁଡ଼ିଯାଇଛି। ଫଳରେ ଚାଷୀ ଚିନ୍ତାରେ ପଡ଼ିଯାଇଛନ୍ତି। ଏ ନେଇ କୃଷକ ନେତା ତଥା ଧାରପୁର ସେବା ସମବାୟ ସମିତି ସଭାପତି ସରୋଜ କୁମାର ଜେନା ଗତ ଗୁରୁବାର କୃଷି ବିଭାଗ ନିକଟରେ ଅଭିଯୋଗ କରିଥିଲେ। ପ୍ରାୟ ଦୁଇ ହଜାର ହେକ୍ଟର ଜମିରେ ବିରି ବୁଣା ହୋଇଥିଲା। ଏ ନେଇ କୃଷକ ନେତା ଜେନା କୃଷି ମନ୍ତ୍ରୀ ପ୍ରଦୀପ ମହାରଥିଙ୍କୁ ଭେଟି ବରୀ ଅଞ୍ଚଳର କୃଷକଙ୍କ ସମସ୍ୟା ଉପରେ ଆଲୋଚନା କରିଥିବା ଜଣାପଡ଼ିଛି। ପୁନର୍ବାର ବିରି ଫସଲ କରିବାକୁ ଚାଷୀ ପ୍ରୟାସ ଆରମ୍ଭ କରିଛନ୍ତି। ହେଲେ ଅଧିକାଂଶ ଚାଷୀଙ୍କ ପାଖରେ ସମ୍ବଳ ନ ଥିବାରୁ ବିରି ବୁଣିବା କଷ୍ଟକର ହୋଇପଡିଛି। ପ୍ରତିବର୍ଷ ୬ ହଜାର କ୍ୱିଣ୍ଟାଲରୁ ଅଧିକ ବିରି ଅମଳ ହେଉଥିବା ବେଳେ ଚଳିତ ବର୍ଷ ବ୍ୟାପକ କ୍ଷତି ହୋଇଛି। ତେବେ ଋଣ ସହାୟତା ଯୋଗାଇ ଦିଆଗଲେ ପୁନର୍ବାର ବିରି ଫସଲ କରିବାର ସୁଯୋଗ ମିଳନ୍ତା ବୋଲି କୃଷକ ନେତା ଜେନା ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନିକଟରେ ଜଣାଇଛନ୍ତି।

# ମା'ଦୁର୍ଗାଙ୍କ ଭସାଣି ଉତ୍ସବ

**ଚଣ୍ଡିଖୋଲ, ୨୧।୧୦(ଡି.ଏନ.ଏ)**

ଚଣ୍ଡିଖୋଲସ୍ଥିତ ସାର୍ବଜନୀନ ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ଶନିବାର ମା' ଦୁର୍ଗାଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ବାଜା, ବାଣ ରୋଶଣୀରେ ମା'ଙ୍କ ମୃଣ୍ମୟୀ ପ୍ରତିମାକୁ ଚଣ୍ଡିଖୋଲ ବଜାର ପରିକ୍ରମା କରିବା ପରେ ଖୋସାଲିପୁରସ୍ଥିତ ହାଇଲେଭଭଲ କେନାଲରେ ବିସର୍ଜନ କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଚଣ୍ଡିଖୋଲ ଫାଣ୍ଡି ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ପୂଜା କମିଟିର ମୁରବୀମାନେ ଭସାଣି ଉତ୍ସବରେ ସାମିଲ ହୋଇଥିଲେ।


# ୪ ଶହୀଦ ପରିବାର ସମ୍ବର୍ଦ୍ଧିତ



ପୋଲିସ ରିଜର୍ଭ ପଡ଼ିଆରେ ଆୟୋଜିତ ୫୯ତମ ଶହୀଦ ଦିବସ।

**କୋରେଇ,୨୧।୧୦(ସ୍ୱ.ପ୍ର.)**

ପାଣିକୋଇଲିସ୍ଥିତ ଯାଜପୁର ଜିଲା ପୋଲିସ ରିଜର୍ଭ ପଡିଆରେ ରବିବାର ୫୯ତମ ଶହୀଦ ଦିବସ ପାଳିତ ହୋଇଯାଇଛି । ଯାଜପୁର ଏସ୍‌ପି ଚରଣ ସିଂହ ମୀନା କାର୍ଯ୍ୟକ୍ରମକୁ ଆରମ୍ଭ କରି ପରେଡ ଅଭିବାଦନ ଗ୍ରହଣ କରିଥିଲେ । ଦେଶର ମୋଟ ୪୧୪ଜଣ ଶହୀଦଙ୍କ ନାମ ପଠନ ସହ ସେମାନଙ୍କ ପରିବାର ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଏହି ଅବସରରେ ଜିଲାର ୪ ଶହୀଦ ଗୋପପ୍ରସାଦ ମହାନ୍ତି(ଧନେଶ୍ୱର), ପ୍ରଶାନ୍ତ କୁମାର ବିଶ୍ୱାଳ(ରଙ୍ଗରଙ୍ଗା), ବିଞ୍ଝାରପୁରର ପ୍ରମୋଦ କୁମାର ଶତପଥୀ, ଯାଜପୁର ଟାଉନର ସତ୍ୟାନନ୍ଦ ପଣ୍ଡାଙ୍କ ପରିବାରକୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିବା ପରେ ଶହୀଦ ସ୍ମୃତି ସ୍ତମ୍ଭରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ନାରାୟଣ ଚନ୍ଦ୍ର ଧଳ, କଳିଙ୍ଗନଗର ଅତିରିକ୍ତ ଏସପି ରାଜକିଶୋର ଦୋରା, ଏଏସପି ଅକ୍ଷୟ କୁମାର ଦାସ, ଡିଏସପି ବାଉରିବନ୍ଧୁ ବେହେରା, ସଂଗ୍ରାମ ଟୁଡୁ, ସୁଧାକର ସାହୁ, ଏସଡିପିଓ କେଦାର ନାଥ ସାହୁ, ପ୍ରଶାନ୍ତ ମଲ୍ଲ, ରିଜର୍ଭ ଇନ୍ସପେକ୍ଟର କାହ୍ନୁଚରଣ ମାରାଣ୍ଡିଙ୍କ ସମେତ ପାଣିକୋଇଲି ଥାନାଧିକାରୀ ଅଜୟ କୁମାର ଜେନା, ବଡଚଣା ଥାନାଅଧିକାରୀ ଶରତଚନ୍ଦ୍ର ପାତ୍ର, କୋରେଇ ଥାନାଧିକାରୀ ଚିନ୍ମୟୀ ସାହୁ, ଯାଜପୁରରୋଡ ଥାନାଧିକାରୀ ଅମିତାଭ ମହାପାତ୍ର, ଧର୍ମଶାଳାର ଉମାକାନ୍ତ ନାୟକ ଓ କୁଆଖିଆ ଥାନାଧିକାରୀ ଆଶିଷ ସାହୁ ପ୍ରମୁଖ ଯୋଗଦେଇଥିଲେ। ଜିଲା ପୋଲିସ ମୁଖ୍ୟାଳୟର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।





# 'ଓଡ଼ିଆ ପାଲା ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି କୃଷ୍ଣପ୍ରସାଦ'

**ବିରଜାକ୍ଷେତ୍ର, ୨୧।୧୦(ଡି.ଏନ୍.ଏ.)**




ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ କୃଷ୍ଣପ୍ରସାଦଙ୍କ ଜୟନ୍ତୀ ପାଳିତ।

ଗୌତମବୁଦ୍ଧ ସଂସ୍କୃତି ଭବନଠାରେ ଯାଜପୁରର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଅନନ୍ୟା ସାହିତ୍ୟ ସଂସଦ ତରଫରୁ ରବିବାର କବିମଞ୍ଜୁଳ କୃଷ୍ଣପ୍ରସାଦ ବସୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ସଭାପତି ସନ୍ତୋଷ କୁମାର ନନ୍ଦ ଅଧକ୍ଷତା କରିଥିଲେ । କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିକ୍ଷକ ସୂର୍ଯ୍ୟମଣି ଖୁଣ୍ଟିଆ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସହସମ୍ପାଦିକା ସବିତା ମିଶ୍ର ଅତିଥିଙ୍କୁ ସ୍ୱାଗତ କରିଥିବାବେଳେ ଉପସଭାପତି ବିଭୂତି ମହାପାତ୍ର ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ କାହ୍ନୁଚରଣ ମିଶ୍ର କବି କୃଷ୍ଣପ୍ରସାଦଙ୍କ ଜୟନ୍ତୀ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପ୍ରଫେସର ବିଜୟ କିଶୋର ସାମଲ ମୁଖ୍ୟବକ୍ତା ଭାବେ ଯୋଗଦେଇ କବି କୃଷ୍ଣପ୍ରସାଦ ଏକାଧାରରେ ଜଣେ ଶିକ୍ଷାବିତ୍, ସଙ୍ଗୀତଜ୍ଞ, ନାଟ୍ୟକାର, ନିର୍ଦ୍ଦେଶକ, ଲେଖକ, କଳାକାର, ବାଦ୍ୟକାର ଥିଲେ ବୋଲି ପ୍ରକାଶ କରିବା ସହ ୩୬ ଖଣ୍ଡ କାବ୍ୟ ରଚନା କରି ଓଡ଼ିଆ ପାଲା ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି ବୋଲି ଉଲ୍ଲେଖ କରିଥିଲେ । ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ସଂଯୁକ୍ତା ମହାପାତ୍ର, ଦଶରଥ ସାମଲ, ପ୍ରମୋଦ ମହାନ୍ତି, କ୍ଷୀରୋଦ ଚନ୍ଦ୍ର ପାଠୀ, ମନୋଜ ନାଥ, ବିଷ୍ଣୁ ଦଳେଇ, ଶିଶୁ ସାହିତ୍ୟିକ ଗିରିଧାରୀ ସ୍ୱାଇଁ, ନବକିଶୋର ଦାସ, ପ୍ରଭାତ ମଲ୍ଲିକ, ଶକୁନ୍ତଳା ନାୟକ, ପାଲାକାର ଦିଲ୍ଲୀପ କୁମାର ଦାଶ, ଅଖିଳଚନ୍ଦ୍ର ସମ୍ପାଦକ ହରେକୃଷ୍ଣ ପଣ୍ଡା, ଆନନ୍ଦ ଚନ୍ଦ୍ର ସାହୁ, ରବି ଶତପଥୀ, ରବିନ୍ଦ୍ର ମହାରଣା, ଗୋପୀନାଥ ମିଶ୍ର, ଅଭିଷେକ ମିଶ୍ର, ନୀଳକଣ୍ଠ ବାରିକ, ରମାକାନ୍ତ ବାରିକ, ଜଗମୋହନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଗାୟକ ଚୂଡ଼ାମଣି ଜଗବନ୍ଧୁ ଓଝା ଓ ତାଙ୍କର ସାଥୀମାନେ କବିଙ୍କର ପ୍ରଭାସ ଯଜ୍ଞ ନାଟକକୁ ପାଲା ମାଧ୍ୟମରେ ପରିବେଷଣ କରିଥିଲେ । ସାଂସ୍କୃତିକ ସମ୍ପାଦକ ପାଣ୍ଡବ ଚରଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଙ୍ଗଠନ ସମ୍ପାଦକ ହୃଷୀକେଶ ପତି ଧନ୍ୟବାଦ ଦେଇଥିଲେ । ସେହିପରି ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତି ପାଠାଗାର ଓ ପଠନ କକ୍ଷରେ କବିମଞ୍ଜୁଳ କୃଷ୍ଣପ୍ରସାଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପାଠାଗାର ସଭାପତି ନୃସିଂହଚରଣ ମହାପାତ୍ରଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। ଜଗନ୍ନାଥ ଧଳ, କ୍ଷୀରୋଦ ଚନ୍ଦ୍ର ପାଠୀ, ଶରତ ଚନ୍ଦ୍ର ମହାରଣା, ଗଦାଧର ରାଉତ, କହ୍ନେଇ ଚରଣ ମହାନ୍ତି, ଗିରିଧାରୀ ସ୍ୱାଇଁ, ରବି ଶତପଥୀ ପ୍ରମୁଖ ଯୋଗଦେଇଥିଲେ।



ଧନ ଥିବା ଲୋକର ସାଙ୍ଗ ସମସ୍ତେ ହୁଅନ୍ତି, ବନ୍ଧୁତା ରକ୍ଷା କରନ୍ତି। ଧନବାନ୍ ଲୋକ ସଂସାରରେ ପୁରୁଷ ଭାବରେ ପରିଗଣିତ ହୁଏ ଓ ବନ୍ଧୁବାର ଆନନ୍ଦ ଅନୁଭବ କରେ। ଏଣୁ ଧନ ହିଁ ଜଗତରେ ସବୁକିଛି।
- ଚାଣକ୍ୟ



# ମିଥ୍ୟା ରିପୋର୍ଟ ପ୍ରସ୍ତୁତି ପାଇଁ ତତ୍ପରତା

ଯାଜପୁର ଅଫିସ,୨୧।୧୦

ଯାଜପୁର ଜିଲାରେ ବନ୍ୟା ଓ ବାତ୍ୟା ଯୋଗୁ ବିଶେଷ କରି ଚାଷ କ୍ଷତିଗ୍ରସ୍ତ ହେଉଛି। ଚଳିତ ବର୍ଷ ଲଘୁଚାପ ଜନିତ ବର୍ଷା ଓ ତିତଲି ପ୍ରଭାବରେ ବର୍ଷା ଯୋଗୁ ଚାଷ ଜମିରେ ପାଣି ଜମି ଧାନ ଓ ପନିପରିବା ଚାଷ ପ୍ରଭାବିତ ହୋଇଛି। ଏଥିଯୋଗୁ ପ୍ରାୟ ୭୦ହଜାର ହେକ୍ଟର ଚାଷ ଜମିରେ ଫସଲ ଉଜୁଡି ଯାଇଛି। କିନ୍ତୁ ଏଥିପ୍ରତି କ୍ଷୟକ୍ଷତି ରିପୋର୍ଟ ପ୍ରସ୍ତୁତ କରିବାରେ ଅବହେଳା ପ୍ରଦର୍ଶନ କରାଯାଉଥିବା ବେଳେ ରାଜନୈତିକ ଦଳର କର୍ମୀ ଓ ଠିକାଦାରଙ୍କ ପାଇଁ ଲାଭଦାୟକ ସାଜିଥିବା ପୂର୍ତ୍ତ ଓ ଆରଡି ବିଭାଗ ରାସ୍ତା ମରାମତି ପାଇଁ ମିଥ୍ୟା ଅଟକଳ ପ୍ରସ୍ତୁତ କରିବାରେ ତତ୍ପରତା ପ୍ରକାଶ କରୁଥିବା ଦେଖିବାକୁ ମିଳିଛି।

ତିତଲି ଓ ଏହାର ପରବର୍ତ୍ତୀ ବର୍ଷା ଯୋଗୁ ଯାଜପୁର ଜିଲାର ଚାରଭାଟିଆ ପୂର୍ତ୍ତ ବିଭାଗ ଡିଭିଜନ(ଆରଆଣ୍ଡବି) ଅଧୀନ ୧୮ଟି ରାସ୍ତାର ୪୭.୪୪ କି.ମି. କ୍ଷତି ହୋଇଥିବା ବିଭାଗୀୟ ରିପୋର୍ଟରେ ଦର୍ଶାଯାଇଛି। ଏହାର ତୁରନ୍ତ ପୁନରୁଦ୍ଧାର ପାଇଁ ୯୭.୫୦ ଲକ୍ଷ ଟଙ୍କା ଏବଂ ବନ୍ୟାର ପୂର୍ବ ପ୍ରସ୍ତୁତି ପାଇଁ ୨୯୪ଲକ୍ଷ ଟଙ୍କା ଆକଳନ କରାଯାଇଛି। ବାସ୍ତବରେ

**ତିତ୍ଲି କ୍ଷୟକ୍ଷତି**

- ୧୮ଟି ରାସ୍ତାର ୪୭.୪୪ କି.ମି. ତୁରନ୍ତ ମରାମତି ପାଇଁ ୯୭.୫୦ ଲକ୍ଷ ବ୍ୟୟ ଅଟକଳ
- ବନ୍ୟାର ପୂର୍ବ ପ୍ରସ୍ତୁତି ପାଇଁ ୨୯୪ଲକ୍ଷ ଟଙ୍କା ଆକଳନ
- ଫସଲ କ୍ଷୟକ୍ଷତିକୁ ଦିଆଯାଉନି ଗୁରୁତ୍ୱ



ତିତଲି ପ୍ରଭାବରେ ଗତ ୧୦, ୧୧ ଓ ୧୨ ତାରିଖରେ ଯାଜପୁର ଜିଲାରେ ବନ୍ୟା କିମ୍ବା ବାତ୍ୟା ପରିସ୍ଥିତି ସୃଷ୍ଟି ହୋଇନାହିଁ। ଏହି ୩ ଦିନରେ ଜିଲାର ହାରାହାରି ବର୍ଷା ୭୭.୩୮ ମି.ମି. ରେକର୍ଡ କରାଯାଇଛି। ତିତ୍ଲି ପ୍ରଭାବରେ ଜିଲାର ରାସ୍ତା ସେତେଟା ନଷ୍ଟ ହୋଇନାହିଁ। ପୂର୍ବରୁ କ୍ଷତିଗ୍ରସ୍ତ ରାସ୍ତାଗୁଡିକୁ ଦେଖାଇ ଶାସକ ଦଳର କର୍ମୀଙ୍କୁ ସନ୍ତୁଷ୍ଟ କରିବାକୁ ଏଭଳି ଅଟକଳ ପ୍ରସ୍ତୁତ ହେଉଥିବା ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପକ୍ଷେ ତିତ୍ଲି ନାମରେ ତୁରନ୍ତ ମରାମତି ପାଇଁ ହେଉଥିବା ବ୍ୟୟ ଅଟକଳକୁ ଉପଯୁକ୍ତ ଭାବେ ବିନିଯୋଗ କରାଗଲେ ଜିଲାର ରାସ୍ତାଘାଟ ଅବସ୍ଥା ସୁଧୁରି ପାରନ୍ତା ବୋଲି ମତପ୍ରକାଶ ପାଇଛି। ତିତଲି ପ୍ରଭାବରେ ରାଜ୍ୟର ୧୭ଟି ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ସରକାରଙ୍କ ପକ୍ଷରୁ କୁହାଯାଉଛି। ରାସ୍ତାଘାଟ, ବିଦ୍ୟୁତ, ଚାଷଜମି ସବୁ ନଷ୍ଟ ହୋଇଯାଇଛି। ହେଲେ ରାସ୍ତାଘାଟ ମରାମତି ଓ ବ୍ୟୟ ଅଟକଳ ପ୍ରସ୍ତୁତିରେ ତିତ୍ଲିର ଏକ ସପ୍ତାହ ନ ପୂରୁଣୁ ବିଭାଗୀୟ ତତ୍ପରତା ପ୍ରକାଶ ପାଇଛି। ତିତଲି ନାମରେ ଅନୁଦାନ ଆବଣ୍ଟିତ ହେଲେ ବିଭାଗୀୟ ଯନ୍ତ୍ରୀଙ୍କ ପିସି କାରବାର ସହ ଠିକାଦାର ଓ କର୍ମୀ ମାଲାମାଲ ହେବା ନିଶ୍ଚିତ। ଏହିକ୍ରମରେ ଚାରଭାଟିଆ ପୂର୍ତ୍ତ ବିଭାଗ ଅଧୀନ ଯାଜପୁର ଜିଲା ବଡଚଣା ଓ ବରୀ ନିର୍ବାଚନ ମଣ୍ଡଳୀର ବ୍ୟାପକ ରାସ୍ତାଘାଟ କ୍ଷତି ହୋଇଥିବା ଆକଳନ କରାଯାଇଛି। ଏଥିରେ ବଡ଼ଚଣା-ବାଲିଚନ୍ଦ୍ରପୁର ୨.୩୦ କିମି ରାସ୍ତା, ବରୁଆଁ-ବାଲିଚନ୍ଦ୍ରପୁର ୭.୬୫ କିମି ରାସ୍ତା, ବନ୍ଦାଳ-ଏଣ୍ଡରପଦା ୮ କିମି ରାସ୍ତା, ଛତିଆ-ସାଲେପୁର ୧.୭୦ କିମି ରାସ୍ତା, ଛତିଆ ଟାଉନ ୨ କିମି ରାସ୍ତା, ଜାତୀୟ ରାଜପଥ ୫(କ) କୃଷ୍ଣଦାସପୁର-ରତ୍ନଗିରି ୯.୪୪ କିମି ରାସ୍ତା, ଲଳିତଗିରି, ଉଦୟଗିରି ଓ ରତ୍ନଗିରି ୩.୬୦କିମି ରାସ୍ତା, ଚଣ୍ଡୀ ମନ୍ଦିର ଆପ୍ରୋସ ୦.୬୦ କି.ମି. ରାସ୍ତା, ମହାବିନାୟକ ମନ୍ଦିର ଆପ୍ରୋଚ ୦.୭୦ କି.ମି. ରାସ୍ତା, ଛତିଆ-କଳକଳା ୫.୮୦ କି.ମି. ରାସ୍ତା, ବଡଚଣା-ଦର୍ପଣ ୫.୬ କି.ମି. ରାସ୍ତା ରହିଛି। ଏହାର ଏକ ନିରପେକ୍ଷ ତଦନ୍ତ କରାଗଲେ ବାସ୍ତବ ଚିତ୍ର ଲୋକଲୋଚନକୁ ଆସି ପାରନ୍ତା ବୋଲି ମତପ୍ରକାଶ ପାଇଛି। କ୍ଷତିଗ୍ରସ୍ତ ରାସ୍ତା ଓ ତୁରନ୍ତ ମରାମତି ସହ ବନ୍ୟା ପୂର୍ବ ପ୍ରସ୍ତୁତି ସକାସେ ଚାରଭାଟିଆ ନିର୍ବାହୀ ଯନ୍ତ୍ରୀ ତାଙ୍କ ପତ୍ରସଂଖ୍ୟା ୫୨୯୨/୧୪।୧୦।୨୦୧୮ରେ ପୂର୍ତ୍ତ ବିଭାଗର ଚିଫ୍ ଇଞ୍ଜିନିୟରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

**ସଂକ୍ଷେପରେ**

## ପିକଅପ୍ ଭ୍ୟାନ୍ ଲୁଟ୍ ଘଟଣା, ୪ ଗିରଫ

**କଳିଙ୍ଗନଗର, ୨୧।୧୦(ଡି.ଏନ୍.ଏ):** ଦାନଗଦୀ ପୋଲିସ ପିକଅପ୍ ଭ୍ୟାନ୍ ଲୁଟ୍ ଘଟଣାରେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସିଙ୍ଗାଗାଡିଆର ଭାନୁ ମଣ୍ଡଳ(୬୦), ବିଶ୍ୱଜିତ ମଣ୍ଡଳ, କାଶିନାଥ ମଣ୍ଡଳ (୨୯) ଓ ସୁଆଁଲୋ ଗ୍ରାମର ଜୟନ୍ତ ପାତ୍ର (୩୦)। ଏ ନେଇ ପୋଲିସ ଏକ ମାମଲା (୨୬୮/୨୦୧୮) ରୁଜୁ କରିଛି। ଦାନଗଦୀ ବଜାର ନିକଟସ୍ଥ ଶିଙ୍ଗାଗାଡିଆ ଛକ ନିକଟରେ ଗତ ୧୯ ତାରିଖରେ ସିଙ୍ଗାଗାଡ଼ିଆ ଗ୍ରାମର ତାପସ ମଣ୍ଡଳ ପିକ୍‌ଅପ୍ ସହ ମାନପୁର ଅଭିମୁଖେ ଯାଉଥିଲେ। ଏହି ସମୟରେ ୪ ଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚି ଗାଡିକୁ ଅଟକାଇବା ସହ ଡ୍ରାଇଭର ତାପସଙ୍କୁ ନିସ୍ତୁକ ମାଡ଼ମାରି ଗାଡିକୁ ଲୁଟ୍ କରିବାକୁ ଉଦ୍ୟମ କରିଥିଲେ। ସ୍ଥାନୀୟଲୋକେ ପହଞ୍ଚିବାରୁ ଦୁର୍ବୃତ୍ତମାନେ ଗାଡି ଛାଡି ପଳାଇଥିଲେ। ଏ ନେଇ ତାପସ ଦାନଗଦୀ ପୋଲିସ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ଶନିବାର ବିଭିନ୍ନ ସ୍ଥାନରେ ଚଢାଉ କରି ୪ ଜଣଙ୍କୁ ଗିରଫ କରିଥିଲା।

## ଜିଲା ଲେଖକ ସମ୍ମେଳନର ପ୍ରତିଭା ପ୍ରଣାମ କାର୍ଯ୍ୟକ୍ରମ



**ଯାଜପୁରରୋଡ,୨୧।୧୦(ନି.ପ୍ର.):** ଯାଜପୁର ଜିଲା ଲେଖକ ସମ୍ମେଳନ ତରଫରୁ ରବିବାର ଧବଳଗିରି ହାଇସ୍କୁଲ ପରିସରରେ ପ୍ରତିଭା ପ୍ରଣାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ମେଳନ ସଭାପତି ରୁଦ୍ରନାରାୟଣ ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଯାଜପୁର ରୋଡ଼ ଥାନାଧିକାରୀ ଅମିତାଭ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଚାରଣ ପଣ୍ଡିତ ଯୁଗଳ କିଶୋର ମିଶ୍ର ବେଦପାଠ କରିଥିଲେ। ଏଥିରେ ଗୋକର୍ଣ୍ଣିକା ସମ୍ପାଦକ ତଥା ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଦସ୍ୟ ରମାକାନ୍ତ ଜେନା ମୁଖ୍ୟଅତିଥି, ସମ୍ମେଳନର ସାଧାରଣ ସମ୍ପାଦକ ଅଧାପକ ଅକ୍ଷୟ କୁମାର ମହାନ୍ତି, ସମ୍ମେଳନର ଉପସଭାପତି ଗୁଣନିଧି ଗୁରୁ, ସମ୍ମେଳନର ଅନ୍ୟତମ ଉପସଭାପତି ଦୟାନିଧି ନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀର ଯାଜପୁର ଜିଲା ସଦସ୍ୟା ସଂଯୁକ୍ତା ମହାପାତ୍ର, ସମ୍ମେଳନର ସମ୍ପାଦକ ମିହିର କୁମାର ଦାସ, ଧବଳଗିରି ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରିୟବ୍ରତ ଦାସ ଓ ଶିକ୍ଷକ ପଣ୍ଡିତ ଅକ୍ଷୟ କୁମାର ଦାସ ଅତିଥି ଭାବେ ଯୋଗ ଦେଇ ପ୍ରତିଭା ପ୍ରଣାମ କାର୍ଯ୍ୟକ୍ରମ ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ କବି ମଧୁସୂଦନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବ୍ୟଙ୍ଗ କବି ବାଇଧର ମାଝି ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

## ଶିକ୍ଷା ଅଭିଯାନ ସମସ୍ତଙ୍କ ପାଇଁ କର୍ମଶାଳା

ବିରଜାକ୍ଷେତ୍ର,୨୧।୧୦(ଡି.ଏନ୍.ଏ.) ରାମବାଗସ୍ଥିତ ରିଜିଓନାଲ କଲେଜ ପରିସରରେ ରବିବାର ଭୁବନେଶ୍ୱରର କିଟ୍ କଲେଜ ସହଯୋଗରେ ସମସ୍ତଙ୍କ ପାଇଁ ଶିକ୍ଷା ଅଭିଯାନ ସମସ୍ତଙ୍କ ପାଇଁ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ରାଜେନ୍ଦ୍ର ନାରାୟଣ ବେହେରା ମୁଖ୍ୟ ଅତିଥି, କେଦାର ନାରାୟଣ ପରିଡ଼ା ସମ୍ମାନିତ ଅତିଥି ଏବଂ ରିଜିଓନାଲ ଡିଗ୍ରୀ କଲେଜ ଅଧକ୍ଷ ପ୍ରମୋଦ କୁମାର ମହାନ୍ତି ଅନ୍ୟତମ ଅତିଥି ଭାବରେ ଯୋଗଦେଇଥିଲେ। ଯୁକ୍ତ ୨ ଅଧକ୍ଷ ଅନୀଲ କୁମାର ମହାନ୍ତି ସଭା ପରିଚାଳନା କରିଥିଲେ। ବର୍ତ୍ତମାନ ସମୟରେ ହେଉଥିବା ଦୁର୍ନୀତି, କୁସଂସ୍କାର, ଅପରାଧ ଓ ରାଜନୈତିକ ଅସହିଷ୍ଣୁତା କେବଳ ଉପଯୁକ୍ତ ଶିକ୍ଷା ଦ୍ୱାରା ହିଁ ଦୂର ହୋଇପାରିବ ବୋଲି କର୍ମଶାଳାରେ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟ, କ୍ରୀଡ଼ା ଓ ଶିକ୍ଷା କ୍ଷେତ୍ରରେ କମ୍ପ୍ୟୁଟର ଜ୍ଞାନର ପ୍ରୟୋଗ ଉପରେ ଅତିଥିମାନେ ଗୁରୁତ୍ୱ ଦେଇଥିଲେ। ଏହି କର୍ମଶାଳାରେ କଲେଜର ପ୍ରାୟ ୫୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ରଣଜିତ କୁମାର ସିଂହ, ପ୍ରଫୁଲ୍ଲ କୁମାର ପଣ୍ଡା, ମମତା ମିଶ୍ର, ରାଜକିଶୋର ପଣ୍ଡା, ସରୋଜ କୁମାର ଜେନା, ତପନ କୁମାର ସାହୁ, ଭରତ ଚନ୍ଦ୍ର ପରିଡ଼ା, ନାରାୟଣ ଚନ୍ଦ୍ର ଦାସ ଓ କିଟ୍ ତରଫରୁ କର୍ମଚାରୀମାନେ କର୍ମଶାଳା ପରିଚାଳନା କରିଥିଲେ ।

### ବିଞ୍ଝାରପୁର ପୋଲିସ ପକ୍ଷରୁ ଶହୀଦ ଦିବସ

## ମରଣୋତ୍ତର ଅଶୋକଚକ୍ରପ୍ରାପ୍ତ ଶହୀଦଙ୍କ ପରିବାର ସମ୍ବର୍ଦ୍ଧିତ



ଶହୀଦ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ବିଞ୍ଝାରପୁର,୨୧।୧୦(ଡି.ଏନ.ଏ)

ବିଞ୍ଝାରପୁର ପୋଲିସ ପକ୍ଷରରୁ ଶହୀଦ ଦିବସ ରବିବାର ପୂର୍ବାହ୍ନରେ କଲ୍ୟାଣପୁରସ୍ଥିତ ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧିର ଚନ୍ଦ୍ର ସାମଲ ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲା ଏସଡିପିଓ ପ୍ରଶାନ୍ତ କୁମାର ମହ୍ଲ, ବିଞ୍ଝାରପୁର ଥାନାଧିକାରୀ ସୁଚିତ୍ରବିର୍ଯ୍ୟ ଦାସ, ଶହୀଦ ସ୍ୱର୍ଗତ ପ୍ରମୋଦ ଶତପଥିଙ୍କ ମା' ଶୈଳବାଳା, ଭାଇ କମଳକାନ୍ତ,ଏସଆଇ ଘନଶ୍ୟାମ ହେଶା ପ୍ରମୁଖ ଯୋଗଦେଇ ସମାଜରେ ପୋଲିସର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବିଞ୍ଝାରପୁର ଥାନାଧିକାରୀ ଦାସ ବିଦ୍ୟାଳୟର ପୁରାତନ ଛାତ୍ର ମରଣୋତ୍ତର ଅଶୋକଚକ୍ରପ୍ରାପ୍ତ ପୋଲିସ ଅଧିକାରୀ ଶହୀଦ ସ୍ୱର୍ଗତ ପ୍ରମୋଦ ଶତପଥିଙ୍କୁ ମନେପକାଇ ତାଙ୍କର କର୍ତ୍ତବ୍ୟ ନିଷ୍ଠା ସମ୍ପର୍କରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଦୃଷ୍ଟାନ୍ତ ଦେବା ସାହିତ ତାଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ଦେଶ ସେବା କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିରୂପେ ଯୋଗଦେଇ ଏସଡିପିଓ ମହ୍ଲ ଦେଶମାତୃକା ସେବା କରି ନିଜ ଜୀବନକୁ ଉତ୍ସର୍ଗ କରିଥିବା ଶହୀଦ ପ୍ରମୋଦଙ୍କ ପାଇଁ ଓଡ଼ିଶା ପୋଲିସ ଗର୍ବିତ ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ୱଚ୍ଛ ସମାଜ ଗଠନରେ ପୋଲିସର ଭୂମିକା ପ୍ରସଙ୍ଗ ଉପରେ ଗତ ୧୫ତାରିଖରେ ହୋଇଥିବା ତର୍କ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ଶହୀଦ ପ୍ରମୋଦଙ୍କ ପରିବାରକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଶହୀଦ ପ୍ରମୋଦଙ୍କ ମା' ଶୈଳବାଳା ଓ ଭାଇ କମଳାକାନ୍ତଙ୍କୁ ଓଡ଼ିଶା ପୋଲିସ ପକ୍ଷରୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରବନ୍ତ ଉଚ୍ଚ ବିଦ୍ୟାଳୟରଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲା ବେଳେ ଅତିରିକ୍ତ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଗିରିଶକାନ୍ତ ଯେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଢାବାରେ ଚାଲିଛି ବେଆଇନ ମଦ କାରବାର

ଜେନାପୁର,୨୧।୧୦(ଡି.ଏନ୍.ଏ)

ସରକାରଙ୍କ ନିୟମ ଅନୁଯାୟୀ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ କଡ଼ରେ ବିଦେଶୀ ମଦ ଦୋକାନଗୁଡିକୁ ହଟେଇ ଦିଆଯାଇଛି। ହେଲେ ରାସ୍ତା କଡ଼ରେ ଥିବା କେତେକ ଢାବାରେ ବେଆଇନ୍ ଭାବେ ମଦ କାରବାର ଚାଲିଛି। ଏହି ବିଦେଶୀ ମଦ କାରବାର ରୋକିବା ଦିଗରେ ବିଫଳ ହୋଇଛି ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନ। ଚଣ୍ଡିଖୋଲ-ଦୁବୁରୀ ୫୩ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଗଢି ଉଠିଥିବା ୫୦ରୁ ଊର୍ଦ୍ଧ୍ୱ ଢାବାରେ ଦେଶୀ ବିଦେଶୀ ମଦ ଅବାଧରେ ବିକ୍ରି ହେଉଥିଲେ ମଧ୍ୟ ସେହିଭଳି କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ନିଆଯାଉ ନାହିଁ। ଅବକାରୀ ବିଭାଗ ପୋଲିସ କାଁଭାଁ ଚଢାଉ କରି ଚାଲିଯାଉଛନ୍ତି। ଅବକାରୀ ବିଭାଗ ସବୁ ଜାଣି ମଧ୍ୟ ଅଜଣା। ସନ୍ଧ୍ୟାହେଲେ ଢାବାଗୁଡିକ ସତେ ଯେପରି ବାର୍ ପାଲଟି ଯାଉଛି।ଏହା ବ୍ୟତୀତ ଜେନାପୁର, ଚଢେଇଧରା, ବାଲିସାହି ଓ କବାଟବନ୍ଧ ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ପାନ ଦୋକାନଗୁଡିକରେ ବ୍ୟାପକ ଗଞ୍ଜେଇ କାରବାର ମଧ୍ୟ ହେଉଛି। ଅବକାରୀ ବିଭାଗ ପୋଲିସ ଅଭିଯୁକ୍ତ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଫଳରେ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜେନାପୁର, ବାଲିସାହି, କବାଟବନ୍ଧ, ଚଢେଇଧରା, ଆରୁହା ପ୍ରଭୃତି ସ୍ଥାନରେ ନିଶା ନିବାରଣ ରୋକିବା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି।

## ବୃଦ୍ଧଙ୍କୁ ପିଟି ପିଟି ହତ୍ୟା ଅଭିଯୋଗ

ବିଞ୍ଝାରପୁର,୨୧।୧୦(ଡି.ଏନ.ଏ)

ବିଞ୍ଝାରପୁର ଥାନା ଅନ୍ତର୍ଗତ ଚନ୍ଦ୍ରମୁଁ ପଞ୍ଚାୟତ ବାଣପୁର ଗ୍ରାମରେ ଗୁହାଳ ବିବାଦକୁ କେନ୍ଦ୍ର କରି ରବିବାର ସନ୍ଧ୍ୟାରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ଜଣେ ବୃଦ୍ଧଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ମୃତକଙ୍କ ପୁଅ ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଚନ୍ଦ୍ରମୁଁ ପଞ୍ଚାୟତ ବାଣପୁର ଗ୍ରାମର ରଷି ସେଠୀ(୬୫) ଓ କୈଳାସ ସେଠୀଙ୍କ ପରିବାର ମଧ୍ୟରେ ବିବାଦୀୟ ଜାଗା ଉପରେ ଗୁହାଳକୁ ନେଇ ଝଗଡ଼ା ଲାଗି ରହୁଥିଲା। ଉକ୍ତ ଗୁହାଳଟି ତିତଲି ପ୍ରଭାବରେ ହୋଇଥିବା ବର୍ଷାରେ ଭାଙ୍ଗି ଯାଇଥିଲା। ରବିବାର ପୂର୍ବାହ୍ନରେ ରଷି ଓ ତାଙ୍କ ପୁଅମାନେ ଏହି ଗୁହାଳ ସଜାଡିବାକୁ ଉଦ୍ୟମ କରୁଥିବା ବେଳେ କୈଳାସଙ୍କ ପରିବାର ଏହାକୁ ବିରୋଧ କରିଥିଲେ। ଏହି ଘଟଣାକୁ କେନ୍ଦ୍ର କରି ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାପରେ ସନ୍ଧ୍ୟାରେ ପୁଣି ଏହି ଘଟଣାକୁ କେନ୍ଦ୍ର କରି ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣା ପରେ ରଷିଙ୍କୁ ସଂଜ୍ଞାହୀନ ଅବସ୍ଥାରେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିବାର ଲୋକେ ନେଇ ଆସିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ରଷିଙ୍କ ପୁଅ ପବନ ତାଙ୍କ ବାପାଙ୍କୁ ଥାନାରେ କୈଳାସ, ତାଙ୍କ ଭାଇ ପାଗଳ, ବାୟା, ଟିକନ ପିଟିପିଟି ହତ୍ୟା କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ବିଞ୍ଝାରପୁର ଥାନାଧିକାରୀ ସୁଚିତ୍ର ବିର୍ଯ୍ୟ ଦାସ ତୁରନ୍ତ ବାଣପୁର ଗ୍ରାମକୁ ଯାଇ ତଦନ୍ତ କରିବା ସହିତ ଗ୍ରାମର କେତକ ଲୋକଙ୍କୁ ଥାନାକୁ ଡାକି ପଚରାଉଚୁରା କରିଥିଲେ। ମାତ୍ର ଗାଁ ଲୋକେ ସେଭଳି କୌଣସି ଗଣ୍ଡଗୋଳ ହୋଇ ନ ଥିବା କହୁଥିବା ବେଳେ ରଷିଙ୍କ ଦେହରେ ମାଡ଼ ବାଜିବା ଭଳି ଚିହ୍ନ ନ ଥିବା ଦେଖିବାକୁ ମିଳିଛି। ଫଳରେ ଅଭିଯୋଗ ସହ ବାସ୍ତବତା ମେଳ ଖାଉ ନ ଥିବା ଥାନାଧିକାରୀ ଦାସ କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି କହିଛନ୍ତି।

**ଗୁହାଳକୁ ନେଇ ବିବାଦ**

## ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଘଟଣା: ଅଭିଯୁକ୍ତ କୋର୍ଟ ଚାଲାଣ

**ଯାଜପୁରରୋଡ,୨୧।୧୦(ନି.ପ୍ର.):** ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଘଟଣାରେ ଯାଜପୁରରୋଡ ପୋଲିସ ଜଣେ ଗୁପ୍‌ଚୁପ୍ ବିକାଳୀଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଯାଜପୁରରୋଡସ୍ଥିତ ଝାଟିଆ ସାହିର ସୁନିଆ ଓଝା। ଏ ନେଇ ପୋଲିସ ପକ୍ଷରୁ ଏକ ମାମଲା(୨୬୭/୧୮) ରୁଜୁ କରାଯାଇଛି। ପ୍ରକାଶ ଯେ, ଗତ ଶୁକ୍ରବାର ଯାଜପୁର ଜିଲା ବ୍ୟାସନଗର ପୌର ପରିଷଦର ପୁରୁଣା ପୋଷ୍ଟ ଅଫିସ୍ ନିକଟସ୍ଥ ଦୁର୍ଗାପୂଜା ମଣ୍ଡପ ନିକଟରେ ଜଣେ ଗୁପ୍‌ଚୁପ୍ ବିକାଳୀ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇ ନ ଥିବାବେଳେ ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ନୂତନ ଉପାୟରେ ଠକେଇ ଉଦ୍ୟମ

ରସୁଲପୁର,୨୧।୧୦(ଡିଏନଏ)

ଚିଟ୍‌ଫଣ୍ଡ ଠକେଇ ମାମଲାରେ ଏବେ ବି ଲୋକେ ରୁନ୍ଧି ହେଉଥିବା ବେଳେ ଏବେ କିଛି ସଂସ୍ଥା ଲୋକଙ୍କୁ ଠକିବାକୁ ନୂଆ ଉପାୟ ଆପଣାଉଥିବା ନଜରକୁ ଆସିଛି। ଏମାନେ ଗାଁ ଗହଳିର ସ୍ୱଳ୍ପଶିକ୍ଷିତ, ନିରକ୍ଷର ମହିଳାଙ୍କୁ ଫସାଇବାକୁ ଉଦ୍ୟମ କରୁଛନ୍ତି। ଏହିପରି ଦୁଇଜଣ ଯୁବକଙ୍କୁ ମିର୍ଜାପୁର ଗ୍ରାମରେ ରବିବାର ଅଟକ ରଖାଯାଇ ପୋଲିସକୁ ଖବର ଦିଆଯାଇଥିଲା। କିନ୍ତୁ ସେମାନେ କୌଶଳକ୍ରମେ ଖସିଯିବାକୁ ସମର୍ଥ ହୋଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗୋଟିଏ ନୂଆ ବାଇକ୍‌ରେ ଦୁଇଜଣ ଅଣଓଡ଼ିଆ ବ୍ୟକ୍ତି ବ୍ୟାଗପତ୍ର ଧରି ମିର୍ଜାପୁର ରାବଣପୋଡ଼ି ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ହଗୁରୀ ନାଥଙ୍କ ପରିବାରର ମହିଳାଙ୍କୁ ଋଣ ନେବାକୁ ସେମାନେ ବୁଝାଇଥିଲେ। ଆଧାର କାର୍ଡ଼ ବା ଯେକୌଣସି ପରିଚୟପତ୍ରର ନକଲ ଦେଲେ ସେମାନେ ତତ୍କାଳ ୫ହଜାର ବା ୧୦ହଜାର ଟଙ୍କା ଋଣ ଦେବେ ବୋଲି କହିଥିଲେ। ଋଣଗ୍ରାହୀ ସପ୍ତାହକୁ ୩୦୦ ବା ୬୦୦ଦେଇ ୨୦ ସପ୍ତାହରେ ତାହା ସୁଝିବେ। ହିତାଧିକାରୀଙ୍କୁ 'ଶ୍ରୀ ମଣିକାନ୍ତ' ଲେଖାଥିବା ଛୋଟ ହଳଦିଆ ରଂଗର ହିସାବ ଖାତାଟିଏ ଦେବେ, ଯେଉଁଥିରେ ଋଣ ରାଶି ଓ ଜମା କିସ୍ତିର ବିବରଣୀ ରହିବ। ଜଣେ ୫ହଜାର ଟଙ୍କା ନେଲେ ୨୦ସପ୍ତାହରେ ୬ହଜାର ଟଙ୍କା ଶୁଝିବ, ୧୦ହଜାର ନେଲେ ୧୨ହଜାର। ଏହା ପରେ ସେମାନେ ଗ୍ରାମର ମହାରଣା ସାହିକୁ ଯାଇ ମହିଳାଙ୍କୁ ବୁଝାଉଥିଲେ। ଏହି ଖବରପାଇ ଗ୍ରାମର ଦେବୀପ୍ରସନ୍ନ ନାୟକ ଓ ଅଭିରାମ ମଲ୍ଲିକ ସେମାନଙ୍କ ପିଛା କରିଥିଲେ। ଜଣେ ମହିଳାଙ୍କୁ ବୁଝାଉଥିବା ବେଳେ ମଲ୍ଲିକ ସେମାନଙ୍କଠାରୁ ଋଣ ନେବାକୁ ଆଗ୍ରହୀ ବୋଲି କହିବାରୁ ସେମାନେ ତାଙ୍କୁ ବୁଝାଇ ଏକ ହଳଦିଆ ହିସାବ ଖାତା ଓ ଋଣ ହିସାବ ଥାଇ ଏକ ମୋବାଇଲ ଫୋନ ନମ୍ବର ଲେଖାଥିବା କାଗଜ ଟୁକୁଡ଼ା ଦେଇଥିଲେ। ନାୟକ ସେମାନଙ୍କ ସଂସ୍ଥା ପଞ୍ଜୀକୃତ କି ଏବଂ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ବା ଓଡ଼ିଶା ସମବାୟ ସଂସ୍ଥା ଅନୁବନ୍ଧିତ କି ବୋଲି ପଚାରିବାରୁ ସେମାନେ ହଡ଼ବଡ଼େଇ ଯାଇଥିଲେ। ଖାତାରେ 'ଶ୍ରୀ ମଣିକାନ୍ତ' ଏକ ପଞ୍ଜୀକୃତ ସଂସ୍ଥା ବୋଲି ଲେଖାଯାଇଥିଲେ ମଧ୍ୟ ଦୁଇ ବ୍ୟକ୍ତି ଏ ସମ୍ବନ୍ଧୀୟ କୌଣସି କାଗଜପତ୍ର ଦେଖାଇପାରି ନ ଥିଲେ। ସେମାନେ ନିଜକୁ କେ.ଭି. ରେଡ୍ଡୀ ଓ କ୍ରିଷ୍ଣା ରେଡ୍ଡୀ ବୋଲି କହୁଥିବାବେଳେ ମୂଳତଃ ଆନ୍ଧ୍ରର ବାସିନ୍ଦା ବୋଲି କହିଥିଲେ । ସେମାନେ ଯାଜପୁର ରୋଡ଼ ରେଳ ଷ୍ଟେଶନ ପାଖରେ ରହୁଥିବା କହିଥିଲେ। ସେମାନଙ୍କ କାର୍ଯ୍ୟକଳାପରେ ସନ୍ଦେହ ହେବାରୁ କୁଆଖିଆ ପୋଲିସକୁ ଖବର ଦେଇ ସେମାନଙ୍କୁ ଅଟକ ରଖି କାଗଜପତ୍ର ଦେଖାଇବାକୁ କହିଥିଲେ। ସେମାନେ କାଗଜପତ୍ର କିଛି ଦୂରରେ ଥିବା ତାଙ୍କ ବାଇକ୍‌ରେ ରଖିଥିବା କହି ଆଣିବାକୁ ଯିବା ବାହାନାରେ ଖସି ପଳାଇ ଯାଇଥିଲେ।

### ଘର ପାଇବାରୁ ବଞ୍ଚିତ ବାସହୀନ ପରିବାର

# ପଞ୍ଚାୟତ କାର୍ଯ୍ୟାଳୟ ପାଲଟିଛି ଆଶ୍ରୟସ୍ଥଳ

ଯାଜପୁର ଅଫିସ,୨୧।୧୦

**ଯାଜପୁର ବ୍ଲକ**

- ବାସହୀନ କରିଦେଲା ତିତଲି
- ଘର ନ ମିଳିବା ପର୍ଯ୍ୟନ୍ତ କାର୍ଯ୍ୟାଳୟ ନ ଛାଡ଼ିବାକୁ ଜିଦ୍

ଏକ ସୁସ୍ଥ, ସୁନ୍ଦର ନାଗରିକ ସମାଜ ଗଠନ କରିବାକୁ ଯାଜପୁର ଜିଲାର ରାଜନେତାମାନେ କେବେ ଚିନ୍ତା କରନ୍ତି ନାହିଁ ବୋଲି ଅନେକ ସ୍ଥାନରେ ଚର୍ଚ୍ଚା ହେଉଛି। କୋଟି କୋଟି ଟଙ୍କା ବ୍ୟୟ କରି ରାଜ୍ୟ ବାହାରର ସାଂସ୍କୃତିକ କାର୍ଯ୍ୟକ୍ରମ, କରତାଳି, ପଦଯାତ୍ରା ପାଇଁ ଯୁବଗୋଷ୍ଠୀ ସଂଗ୍ରହ ଏବଂ ଏମାନଙ୍କ ମାଧ୍ୟମରେ ଭୋଟ ସଂଗ୍ରହ ଓ କ୍ଷମତା ଦଖଲ ସେମାନଙ୍କ ମୁଖ୍ୟ କାମ ବୋଲି ଆଲୋଚନା ହେଉଛି। ଫଳରେ ସରକାରଙ୍କ ଜନହିତକର ଯୋଜନାର ସଫଳତା ଉପଯୁକ୍ତ ହିତାଧିକାରୀ ପାଇ ପାରୁନାହାନ୍ତି । ଯାଜପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଯାଜପୁର ବ୍ଲକ ମହେଶ୍ୱର ପଞ୍ଚାୟତରେ ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି। ଘର ନ ଥିବାରୁ ପଞ୍ଚାୟତ କାର୍ଯ୍ୟାଳୟରେ ମୁଣ୍ଡ ଗୁଞ୍ଜିଛନ୍ତି ଏକ ବାସହୀନ ପରିବାର। ଘର ନ ମିଳିବା ପର୍ଯ୍ୟନ୍ତ ସେମାନେ ପଞ୍ଚାୟତ କାର୍ଯ୍ୟାଳୟ ଛାଡିବେ ନାହିଁ ବୋଲି ଏହି ପରିବାର ଜିଦ ଧରିବାକୁ ବାଧ ହୋଇଛନ୍ତି। ପୂର୍ବରୁ ଯାଜପୁର ସହରରେ ଚାଲିଥିବା ରାଜୀବ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ଅନ୍ୟତମ ଦୃଷ୍ଟାନ୍ତ ବୋଲି କୁହାଯାଇଛି । ସେହିପରି ବିଞ୍ଝାରପୁର ବ୍ଲକରେ ଥିଲାବାଲାଙ୍କୁ ବିଭିନ୍ନ ଆବାସିକ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବା ପ୍ରମାଣିତ ହୋଇଛି । ଜିଲାର ପ୍ରାୟ ସମସ୍ତ ବ୍ଲକ ଅଞ୍ଚଳରେ ଏବେ ବି ବହୁ ହିତାଧିକାରୀ ପକ୍କାଘର ଖଣ୍ଡିଏ ପାଇଁ ଅନାଇ ବସିଛନ୍ତି। ଶାସକ ଦଳର ନେତାମାନେ ପ୍ରତି ଗ୍ରାମକୁ ପଦଯାତ୍ରା କରୁଥିଲେ ମଧ୍ୟ ଲୋକଙ୍କର ଏସବୁ ଦୟନୀୟ ପରିସ୍ଥିତି ସେମାନଙ୍କ ଦୃଷ୍ଟିରେ ନ ପଡିବା ସମାଜ କିମ୍ବା ରାଷ୍ଟ୍ର ମନସ୍କତା ନୁହେଁ ବୋଲି ସ୍ପଷ୍ଟ ବାରି ହୋଇପଡୁଛି।

ଯାଜପୁର ବ୍ଲକର ମହେଶ୍ୱରପୁର ପଞ୍ଚାୟତ। ଏହି ନିର୍ବାଚନ ମଣ୍ଡଳୀରେ ରାଜ୍ୟ ଶାସନରେ ପ୍ରମୁଖ କ୍ଷମତା ହାସଲ କରିଥିବା ନେତା ରହିଛନ୍ତି । ୨ ମାସ ତଳେ ଲଗାଣ ବର୍ଷା ଯୋଗୁ ବହୁ ଗରିବ ଲୋକଙ୍କ ଘର ଭାଙ୍ଗି ଗଲା। ଏଥିରେ ନିବେଦିତା ବିଶ୍ୱାଳ, ମନେଶ ବିଶ୍ୱାଳ, କାଞ୍ଚନ ବିଶ୍ୱାଳଙ୍କ ଭଳି ଅନେକଙ୍କ ପରିବାର ବାସହୀନ ହୋଇପଡ଼ିଥିଲେ। ନିବେଦିତାଙ୍କ ପରିବାର ନିଜ ଭିଟାମାଟି ଛାଡି ଆସି ମାସାଧିକ କାଳ ପଞ୍ଚାୟତ କାର୍ଯ୍ୟାଳୟରେ ଆଶ୍ରୟ ନେଇଛନ୍ତି। ସ୍ୱାମୀ ଦିନ ମଜୁରିଆ। ଦିନେ ମୂଲ ଲାଗିଲେ ପେଟକୁ ଦାନା ଯାଏ। ଘର ତିଆରି କରିବା ତ ଦୂରର କଥା ଘର ମରାମତି ପାଇଁ ପାଖରେ ସମ୍ବଳ ନାହିଁ। ବାରମ୍ବାର ବ୍ଲକ ଅଫିସ ଓ ତହସିଲ ଦୌଡି ଦୌଡି ନୟାନ୍ତ ହୋଇ କିଛି ଲାଭ ନ ମିଳିବାରୁ ମହେଶ୍ୱର ସରପଞ୍ଚ ନିଜ ଅଫିସରେ ରହିବାକୁ ଜାଗା ଦେଇଛନ୍ତି। ସରକାର ଘର ନ ଯୋଗାଇବା ପର୍ଯ୍ୟନ୍ତ ସେ ଘର ଛାଡିବେ ନାହିଁ ବୋଲି ଜିଦ ଧରିଛନ୍ତି ନିବେଦିତା। ସେହିଭଳି କାଞ୍ଚନଙ୍କ ପରିବାର ମାଟିରେ ମିଶି ଯାଇଥିବା ଛପର ଘର ଭିତରେ ଦିନ କାଟୁଛନ୍ତି। ଘର ଭଙ୍ଗା ସାହାଯ୍ୟ କୌଣସି ସର୍ଭେ ହୋଇନାହିଁ କି ପାଳ ଖଣ୍ଡେ ମିଳିନାହିଁ। ବାରମ୍ବାର ମହେଶ୍ୱରପୁର ଆରଆଇ ଅଫିସକୁ ଦୌଡି ଦୌଡି କାଞ୍ଚନଙ୍କ ପରିବାର ନିରାଶ ହୋଇଛନ୍ତି। ସେହି ମାଟିରେ ମିଶିଥିବା ଘରେ ଏବେ ୩ ପ୍ରାଣୀକୁଟୁମ୍ବ ରହୁଛନ୍ତି। ବର୍ଷା ହେଲେ ସାରା ରାତି ଅନିଦ୍ରା। ଦିନରେ ଖରା ଓ ରାତ୍ରିର କାକରରେ ଦିନ କାଟୁଛନ୍ତି ପୁରା ପରିବାର। ସାରା ଜିଲାରେ ଏବେ ବି ହଜାର ହଜାର ପରିବାର ଏଭଳି ଭାବେ ଘର ଖଣ୍ଡିଏ ନ ପାଇ ଚାଳ ଛପର ଘରେ ଦିନ କାଟୁଥିବା ଦେଖିବାକୁ ମିଳିଛି । ସରକାରଙ୍କ ବିଜୁ ପକ୍କା ଘର, ମୋ କୁଡିଆ, ଇନ୍ଦିରାଆବାସ, ରାଜୀବ ଆବାସ ଏଥିପାଇଁ କାର୍ଯ୍ୟକାରୀ ହେଉଛି । ହେଲେ ସେଥିରୁ ପ୍ରାୟ ୪୦ ଭାଗ ଲୋକ ଥିଲାବାଲା କିମ୍ବା ରାଜ୍ୟ ରାଜନୀତିରେ ଦବଦବା ଥିବା ଲୋକଙ୍କୁ ମିଳଥିବା ବେଳେ ଉପଯୁକ୍ତ ହିତାଧିକାରୀଙ୍କୁ ବାଦ ଦିଆଯାଉଛି । ଏ ସଂକ୍ରାନ୍ତରେ ଯାଜପୁର ବିଡିଓ ସୌରଭ ଚକ୍ରବର୍ତ୍ତୀଙ୍କୁ ପଚାରିବାରୁ, ସେ ମହେଶ୍ୱର ପଞ୍ଚାୟତ ଗସ୍ତ କରି ଘଟଣାର ଅନୁଧ୍ୟାନ କରିଛନ୍ତି । ବିଜୁ ପକ୍କା ଓ ମୋ କୁଡିଆ ଘର ପାଇଁ ସେମାନଙ୍କ କ୍ରମିକ ନମ୍ବର ଆସିନାହିଁ। ଏନେଇ ରାଜ୍ୟ ସରକାରଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଛି । ଖୁବଶୀଘ୍ର ଏକ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



## ସଂକ୍ଷେପରେ

### ସ୍ୱଚ୍ଛଭାରତ ସଚେତନତା କାର୍ଯ୍ୟକ୍ରମ




ବୁଗୁଡା,୨୧।୧୦(ଡି.ଏନ୍.ଏ.): ବୁଗୁଡା ପିପୁଲ୍ସ କଲେଜ ଜାତୀୟ ସେବା ଯୋଜନା ୟୁନିଟ୍-୩ ପକ୍ଷରୁ ବରଡିପଲ୍ଲୀଠାରେ ସପ୍ତାହବ୍ୟାପୀ ଚାଲି ଆସିଥିବା ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଅଧକ୍ଷ ରଜନୀକାନ୍ତ ଦାଶ ସଭାପତିତ୍ୱ କରିଥିଲେ। ଅଧାପକ ଅକ୍ଷୟ ସାହୁ, ହରିକୃଷ୍ଣ ନାୟକ, ଡ. ପ୍ରଦୀପ କୁମାର ଦାଶ, ସୁଦର୍ଶନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସ୍ୱଚ୍ଛଭାରତ ସଚେତନତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବରଡିପଲ୍ଲୀ ଗ୍ରାମ, କଲେଜ ପରିସର, ବୁଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶିବିରାର୍ଥୀମାନେ ସଫେଇ କରିଥିଲେ। ଏହି ଅବସରରେ ୟୁନିଟ୍-୩ର ପ୍ରୋଗ୍ରାମ ଅଧିକାରୀ ଅନିତା ଦେବୀଙ୍କ ନେତୃତ୍ୱରେ କଲେଜଠାରୁ ସ୍ୱଚ୍ଛଭାରତ ସଚେତନତା ଶୋଭାଯାତ୍ରା ବାହାରି ବୁଗୁଡା ହାଇସ୍କୁଲ ଛକ ପର୍ଯ୍ୟନ୍ତ ଯାଇଥିଲା।

### ପୋଖରୀରୁ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣା, ହତ୍ୟା ମାମଲା ରୁଜୁ

ପୋଲସରା,୨୧।୧୦(ଡି.ଏନ.ଏ.)- ପୋଲସରା ଥାନା ଜା. ଢ଼େଙ୍ଗାପଦର ଗ୍ରାମର ଲକ୍ଷ୍ମୀ ଭୂୟାଁଙ୍କ ଗଳିତ ମୃତଦେହ ପୋଖରୀରୁ ମିଳିବା ପରେ ପୋଲିସ ହତ୍ୟା ମାମଲା ରୁଜୁ କରିଛି। ପୋଲିସ ନଂ.୧୯୪/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲିକ ସୂଚନା ଦେଇଛନ୍ତି। ପୋଲିସ ମୃତ ଲକ୍ଷ୍ମୀଙ୍କ ସ୍ୱାମୀ ଓ ଶାଶୁଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ପ୍ରକାଶ ଯେ, ସୂର୍ଯ୍ୟ ଭଉଣୀ ଘରକୁ ଆସି ତାଙ୍କୁ ନ ପାଇ ପରିବାର ଲୋକଙ୍କୁ ପଚାରି ଥିଲେ। ମାତ୍ର ସେମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ସେ ଥାନାରେ ଭଉଣୀ ନିଖୋଜ ଥିବା ନେଇ ମାମଲା ରୁଜୁ କରିଥିଲେ। ଶନିବାର ଲକ୍ଷ୍ମୀଙ୍କ ଗଳିତ ମୃତଦେହ ଘର ସମ୍ମୁଖରେ ଥିବା ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଅଶୋକ କୁମାର ପ୍ରଧାନଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଥିଲେ।

# ଶ୍ରୀକ୍ଷେତ୍ରରେ ପହଞ୍ଚିଲେଣି ହବିଷିଆଳି

ପୁରୀ ଅଫିସ,୨୧।୧୦

ଆସନ୍ତା ୨୪ ତାରିଖରେ ଆଶ୍ୱିନ ପୂର୍ଣ୍ଣିମା ବା କୁମାର ପୂର୍ଣ୍ଣିମା। ଏହା ପରଦିନ ଅର୍ଥାତ୍ ୨୫ ତାରିଖରୁ ଆରମ୍ଭ ହେବ ଧର୍ମ ମାସ କାର୍ତ୍ତିକ। ପୁଣ୍ୟ ଭୂମି ଶ୍ରୀକ୍ଷେତ୍ରରେ ରହି କାର୍ତ୍ତିକ ବ୍ରତ ପାଳନ କରିବେ ହଜାର ହଜାର ହବିଷିଆଳି। ଏଥିଲାଗି ରବିବାରଠାରୁ ଶ୍ରୀକ୍ଷେତ୍ରକୁ ହବିଷିଆଳିଙ୍କ ଆଗମନ ଆରମ୍ଭ ହୋଇଛି। ଟ୍ରେନ ଏବଂ ବସ୍ ଯୋଗେ ବହୁ ହବିଷିଆଳି ଆସି ପୁରୀରେ ପହଞ୍ଚିଛନ୍ତି। ବ୍ରତଧାରୀମାନେ ପୂର୍ବରୁ ସ୍ଥିର କରିଥିବା ଧର୍ମଶାଳା, ମଠ, ମନ୍ଦିରକୁ ଟେମ୍ପୋ, ରିକ୍ସା ଆଦିରେ ଯାଇଛନ୍ତି। ଏଥିପାଇଁ ବିଭିନ୍ନ ମଠ, ମନ୍ଦିରରେ ଧୀରେ ଧୀରେ ଆରମ୍ଭ ହୋଇଗଲାଣି ଗହଳି। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ହବିଷିଆଳିଙ୍କ ଆଗମନ ଲାଗି ରହିବ। ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ ହବିଷିଆଳି ଯୋଜନାରେ ଯେଉଁମାନେ ଆସିବେ ସେମାନଙ୍କୁ ୨୪ ତାରିଖରୁ ଆଶ୍ରୟସ୍ଥଳୀରେ ରଖାଯିବ। ତେବେ ଆଶ୍ରୟସ୍ଥଳୀରେ ରହୁଥିବା ସମସ୍ତ ବିଷିଆଳିଙ୍କ ଲାଗି ସରକାର ମାଗଣାରେ ରହିବା, ଖାଇବା ସହିତ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ତେଣୁ ଆଗକୁ ଶ୍ରୀକ୍ଷେତ୍ରରେ ହବିଷିଆଳିଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

ଅନ୍ୟପକ୍ଷରେ ଶନିବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି କାର୍ତ୍ତିକ ନୀତି। ରାଇଦାମୋଦର ବେଶରେ ଦର୍ଶନ ଦେଉଛନ୍ତି ମହାପ୍ରଭୁ। କିନ୍ତୁ ପରମ୍ପରା ଅନୁଯାୟୀ, ହବିଷିଆଳିମାନେ କାର୍ତ୍ତିକ ମାସ ପ୍ରଥମ ଦିନରୁ କାର୍ତ୍ତିକ ବ୍ରତ ଆରମ୍ଭ କରିଥାନ୍ତି। ପ୍ରାତଃରୁ ମାର୍କଣ୍ଡ, ଶ୍ୱେତଗଙ୍ଗା, ନରେନ୍ଦ୍ର ଏବଂ ଇନ୍ଦ୍ରଦ୍ୟୁମ୍ନ ଆଦି ବିଭିନ୍ନ ପୁଷ୍କରିଣୀରେ ସ୍ନାନ କରି ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରିଥାନ୍ତି। ଏହାପରେ ରହୁଥିବା ବିଭିନ୍ନ ମଠ, ଧର୍ମଶାଳା ଏବଂ ଆଶ୍ରୟସ୍ଥଳୀର ତୁଳସୀ ଚଉରା ମୂଳେ ପୂଜା କରିଥାନ୍ତି। ଦିନରେ ଗୋଟିଏ ଥର ମହାପ୍ରସାଦ ସେବନ ଅର୍ଥାତ୍ ହବିଷାନ୍ନ କରି କାର୍ତ୍ତିକ ବ୍ରତ ପାଳିଥାନ୍ତି।

କାର୍ତ୍ତିକ ବ୍ରତ ପାଳନ ପାଇଁ ରବିବାର ସନ୍ଧ୍ୟାରେ ପୁରୀ ରେଳ ଷ୍ଟେଶନରେ ପହଞ୍ଚିଥିବା ଗଞ୍ଜାମ ଜିଲା ରେଞ୍ଜୀ ଗ୍ୟାରେଜ ଅଞ୍ଚଳର ୮୦ ବର୍ଷୀୟା ସାବିତ୍ରୀ ଦୋରା କହିଛନ୍ତି, ଦୀର୍ଘ ୩୦ ବର୍ଷ ହେଲା କାର୍ତ୍ତିକ ବ୍ରତ ପାଳନ କରୁଛି। ପ୍ରତିବର୍ଷ ପୁରୀରେ ରହି ହବିଷ କରିଥାଏ। ଅଠରନଳାରେ ରହୁଥିବା ପୁଅ ପାଖରେ ରହି ବ୍ରତ କରିଥାଏ। ଧର୍ମ ମାସକ ଯାକ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିବାର ସୌଭାଗ୍ୟ ଭାଗ୍ୟରେ ଥିଲେ ମିଳେ। ମହାପ୍ରଭୁଙ୍କ କରୁଣାରୁ ପ୍ରତିବର୍ଷ ଭଲରେ ଭଲରେ ବ୍ରତ ଶେଷ କରୁଛି। ଅନ୍ୟ ଜଣେ ହବିଷିଆଳି ହେଲେ ନୟାଗଡ଼ ଜିଲା ଗଣିଆ ଅଞ୍ଚଳର ୭୫ ବର୍ଷୀୟା ରାଧିକା ବିଶ୍ୱାଳ। ସେ କୁହନ୍ତି, ୧୫ ବର୍ଷ ହେଲାଣି ପୁରୀ ଆସି କାର୍ତ୍ତିକ ବ୍ରତ ପାଳନ କରୁଛି। ସମସ୍ତଙ୍କ ସହିତ ମିଶି ଠାକୁରଙ୍କ ପୂଜା କରୁ। ମହାପ୍ରଭୁଙ୍କ ଇଚ୍ଛା ଯେତେଦିନ ଥିବ ସେତେଦିନ ପର୍ଯ୍ୟନ୍ତ କାର୍ତ୍ତିକ ବ୍ରତ ପାଳନ କରିବି। ଏଥର ରହିବା ପାଇଁ ପୁରୀର ଏକ ଧର୍ମଶାଳା ବୁଝିଛି ପୁଅ। ସେହିଠାରେ ମାସକ ଯାକ ରହି କାଳିଆକୁ ଦର୍ଶନ କରିବି।


ଶ୍ରୀକ୍ଷେତ୍ରରେ ପହଞ୍ଚିଲେ ହବିଷିଆଳି।

**୨୫ରୁ କାର୍ତ୍ତିକ ବ୍ରତ**

- ମଠ, ମନ୍ଦିରରେ ଲାଗିଲାଣି ଗହଳି
- ଆଶ୍ରୟସ୍ଥଳୀରେ ମାଗଣା ରହିବା, ଖାଇବା ବ୍ୟବସ୍ଥା
- ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି କାର୍ତ୍ତିକ ନୀତି

### ପଞ୍ଜୀକରଣ କଲେଣି ୧,୫୮୭ ଜଣ

ଗତ ଦୁଇବର୍ଷ ଭଳି ଚଳିତବର୍ଷ ମଧ ରାଜ୍ୟ ସରକାର ହବିଷିଆଳିଙ୍କୁ ମାଗଣାରେ ରହିବା ଏବଂ ଦିନକୁ ଗୋଟିଏ ଥର ମହାପ୍ରସାଦ ଦେବା ଲାଗି ବ୍ୟବସ୍ଥା କରିଛନ୍ତି। ଚଳିତବର୍ଷ ପ୍ରାୟ ୨,୫୦୦ ହବିଷିଆଳିଙ୍କୁ ମାଗଣାରେ ରଖିବା ଲାଗି ନିଷ୍ପତ୍ତି ହୋଇଛି। ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସ, ରେଲ୍‌ୱେ ଯାତ୍ରୀ ନିବାସ, ମୋଚିସାହି ନିକଟ ପୌରସଂସ୍ଥା କଲ୍ୟାଣ ମଣ୍ଡପ ଓ ଜଗନ୍ନାଥ ବଲ୍ଲଭରେ ହବିଷିଆଳିଙ୍କୁ ରଖିବା ଲାଗି ସ୍ଥିର କରାଯାଇଛି। ରବିବାର ସନ୍ଧ୍ୟା ସୁଦ୍ଧା ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ୧,୫୮୭ ଜଣ ହବିଷିଆଳି ନାମ ପଞ୍ଜୀକରଣ କରିଛନ୍ତି। ସୋମବାର ପଞ୍ଜୀକରଣର ଶେଷ ଦିବସ ରହିଛି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟଙ୍କାକୁ ସେଉଳ (ଷୋଅଳ) ଅଣା,**
**ଯାର କଥା ତାକୁ ଜଣା।**

କାହା ଅନ୍ତର କଥା କେହି ବୁଝିପାରିବା କଷ୍ଟକର। କାହା ମନରେ କ'ଣ ଅଛି ତାକୁ କେହି ସହଜରେ ଜାଣିପାରି ନ ଥାନ୍ତି। ଏପରିସ୍ଥଳେ ମୁହଁରେ ଯିଏ ଯାହା ପ୍ରକାଶ କରେ ତାକୁ ନିଜ ବିଚାର ଓ ବୁଦ୍ଧି ବଳରେ ସତ କିମ୍ବା ମିଛ ବୋଲି ଧାରଣା କରିବା ଉଚିତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଟାଙ୍ଗର ମୁଣ୍ଡରେ ତେଲ**
**ସାରୁ ବିକି ଘରେ ଦେଲ।**

ଭଲ ଘର ଭଲ ବର ଦେଖି ପ୍ରତ୍ୟେକ ପିତାମାତା ନିଜ ଝିଅର ବିବାହ କରାଇଥାନ୍ତି। ଭବିଷ୍ୟତରେ ଯେପରି କିଛି ଅସୁବିଧା ନ ଘଟିବ ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦେଇଥାନ୍ତି। ପରନ୍ତୁ ବାସ୍ତବତାରେ ଏଥିରେ କିଛି ବ୍ୟତିକ୍ରମ ଘଟିଲେ ବିଚାରୀ ଝିଅ ଅନେକ ଦୁଃଖକଷ୍ଟ ପାଇଥାଏ। ଏପରିସ୍ଥଳେ ଗରିବ ଘରେ ବିବାହ ହୋଇଥିବା ଝିଅ ନିଜ ଭାଗ୍ୟକୁ ନିନ୍ଦିବା ସହ ମନ ଉଣା କରି ବସୁଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

### ନଦୀରେ ଭାସି ଯାଇଥିବା ଯୁବକଙ୍କ ମୃତଦେହ ଉଦ୍ଧାର

ବାଲିଗୁଡା,୨୧।୧୦(ଡି.ଏନ୍.ଏ.)

କନ୍ଧମାଳ ଜିଲା ବାଲିଗୁଡା ବ୍ଲକ ଅଧୀନସ୍ଥ ବାଲିଗୁଡା-ସିନ୍ଦ୍ରିଗାଁ ରାସ୍ତା ନିକଟସ୍ଥ ଖଡଗନଦୀରେ ଗତ ୧୭ ତାରିଖରେ ଚମ୍ପାସାହିର ଭଞ୍ଜ କିଶୋର ପଣ୍ଡାଙ୍କ ପୁଅ ଗୁଡୁ ଭାସି ଯାଇଥିଲେ। ପରିବାର ଲୋକେ ଓ ଦମକଳ ବାହିନୀ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କର ପତ୍ତା ମିଳି ନ ଥିଲା। ରବିବାର ଖବର ପାଇ ବୁଡୁକିଆ ନିକଟସ୍ଥ ଖଡଗନଦୀ ପଠାରୁ ଦମକଳବାହିନୀ ମୃତଦେହ ଉଦ୍ଧାର କରିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରକାଶ ଯେ, ଗୁଡୁ ଜେଜେ ମା'ଙ୍କ ଦଶାହ କାମ ପାଇଁ ନଦୀକୁ ଯାଇଥିବାବେଳେ ଗୋଡ ଖସି ଯିବାରୁ ଭାସି ଯାଇଥିଲେ।

## ୨୪ରୁ କୁମାର ଉତ୍ସବ: ନୃତ୍ୟ, ଗୀତରେ ଝୁମିବ ପୁରୀ ସହର

# ଆକର୍ଷଣ ସାଜିବେ ଋତୁରାଜ, ଅନ୍ୱେଷା, ତ୍ରିଜୟ

ପୁରୀ ଅଫିସ,୨୧।୧୦

ଆସନ୍ତା ୨୪ ତାରିଖରେ କୁମାର ପୂର୍ଣ୍ଣିମା। ଓଡ଼ିଶାର ଏହି ବିଶେଷ ପର୍ବ ଉପଲକ୍ଷେ ପୁରୀର ବଡ଼ଦାଣ୍ଡ, ବେଳାଭୂମି ସମେତ ବିଭିନ୍ନ ସ୍ଥାନରେ କୁମାର ଉତ୍ସବ ବେଶ୍ ଧୂମ୍‌ଧାମରେ ଅନୁଷ୍ଠିତ ହେବ। ୪ଦିନ ଧରି ନୃତ୍ୟ, ଗୀତରେ ଝୁମିବ ପୁରୀ ସହର। ଭରପୂର ମଜା ଉଠାଇବେ ସହରବାସୀ ଓ ପର୍ଯ୍ୟଟକ। ଏହାକୁ ଦୃଷ୍ଟିରେ ରଖି ଆୟୋଜକମାନେ ମଧ୍ୟ ଓଡ଼ିଶା ସମେତ ବାହାରୁ କଳାକାରଙ୍କୁ ଆଣୁଛନ୍ତି। ଶ୍ରୀକ୍ଷେତ୍ର ୟୁଥ୍ କଲ୍‌ଚରାଲ ଆସୋସିଏଶନ ପକ୍ଷରୁ ଗୋଲ୍‌ଡେନ ସି ବିଚ୍‌ରେ ୨୪ ଓ ୨୫ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ ୩୯ତମ କୁମାର ଉତ୍ସବ। ଉଦ୍‌ଘାଟନୀ ସନ୍ଧ୍ୟାରେ କୋରସ୍ ରୂପା ଜହ୍ନ ସୁନା ମନ..., ଶାସ୍ତ୍ରୀୟ ନୃତ୍ୟ, ଲବଣୀ ନୃତ୍ୟ, ମ୍ୟୁଜିକାଲ ନାଇଟ୍ ସାଙ୍ଗକୁ ହାସ୍ୟରସାତ୍ମକ ନାଟକ ଘିଅ ଖିଆ ଡକ୍ଟର ପରିବେଷଣ କରାଯିବ। ଉଦ୍‌ଯାପନୀ ସନ୍ଧ୍ୟାରେ ମାହାରୀ ନୃତ୍ୟ ସାଙ୍ଗକୁ ପ୍ରମୁଖ ଆକର୍ଷଣ ସାଜିବେ ବଲିଉଡ୍‌ର ପ୍ରଚ୍ଛଦପଟ ଗାୟିକା ଅନ୍ୱେଷା ଦତ୍ତ ଏବଂ ଗାୟକ ତ୍ରିଜୟ ଦେବ। ଅନ୍ୱେଷା ହେଉଛନ୍ତି ଚଳଚ୍ଚିତ୍ର ପ୍ରେମ୍ ରତନ ଧନ ପାୟୋର ଲୋକପ୍ରିୟ ଗୀତ ଜଲ୍‌ତେ ଦିୟେ...ର ଗାୟିକା। ସେହିପରି କୁମାର ଉତ୍ସବ ସମିତି ପକ୍ଷରୁ ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଆସନ୍ତା ୨୫ରୁ ୨୭ ତାରିଖ ତିନିଦିନ ଧରି ଅନୁଷ୍ଠିତ ହେବ ୫୧ତମ କୁମାର ଉତ୍ସବ। ୨୬ ତାରିଖରେ ପ୍ରମୁଖ ଆକର୍ଷଣ ସାଜିବ କୁମାର ଉତ୍ସବର କୋରସ୍ ସରଗେ ଜହ୍ନ...ମରତେ କହିଁ...। ଏହାସହିତ ପଦ୍ମଶ୍ରୀ ଇଲିଆନା ସିତାରିସ୍ତଙ୍କ ନୃତ୍ୟ ଏବଂ ନାଟକ 'ଶେଷ ଇଚ୍ଛା' ମଧ ପରିବେଷଣ କରାଯିବ। ୨୭ ତାରିଖରେ ମୁଖ୍ୟ ଆକର୍ଷଣ ସାଜିବେ ର-ଷ୍ଟାର ଋତୁରାଜ ମହାନ୍ତି। ଏହି ସନ୍ଧ୍ୟାରେ ଋତୁରାଜଙ୍କ ସହ ଗୀତରେ ଶ୍ରୋତାଙ୍କୁ ଝୁମାଇବେ କଣ୍ଠଶିଳ୍ପୀ ମନସ୍ୱିନୀ ପଟ୍ଟନାୟକ ଏବଂ ଶଶାଙ୍କ ଶେଖର।

## ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



ପୁରାତନ ଛାତ୍ର।

ଭଞ୍ଜନଗର,୨୧।୧୦(ଡି.ଏନ.ଏ.)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ୨୦୦୯ ସ୍ନାତକ ବ୍ୟାଚ୍ ଛାତ୍ରଙ୍କ ଏକ ବନ୍ଧୁମିଳନ ଉତ୍ସବ ରବିବାର ସ୍ଥାନୀୟ ବନବିହାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରମାନେ ଏକ ସମାଜ କଲ୍ୟାଣକାରୀ ଟ୍ରଷ୍ଟ ଗଠନ କରି ଗରିବ ଛାତ୍ରୀଛାତ୍ରଙ୍କ ବିକାଶ ପାଇଁ କାର୍ଯ୍ୟକ୍ରମ ହାତକୁ ନେବାକୁ ନିଷ୍ପତ୍ତି ନେଇଥିଲେ। ସୁଜିତ କୁମାର ସ୍ୱାଇଁ, ତ୍ରିନାଥ ବେହେରା, ହୃଷିକେଶ ପ୍ରଧାନ, ଗିରିଜା ଶଙ୍କର ଭୂୟାଁ, ଆନନ୍ଦ ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ପୋଲିସ ଶହୀଦ ଦିବସ ପାଳିତ

ଆସିକା,୨୧।୧୦(ଡି.ଏନ୍.ଏ.)

ଗାଙ୍ଗପୁର ଥାନା ଆମ ପୋଲିସ ସମିତି ପକ୍ଷରୁ ରବିବାର ପୂର୍ବାହ୍ନରେ କ୍ଷତ୍ରୀୟବରପୁର ହାଇସ୍କୁଲ ପରିସରରେ ଶହୀଦ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ୧୯୯୫ରେ ଭଞ୍ଜନଗର ଥାନାରେ କାର୍ଯ୍ୟରତ ଗୌରହରି ପ୍ରଧାନଙ୍କ ସ୍ମୃତି ଚାରଣ କରାଯିବା ସହ ସ୍ୱର୍ଗତ ପ୍ରଧାନଙ୍କ ପରିବାରକୁ ସମ୍ମାନିତ କରାଯାଇଥିଲା। ଗାଙ୍ଗପୁର ଥାନା ଆମ ପୋଲିସ ସମିତିର ଅଧକ୍ଷ ତଥା ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଷତ୍ରୀୟବରପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ସନିତ୍ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ବେଲଗୁଣ୍ଠା ବିଡିଓ ସରୋଜ କୁମାର ବେହେରା, ମୁଖ୍ୟବକ୍ତା ରୂପେ ଭଞ୍ଜନଗର ଏସ୍‌ଡିପିଓ ଉତ୍କଳ କେଶରୀ ଦାସ ଏବଂ ସମ୍ମାନିତ ଅତିଥି ଭାବେ ସ୍ୱର୍ଗତ ପ୍ରଧାନଙ୍କ ଝିଅ ଅନିତା ପ୍ରଧାନ, ପ୍ରଦ୍ୟୁମ୍ନ କୁମାର ପାତ୍ର, ସରପଞ୍ଚ ରାଜେନ୍ଦ୍ର କୁମାର ଗୌଡ, ସାମାଜିକ କର୍ମୀ ବଂଶୀଧର ନାହାକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କ ତ୍ୟାଗପୂତ ସେବା ସମ୍ପର୍କରେ ଆଲୋଚନା କରିଥିଲେ। ସୂଚନା ଯୋଗ୍ୟ, ଗାଙ୍ଗପୁର ଥାନାର କୁଲାଗଁ ପଞ୍ଚାୟତ ଗୁଡିବନ୍ଧ ଗ୍ରାମର ସ୍ୱର୍ଗତ ଗୌରହରି ପ୍ରଧାନଙ୍କର ୧୯୯୫ରେ ଭଞ୍ଜନଗର ଥାନାରେ ସବ୍ ଇନିସପେକ୍ଟର ଭାବେ କର୍ତ୍ତବ୍ୟରତ ଥିବାବେଳେ କେତେକ ଆତତାୟୀଙ୍କ ହାତରେ ନିଧନ ହୋଇଥିଲେ। ଦୀର୍ଘ ଦିନ ପରେ ସ୍ୱର୍ଗତ ପ୍ରଧାନ ପାଠ ପଢୁଥିବା କ୍ଷେତ୍ରୀୟବରପୁର ହାଇସ୍କୁଲରେ ଗାଙ୍ଗପୁର ପୋଲିସ ସମିତି ପକ୍ଷରୁ ସେହି ମହାନ୍ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏହି ସ୍ମୃତି ସଭାର ଆୟୋଜନ କରାଯାଇଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

SPOT ADMISSION
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
CT(D.El.Ed)
Equivalent to Board of Secondary Education Odisha
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678
8337956019

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ
(Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ।
1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍‌ଚର
ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
73106-12716
89794-48754

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠହରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ଦୈବିକ ବିଦ୍ୟାରେ ନିପୁଣ
9873361894, 9654673664

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟରେ ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

ନିଜ ବ୍ୟବସାୟରେ ଅଭିବୃଦ୍ଧି ଆଣନ୍ତୁ
ITCT EDUCATION
ସହିତ
ଭାରତର ସର୍ବବୃହତ୍ ନେଟ୍‌ୱର୍କ
ନିଜ ବ୍ୟବସାୟରେ ଅତିରିକ୍ତ ଲାଭ ଉପାର୍ଜନ କରନ୍ତୁ। ଆଇଟିସିଟି ଲର୍ନିଂ ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଏକ ଫ୍ରାଞ୍ଚାଇଜି ପାର୍ଟନର ହୁଅନ୍ତୁ।
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ (ଭାରତ ସରକାର)
ଅଧିକ ସୂଚନା ପାଇଁ
0712-2223456 / 09422123456
www.itctedu.in

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ!
କାମ ନହେଲେ ପଇସା ଫେରସ୍ତ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଳେଶ, କିୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରଣୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠ୍‌କରଣୀ ଏବଂ କଳାଯାଦୁ)
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଳେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ଦୈବିକ ବିଦ୍ୟାରେ ନିପୁଣ
9997796211

!! LOAN LOAN LOAN !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9717895136
9871773265
Add : - 41/14, Sec-1 Pushp Vihar, Delhi

ଋଣ
ନବରାତ୍ରି ଉତ୍ସବ
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଶ୍ରୀ ଜଗନ୍ନାଥ ଫାଇନାନ୍ସ
ମାର୍କଶିଟ୍, ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି ଋଣ ଇତ୍ୟାଦି 24 ଘଣ୍ଟାରେ
1,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
1% ସୁଧ 55% ରିହାତି + 25% ସବ୍‌ସିଡି
ମାତା ଓ ଭଉଣୀଙ୍କୁ ବିଶେଷ ରିହାତି
7895183349
9927051692
Add : - 41/14, Sec-1 Pushp Vihar, Delhi

### ପାଠକଙ୍କ ପାଇଁ ସୂଚନା

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଜିଲାସ୍ତରୀୟ କ୍ୟାରମ ପ୍ରତିଯୋଗିତା ଉଦ୍‌ଘାଟିତ



**ଖଣ୍ଡପଡା,୨୧।୧୦(ସ୍ୱ.ପ୍ର.):** ସେଞ୍ଚୁରିଅନ କ୍ୟାରମ ଆସୋସିଏଶନ ବାଇଗୁଣିଆ ଆନୁକୂଲ୍ୟରେ ସ୍ଥାନୀୟ ସେବା ସମବାୟ ସମିତି ସଭାଗୃହରେ ୧୨ତମ ଜିଲାସ୍ତରୀୟ କ୍ୟାରମ ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଟୁନି ବେହେରା ମୁଖ୍ୟ ଅତିଥିରୂପେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ କ୍ରୀଡାବିତ୍ ନାରାୟଣ ମହାରଣା, ସାମାଜିକ କର୍ମୀ ସିଦ୍ଧେଶ୍ୱର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆସୋସିଏଶନର ସଭାପତି ମାନସ କୁମାର ପୃଷ୍ଟି ଓ ସମ୍ପାଦକ ଶିଶିର କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହି ପ୍ରତିଯୋଗିତାରେ ୪ ଜିଲାରୁ ବଛାବଛା ୩୨ଟି ଟିମ୍ ଅଂଶଗ୍ରହଣ କରିଥିବା ଆୟୋଜକଙ୍କ ସୂତ୍ରରୁ ପ୍ରକାଶ। ସୋମବାର ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରାଯିବ।

### ନବନିର୍ମାଣ କୃଷକ ସଂଗଠନର ପ୍ରସ୍ତୁତି ବୈଠକ

ଟାଙ୍ଗୀ,(ଖୋର୍ଦ୍ଧା)୨୧।୧୦(ଡି.ଏନ.ଏ.)- ନବନିର୍ମାଣ କୃଷକ ସଂଗଠନ ତରଫରୁ ଚଳିତ ମାସ ୨୯ଠାରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଚାଲ ଅଭିଯାନର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ରବିବାର ସ୍ଥାନୀୟ ବଳରାମଦେବଙ୍କ ମନ୍ଦିର ପରିସରରେ ବରିଷ୍ଠ କୃଷକ କୁବେର କଳସଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜିତ ହୋଇଥିଲା। ବାଲୁଗାଁଠାରୁ ଅଭିଯାନ ଆରମ୍ଭ ହୋଇ ଚଳିତ ମାସ ୩୦ ତାରିଖ ରାତ୍ରିରେ ପ୍ରାୟ ୨୫ ହଜାର କୃଷକ ପଦଯାତ୍ରାରେ ଆସି ଟାଙ୍ଗୀଠାରେ ଅବସ୍ଥାନ କରିବେ। ଏହି ଆନ୍ଦୋଳନକୁ କର ବା ମର ନୀତିରେ ଗ୍ରହଣ କରି ସମଗ୍ର ରାଜ୍ୟର କୃଷକ ସମାଜ ଏକତ୍ରିତ ହେବାକୁ ନିବେଦନ କରାଯାଇଥିଲା। ଟାଙ୍ଗୀ ବ୍ଲକ୍‌ର ରାମଚନ୍ଦ୍ରପୁର, ବଡପାରୀ, ଟାଙ୍ଗୀ ଓ ମଙ୍ଗଳାଯୋଡି ପଞ୍ଚାୟତର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଚାଷୀ ଏଥିରେ ଯୋଗ ଦେଇଥିଲେ।

# କମୁଛି ଚିଲିକା ମାଛ, କଙ୍କଡ଼ା ଉତ୍ପାଦନ

**ଖୋର୍ଦ୍ଧା ଅଫିସ,୨୧।୧୦**

ଚିଲିକାରେ ମାଛ, ଚିଙ୍ଗୁଡି ଓ କଙ୍କଡା ଉତ୍ପାଦନ କମିବାରେ ଲାଗିଛି। ସରୁଜାଲ ପକାଇ ସବୁବେଳେ ମାଛ ଯାଆଁଳ ଧରିବା ଓ ସମୁଦ୍ରରୁ ଆସୁଥିବା ମାଛ ଚିଲିକାକୁ ନ ଆସି ମୁହାଣ ନିକଟରେ ଅଟକି ରହିଯାଉଛନ୍ତି। ଅନ୍ୟପକ୍ଷେ ଅନ୍ତର୍ଜାତୀୟ ବଜାରକୁ ରପ୍ତାନି ଯୋଗୁ ମାଛ, କଙ୍କଡାର ଦର ବଢ଼ି ଚାଲିଛି। ଯଦ୍ୱାରା ଚିଲିକା ମାଛ, ଚିଙ୍ଗୁଡି, କଙ୍କଡା ସ୍ଥାନୀୟ ଲୋକ କିଣିବା ସମ୍ଭବ ହେଉନାହିଁ। ଏଣୁ ସ୍ଥାନୀୟ ଲୋକ ଚିଲିକା ପାଖରେ ଥାଇ ଆନ୍ଧ୍ର ମାଛରେ ନିଜର ଚାହିଦା ମେଣ୍ଟାଉଛନ୍ତି। ମତ୍ସ୍ୟଜୀବୀମାନେ ମାଛଧରା ଛାଡି ଦାଦନ ଖଟିବାକୁ ପଳାଇ ଯାଉଛନ୍ତି। କିନ୍ତୁ ସରକାରଙ୍କର ମତ୍ସ୍ୟ ବିଭାଗ ଉତ୍ପାଦନ ବଢୁଥିବା ତଥ୍ୟ ପ୍ରକାଶ କରୁଥିବାବେଳେ ବାସ୍ତବ ସ୍ଥିତି ଅଲଗା। ସତ କ'ଣ ତା'ର ସମୀକ୍ଷା କରାଯାଉନି କି ମାଛ ଉତ୍ପାଦନ କମିବାର କାରଣ ଖୋଜା ଯାଉ ନ ଥିବାରୁ ସମସ୍ୟାର ସମାଧାନ ହେଉନି।

ସମୟ ଥିଲା ଚିଲିକାକୂଳିଆ ଲୋକେ ତରକାରି ଭାବେ ପନିପରିବାକୁ ଅଣଦେଖା କରି ମାଛ ଓ କଙ୍କଡାକୁ ସ୍ୱଳ୍ପଦରରେ କିଣି ଗୁଜୁରାଣ ମେଣ୍ଟାଉଥିଲେ। ବର୍ତ୍ତମାନ ସମୟ ବଦଳ ଯାଇଛି। ପନପରିବାର ଦର ଯେଉଁ ହାରରେ ବଢ଼ିଛି ତା' ଠାରୁ ବହୁଗୁଣ ଦାମରେ ଚିଲିକା ମାଛ ଓ କଙ୍କଡା ଦର ବଢ଼ିଛି। ସ୍ଥାନୀୟ ବଜାରରେ କିଗ୍ରା ପ୍ରତି କୁଣ୍ଡଳ ମାଛ ୩୦୦ଟଙ୍କା, ପାତୁଆ ୧୫୦ଟଙ୍କା, ଛୋଟ ପାନୁ ଚିଙ୍ଗୁଡି ୧୭୦ରୁ ୨୦୦ ଟଙ୍କା, ବୋରଗ ମାଛ ୧୫୦ ଟଙ୍କା, ଖଇଙ୍ଗା ମାଛ ୩୦୦ ଟଙ୍କା, ସାଳ ମାଛ ୨୫୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ବଡ କଙ୍କଡା ୧୨୦୦ ଟଙ୍କା, ଛୋଟ କଙ୍କଡା ୫୦୦ଟଙ୍କା ଏବଂ ବାଗଦା ଚିଙ୍ଗୁଡି ଦରରେ ସମାନତା ରହୁନି। ପ୍ରତିଦିନ ଭିନ୍ନ ଭିନ୍ନ ଦର ରହୁଛି। ସାଧାରଣ ଲୋକ ଏହି ଦରରେ କିଣି ଖାଇବା ସମ୍ଭବ ହେଉନାହିଁ। ସ୍ଥାନୀୟ ବଜାରରେ ଆନ୍ଧ୍ର ମାଛ ୧୨୦ରୁ ୧୬୦ ଟଙ୍କାରେ ମିଳୁଛି। ଯାହାଦ୍ୱାରା ଚିଲିକାର ମାଛ ସ୍ଥାନ ଆନ୍ଧ୍ର ମାଛ ନେଲାଣି। କିନ୍ତୁ ବିବାହ, ବ୍ରତ ଓ ଭୋଜିଭାତରେ ଚିଙ୍ଗୁଡିର ଚାହିଦା ଏ ଯାବତ ରହିଛି। ଛୋଟ ଚିଙ୍ଗୁଡି ୧୫୦ରୁ ୨୦୦ ଟଙ୍କା ମଧ୍ୟରେ କିଣି କାମ ଚଳାଇ ନେଉଛନ୍ତି। ଏ ନେଇ ବଉଳାବନ୍ଧର ମାଛ ବିକାଳି ସାଗର ଘଡେଇ କୁହନ୍ତି, ଆଗରୁ ଚିଲିକାରେ ମାଛ ଉତ୍ପାଦନ ବହୁତ ହେଉଥିଲା। ସ୍ଥାନୀୟ ଲୋକଙ୍କ ଚାହିଦା ମାଛ, କଙ୍କଡା ମେଣ୍ଟାଉ ଥିଲା। ବଳକା ମାଛ, କଙ୍କଡା ହଜାର ହଜାର ପେଟି ଟ୍ରେନ ବଗିରେ ଖଲ୍ଲିକୋଟ, ରମ୍ଭା, ବାଲୁଗାଁ, ଗଙ୍ଗାଧରପୁର, କୁହୁଡି, କାଲୁପଡା, ଭୁଷଣ୍ଡପୁର ରେଳ ଷ୍ଟେଶନରୁ କଲିକତା ବଜାରକୁ ଯାଉଥିଲା। ଏବେ ଚିଲିକା ମୁହାଣ ଦେଇ ସମୁଦ୍ର ମାଛ ଆସୁନାହାନ୍ତି। ମୁହାଣରେ ସରୁ ଜାଲ ପକାଇ ଯାଆଁଳ ମାଛ ଧରିବା ଯୋଗୁ ଉତ୍ପାଦନ କମିବାରେ ଲାଗିଥିବା ଅନ୍ୟତମ କାରଣ। ତେବେ କେହି ମାଛ ଉତ୍ପାଦନର କାରଣ ଜାଣିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। କାଗଜାତରେ ସବୁ କିଛି ଠିକ୍‌ଠାକ ଚାଲିଥିବାରୁ ମତ୍ସ୍ୟଜୀବୀ ଦାଦନାଭିମୁଖୀ ହେବା ବ୍ୟତୀତ ଅନ୍ୟ ଉପାୟ ନାହିଁ।




ଚିଲିକା କଙ୍କଡ଼ା ଓ ମାଛ।

- ■ଅନ୍ତର୍ଜାତୀୟ ବଜାରକୁ ରପ୍ତାନି ବଢ଼ାଉଛି ଦର
- ■ସ୍ଥାନୀୟ ଖାଉଟିଙ୍କ ଚାହିଦା ମେଣ୍ଟାଉଛି ଆନ୍ଧ୍ର ମାଛ
- ■ମତ୍ସ୍ୟଜୀବୀ ମାଛଧରା ଛାଡ଼ି ଯାଉଛନ୍ତି ଦାଦନ

# ତୃତୀୟ ଦିନରେ ବିଜେଡିର ପଦଯାତ୍ରା

**ନୟାଗଡ଼ ଅଫିସ,୨୧।୧୦**

ବିଜେଡି ପକ୍ଷରୁ ନୟାଗଡ଼ ନିର୍ବାଚନମଣ୍ଡଳୀରେ ଆରମ୍ଭ ହୋଇଥିବା ପଦଯାତ୍ରା ରବିବାର ତୃତୀୟ ଦିନରେ ପହଞ୍ଚିଥିଲା। ଭାଟସାହି ପଞ୍ଚାୟତରୁ ପଦଯାତ୍ରା ବାହାରି ନବଘନପୁର, ହରିପୁର, ଗୋପୀନାଥପୁର ଦେଇ ଲେଙ୍କୁଡ଼ିପଡ଼ା ପଞ୍ଚାୟତ ବୁଲିଥିଲା। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ ପଦଯାତ୍ରାରେ ହଜାର ହଜାର ମହିଳା, ପୁରୁଷ, ଯୁବ ଓ ବରିଷ୍ଠ କର୍ମୀ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ଲେଙ୍କୁଡ଼ିପଡ଼ାଠାରେ ସରପଞ୍ଚ ବିନୋଦିନୀ ନାୟକ, ସମିତି ସଭ୍ୟ ସ୍ନେହଲତା ପ୍ରଧାନ ପଦଯାତ୍ରାରେ ସାମିଲ ହୋଇଥିବା ନେତା, କର୍ମୀଙ୍କୁ ସ୍ୱାଗତ କରିଥିଲେ। ବିଭିନ୍ନ ଗ୍ରାମ ଦେଇ ଦୀର୍ଘ ୫ଠର କିଲୋମିଟର ପଦଯାତ୍ରା କରିବା ପରେ ଖୁଣ୍ଟୁବନ୍ଧର କାଳିଆଷଣ୍ଡ ପଡ଼ିଆଠାରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ନୟାଗଡ଼ ବ୍ଲକ ବିଜେଡ଼ି ସଭାପତି ଗଙ୍ଗାଧର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଧାୟକ ସାହୁ ଅଞ୍ଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ବସନ୍ତ କୁମାର ନାଥଶର୍ମା, ନୟାଗଡ଼ ଏନ୍‌ଏସିର ପୂର୍ବତନ ନଗରପାଳ ଗୁରୁପ୍ରସାଦ ଜେନାଙ୍କ ସମେତ ବହୁ ବିଜେଡ଼ି କର୍ମୀ ଓ ନେତା ଯୋଗ ଦେଇଥିଲେ।



ପଦଯାତ୍ରାରେ ସାମିଲ ହୋଇଥିବା ମହିଳାମାନେ।

### ଦୁଇ ସନ୍ତାନଙ୍କୁ ବିଷ ପିଆଇ ନିଜେ ପିଇଲେ

# ଝିଅପୁଅ ମୃତ, ମା' ଗୁରୁତର

**ନୟାଗଡ଼ ଅଫିସ,୨୧।୧୦**

ନୟାଗଡ ଜିଲା ଖଣ୍ଡପଡା ଥାନା ଶିଖରପୁର ପଞ୍ଚାୟତ ଲକ୍ଷ୍ମୀପ୍ରସାଦ ଗ୍ରାମରେ ରବିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଦୁଇ ସନ୍ତାନଙ୍କୁ ବିଷ ପିଆଇ ମା' ନିଜେ ପିଇଥିଲେ। ଏଥିରେ ଝିଅପୁଅଙ୍କ ମୃତ୍ୟୁ ଘଟିଥିବାବେଳେ ମା' ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଲକ୍ଷ୍ମୀପ୍ରସାଦ ଗ୍ରାମର ଅହଲ୍ୟା ଖୁଣ୍ଟିଆ (୩୫) ସନ୍ଧ୍ୟା ସମୟରେ ଝିଅପୁଅ ସହିତ ବାରିପଟକୁ ଯାଇଥିଲେ। ସେଠାରେ ଥିବା ପୋଖରୀ କୂଳରେ ଝିଅ ଶିବାନୀ ଖୁଣ୍ଟିଆ (୮), ପୁଅ ସାଇ ଖୁଣ୍ଟିଆ (୫)ଙ୍କୁ ମା' ବିଷଦେଇ ନିଜେ ପିଇବା ପରେ ପୋଖରୀକୁ ଡେଇଁପଡିଥିଲେ। ରାତି ପ୍ରାୟ ୯ଟା ସମୟରେ ଗ୍ରାମର କିଛି ଲୋକ ପୋଖରୀକୁ ଯାଇଥିବାବେଳେ ଶିବାନୀଙ୍କ ମୃତଦେହ ଭାସୁଥିବା ଦେଖି ଖଣ୍ଡପଡା ଦମକଳବାହିନୀକୁ ଖବର ଦେଇଥିଲେ। ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଶିବାନୀଙ୍କ ମୃତଦେହ ସହ ଅହଲ୍ୟା ଓ ସାଇଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ସଙ୍ଗେ ସଙ୍ଗେ ମା'ପୁଅଙ୍କୁ ଜିଲା ଡାକ୍ତରଖାନାକୁ ନିଆଯାଉଥିଲା। ହେଲେ ବାଟରେ ସାଇଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ ଅହଲ୍ୟା ଜିଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ପାରିବାରିକ କଳହରୁ ଅହଲ୍ୟା ଏପରି ଘଟାଇଥିବା ତାଙ୍କ ଭାଇ ଦିଲୀପ କୁମାର ବେହେରା ପ୍ରକାଶ କରିଛନ୍ତି। ଏ ନେଇ ଖଣ୍ଡପଡା ଥାନା ଅଧିକାରୀ ବିମଳ କୁମାର ମଲ୍ଲିକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ରିସିଭ୍ କରି ନ ଥିଲେ।



ଗୁରୁତର ଅହଲ୍ୟା।

# ସର୍ପ ଦଂଶନରେ ଶିଶୁ କନ୍ୟା ମୃତ

**ଖୋର୍ଦ୍ଧା ଅଫିସ,୨୧।୧୦**

ରବିବାର ସର୍ପ ଦଂଶନରେ ଜଣେ ୫ ବର୍ଷର ଶିଶୁ କନ୍ୟାର ମୃତ୍ୟୁ ଘଟିଛି। ମୃତକ ହେଲେ ଲିଜା ନାୟକ। ଘର ଖୋର୍ଦ୍ଧା ଉପକଣ୍ଠ ତୋଟାପଡ଼ା ଗ୍ରାମରେ। ପରିବାରର ସୂଚନା ଅନୁସାରେ ତୋଟାପଡାର ଅଶୋକ ନାୟକଙ୍କ ପରିବାର ଚନ୍ଦକା ଥାନା ଗ୍ରାମଡିହ ଗାଁର ଶାଳକ ମିଲୁ ନାୟକଙ୍କ ଘରେ ରହୁଥିଲେ। ରବିବାର ପୂର୍ବାହ୍ନରେ ପରିବାର ସଦସ୍ୟଙ୍କ ସହ ଅଶୋକଙ୍କ ଝିଅ ଲିଜା ଗାଁ ନଳକୂପକୁ ଗାଧୋଇବାକୁ ଯାଉଥିଲେ। ରାସ୍ତାରେ ବିଷଧର ସର୍ପ ତାଙ୍କ ଗୋଡ଼କୁ ଦଂଶନ କରିଥିଲା। ପରିବାର ପକ୍ଷରୁ ଲିଜାକୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ପ୍ରୋଗ୍ରେସିଭ୍ ଲୟର୍ସ କାଉନ୍‌ସିଲ ବୈଠକ

**ଟାଙ୍ଗୀ(ଖୋର୍ଦ୍ଧା), ୨୧।୧୦(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ପ୍ରୋଗ୍ରେସିଭ୍ ଲୟର୍ସ କାଉନସିଲ ତରଫରୁ ରବିବାର ସ୍ଥାନୀୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବିଶ୍ୱଜିତ ରାଉତରାୟଙ୍କ ଆବାହକତ୍ୱରେ ଓକିଲମାନଙ୍କ କର୍ତ୍ତବ୍ୟ, ଆତ୍ମସମ୍ମାନ ଓ ସାମାଜିକ ଦାୟିତ୍ୱବୋଧ ଉପରେ ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଜଗଦେବ ଓ ମନୋଜ ମାନସିଂହଙ୍କ ଯୁଗ୍ମ ସଭାପତିତ୍ୱରେ ଆଲୋଚନାଚକ୍ର ଆୟୋଜିତ ହୋଇଛି। ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀଧର ପଙ୍ଗାରୀ, କବିରାଜ ପ୍ରଧାନ, ଶରତ ରାୟଗୁରୁ, ଯାମିନୀକାନ୍ତ ମିଶ୍ର, ଅମିୟ ଭୂଷଣ ପଟ୍ଟନାୟକ, ସର୍ବେଶ୍ୱର ସାହୁ, ସୁବାସ ଜେନା, ସୂର୍ଯ୍ୟକାନ୍ତ ମହାପାତ୍ର, ଗିରିଜାକାନ୍ତ ମହାପାତ୍ର, ଦିଲୀପ ନନ୍ଦ, ପ୍ରଫୁଲ୍ଲ ସେନାପତି, ଗୌରୀଶଙ୍କର ଷଡ଼ଙ୍ଗୀ, ଦିଲୀପ କୁମାର ପଟ୍ଟନାୟକ, ଭାସ୍କର ପ୍ରସାଦ ମହାନ୍ତି, ସର୍ବେଶ୍ୱର ବଳିଆରସିଂହ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ଆଇନଜୀବୀ ସଭାରେ ଉପସ୍ଥିତ ଥିଲେ।

# ପାରମ୍ପରିକ ବାଦ୍ୟ ଓ ନୃତ୍ୟରେ ମା'ଙ୍କୁ ବିଦାୟ

**ଭାପୁର,୨୧।୧୦(ଡି.ଏନ୍.ଏ.)**

ଭାପୁର ବ୍ଲକ ପଦ୍ମାବତୀ ଗ୍ରାମରେ ୧୮ ପୂଜା ମଣ୍ଡପରେ ପୂଜା ପାଉଥିବା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଶନିବାର ରାତିରେ ବିସର୍ଜନ କରାଯାଇଛି। ସମସ୍ତ ମେଢ଼ ହାଇସ୍କୁଲ ଖେଳ ପଡିଆରେ ଏକତ୍ରିତ ହେବା ପରେ ଏକ ସଭା ଆୟୋଜିତ ହୋଇଥିଲା। ଗ୍ରାମ କମିଟି ସଭାପତି ନାରାୟଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ତମ୍ଭକାର ଅଧ୍ୟାପକ ଡ. ପବିତ୍ର କୁମାର ସୁବୁଦ୍ଧି, ସରପଞ୍ଚ ଲକ୍ଷ୍ମୀପ୍ରିୟା ସାହୁ, ସମିତି ସଭ୍ୟ ସୁବାସ ଚନ୍ଦ୍ର ବାରିକ ଯୋଗଦେଇଥିଲେ। ପରେ ମେଢ଼ଗୁଡିକୁ ଗ୍ରାମ ପରିକ୍ରମା କରାଯାଇ ଯଜ୍ଞପଦା ନିକଟ ମହାନଦୀର ବାରୁଣୀ ଘାଟରେ ବିସର୍ଜନ କରାଯାଇଥିଲା। ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଆୟତ୍ତ କରିବା ପାଇଁ ଫତେଗଡ଼ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଫୋର୍ସ ମୁତୟନ ହୋଇଥିଲେ।

**ଖଣ୍ଡପଡା,(ସ୍ୱ.ପ୍ର.):** ଶାରଦୀୟ ପୂଜା ଅବସରରେ କଣ୍ଟିଲୋ ଅଞ୍ଚଳରେ ଗତବର୍ଷଠାରୁ ପ୍ରଥମ କରି ଚାନ୍ଦିମେଢ଼ ଆରମ୍ଭ କରାଯାଇଥିଲା। ତେବେ ହାଟମୁଣ୍ଡପାଟଣା ଓ କୃଷ୍ଣେଶ୍ୱରପାଟଣା ଗ୍ରାମରେ ମା'ଙ୍କୁ ବିଦାୟ ଦେବା ଅବସରରେ ଶବ୍ଦ ପ୍ରଦୂଷଣ ପ୍ରତି ଯତ୍ନବାନ ହୋଇ ଆଧୁନିକ ଯନ୍ତ୍ର ସଙ୍ଗୀତ ତଥା ଡିଜେ ସାଉଣ୍ଡ ପ୍ରତି ଗୁରୁତ୍ୱ ନ ଦେଇ ଆୟୋଜକ ପାରମ୍ପରିକ ଲୋକକଳା ତଥା ବାଦ୍ୟଯନ୍ତ୍ର ଦ୍ୱାରା ଶୋଭାଯାତ୍ରା କରିଥିଲେ। କଣ୍ଟିଲୋ ଜନକଲ୍ୟାଣ କ୍ଲବ ପକ୍ଷରୁ କଟକରୁ ଆସିଥିବା ବନ୍ୟପ୍ରାଣୀ ନୃତ୍ୟ ଦେଖିବା ପାଇଁ ହଜାର ହଜାର ଜନସାଧାରଣ ଉପସ୍ଥିତ ଥିଲେ। ଜନକଲ୍ୟାଣ କ୍ଲବ୍, କୃଷ୍ଣେଶ୍ୱର କ୍ଲବ୍ ଓ ୟୁଥ୍ କ୍ଲବ୍ ଦ୍ୱାରା ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା।



ଭାପୁର ପଦ୍ମାବତୀ ଗ୍ରାମରେ ଭସାଣି ଶୋଭାଯାତ୍ରା।

# ପୋଲିସ ପକ୍ଷରୁ ଶହୀଦ ଦିବସ


## ପଞ୍ଚୁ ପେଣ୍ଡୋଇ, ପ୍ରଫୁଲ୍ଲ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ




ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି।

**ରଣପୁର,୨୧।୧୦(ସ୍ୱ.ପ୍ର.)**

ପୋଲିସ ବିଭାଗ ପକ୍ଷରୁ ଅକ୍ଟୋବର ୧୫କୁ ଶହୀଦ ଦିବସ ରୂପେ ପାଳନ କରାଯାଇଛି। ପୋଲିସ ବିଭାଗରେ କାର୍ଯ୍ୟରତ ଯେଉଁ ଅଧିକାରୀ କିମ୍ବା କର୍ମଚାରୀ ଶହୀଦ ହୋଇଥାନ୍ତି ତାଙ୍କ ଗ୍ରାମରେ ଥିବା ବିଦ୍ୟାଳୟରେ ଏହି ଦିବସ ପାଳନ କରିବା ପାଇଁ ବିଭାଗର ଉଚ୍ଚ ଅଧିକାରୀଙ୍କ କଡ଼ା ନିର୍ଦ୍ଦେଶ ରହିଛି। ନୟାଗଡ଼ ଜିଲା ରଣପୁର ଓ ଚାନ୍ଦପୁର ଥାନା ଅଧୀନସ୍ଥ ନରସିଂହପୁର ଓ କେରେଣ୍ଡାଟାଙ୍ଗୀ ଗ୍ରାମରେ ଏହି ଦିବସ ପାଳନ କରାଯାଇଛି। କାର୍ଯ୍ୟରତ ୨ ସିପାହି ନୟାଗଡ଼ର ମାଓବାଦୀ ଆକ୍ରମଣରେ ଗୁରୁତର ହୋଇ ମୃତ୍ୟୁବରଣ କରିଥିଲେ। ଉକ୍ତ ସିପାହିଙ୍କ ସ୍ମୃତିରେ ୨ ଗ୍ରାମରେ ଥିବା ବିଦ୍ୟାଳୟରେ ମଙ୍ଗଳବାର ଶହୀଦ ଦିବସ ପାଳନ କରାଯାଇଛି। ସକାଳ ୮ଟାରେ ଶହୀଦ ପଞ୍ଚୁ ପେଣ୍ଡୋଇଙ୍କ ନରସିଂହପୁର ଗ୍ରାମରେ ଥିବା ପ୍ରତିମୂର୍ତ୍ତିରେ ନୟାଗଡ଼ ଅତିରିକ୍ତ ଏସ୍‌ପି ଦିଲୀପ କୁମାର ସାହାଣୀ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ପଞ୍ଚାୟତ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଫକୀର ମୋହନ ନାୟକଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଅତିରିକ୍ତ ଏସ୍‌ପି, ସମ୍ମାନିତ ଅତିଥି ଭାବେ ଶରଣକୁଳ ଏସ୍‌ଡିପିଓ ନାରାୟଣ ବାରିକ, ରଣପୁର ଥାନା ଅଧିକାରୀ ଚକ୍ରପତି କଅଁର ଓ ଶିକ୍ଷକ ବିରଞ୍ଚି ନାରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କେରେଣ୍ଡାଟାଙ୍ଗୀ ବିଦ୍ୟାଳୟରେ ଶହୀଦ ସିପାହି ପ୍ରଫୁଲ୍ଲ କୁମାର ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ।





ଧନ ଥିବା ଲୋକର ସାଙ୍ଗ ସମସ୍ତେ ହୁଅନ୍ତି, ବନ୍ଧୁତା ରକ୍ଷା କରନ୍ତି। ଧନବାନ୍ ଲୋକ ସଂସାରରେ ପୁରୁଷ ଭାବରେ ପରିଗଣିତ ହୁଏ ଓ ବଞ୍ଚିବାର ଆନନ୍ଦ ଅନୁଭବ କରେ। ଏଣୁ ଧନ ହିଁ ଜଗତରେ ସବୁକିଛି।
- ଚାଣକ୍ୟ



## ସଂକ୍ଷେପରେ

### ଗଛରେ ପିଟି ହେଲା ଆମ୍ବୁଲାନ୍ସ, ଜଣେ ଗୁରୁତର



**ନୂଆଗାଁ,୨୧।୧୦ (ଡି.ଏନ.ଏ.):** ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଣଛେଳି ପଞ୍ଚାୟତ ସଂପଡା ରାଇଖମଣ ବାଙ୍କ ନିକଟରେ ରବିବାର ମୃତଦେହ ନେଇ ଯାଉଥିବା ଏକ ଆମ୍ବୁଲାନ୍ସ ରାସ୍ତାପାର୍ଶ୍ୱ ଗଛରେ ପିଟିହୋଇଯିବାରୁ ଜଣେ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସୂଚନା ମୁତାବକ ଦଶପଲ୍ଲା ଥାନା ବେହେରାସାହିର ଦଣ୍ଡଧର ଜାନିଙ୍କୁ ଜ୍ୱର ହେଉଥିବାରୁ ଚିକିତ୍ସା ପାଇଁ ପରିବାର ଲୋକେ ତାଙ୍କୁ ଶନିବାର ଦଶପଲ୍ଲା ଡାକ୍ତରଖାନାକୁ ଆଣିଥିଲେ। ଅବସ୍ଥାର ଉନ୍ନତି ନ ହେବାରୁ ସେଠାରୁ ତାଙ୍କୁ ନୟାଗଡ ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ ରବିବାର ଭୋର ୪ଟା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଓଡି ୦୫ ଏକେ୦୮୧୪ ନମ୍ବର ମାରୁତି ଭ୍ୟାନ୍ ଆମ୍ବୁଲାନ୍ସ ଯୋଗେ ମୃତଦେହ ଗାଁକୁ ନେଉଥିବା ସମୟରେ ସକାଳ ୮ଟାରେ ଗାଡିଟି ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲା। ଫଳରେ ଗାଡି ଆଗ ସିଟ୍‌ରେ ବସିଥିବା ହୃଷୀକେଶ କହଁରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଖବର ପାଇ ନୂଆଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଚିକିତ୍ସା ପାଇଁ ଦମକଳବାହିନୀ ଯୋଗେ ନୟାଗଡ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ମୃତଦେହକୁ ପୋଲିସ ତାଙ୍କ ଗ୍ରାମକୁ ପଠାଇ ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ ଜବତ କରିଛି।

### ବିଜେଡିର ଜନସମ୍ପର୍କ ପଦଯାତ୍ରା



**ଖଣ୍ଡପଡା,୨୧।୧୦(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ଅନ୍ତର୍ଗତ ରାଣୀଛେଲି ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଅନୁଭବ ପଟ୍ଟନାୟକ ମଙ୍ଗଳପୁର ହନୁମାନଙ୍କପୀଠରୁ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ସେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିଥିଲେ। ବିଧାୟକ ମର୍ଦ୍ଦରାଜପ୍ରସାଦ ଗ୍ରାମରେ ପହଞ୍ଚି ଆମ ଗାଁ ଆମ ବିକାଶ ଯୋଜନାରେ ୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ୩ଟି ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପଦଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଚନ୍ଦ୍ରକାନ୍ତ ବଳିଆର ସିଂ, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ, ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ନାୟକ, ପୂର୍ବତନ ସରପଞ୍ଚ ମହେନ୍ଦ୍ର କୁମାର ପଣ୍ଡା, ରାଣୀଛେଲି ବିଜେଡି ସଭାପତି ବିପିନ ବିହାରୀ ପ୍ରଧାନ, ସଂଗଠକ ଶ୍ୟାମଘନ ପ୍ରଧାନ, ଯୁବ ବିଜେଡି ସଭାପତି ସୁଶାନ୍ତ କୁମାର ବେହେରା ପ୍ରମୁଖ ୫୦୦ ନେତା ସାମିଲ ହୋଇଥିଲେ।

### ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ବନ୍ଧୁମିଳନ



**ଖଣ୍ଡପଡା,୨୧।୧୦(ସ୍ୱ.ପ୍ର.):** ଖଣ୍ଡପଡା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ୧୯୭୨-୭୩ ମାଟ୍ରିକ୍ ସହପାଠୀମାନଙ୍କର ଏକ ବନ୍ଧୁମିଳନ ଉତ୍ସବ ରବିବାର ସ୍ଥାନୀୟ ପୂର୍ତ୍ତବିଭାଗ ପରିଦର୍ଶନ ବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କ୍ରୀଡାବିତ୍ ଭିକାରୀ ଖଣ୍ଡାୟତ ଓ ଖବରଦାତା ବିନାୟକ ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ସହପାଠୀ ଯୋଗଦେଇ ନିଜ ନିଜ ମଧ୍ୟରେ ଭାବର ଆଦାନପ୍ରଦାନ କରିଥିଲେ। ପରଲୋକଗତ ସହପାଠୀମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଆଇନଜୀବୀ ପ୍ରମୋଦ କୁମାର ଦାସ, ଶିକ୍ଷାବିତ୍ ଦାମୋଦର ଶତପଥୀ, ଅବସର ପ୍ରାପ୍ତ ଅଧ୍ୟାପକ ଜଗଦୀଶ ମହାପାତ୍ର, ବିଜୟ କୁମାର ମିଶ୍ର, ବୈକୁଣ୍ଠନାଥ ରାଜ ଓ ରବୀନ୍ଦ୍ର କୁମାର ମହାନ୍ତି ପ୍ରମୁଖ ବନ୍ଧୁମିଳନ ସଭାରେ ଉପସ୍ଥିତ ରହିଥିଲେ।

■ ବିଜୁ ପକ୍କାଘର ଯୋଜନା ଦିଗହରା

# ପ୍ରତିମାଙ୍କ ପାଇଁ ପାଲଟିଛି ସାତସପନ

**ଖଣ୍ଡପଡା, ୨୧।୧୦(ସ୍ୱ.ପ୍ର.)**

କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ରାଜ୍ୟ ସରକାରଙ୍କ ବିଜୁ ପକ୍କାଘର ଯୋଜନା ଗରିବଙ୍କ ପାଇଁ ଉଦ୍ଦିଷ୍ଟ। କିନ୍ତୁ ବାସ୍ତବ କ୍ଷେତ୍ରରେ ଏହି ଯୋଜନା ଦିଗହରା ହୋଇ ଅନେକ କ୍ଷେତ୍ରରେ ଗରିବଙ୍କ ପାଇଁ ପାଲଟିଛି ସାତସପନ। ଧନୀ ଲୋକେ କ୍ଷମତାସୀନ ଓ ରାଜନେତାଙ୍କୁ ହାତଗୁଞ୍ଜା ଦେଇ ପକ୍କାଘର ହାତେଉଥିବା ବେଳେ ଗରିବଟିଏ ଏଥିରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଭାପୁର ବ୍ଲକ୍ ଧାନଚେଙ୍ଗଡା ପଞ୍ଚାୟତସ୍ଥ ଲକ୍ଷ୍ମୀପ୍ରସାଦ ଗ୍ରାମର କପିଳ ଗୋଚ୍ଛିଙ୍କ ସ୍ତ୍ରୀ ହେଉଛନ୍ତି ପ୍ରତିମା। ସେ ଜଣେ ଗରିବ ଓ ଖଟିଖିଆ ଶ୍ରେଣୀର ମହିଳା। ଅନ୍ତ୍ୟୋଦୟ କାର୍ଡଟି ତାଙ୍କୁ ଖାଦ୍ୟ ସୁରକ୍ଷା ଯୋଗାଇପାରିଛି। ତେବେ ତିତ୍‌ଲି ବର୍ଷା ଓ ବାତ୍ୟାରେ ତାଙ୍କର ଆଜ୍‌ବେଷ୍ଟସ୍ ଘରଟି ଭାଙ୍ଗିଯାଇଛି। ଘର ସମ୍ମୁଖରେ ଥିବା ପାଚେରିଟି ମଧ୍ୟ ଭୁଶୁଡ଼ି ପଡ଼ିଛି। ତେଣୁ ବିଷଧର ସର୍ପ ଆଦି



ଭଙ୍ଗା ଘର ଆଗରେ ପ୍ରତିମା।

ଜୀବଜନ୍ତୁଙ୍କ ଭୟରେ ବିତୁଛି ପ୍ରତିମାଙ୍କ ପରିବାରର ୪ ସଦସ୍ୟଙ୍କ ଜୀବନ। ସମ୍ପୃକ୍ତ ପରିବାର ଏ ସମସ୍ୟା ନେଇ ଭାପୁର ତହସିଲଦାରଙ୍କୁ ଭେଟି ସହାୟତା ନିମନ୍ତେ ନିବେଦନ କରିଥିଲେ। ମାତ୍ର ଗୋଟିଏ ପଲିଥିନ୍ ମିଳିପାରିବ କିନ୍ତୁ ବିଜୁ ପକ୍କାଘର ଯୋଜନାରେ ସାମିଲ୍ ବ୍ଲକ୍ ପ୍ରଶାସନ ଉପରେ ନିର୍ଭର କରେ ବୋଲି ତହସିଲଦାର ତୃପ୍ତି ମହାନ୍ତି ସୂଚନା ଦେଇଥିଲେ। କପିଳ ପକ୍କାଘର ଖଣ୍ଡିଏ ପାଇବା ପାଇଁ ଜନ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ବ୍ଲକ୍ ଓ ଜିଲା ପ୍ରଶାସନର ବାରମ୍ବାର ଦ୍ୱାରସ୍ଥ ହୋଇଥିବା ବେଳେ ତାଙ୍କ ଦୁଃଖ କେହି ଶୁଣି ନ ଥିବା ସେ ଅଭିଯୋଗ କରିଛନ୍ତି। ବିଜୁ ପକ୍କାଘର ଯୋଜନାରେ ତାଙ୍କୁ ସାମିଲ କରିବାକୁ ବିଧାୟକ ଅନୁଭବ ପଟ୍ଟନାୟକ ସୁପାରିସ କରିଥିଲେ। ବ୍ଲକ୍ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ପକ୍କାଘର ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ତାହା ମିଳି ପାରି ନ ଥିବା ପ୍ରତିମା କହିଛନ୍ତି। ଆର୍ଥିକ ଅନଗ୍ରସର ବ୍ୟକ୍ତିଙ୍କୁ ଅଗ୍ରାଧିକାରୀ ଭିତିରେ ପକ୍କାଘର ଯୋଗାଇଦେବା ନିୟମ ରହିଥିଲେ ମଧ୍ୟ ପ୍ରଶାସନିକ ଅବ୍ୟବସ୍ଥା ଯୋଗୁ ଅନେକ ଅସହାୟ ଓ ଗରିବ ହିତାଧିକାରୀ ଏଥିରୁ ବଞ୍ଚିତ ହେଉଛନ୍ତି ବୋଲି ଧାନଚେଙ୍ଗଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ଚନ୍ଦ୍ରମଣି ପ୍ରଧାନ ପ୍ରକାଶ କରିଥିଲେ । ସେ ମଧ୍ୟ ବ୍ଲକ୍ କର୍ତ୍ତୃପକ୍ଷ ତଥା ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧିଙ୍କୁ ଏ ସମ୍ପର୍କରେ ଅନୁରୋଧ କରିଥିଲେ । ମାତ୍ର ଏ ଦିଗରେ କେହି କର୍ଣ୍ଣପାତ କରୁ ନ ଥିବା ପ୍ରଧାନ କହିଥିଲେ। ବ୍ଲକ୍ ପ୍ରଶାସନ ପକ୍ଷରୁ ତାଙ୍କୁ ତୁରନ୍ତ ପକ୍କାଘରଟିଏ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ୫୯ତମ ପୋଲିସ ଶହୀଦ ସ୍ମୃତି ଦିବସ



ପିଟିଏସ୍ ପଡ଼ିଆରେ ଆୟୋଜିତ ସ୍ମୃତି ଦିବସ।

**ନୟାଗଡ଼ ଅଫିସ,୨୧।୧୦**

ନୟାଗଡ଼ ଜିଲା ପୋଲିସ ପକ୍ଷରୁ ରବିବାର ସ୍ଥାନୀୟ ପିଟିଏସ୍ (ପୋଲିସ ଟ୍ରେନିଂ ସ୍କୁଲ) ପଡ଼ିଆଠାରେ ୫୯ତମ ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ପରେଡ଼ରେ ଏସ୍‌ପି ଶଶିଭୂଷଣ ଶତପଥୀ ଓ ଅନ୍ୟ ପୋଲିସ ପଦାଧିକାରୀ ଯୋଗଦେଇ ଶହୀଦଙ୍କୁ ସମ୍ମାନ ପ୍ରଦର୍ଶନ କରିଥିଲେ। ୨୧ ଅକ୍ଟୋବର ୧୯୫୯ରେ ଚାଇନା ସୈନିକ ଭାରତ ସୀମା ଉଲ୍ଲଂଘନ କରିଥିଲେ। ଏହି ସମୟରେ ସିଆରପିଏଫର ଯବାନମାନେ ଏହାକୁ ପ୍ରତିରୋଧ କରି ପ୍ରାଣବଳି ଦେଇଥିଲେ। ଏହି ଦିନକୁ ମନେ ପକାଇବା ପାଇଁ ୧୯୬୦ ମସିହାରୁ ଶହୀଦଙ୍କ ସ୍ମୃତି ଦିବସ ପାଳନ କରାଯାଉଥିବା ଏସ୍‌ପି ଶତପଥୀ ସୂଚନା ଦେଇଥିଲେ। ପରେ ସେ ରାଜ୍ୟପାଳ ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଭିବାଦନ ବାର୍ତ୍ତା ପଠନ କରିଥିଲେ। ଶହୀଦମାନଙ୍କୁ ସମ୍ମାନ ପ୍ରଦର୍ଶନ ପୂର୍ବକ ୫ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିଭଳି ୨୦୦୮ ମସିହାରେ ମାଓବାଦୀ ହମ୍‌ଲା ଓ ବିଭିନ୍ନ ସମୟରେ ଜିଲାରେ ଶହୀଦ୍ ହୋଇଥିବା ୧୪ଜଣ ପୋଲିସ କର୍ମଚାରୀଙ୍କ ସ୍ମୃତିଚାରଣ କରାଯାଇଥିଲା। ଶହୀଦ ପରିବାରବର୍ଗଙ୍କ ବିଭିନ୍ନ ସମସ୍ୟା ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ସମସ୍ୟାକୁ କିପରି ସମାଧାନ କରାଯାଇପାରିବ ସେ ଦିଗରେ ଏସ୍‌ପି ଜିଲା ପ୍ରଶାସନ ସହ ଆଲୋଚନା କରିବେ ବୋଲି ସମ୍ପୃକ୍ତ ପରିବାର ସଦସ୍ୟଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଦିଲୀପ କୁମାର ସାହାଣୀ, ଶରଣକୁଳ ଏସ୍‌ଡ଼ିପିଓ ନାରାୟଣ ଚନ୍ଦ୍ର ବାରିକ, ଶରଣକୁଳ ଥାନା ଅଧିକାରୀ ମନୋଜ କୁମାର ଶତପଥୀ, ଟାଉନ ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ, ଇଟାମାଟି ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କ ସମେତ ସମସ୍ତ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ଆରପାରିରେ ପୂର୍ବତନ ବିଧାୟକ ବଂଶୀଧର ସାହୁ

**ନୟାଗଡ଼ ଅଫିସ,୨୧।୧୦**

ନୟାଗଡ଼ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ସୁସାହିତ୍ୟକ ବଂଶୀଧର ସାହୁଙ୍କ ରବିବାର ପରଲୋକ ଘଟିଛି। ୧୦ଦିନ ହେଲା ସେ ରୋଗରେ ପୀଡ଼ିତ ହୋଇ କଟକର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାବେଳେ ସକାଳ ୬ଟା ୪୫ ମିନିଟ ସମୟରେ ଆରପାରିକୁ ଚାଲିଯାଇଛନ୍ତି। ମୃତ୍ୟୁବେଳଙ୍କୁ ତାଙ୍କୁ ୭୬ବର୍ଷ ବୟସ ହୋଇଥିଲା।

ପ୍ରକାଶ ଯେ, ୧୯୪୨ ମସିହାରେ ଇଟାମାଟିରେ ଜନ୍ମ ଗ୍ରହଣ କରିଥିବା ସାହୁ ସରପଞ୍ଚରୁ ତାଙ୍କ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ଇଟାମାଟି ପଞ୍ଚାୟତରୁ ତିନିଥର ସରପଞ୍ଚ ଭାବେ ନିର୍ବାଚିତ ହୋଇ ପରେ ନୟାଗଡ଼ ବ୍ଲକ ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ ଏବଂ ବିଧାୟକ ହୋଇଥିଲେ। ୧୯୮୦ରୁ ୧୯୮୫ ମସିହା ପର୍ଯ୍ୟନ୍ତ ସାହୁ ନୟାଗଡ଼ ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ରହିଥିଲେ। ବିଭିନ୍ନ ଅନୁଷ୍ଠାନ ସହ ଜଡିତ ହେବା ସହ ଜନହିତକର କାର୍ଯ୍ୟରେ ସାମିଲ ହୋଇ ସେ ଲୋକପ୍ରିୟ ହୋଇପାରିଥିଲେ। ବିଧାୟକ ଥିବା ସମୟରେ ତାଙ୍କ ଦ୍ୱାରା ନୟାଗଡ଼ ପାଣିପୋଇଲାଠାରେ ଚିନି କାରଖାନା,



ବଂଶୀଧର ସାହୁ।

■ ଇଟାମାଟିରେ ଶୋକାକୁଳ ପରିବେଶ

■ ସରପଞ୍ଚରୁ ରାଜନୈତିକ ଜୀବନ ଆରମ୍ଭ କରିଥିଲେ

■ ୬୫ରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିଛନ୍ତି

୧୨୦ କେଭି ଗ୍ରୀଡ୍ ଷ୍ଟେଶନ ସମେତ ବହୁ ସେତୁ ଓ ଉଠା ଜଳସେଚନ ପ୍ରକଳ୍ପ ପ୍ରତିଷ୍ଠା ହୋଇଥିଲା। ସାହିତ୍ୟରେ ମଧ୍ୟ ତାଙ୍କର ରୁଚି ରହିଥିଲା। ଅବସର ସମୟରେ ସେ ବିଭିନ୍ନ କବିତା ଓ ଗଳ୍ପ ଲିଖନ କରୁଥିଲେ। ତାଙ୍କ ଜୀବନ କାଳ ମଧ୍ୟରେ ସେ ୬୫ରୁ ଊର୍ଦ୍ଧ୍ୱ ପୁସ୍ତକ ରଚନା କରିଛନ୍ତି। ତାଙ୍କର ପ୍ରଥମ କବିତା ପୁସ୍ତକ ୧୯୬୩ ମସିହାରେ ପ୍ରକାଶିତ ହୋଇଥିଲା। ବିଭିନ୍ନ ନାଟକ, ଭ୍ରମଣ କାହାଣୀ, କ୍ଷୁଦ୍ର ଗଳ୍ପ, ଉପନ୍ୟାସ ଆଦି ପୁସ୍ତକ ପାଠକ ମହଲରେ ବେଶ୍ ଆଦୃତି ଲାଭ କରିଛି। ସେହିଭଳି ଶିକ୍ଷାର ବିକାଶ ପାଇଁ ସାହୁ ଇଟାମାଟି ଅଞ୍ଚଳରେ ବିଦ୍ୟାଳୟ, ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଏହିସବୁ କାର୍ଯ୍ୟ ପାଇଁ ସେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି। ରବିବାର ତାଙ୍କ ମରଶରୀର ଇଟାମାଟିରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଦଳର ନେତା ଓ କର୍ମୀ ସାମିଲ ହୋଇଥିଲେ। ଇଟାମାଟି ବାସଭବନରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଜିଲା କଂଗ୍ରେସ ସଭାପତି ରଣଜିତ ଦାଶଙ୍କ ସମେତ କଂଗ୍ରେସର ବହୁ ନେତା, କର୍ମୀ, ବୁଦ୍ଧିଜୀବୀ, ସାହିତ୍ୟ ପ୍ରେମୀ ପହଞ୍ଚି ତାଙ୍କ ଅନ୍ତିମ ଦର୍ଶନ କରିଥିଲେ। ସେ ପ୍ରତିଷ୍ଠା କରିଥିବା ବଂଶୀଧର ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ୪ପୁଅ, ବୋହୂ, ନାତିନାତୁଣି, ସମ୍ପର୍କୀୟଙ୍କ ଉପସ୍ଥିତିରେ ଜ୍ୟେଷ୍ଠପୁତ୍ର ମନୋଜ କୁମାର ସାହୁ ମୁଖାଗ୍ନି ଦେଇଥିଲେ।

## ସହାୟତା ପାଇବାର ୬ଦିନ ପରେ ଆଖିବୁଜିଲେ ହଜାରୀ

**ଦଶପଲ୍ଲା,୨୧।୧୦ (ଡି.ଏନ.ଏ.)**

ଦୀର୍ଘଦିନ ପରେ ଗତ ୧୨ ତାରିଖରେ ଦଶପଲ୍ଲା ବ୍ଲକ ଓସ୍ତିଆ ଗ୍ରାମର ଦିବ୍ୟାଙ୍ଗ ହଜାରୀ ବେହେରାଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ୍ ସହାୟତା ମିଳିଥିଲା। ତହସିଲଦାର ପ୍ରମୋଦ କୁମାର ଦଳବେହେରା ନିଜେ ଉକ୍ତ ଗ୍ରାମରେ ପହଞ୍ଚି ଭଦ୍ରଲୋକଙ୍କ ଉପସ୍ଥିତିରେ ହଜାରୀଙ୍କ ସମ୍ପର୍କିୟ ଭଉଣୀଙ୍କୁ ୮ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ। ମାତ୍ର ଗତ ଶୁକ୍ରବାର ହଜାରୀ ଖାଇପିଇ ଶୋଇଥିବା ବେଳେ ରାତିରେ ମୃତ୍ୟୁବରଣ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ ୨ବର୍ଷ ପୂର୍ବରୁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ମିଳିଥିବା ସହାୟତା ରାଶି ବାବଦକୁ ୮ ହଜାର ଟଙ୍କାର ଚେକ୍‌ଟି ଅକାମୀ ହୋଇ ପଡିରହିଥିଲା। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପରତା ଦେଖାଇଥିଲା।

## ‘ଭଏସ ଅଫ୍ ନୟାଗଡ଼’ର ପ୍ରତିଭା ଚୟନ

**ଗଣିଆ,୨୧।୧୦(ଡି.ଏନ୍.ଏ.)**

ଗଣିଆସ୍ଥିତ ଶ୍ରୀ ଶ୍ରୀ ରଘୁନାଥଜୀଉ ମହାବିଦ୍ୟାଳୟଠାରେ ରବିବାର ନୟାଗଡ଼ କ୍ଲବ ପକ୍ଷରୁ ଭଏସ୍ ଅଫ୍ ନୟାଗଡ଼ର ପ୍ରତିଭା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରଜନୀକାନ୍ତ ମହାପାତ୍ର ଓ ପୂର୍ଣ୍ଣଚନ୍ଦ୍ର ଶତପଥୀ ବିଚାରକ, ମହାବିଦ୍ୟାଳୟର ଅଧ୍ୟକ୍ଷ ଅଖିଳ କୁମାର ହୋତା ମୁଖ୍ୟ ଅତିଥି ଓ ଆମ ନୟାଗଡ଼ ଚଳଚ୍ଚିତ୍ରର ନିର୍ମାତା କୁରେଶ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉତ୍ପଳ କୁମାର ସାହୁ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିବା ବେଳେ ନୟାଗଡ଼ କ୍ଲବର ଲକ୍ଷ୍ମୀ ନାରାୟଣ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ମୁଖ୍ୟ ଅତିଥି ହୋତା ବକ୍ତବ୍ୟ ରଖିଥିଲେ। ଅଂଶଗ୍ରହଣ କରିଥିବା ୧୧ ପ୍ରତିଯୋଗୀଙ୍କ ମଧ୍ୟରୁ ୯ଜଣଙ୍କୁ ମନୋନୀତ କରାଯାଇଥିଲା। ଏମାନେ ନଭେମ୍ବର ୧୦ ଓ ୧୧ ତାରିଖରେ ନୟାଗଡ଼ଠାରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ନୟାଗଡ଼ କ୍ଲବର କର୍ମକର୍ତ୍ତାଙ୍କଠାରୁ ସୂଚନା ମିଳିଛି।




ରଘୁନାଥଜୀଉ ମହାବିଦ୍ୟାଳୟଠାରେ ଆୟୋଜିତ ଭଏସ ଅଫ୍ ନୟାଗଡ଼ କାର୍ଯ୍ୟକ୍ରମ।

## ସତ୍ୟନାରାୟଣ ପୂଜା ବାଦୀପାଲା

**ବୋଲଗଡ଼,୨୧।୧୦(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ବାଙ୍କୋଇ କଚେରିବରଠାରେ ୩୮ତମ ସତ୍ୟନାରାୟଣ ପୂଜା ଉତ୍ସବ ପାଇଁ ୪ ଦିନିଆ ବାଦୀପାଲା ରବିବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି। ବୁଧବାର ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ଜୟକୃଷ୍ଣ ଫତେସିଂହ ସୂଚନା ଦେଇଛନ୍ତି । ଚଳିତ ବର୍ଷ ଛାନ୍ଦ ବିଭୂଷଣ ଉପାଧିପ୍ରାପ୍ତ ପାଲା ଗାୟକ ମାନସ ରଞ୍ଜନ କର ଓ କଟକ ଜିଲା ଅନନ୍ତପୁରର ଗାୟକ ତିଳକ ଉପାଧିପ୍ରାପ୍ତ ପାଲା ଗାୟକ ବୃନ୍ଦାବନ ବାରିକ ଓ ସାଥୀମାନେ ବାଦୀପାଲା ପରିବେଷଣ କରିବେ।

ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ମାଡ଼ ଘଟଣା

## ସରପଞ୍ଚ,ସମିତିସଭ୍ୟଙ୍କ ସମେତ ୧୬ଜଣଙ୍କ ନାମରେ ମାମଲା

**ଦଶପଲ୍ଲା,୨୧।୧୦ (ଡି.ଏନ.ଏ.):** ଦଶପଲ୍ଲା ବ୍ଲକ ନୂଆଗାଁ ପଞ୍ଚାୟତ କୁଟିବୋରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ତତ୍କାଳୀନ ସଭାପତି ବିରୁପାକ୍ଷ ଗୌଡ ମାଡ଼ ମାରି ଲହୁଲୁହାଣ କରିଥିଲେ। ଘଟଣାକୁ ନେଇ ଏବେ ବି ଦୁଇଗୋଷ୍ଠୀ ମଧ୍ୟରେ ଲାଗିରହିଛି ବିବାଦ। ଗତମାସ ୨୧ ତାରିଖରେ ବିରୁପାକ୍ଷଙ୍କୁ ପୋଲିସ ଗିରଫ କରିଥିବାବେଳେ ଏବେ ବିରୁପାକ୍ଷଙ୍କ ପକ୍ଷରୁ ସରପଞ୍ଚ, ସମିତିସଭ୍ୟଙ୍କ ସମେତ ୧୬ ଜଣଙ୍କ ନାମରେ କୋର୍ଟରେ ମାମଲା ରୁଜୁ ହୋଇଥିବା ବାଣିଗୋଛା ପୋଲିସ ପ୍ରକାଶ କରିଛି। କୋର୍ଟରୁ ଗତ ୧୨ ତାରିଖରେ ବାଣିଗୋଛା ଥାନାକୁ ଏହି ମାମଲା ପଠାଯାଇଛି। ଏ ନେଇ ଥାନାରେ ୫୫/୧୮ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ଅନନ୍ତ ବିଜୟ ପ୍ରଧାନ ପ୍ରକାଶ କରିଛନ୍ତି।

## ବନମାଳୀପୁର ଟି୨୦: ସାରୁଅ ଚାମ୍ପିୟନ

**ଭାପୁର,୨୧।୧୦(ଡି.ଏନ୍.ଏ.)**

ଖଣ୍ଡପଡ଼ା ବ୍ଲକ ବନମାଳୀପୁର ଆଞ୍ଚଳିକ ସ୍ପୋର୍ଟସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୩୧ତମ ଟି ୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ କଣ୍ଟିଲୋର ବରୁଣେଇ କ୍ରିକେଟ୍ କ୍ଲବକୁ ୩୩ ରନରେ ହରାଇ ଖୋର୍ଦ୍ଧା ସାରୁଅର ଇଲେଭେନ ଷ୍ଟାର ସ୍ପୋର୍ଟସ କ୍ଲବ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଟସ୍ ଜିଣି ସାରୁଅ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୧୫ ରନ ସଂଗ୍ରହ କରିଥିଲା। ୧୧୬ ରନର ବିଜୟ ଲକ୍ଷ୍ୟ ପିଛା କରି କଣ୍ଟିଲୋ ଦଳ ୧୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୮୨ ରନ କରି ୩୩ ରନରେ ହାରିଯାଇଛି। ବିଜୟୀ ଦଳର ଅସଲାମ ଖାଁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଭାପୁର ବ୍ଲକ ଉପାଧ୍ୟକ୍ଷ ଗୟାଧର ପରିଡ଼ା ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୭୦୦୧ ଟଙ୍କା ଓ ରନର୍ସ ଅପ୍ ଦଳକୁ ୭ ନମ୍ବର ଜୋନ ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ନିରଞ୍ଜନ ବେହେରା ଟ୍ରଫି ସହ ୫୦୦୧ ଟଙ୍କା ପ୍ରଦାନ କରିଥିଲେ। କ୍ଲବର ବରିଷ୍ଠ ସଭ୍ୟ ରମେଶ ଚନ୍ଦ୍ର ସାହୁ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଅଞ୍ଚଳର ଶ୍ରେଷ୍ଠ ମାଟ୍ରିକ ଛାତ୍ର ସମ୍ବିତ କୁମାର ସାହୁ ଓ ଛାତ୍ରୀ ଅଭିଲିପ୍‌ସା ସାହୁଙ୍କୁ ସମ୍ମାନିତ କରିଥିଲେ। ଖେଳ ପରିଚାଳନା କରିଥିଲେ ଧୀରେନ ତ୍ରିପାଠୀ, ବିରଞ୍ଚି ନାରାୟଣ ପୃଷ୍ଟି। କ୍ଲବର ବରିଷ୍ଠ ସଭ୍ୟ ଜିତେନ୍ଦ୍ର କୁମାର ସାହୁ ଧନ୍ୟବାଦ ଦେଇଥିବାବେଳେ ଚତୁର୍ଭୁଜ ସାହୁ ମଞ୍ଚ ପରିଚାଳନା କରିଥିଲେ।



ଅତିଥିଙ୍କ ସହ ଚାମ୍ପିୟନ ଦଳ।

# ପାରାଦେହରେ ସ୍ୱସ୍ଥାନକୁ ଫେରିଲେ ମା’ ଖିଲାମୁଣ୍ଡା

**ରଣପୁର,୨୧।୧୦ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ମାଳ ଜଙ୍ଗଲ ଭିତରେ ସ୍ଥାନୀୟ ଆରାଧ୍ୟା ଦେବୀ ମା’ ଖିଲାମୁଣ୍ଡା ଅବସ୍ଥାନ କରନ୍ତି। ତେବେ ରଣପୁର ରାଜାଙ୍କ ନିମନ୍ତ୍ରଣରେ ଦ୍ୱିତୀୟା ଓଷାଠାରୁ ଷୋଳପୂଜା ପାଇଁ ରଣପୁର ରାଜନଅରରେ ପହଞ୍ଚି ପୂଜା ପାଉଥିଲେ ମା’। ରାଆଁରାଳ ଘଞ୍ଚ ଜଙ୍ଗଲ ମଧ୍ୟରୁ ଏକ କାଠି ସାହାଯ୍ୟରେ ମା’ ଏଠାକୁ ଆସିଥାନ୍ତି। ଭକ୍ତମାନେ ଦଶହରା ପଡିଆରେ ୭ ଥର ତୋପ ସଲାମି କରି ମା’ଙ୍କୁ ଦଶହରାରେ ବିଦାୟ ଦେଇଥାନ୍ତି ଏବଂ ମା’ ଖିଲାମୁଣ୍ଡା ଏକ ପାରା ଦେହରେ ସ୍ୱସ୍ଥାନକୁ ଫେରିଯାନ୍ତି। ଏଭଳି ଏକ ନିଆରା ଉତ୍ସବକୁ ଦେଖିବା ପାଇଁ ରଣପୁର ଓ ଏହାର ଆଖପାଖ ଅଞ୍ଚଳର ହଜାର ହଜାର ଭକ୍ତ ସମାଗମ ହୋଇଥିଲେ । ଦଶହରା ତିଥିରେ ସନ୍ଧ୍ୟା ୭ଟାରେ ଭକ୍ତମାନଙ୍କ ସହିତ ରଣପୁର ରାଜା ସାହେବ ଦିଲୀପ ଚନ୍ଦ୍ର ସିଂଦେଓ, ସେନାପତି, ମନ୍ତ୍ରୀ, କଟୁଆଳ ଓ ରାଜ ପୁରୋହିତ ସମେତ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ବିରାଟ ଶୋଭାଯାତ୍ରାରେ ବାହାରିଥିଲେ । ପୂଜାର୍ଚ୍ଚନା, ଘଣ୍ଟା, କାହାଳି, ବାଜା, ବାଣ ଓ ରୋଶଣିରେ ପୂରି ଉଠିଥିଲା ରଣପୁର। ସହର ପରିକ୍ରମା ପରେ ଭକ୍ତମାନେ ମା’ ଖିଲାମୁଣ୍ଡାଙ୍କୁ ହାଟସାହିଠାରେ ଥିବା ଦଶହରାପଡିଆରେ ପହଞ୍ଚାଇଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ପୂର୍ବରୁ ପ୍ରସ୍ତୁତ ଥିବା ଏକ ପାରାକୁ ଆକାଶକୁ ଛଡାଯାଇଥିଲା । ଅନ୍ଧକାର ରାତିରେ ସେହି ପାରା ଦେହରେ ମା’ ବିଜେ କରି ରାଆଁରାଳକୁ ଚାଲି ଯାଇଥିଲେ । ମା’ଙ୍କୁ ବିଦାୟ ଦେବା ପାଇଁ ତୋପ ଧ୍ୱନିରେ ସଲାମ ଦିଆଯାଇଥିଲା। ଆଶ୍ଚର୍ଯ୍ୟର କଥା ପାରାଟି ପର ଦିନ ମାଳ ଅଞ୍ଚଳରେ ଥିବା ମା’ଙ୍କ ମନ୍ଦିର ପାଖରେ ମରି ପଡିଥାଏ। ଏହାଦେଖି ମା’ ଖିଲାମୁଣ୍ଡା ନିଜ ଆସ୍ଥାନକୁ ଫେରି ଆସିଲେ ବୋଲି ଏହି ଅଞ୍ଚଳର ଆଦିବାସୀମାନେ ବିଶ୍ୱାସ କରନ୍ତି।



କାଠି ସାହାଯ୍ୟରେ ମା’ଙ୍କୁ ଶୋଭାଯାତ୍ରାରେ ଦଶହରା ପଡ଼ିଆକୁ ନିଆଯାଉଛି।

■ କାଠି ସାହାଯ୍ୟରେ ରାଜବାଟିକୁ ଆସନ୍ତି ମା’

■ ବିଦାୟବେଳେ ଦିଆଯାଏ ୭ ଥର ତୋପ ସଲାମି

■ ବାଜା, ରୋଶଣିରେ କମ୍ପି ଉଠେ ସହର